ବର୍ଷ-୫୪ : ସଂଖ୍ୟା-୬ ଜୁନ୍, ୨୦୨୩ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁନ୍, ୨୦୨୩


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ମାତୃବାଣୀ | ... | ... | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ଦିବ୍ୟ ଶକ୍ତି ଦିଗରେ ନିଜକୁ ଖୋଲି ଧରିବା | ... | ଶ୍ରୀମା | ... | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ପ୍ରଥମ ପରିଚ୍ଛେଦ) ସମାଜର ଚକ୍ର | ... | ଶେଖ ଅବଦୁଲ କାଶମ | ... | ୭ |
| ଶବ୍ଦ ବ୍ରହ୍ମ (କବିତା) | ... | ସ୍ନେହଲତା ସ୍ୱାଇଁ | ... | ୧୩ |
| ଜୀବର ସାଧନା | ... | ନଳିନୀକାନ୍ତ ଗୁପ୍ତ | ... | ୧୪ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୧୯) | ... | ... | ... | ୧୫ |
| ଆଧ୍ୟାତ୍ମିକତାର ଉପଯୋଗିତା | ... | ରାମକୃଷ୍ଣ ଦାସ | ... | ୧୮ |
| କୃପାମୟୀ ମା' (କବିତା) | ... | ଶୈଳବାଳା ମହାପାତ୍ର | ... | ୨୧ |
| ଶ୍ରୀଅରବିନ୍ଦ ଓ ଅତିମାନସ ସୃଷ୍ଟି | ... | ପ୍ରପତ୍ତି | ... | ୨୨ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୭୪) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୫ |
| ତ୍ରିବିଧ (କବିତା) | ... | ସନ୍ତୋଷ ରଥ | ... | ୨୯ |
| ଦ୍ୱୀପାନ୍ତରର କଥା (ଚତୁର୍ଥ ପରିଚ୍ଛେଦ) ସେଲ୍ୟୁଲାର୍‌ରେ ପ୍ରଥମ ଜୀବନ (୨) | ... | ବାରୀନ୍ଦ୍ର କୁମାର ଘୋଷ | ... | ୩୦ |
| ଶକ୍ତିଶାଳୀ ମିତ୍ର | ... | ମନୋଜ ଦାସ | ... | ୩୨ |
| ପ୍ରଥମ ଦର୍ଶନ (୧୯୨୫) | ... | ପବିତ୍ର | ... | ୩୪ |
| ସନାତନ ଧର୍ମ (୭) | ... | କୁମାର ଚନ୍ଦ୍ର ମିଶ୍ର | ... | ୩୫ |
| ପ୍ରକୃତ ମୂଲ୍ୟାୟନ | ... | ପ୍ରସାଦ ତ୍ରିପାଠୀ | ... | ୪୦ |
| ମା' ଓ ସନ୍ତାନ (୩) | ... | ଗୟାଧର ଦାଶ | ... | ୪୩ |
| ସୁନିଲ-ଦା' (୧) | ... | ... | ... | ୪୫ |
| ନୀରବତା ନୁହେଁ; ବାକ୍‌ସଂଯମ | ... | ମନୋଜ ଦାସ | ... | ୪୭ |
| ସୋନ୍ୟା କୋଭାଲେଭସ୍କି | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୪୯ |
| ଦୁଇଭାଇ | ... | ... | ... | ୫୨ |
| ଅଙ୍କମାନଙ୍କର ସଜ୍ଜୀକରଣର ସୌନ୍ଦର୍ଯ୍ୟ | ... | ଧର୍ମକୁମାର ଶତପଥୀ | ... | ୫୫ |
| ଆସ୍ପୃହାର ଫଳ ନା ଯୋଗାଯୋଗ ? | ... | ମନୋଜ ଦାସ | ... | ୫୭ |


❖

# ପ୍ରାର୍ଥନା

ନିଜ ବାହାରେ ଏବଂ ଭିତରେ ଏକହିଁ ସମୟରେ ପ୍ରତିଫଳିତ କରି ପାରୁଥିବା ନିଶ୍ଚଳ ଏବଂ ସମ୍ପୂର୍ଣ୍ଣ ନିର୍ମଳ ଦର୍ପଣଟିଏ ହୋଇଉଠିବା – ଯାହା ବଳରେ ତା'ର ପରିଣାମମାନ ଦିଗ୍‌ଦର୍ଶକ ସଂକଳ୍ପ ସମ୍ମୁଖରେ ଉପସ୍ଥାପନ କରିହେବ – ଏବଂ ସଙ୍ଗେ ସଙ୍ଗେ ସେହି ସଂକଳ୍ପର ବାସ୍ତବ ରୂପାୟନକ୍ଷମ କର୍ମ ହୋଇ ଉଠିବା – ଏହାହିଁ ହେଲା ମଣିଷ ଉଣା ଅଧିକେ ଯାହା ହେବା ବାଞ୍ଛନୀୟ । ... ନିଶ୍ଚଳ ଗ୍ରହଣଶୀଳତା ଏବଂ ଉପଲବ୍ଧିକ୍ଷମ କର୍ମ – ଏ ଦୁଇକୁ ଏକତ୍ର କରିବାହିଁ ସଂକ୍ଷେପରେ କହିଲେ ସବୁଠାରୁ ଦୁଷ୍କର ବ୍ୟାପାର । ହେ ପ୍ରଭୁ ! ତୁମେ ଆମଠୁଁ ତାହାହିଁ ଆଶା କର, ଏବଂ ଯେହେତୁ ତୁମେ ତାହା ଆଶା କରୁଛ, ତୁମେ ଯେ ଆମକୁ ତାହା ଉପଲବ୍ଧି କରିବାର ପନ୍ଥା ପ୍ରଦାନ କରିବ, ସେଥିରେ ସନ୍ଦେହ ନାହିଁ ।

ଯାହା ହେବା ନିଶ୍ଚିତ ତାହା ନିଶ୍ଚୟ ହେବ – ଆମ କଳ୍ପନାଠାରୁ ବହୁ ଅଧିକ ଚମତ୍କାର ଭାବରେ ।

ହେ ପ୍ରଭୁ, ତୁମ ପ୍ରେମ ହେଉଥାଉ ଏ ସୃଷ୍ଟିରେ ଅଧିକରୁ ଅଧିକ ପ୍ରସାରିତ, ଅଧିକରୁ ଅଧିକ ସୁମହାନ୍, ଗଭୀରରୁ ଗଭୀରତର, ବ୍ୟାପକରୁ ବ୍ୟାପକତର ।

ଜୁନ୍ ୨୧, ୧୯୧୪ — ଶ୍ରୀମା



# ମାତୃବାଣୀ

But whatever you ask for or whatever your effort, you must feel, even while trying your best, using knowledge or putting forth power, that the result depends upon the Divine Grace. Once you have taken up the Yoga, whatever you do must be done in a spirit of complete surrender. This must be your attitude,– "I aspire, I try to cure my imperfections, I do my best, but for the result I put myself entirely into the hands of the Divine."

(MCW, Vol. 3, p. 97) – The Mother

କିନ୍ତୁ ତୁମେ ଯାହା ବି ଚାହୁଁଥାଅ ନା କାହିଁକି କିଂବା ତୁମର ପ୍ରଚେଷ୍ଟା ଯାହା ବି ହେଉ ନା କାହିଁକି, ଏପରିକି ଜ୍ଞାନର ଉପଯୋଗ କରି ଓ ସାମର୍ଥ୍ୟର ପ୍ରୟୋଗ କରି ତୁମର ସର୍ବୋତ୍ତମ ପ୍ରଚେଷ୍ଟାରେ ଲାଗିଥିବା ବେଳେ ମଧ୍ୟ ତୁମକୁ ଏହା ଅନୁଭବ କରିବାକୁ ହେବ ଯେ ଫଳାଫଳ ନିର୍ଭର କରେ ଭଗବତ୍ କୃପା ଉପରେ । ତୁମେ ଥରେ ଯୋଗର ମାର୍ଗ ଗ୍ରହଣ କରିବା ପରେ, ତୁମେ ଯାହା ବି କର ନା କାହିଁକି ତାହା ଏକ ସମ୍ପୂର୍ଣ୍ଣ ସମର୍ପଣର ଭାବ ନେଇ କରିବା ଉଚିତ । ତୁମର ମନୋଭାବ ଏହାହିଁ ହେବା ଉଚିତ ଯେ,– ''ମୁଁ ଅଭୀପ୍ସା କରୁଛି, ମୋର ଅପୂର୍ଣ୍ଣତାଗୁଡ଼ିକ ଦୂର କରିବା ପାଇଁ ଚେଷ୍ଟା କରୁଛି, ସର୍ବୋତ୍ତମ ପ୍ରଯତ୍ନ କରୁଛି, କିନ୍ତୁ ଫଳାଫଳ ପାଇଁ ମୁଁ ନିଜକୁ ପୂରାପୂରି ଛାଡ଼ି ଦେଉଛି ଭଗବାନଙ୍କ ହାତରେ ।''

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୨୯)

## ଶ୍ରୀଅରବିନ୍ଦ

Once more the world was made
a wonder-web,
A magic's process in a magical space,
An unintelligible miracle's depths
Whose source is lost in the Ineffable.

ପୁନର୍ବାର ଜଗତ୍ ଏକ ବିସ୍ମୟ-ଜାଲରେ ପରିଣତ ହେଲା, ତାହା ଯେପରି ଏକ ଯାଦୁକରୀ ମହାକାଶରେ ଏକ ଯାଦୁର ପ୍ରକ୍ରିୟା, ଏକ ଅବୋଧ ଚମତ୍କାରିତାର ଗଭୀରତା ସକଳ, ଯାହାର ଉତ୍ସ ଅନିର୍ବଚନୀୟଙ୍କ ଭିତରେ ହଜି ଯାଇଥିଲା ।

Once more we face the blank Unknowable.

ପୁନର୍ବାର ଆମେ ଶୂନ୍ୟ ଅବିଜ୍ଞେୟଙ୍କର ସମ୍ମୁଖୀନ ହେଉ ।

In a crash of values, in a huge doom-crack,
In the sputter and scatter of her breaking work
She lost her clear conserved constructed world.

ମୂଲ୍ୟବୋଧଗୁଡ଼ିକର ଆକସ୍ମିକ ପତନ ଓ ବିଧ୍ୱଂସ ମଧ୍ୟରେ, ଏକ ବିଶାଳ ଦୁର୍ଭାଗ୍ୟମୟ ବିଦୀର୍ଣ୍ଣତା ମଧ୍ୟରେ, ଭାଙ୍ଗିରୁଜି ପକାଉଥିବା ତା' କର୍ମର କ୍ରମାଗତ ବିସ୍ଫୋଟନାଦ ଓ ବିକ୍ଷେପଣ ମଧ୍ୟରେ ସେ ହରାଇ ବସିଥିଲା ତାହାର ସୁସ୍ପଷ୍ଟ, ସୁରକ୍ଷିତ, ସୁଗଠିତ ଭୁବନ ।

A quantum dance remained,
a sprawl of chance
In Energy's stupendous tripping whirl:
A ceaseless motion in the unbounded Void
Invented forms without a thought or aim:
Necessity and Cause were shapeless ghosts;
Matter was an incident in being's flow,
Law but a clock-work habit of blind force.

ବର୍ତ୍ତି ରହିଥିଲା କେବଳ ଏକ ପାରମାଣବିକ ବିକିରଣ ନୃତ୍ୟ, ମହାଶକ୍ତିର ସୁବିପୁଳ ଲଘୁ-କ୍ଷିପ୍ର ଆବର୍ତ୍ତରେ ଆକସ୍ମିକତାର ଏକ ବିସ୍ତାର : ନିଃସୀମ ଶୂନ୍ୟତାରେ ଏକ ଅବିରାମ ଗତିଶୀଳତା ଭାବନା ଓ ଲକ୍ଷ୍ୟ ବିନା ଉଦ୍ଭାବନ କରି ଚାଲିଥିଲା ରୂପସମୂହ : ପ୍ରୟୋଜନ ଏବଂ ହେତୁ ଥିଲେ ନିରାକାର ପ୍ରେତଗଣ ସ୍ୱରୂପ; ସତ୍ତାର ପ୍ରବାହରେ ଜଡ଼ବସ୍ତୁ ଥିଲା ଏକ ଘଟଣା, ନିୟମ ଥିଲା ଅନ୍ଧ ଶକ୍ତିର ଯନ୍ତ୍ରଚାଳିତ ଏକ ଅଭ୍ୟାସ ମାତ୍ର ।

Ideals, ethics, systems had no base
And soon collapsed or without sanction lived;
All grew a chaos, a heave and
clash and strife.

ଆଦର୍ଶ, ନୀତି, ବିଧିବିଧାନଚୟର ନଥିଲା କୌଣସି ଭିତ୍ତି ଏବଂ ଅଚିରେ ସେସବୁ ଭୂଲୁଣ୍ଠିତହିଁ ହେଲେ ଅଥବା ଅନୁମୋଦନ ବିନା ତିଷ୍ଠି ରହିଲେ; ସବୁକିଛି ଏକ ଚରମ ବିଶୃଙ୍ଖଳା, ସ୍ଫୀତି ଓ ସଂଘାତ ତଥା ସଂଘର୍ଷରେ ପରିଣତ ହେଲା ।

Ideas warring and fierce leaped upon life;
A hard compression held down anarchy
And liberty was only a phantom's name:
Creation and destruction waltzed inarmed
On the bosom of a torn and quaking earth;
All reeled into a world of Kali's dance.

ଜୀବନ ଉପରକୁ ଲମ୍ଫଦେଇ ଆସିଲେ ଯୁଦ୍ଧରତ ଓ ଭୟାବହ ବିଚାରାବଳୀ; ଅରାଜକତାକୁ ବିଦଳିତ କରି ରଖିଲା ଏକ କଠୋର ନିପୀଡ଼ନ ଏବଂ ସ୍ୱାଧୀନତା ହେଲା ତୁଚ୍ଛା ଛାୟାମୂର୍ତ୍ତିର ନାମ : ସୃଷ୍ଟି ଓ ପ୍ରଳୟ ବାହୁରେ ବାହୁ ଛନ୍ଦି ନୃତ୍ୟ କରି ଚାଲିଲେ ବିଦୀର୍ଣ୍ଣ ଓ କମ୍ପିତ ପୃଥିବୀ ବକ୍ଷରେ; କାଳୀଙ୍କର ନୃତ୍ୟମୟ ଜଗତରେ ସମସ୍ତେ ଘୂର୍ଣ୍ଣାୟମାନ ହେବାକୁ ଲାଗିଲେ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଦିବ୍ୟ ଶକ୍ତି ଦିଗରେ ନିଜକୁ ଖୋଲି ଧରିବା

## ଶ୍ରୀମା

### ଅନ୍ୟ ଲୋକଙ୍କ ପ୍ରଭାବରୁ ମୁକ୍ତ ହେବା

***ପ୍ରଶ୍ନ :*** *ମଧୁମୟି ମା, ଅନ୍ୟ ଲୋକମାନଙ୍କ ପ୍ରଭାବରୁ ଆମେ କିପରି ମୁକ୍ତ ହେବୁ ?*

**ଶ୍ରୀମା :** ଈଶ୍ୱରଙ୍କ ଉପରେ ଅଧିକରୁ ଅଧିକ ଏବଂ ସମଗ୍ର ଓ ସଂପୂର୍ଣ୍ଣଭାବେ ଏକାଗ୍ର ହେବା ଦ୍ୱାରା । ଯଦି ତୁମେ ତୁମର ସମସ୍ତ ନିଷ୍ଠା ସହିତ ଆସ୍ପୃହା କର, ଯଦି ତୁମେ କେବଳ ଈଶ୍ୱରଙ୍କ ପ୍ରଭାବକୁ ଗ୍ରହଣ କରିବାକୁ ଚାହଁ, ଯଦି ତୁମେ ସର୍ବଦା ନିଜକୁ ନିଜର ଆନ୍ତର ଚେତନା ଦିଗକୁ ଆକର୍ଷିତ କରୁଥାଅ, – ଅନ୍ୟର ପ୍ରଭାବ ଦ୍ୱାରା ତୁମ ଭିତରେ ଯାହା ପ୍ରଭାବିତ ଓ ବଶୀଭୂତ ହୋଇଛି, ସେଗୁଡ଼ିକୁ ତୁମର ଇଚ୍ଛାଶକ୍ତି ଦ୍ୱାରା ଈଶ୍ୱରଙ୍କ ପ୍ରଭାବ ତଳେ ଥୋଇଦିଅ, ଦେଖିବ ଏହା କରିବାରେ ତୁମେ ସଫଳ ହେବ । ଅବଶ୍ୟ ଏହା ଦିନକର କାମ ନୁହେଁ କିଂବା ଗୋଟିଏ ମୁହୂର୍ତ୍ତରେ ହୋଇଯିବ ନାହିଁ । ବହୁଦିନ ଧରି ଏପରିକି ବର୍ଷ ବର୍ଷ ଧରି ତୁମକୁ ଏ ସମ୍ବନ୍ଧେ ସତର୍କ ଓ ସକ୍ରିୟ ରହିବାକୁ ହେବ; କିନ୍ତୁ ଜଣେ ଏଥିରେ ସଫଳତା ଅର୍ଜନ କରିପାରେ ।

ପ୍ରଥମେ ସେଥିପାଇଁ ତୁମେ ଇଚ୍ଛା କରିବା ଉଚିତ ।

ସବୁକଥା ଲାଗି, ପ୍ରଥମେ ତୁମେ ବୁଝିବ, ସଂକଳ୍ପ କରିବ, ତା'ପରେ ଯାଇ ବିଷୟଟିକୁ ଅଭ୍ୟାସ କର – ଅଳ୍ପ ଅଳ୍ପ କରି ଅଭ୍ୟାସ କର ।

### ନିଜକୁ କେବଳ ଭଗବାନଙ୍କ ଆଡ଼କୁ ଖୋଲିଧର

***ପ୍ରଶ୍ନ :*** *ମଧୁମୟି ମା ! ''ଦିବ୍ୟଶକ୍ତି ଆଡ଼କୁ ନିଜକୁ ଅନନ୍ୟ ଭାବେ ଖୋଲି ଧରିବା'' କହିଲେ କ'ଣ ବୁଝାଯାଏ ?*

**ଶ୍ରୀମା :** ନିଜକୁ ଖୋଲି ଧରିବା ପରିବର୍ତ୍ତେ ଆମେ ଗ୍ରହଣଶୀଳତା ଦିଗରେ ନିଜକୁ ଉନ୍ମୁକ୍ତ ରଖିବା, ଫଳରେ ଏପରି କିଛି ଉନ୍ମୁକ୍ତ ହୋଇ ଯିବ ଯାହା ଗ୍ରହଣ କରିବାକୁ ସମର୍ଥ ହେବ । ବର୍ତ୍ତମାନ, ତୁମେ ଯଦି ସମସ୍ତଙ୍କ ପାଇଁ ସବୁ ଦିଗରୁ ତୁମର କବାଟଗୁଡ଼ିକୁ ଖୋଲି ରଖିବ, ତା'ହେଲେ ବଡ଼ ଗଣ୍ଡଗୋଳରେ ପଡ଼ିଯିବ । ତୁମେ କେବଳ ଭଗବାନଙ୍କ ଆଡ଼କୁ ତୁମ କବାଟଟି ଖୋଲି ରଖ – ତାଙ୍କରି ଶକ୍ତିକୁ ଗ୍ରହଣ କର ବା ସ୍ୱାଗତ କର । କିନ୍ତୁ ଲୋକେ ଠିକ୍ ଏହାର ବିପରୀତ କରିଥା'ନ୍ତି । ସେମାନେ ବାହାରେ କେବଳ ନିଜକୁ ଖୋଲି ଧରନ୍ତି । ଚାରିଆଡ଼ର ନାନାପ୍ରକାର ପ୍ରଭାବକୁ ସେମାନେ ଗ୍ରହଣ କରନ୍ତି । ଏବଂ ଏସବୁ ମିଶି ତାଙ୍କ ଭିତରେ ଗୋଟିଏ ଗୋଳମାଳିଆ ସ୍ଥାନ ସୃଷ୍ଟି ହୋଇଯାଏ (ମା' ହସିଲେ) । ସେ ସ୍ଥାନରେ ନାନା ପ୍ରକାର ପରସ୍ପର ବିରୋଧୀ କଥାସବୁ ଯୋଡ଼ି ହୋଇ ନାନା ପ୍ରକାର ଅସୁବିଧା ସୃଷ୍ଟି କରନ୍ତି । ତେଣୁ ବର୍ତ୍ତମାନ ତୁମକୁ ଗୋଟିଏ ମାତ୍ର କଥା କୁହାଯାଉଛି ଯେ ତୁମେ କେବଳ ଈଶ୍ୱରଙ୍କ ପାଇଁ ନିଜକୁ ଖୋଲି ଧରିବ, ଏବଂ କେବଳ ଈଶ୍ୱରଙ୍କ ଶକ୍ତିକୁହିଁ ଗ୍ରହଣ କରିବ, ଆଉ କେଉଁ ଶକ୍ତି ବା ପ୍ରଭାବକୁ ନିଜ ଭିତରକୁ ନେବ ନାହିଁ । ଏହା ଫଳରେ ତୁମ ଭିତରୁ ସବୁପ୍ରକାର ଅସୁବିଧା ସଂପୂର୍ଣ୍ଣ ଭାବେ ଦୂର ହୋଇଯିବ ।

(The Great Adventure *A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ପ୍ରଥମ ପରିଚ୍ଛେଦ)

## ସମାଜର ଚକ୍ର

**ଶେଖ ଅବଦୁଲ କାଶମ**

ଶ୍ରୀଅରବିନ୍ଦ ୧୯୧୬ ମସିହା ଅଗଷ୍ଟ ମାସରେ ‘ଆର୍ଯ୍ୟ’ ପତ୍ରିକାରେ “The Psychology of Social Development” ଶୀର୍ଷକରେ ଏକ ଧାରାବାହିକ ଲେଖା ଆରମ୍ଭ କରିଥିଲେ । ଚବିଶଟି ଅଧ୍ୟାୟରେ ଏହା ସମ୍ପୂର୍ଣ୍ଣ ହୋଇଥିଲା । ୧୯୪୯ ମସିହାରେ “The Human Cycle” ନାମରେ ଏହା ପୁସ୍ତକାକାରରେ ପ୍ରଥମ କରି ପ୍ରକାଶିତ ହୋଇଥିଲା । ପରେ ୧୯୬୨ ମସିହାରେ ଶ୍ରୀଅରବିନ୍ଦଙ୍କ ଲିଖିତ ଆଉ ଦୁଇ ଖଣ୍ଡ ପୁସ୍ତକ “The Ideal of Human Unity” ଏବଂ “War and Self-Determination” ଏଥିସହ ସଂଯୁକ୍ତ ହୋଇଥିଲା । “Complete Works of Sri Aurobindo” (CWSA) ସଂକଳନର ଏହା ହେଉଛି ୨୫ ନମ୍ବର ଖଣ୍ଡ ଯାହା “The Human Cycle” ଶିରୋନାମାରେ ପ୍ରକାଶିତ ।

“The Life Divine” ଗ୍ରନ୍ଥରେ ଶ୍ରୀଅରବିନ୍ଦ ଆଧ୍ୟାତ୍ମିକ ବିବର୍ତ୍ତନର ତତ୍ତ୍ୱକୁ ଲୋକଲୋଚନକୁ ଆଣିଛନ୍ତି ଯାହାକି ଅଜ୍ଞାନରୁ ପରମ ଜ୍ଞାନ ଆଡ଼କୁ ମାନବ ସମାଜର ଯାତ୍ରା ବିଷୟରେ ଆମକୁ ଅବଗତ କରାଏ । ସେହିପରି “The Human Cycle” ଗ୍ରନ୍ଥରେ ସାମାଜିକ ବିବର୍ତ୍ତନ ତତ୍ତ୍ୱକୁ ସେ ପ୍ରକାଶିତ କରିଛନ୍ତି । ପ୍ରତୀକବାଦୀ ଯୁଗ (Symbolic Age)ରୁ ଆରମ୍ଭ କରି ଆଶୟଧର୍ମୀ ଯୁଗ (Subjective Age) ବା ମନସ୍ତତ୍ତ୍ୱଧର୍ମୀ ଯୁଗ ପର୍ଯ୍ୟନ୍ତ ସମାଜରେ ଯାହାସବୁ ପରିବର୍ତ୍ତନ ସଂଘଟିତ ହୋଇଛି ସେସବୁର ବିଶ୍ଳେଷଣ କରିବା ସଙ୍ଗେ ସଙ୍ଗେ ତଜ୍ଜନିତ ତାତ୍ପର୍ଯ୍ୟ ତଥା ତାତ୍କାଳିକ ଓ ସୁଦୂର ପରିଣତି ବିଷୟରେ ସେ ସୂଚନା ପ୍ରଦାନ କରିଛନ୍ତି । ମାନବ ସମାଜର ଯୁଗ-ଚକ୍ର କିପରି ମନସ୍ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ଆବଶ୍ୟକତାକୁ ଅବଲମ୍ବନ କରି ଗତି କରୁଛି ତାହା ମଧ୍ୟ ଦର୍ଶାଇ ଦେଇଛନ୍ତି ।

ଆଧ୍ୟାତ୍ମିକ ଯୁଗର ଲକ୍ଷ୍ୟ, ଆଧ୍ୟାତ୍ମିକ ରୂପାନ୍ତରର ପ୍ରୟୋଜନ, ଆଧ୍ୟାତ୍ମିକ ଯୁଗାବିର୍ଭାବର ପରିବେଶ ଓ ଅଧ୍ୟାତ୍ମ ଯୁଗର ଆବିର୍ଭାବ ଓ ଅଗ୍ରଗତି ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କ ସୂକ୍ଷ୍ମଦର୍ଶୀ ଅନୁଶୀଳନ ଓ ଭବିଷ୍ୟ ଦୃଷ୍ଟି ଏଥିରେ ଯେପରି ରୂପାୟିତ ହୋଇଛି ତାହା ବର୍ତ୍ତମାନର ସାମାଜିକ ପରିସ୍ଥିତି ପରିପ୍ରେକ୍ଷୀରେ ବିଚାର କରି ଦେଖିଲେ ବିସ୍ମିତ ହେବାକୁ ପଡ଼େ । ଶତାଧିକ ବର୍ଷ ପୂର୍ବେ ଶ୍ରୀଅରବିନ୍ଦ ଯାହାସବୁ ଏହି ଗ୍ରନ୍ଥରେ ଲେଖିଥିଲେ ତାହା ସାମ୍ପ୍ରତିକ କାଳରେ ନିଛକ୍ ସତ୍ୟ ରୂପେ ପ୍ରତିପାଦିତ ହେବାରେ ଲାଗିଛି । ‘ଆର୍ଯ୍ୟ’ ପତ୍ରିକାର ଲକ୍ଷ୍ୟ ସମ୍ବନ୍ଧରେ ଶ୍ରୀମା କହିଥିଲେ ଯେ ପୃଥିବୀକୁ ଶାଶ୍ୱତ ବାଣୀ ଶୁଣାଇବାକୁ ହେବ, ଆଧୁନିକ ମାନସିକତା ସହିତ ଖାପ ଖୁଆଇ ପାରିଥିବା ଏକ ନୂତନ ରୂପରେ ଏହି ବାଣୀ ପ୍ରକାଶ କରାଯିବ । ମାନବ ସମାଜକୁ ପ୍ରାପ୍ତ ହୋଇଥିବା ସମସ୍ତ ଜ୍ଞାନକୁ ସମନ୍ୱିତ କରିବାକୁ ହେବ । ମାଆ ତାଙ୍କ ଡାଏରିରେ ୧୯୧୨ ମସିହାରେ ଲିପିବଦ୍ଧ କରିଥିଲେ ଯେ ଆମର ଲକ୍ଷ୍ୟ ହେଉଛି ମାନବ ସମାଜର ଐକ୍ୟସାଧନ ଓ ସମସ୍ତଙ୍କ ଅନ୍ତରରେ ବିଦ୍ୟମାନ ଭଗବାନଙ୍କ ସାମ୍ରାଜ୍ୟର ଏହି ପୃଥିବୀପୃଷ୍ଠରେ ପ୍ରତିଷ୍ଠା । “The Human Cycle” ଗ୍ରନ୍ଥଟି ଏହି ଲକ୍ଷ୍ୟ ଓ ପ୍ରତିଶ୍ରୁତିକୁ ବହନ କରିଅଛି । ସାମାଜିକ ସ୍ତରରେ ଦିବ୍ୟ ଶାଶ୍ୱତ ବାଣୀକୁ ସଞ୍ଚାରିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

ବିଶ୍ୱବ୍ୟାପୀ ସଙ୍ଗତି ସ୍ଥାପନ ନିମନ୍ତେ ଯେଉଁ ଉତ୍କଟତମ ସମସ୍ୟାର ଆମେ ସମ୍ମୁଖୀନ ହେଉଛୁ ତାହା ତିନୋଟି ତତ୍ତ୍ୱ ସହିତ ସମ୍ବନ୍ଧିତ ଯଥା : ବ୍ୟକ୍ତି, ସମାଜ ଓ ମାନବଜାତି । ଏହାର ସର୍ବଶ୍ରେଷ୍ଠ ସମାଧାନ ହେଉଛି – ସମସ୍ତଙ୍କ ଅନ୍ତରରେ ଯେଉଁ ପରମ ଦିବ୍ୟ ଅଦ୍ୱିତୀୟ ସତ୍ତା ରହିଛନ୍ତି ସମସ୍ତଙ୍କ ଦ୍ୱାରା ତାଙ୍କରି ପରିପ୍ରକାଶ (“The manifestation by all of the inner Divinity which is one”) । ଶ୍ରୀଅରବିନ୍ଦଙ୍କ ଦର୍ଶନ ତତ୍ତ୍ୱରେ ପରମାଣୁଠାରୁ ଆରମ୍ଭ କରି ସମଗ୍ର ବିଶ୍ୱ ତଥା ବିଶ୍ୱାତୀତଙ୍କୁ ସମାହିତ କରାଯାଇଛି । ଏହି ସକଳର ମଧ୍ୟବର୍ତ୍ତୀ ପର୍ଯ୍ୟାୟରେ ରହିଛି ମାନବ ଓ ମାନବଜାତି । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଆଧାରରେ ମାନବଜାତିର ଅଗ୍ରଗତି ଓ ବିବର୍ତ୍ତନ

ବିଷୟରେ ଆମକୁ ଯିଏ ସର୍ବଶ୍ରେଷ୍ଠ ଜ୍ଞାନ ଓ ସର୍ବୋପଯୋଗୀ ଦିଗ୍‌ନିର୍ଦ୍ଦେଶ ଦେଇ ପାରିବ ସିଏ ହେଉଛି ଶ୍ରୀଅରବିନ୍ଦଙ୍କର ମହାନ୍ ଗ୍ରନ୍ଥ "The Human Cycle"। ସାଧକ କିଶୋର ଗାନ୍ଧୀ ଯଥାର୍ଥରେ କହିଛନ୍ତି – "As he is now widely acknowledged as the greatest philosopher of all ages, so also he should be recognised as the greatest social philosopher of all times." ଅର୍ଥାତ୍, ''ସେ (ଶ୍ରୀଅରବିନ୍ଦ) ଯେପରି ବର୍ତ୍ତମାନ ସକଳ ଯୁଗର ସର୍ବଶ୍ରେଷ୍ଠ ଦାର୍ଶନିକ ରୂପେ ବ୍ୟାପକ ଭାବେ ସ୍ୱୀକୃତି ଲାଭ କରିଛନ୍ତି, ଠିକ୍ ସେହିପରି ସେ ସର୍ବକାଳୀନ ମହାନତମ ସମାଜତତ୍ତ୍ୱବିଦ୍ ରୂପେ ପରିଚିତ ହେବା ଉଚିତ।''

'ମାନବ ଯୁଗ-ଚକ୍ର' ଗ୍ରନ୍ଥର ପ୍ରଥମ ପରିଚ୍ଛେଦର ଶୀର୍ଷକ ହେଉଛି ''ସମାଜର ଚକ୍ର'' (The Cycle of Society)। ଏଥିରେ ଶ୍ରୀଅରବିନ୍ଦ ସମାଜର ଚକ୍ର ବିଷୟରେ ବିସ୍ତାରପୂର୍ବକ ଆଲୋଚନା କରିବା ପୂର୍ବରୁ ଜର୍ମାନ ଐତିହାସିକ କାର୍ଲ ଗଟହାର୍ଡ଼ ଲାମ୍ପ୍‌ରେଖ୍‌ଟ (Karl Gotthard Lamprecht)ଙ୍କ ଏକ ଲେଖା ବିଷୟରେ ଉଲ୍ଲେଖ କରିଛନ୍ତି। ଉକ୍ତ ଲେଖକ ୟୁରୋପୀୟ ଇତିହାସ ଏବଂ ବିଶେଷ କରି ଜର୍ମାନ ଇତିହାସକୁ ଆଧାର କରି ପ୍ରକାଶ କରିଥିଲେ ଯେ ମାନବ ସମାଜ କେତେକ ନିର୍ଦ୍ଦିଷ୍ଟ ମନସ୍ତାତ୍ତ୍ୱିକ ପର୍ଯ୍ୟାୟ ଦେଇ ଅଗ୍ରଗତି କରିଥାଏ। ସେଗୁଡ଼ିକ ହେଲା – ପ୍ରତୀକବାଦୀ (Symbolic), ଆଦର୍ଶଗତ (Typal), ରୀତି ଓ ପରମ୍ପରାଧର୍ମୀ (Conventional), ବ୍ୟକ୍ତିଧର୍ମୀ (individualistic) ଏବଂ ଆଶୟଗତ (subjective)। କୌଣସି ଜାତି ବା ସଭ୍ୟତା ତା'ର ବିକାଶ ଯାତ୍ରାରେ ମନୋଭୂମିଗତ ପ୍ରେରଣା ଓ ଖୋରାକ ନେଇ ଅଗ୍ରସର ହୋଇଥାଏ। ମନୁଷ୍ୟ ଜାତିର ବିକାଶ କହିଲେ କେବଳ ତା'ର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବିକାଶକୁ ବୁଝାଏ ନାହିଁ। ମନୁଷ୍ୟର ମନୋଭୂମିରେ ତଥା ତା'ର ଆନ୍ତର ଚେତନାରେ ଯୁଗ ଯୁଗ ଧରି ଯେଉଁସବୁ ପରିବର୍ତ୍ତନ ଓ ଅଭ୍ୟୁଦୟ ଘଟି ଚାଲିଛି ତା'ରି ଆଧାରରେ ମଧ୍ୟ ଆମକୁ ବିକାଶର ତତ୍ତ୍ୱକୁ ବୁଝିବାକୁ ହେବ। ଯେହେତୁ ବ୍ୟକ୍ତି ଓ ସମାଜ ପରସ୍ପରଠାରୁ ଭିନ୍ନ ନୁହନ୍ତି ବରଂ ପରସ୍ପର-ନିର୍ଭରଶୀଳ ଓ ପରିପୂରକ, ସୁତରାଂ ଉଭୟ କ୍ଷେତ୍ରରେ ବିକାଶକୁ ଅନୁଧ୍ୟାନ କଲେ ମନସ୍ତାତ୍ତ୍ୱିକ ଦିଗର ମହତ୍ତ୍ୱ ସ୍ପଷ୍ଟ ହୋଇଉଠେ।

ଶ୍ରୀଅରବିନ୍ଦ ଲାମ୍ପ୍‌ରେଖ୍‌ଟଙ୍କର ଲେଖାରୁ ଖିଅଟିଏ ନେଇ ସାମାଜିକ ବିବର୍ତ୍ତନର ମନସ୍ତାତ୍ତ୍ୱିକ ଦିଗଗୁଡ଼ିକୁ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି। କିନ୍ତୁ ସେ ସତର୍କ କରି ଦେଇଛନ୍ତି ଯେ ପର୍ଯ୍ୟାୟ ବିଭାଗକୁ କଠୋର ସିଦ୍ଧାନ୍ତ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ, କାରଣ ପ୍ରକୃତି ନାନା ବକ୍ର ଓ କୁଟିଳ ପଥ ଦେଇ ଗତି କରିଥିବାରୁ ତାକୁ ମନ ନିର୍ମିତ ଗୋଟାଏ ସିଧା ସରଳରେଖା ଦ୍ୱାରା ପ୍ରକାଶ କରିବା ସମ୍ଭବ ନୁହେଁ। ମାନବ ଇତିହାସ ନାନା ମନସ୍ତାତ୍ତ୍ୱିକ ଓ ଆନ୍ତର ସ୍ୱଭାବର ଧାରାକୁ ଅନୁସରଣ କରି ଅଗ୍ରଗତି କରି ଚାଲିଛି। ଏହା ଅତିଶୟ ଜଟିଳ, ସମନ୍ୱୟାତ୍ମକ ଓ ବହୁବିଭାବବିଶିଷ୍ଟ ପ୍ରବୃତ୍ତିକୁ ନେଇ ବିକାଶ ଲାଭ କରିଥିବାରୁ ଏକ କଠୋର ଓ ଅନମନୀୟ ପର୍ଯ୍ୟାୟ ବିଭାଗ ଦ୍ୱାରା ତାହାର ଯଥାର୍ଥ ଅନୁଶୀଳନ ସମ୍ଭବ ନୁହେଁ। ତଥାପି ଲାମ୍ପ୍‌ରେଖ୍‌ଟଙ୍କର ଏହି ପର୍ଯ୍ୟାୟ ବିଭାଗ ବିକାଶଧାରାର ଏକ ସୁବୋଧ ଧାରଣା ଦେଉଥିବାରୁ ଶ୍ରୀଅରବିନ୍ଦ ସାମାଜିକ ବିବର୍ତ୍ତନ ସମ୍ପର୍କରେ ତାଙ୍କର ସ୍ୱକୀୟ ବିସ୍ତୃତ ଆଲୋଚନାରେ ସେହି ସୂଚନାଧର୍ମୀ ଓ ବ୍ୟଞ୍ଜନାତ୍ମକ ଶବ୍ଦଗୁଡ଼ିକୁ ଉପଯୋଗୀ ବୋଲି ଗ୍ରହଣ କରିଛନ୍ତି।

ଜେମ୍‌ସ୍ ଫ୍ରେଜର (James Frazer) ମାନବ ଇତିହାସକୁ ଯାଦୁବିଦ୍ୟାର ଯୁଗ (age of magic)ରୁ ଧର୍ମର ଯୁଗ (age of religion) ପର୍ଯ୍ୟନ୍ତ ଏବଂ ପୁନଶ୍ଚ ଧର୍ମର ଯୁଗରୁ ଆଧୁନିକ ବିଜ୍ଞାନର ଯୁଗ ପର୍ଯ୍ୟନ୍ତ ଏକ କ୍ରମବିକାଶ ରୂପେ ବିଚାର କରିଛନ୍ତି। ଓସଓ୍ୱାଲ୍‌ଡ୍ ସ୍ପେଙ୍ଗଲର (Oswald Spengler) ସଭ୍ୟତାଗୁଡ଼ିକର ବିକାଶ ଓ ଅଧଃପତନ ସମ୍ବନ୍ଧରେ ତାଙ୍କର ବିସ୍ତୃତ ପାଣ୍ଡିତ୍ୟପୂର୍ଣ୍ଣ ତତ୍ତ୍ୱ ପରିବେଷଣ କରିଛନ୍ତି। ସେହିପରି ଆର୍‌ନୋଲଡ୍ ଟୟନବି (Arnold Toynbee) ଐତିହାସିକ ବିକାଶ ଧାରାକୁ ଆହ୍ୱାନ (challenges) ଏବଂ ପ୍ରତିକ୍ରିୟା (responses)ର ଅନୁକ୍ରମ ରୂପେ ଆଲୋଚନା କରିଛନ୍ତି। ଏଗୁଡ଼ିକ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ଓ ଭିନ୍ନ ଭିନ୍ନ ତତ୍ତ୍ୱ ମାତ୍ର। ମନୁଷ୍ୟ ପ୍ରକୃତିର ଗଠନ ଓ କାର୍ଯ୍ୟଧାରା ଏପରି ଜଟିଳ ଯେ ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସୂତ୍ର ବା ତତ୍ତ୍ୱ ଭିତରେ ବାନ୍ଧି ରଖି ହେବ ନାହିଁ। ସେଗୁଡ଼ିକ ଅନେକ ସମୟରେ ଆମର ଧାରଣା ଓ ପ୍ରତ୍ୟାଶାର ବାହାରେ।

ଅନନ୍ତ ବିବିଧତାଯୁକ୍ତ ମାନବ ଇତିହାସର ବିକାଶଧାରାକୁ ବିଶ୍ଳେଷଣ କରିବା ଏକ କଷ୍ଟସାଧ୍ୟ କାର୍ଯ୍ୟ। ଶ୍ରୀଅରବିନ୍ଦ ତାଙ୍କର ଉଚ୍ଚ ଯୋଗଦୃଷ୍ଟି ବଳରେ ସାମାଜିକ ବିବର୍ତ୍ତନର ଧାରାକୁ ଦେଖିଥିବାରୁ ତାଙ୍କର ଆଲୋଚନା ଯୁକ୍ତିସିଦ୍ଧ ଓ ଯଥାର୍ଥ

ହୋଇଛି । ''ମାନବ ଯୁଗ-ଚକ୍ର'' ପୁସ୍ତକରେ ଶ୍ରୀଅରବିନ୍ଦ ସମାଜ-ବିବର୍ତ୍ତନର ବ୍ୟକ୍ତିବାଦୀ (individualist) ଏବଂ ଆଶୟବାଦୀ (subjective) ପର୍ଯ୍ୟାୟ ଦୁଇଟି ବିଷୟରେ ମୁଖ୍ୟତଃ ଆଲୋଚନା କରିଛନ୍ତି ଯଦିଓ ପ୍ରଥମ ଅଧ୍ୟାୟରେ ସେ ପାଞ୍ଚୋଟିଯାକ ପର୍ଯ୍ୟାୟ ବିଷୟରେ ସୂଚନା ଦେଇଛନ୍ତି ।

ମାନବ ଇତିହାସର ଆଦିମ ଯୁଗରେ ଏକ ପ୍ରତୀକଧର୍ମୀ ମାନସିକତା ଦ୍ୱାରା ସମାଜର ଭାବନା, ପ୍ରଥା ଓ ଅନୁଷ୍ଠାନଗୁଡ଼ିକ ପରିଚାଳିତ ହେଉଥିଲା । ତତ୍କାଳୀନ ସମାଜ ଥିଲା ଧର୍ମପରାୟଣ ଏବଂ ଧର୍ମ କ୍ଷେତ୍ରରେ ମନୁଷ୍ୟର କଳ୍ପନାହିଁ ସକ୍ରିୟ ଭାବରେ କାର୍ଯ୍ୟ କରୁଥିଲା । ପ୍ରତୀକବାଦ ଓ କଳ୍ପନାପ୍ରବଣ ବା ସଂବୋଧିପ୍ରେରିତ ଧର୍ମୀୟଭାବନା ମଧ୍ୟରେ ଗଭୀର ସମ୍ବନ୍ଧ ରହିଅଛି । ଯେତେବେଳେ ମନୁଷ୍ୟ ବୁଦ୍ଧିପ୍ରଧାନ ଓ ସଂଶୟବାଦୀ ହୁଏ ତା'ର ଅର୍ଥ ସେ ଏକ ବ୍ୟକ୍ତିବାଦୀ ସମାଜର ଅଂଶବିଶେଷ ହେବାକୁ ଯାଉଛି । ସେତେବେଳେ ପ୍ରତୀକବାଦ ଓ ପରମ୍ପରାର ଆଉ କୌଣସି ମୂଲ୍ୟ ରହେ ନାହିଁ । ସୁତରାଂ ପ୍ରତୀକ ହେଉଛି ଏପରି ଏକ ବିଷୟ ଯାହା ମନୁଷ୍ୟ ତାହାର ଜୀବନ ଓ ଯାବତୀୟ କ୍ରିୟାକଳାପ ପଛରେ ବିଦ୍ୟମାନ ଥିବାର ଅନୁଭବ କରେ । ବସ୍ତୁସକଳ ମଧ୍ୟରେ ଦିବ୍ୟସତ୍ତା ଓ ଦେବତାମାନେ ଲୁକ୍କାୟିତ ଓ ଜୀବନ୍ତ ହୋଇ ରହିଛନ୍ତି ବୋଲି ଯେଉଁ ଧାରଣା ସୃଷ୍ଟ ହୁଏ ତାହା ପ୍ରତୀକବାଦରହିଁ ଅବଦାନ । ମନୁଷ୍ୟର ସମସ୍ତ ଧର୍ମଗତ ଓ ସାମାଜିକ ଅନୁଷ୍ଠାନ ଏକ ଏକ ପ୍ରତୀକ ହୋଇଉଠେ । ଜୀବନରେ ଯେଉଁ ରହସ୍ୟମୟ ଓ ଆଧ୍ୟାତ୍ମିକ ପ୍ରଭାବସବୁ ଦୃଷ୍ଟିଗୋଚର ହୁଏ ସେଗୁଡ଼ିକୁ ପ୍ରତୀକ ରୂପେ ଅଭିବ୍ୟକ୍ତ କରିବାକୁ ମନୁଷ୍ୟ ଚେଷ୍ଟା କରେ ।

ବୈଦିକ ଯୁଗରେ ସକଳ ବସ୍ତୁ ପ୍ରତୀକଧର୍ମୀ ବୋଲି ବିଚାର କରାଯାଉଥିଲା । ଯଜ୍ଞର ଧର୍ମାନୁଷ୍ଠାନ ସମାଜର ସକଳ ସ୍ତରକୁ ପରିଚାଳିତ କରୁଥିଲା । ଯଜ୍ଞର ପ୍ରତ୍ୟେକଟି ରୀତି ଓ ଉପଚାର ଥିଲା ପ୍ରତୀକଧର୍ମୀ । କେତେକ ବୁଦ୍ଧିବାଦୀଙ୍କର ଏହା ଏକ ଭୁଲ୍ ଧାରଣା ଯେ ଯଜ୍ଞ ହେଉଛି ପାର୍ଥିବ ଓ ଅପାର୍ଥିବ ସୁଖ ସମ୍ଭୋଗ ଓ ସମୃଦ୍ଧି ଲାଭ ପାଇଁ ଦେବତାମାନଙ୍କୁ ପରିତୁଷ୍ଟ କରିବାର ଏକ ଅନୁଷ୍ଠାନ ମାତ୍ର । କେବଳ ବ୍ୟବହାରିକ ଦୃଷ୍ଟିକୋଣରୁ ସବୁକିଛିକୁ ବିଚାର କରୁଥିବା ବ୍ୟକ୍ତିମାନେ ପ୍ରାଚୀନ ଭାରତର ଆନ୍ତର ସ୍ୱଭାବକୁ ବୁଝି ପାରିବାକୁ ସମର୍ଥ ନଥିଲେ । ସେଇ ଯୁଗରେ କେବଳ ପୂଜା ଉପାସନା ନୁହେଁ, ସମାଜର ସକଳ ଅନୁଷ୍ଠାନକୁ ପ୍ରତୀକାତ୍ମକ ଦୃଷ୍ଟି ଭେଦ କରି ରହିଥିଲା ।

ଶ୍ରୀଅରବିନ୍ଦ କହନ୍ତି ଯେ ବୈଦିକ ଯୁଗରୁ ମନୁଷ୍ୟ ଦମ୍ପତିଙ୍କ ବିବାହ ସମୟରେ ଋଗ୍ ବେଦର ଏକ ସ୍ତୋତ୍ର ଆବୃତ୍ତି କରାଯାଇ ଆସୁଛି, ଯେଉଁଥିରେ ସୂର୍ଯ୍ୟଦେବଙ୍କ କନ୍ୟା ସୂର୍ଯ୍ୟାଙ୍କର ପର୍ଯ୍ୟାୟକ୍ରମେ ବିଭିନ୍ନ ଦେବତାମାନଙ୍କ ସହ ବିବାହ ସଂଘଟିତ ହୋଇଥିବାର ଦର୍ଶାଯାଇଛି । ସେଥିରେ ମନୁଷ୍ୟ ଦମ୍ପତିଙ୍କର ବିବାହ ଗୌଣସ୍ଥାନ ପ୍ରାପ୍ତ ହୋଇଛି । ମନୁଷ୍ୟ ଦମ୍ପତିଙ୍କ ବିବାହକୁ ଅଧିକ ମହିମାମଣ୍ଡିତ କରିବା ନିମନ୍ତେ ସେହି ସ୍ତୋତ୍ର ବ୍ୟବହୃତ ହେଉ ନଥିଲା । ବରଂ ମନୁଷ୍ୟମାନଙ୍କର ବିବାହ ଦେବତାମାନଙ୍କ ତୁଳନାରେ ନିମ୍ନତର ବା ତାହା ଦେବ ବିବାହର ଏକ ପ୍ରତିରୂପ ରୂପେ କଳ୍ପନା କରାଯାଇଥିଲା । ମାତ୍ର ଏହାର ନିହିତାର୍ଥ ହେଲା ଯେ ମାନବ ଦମ୍ପତି ଦେବ ବିବାହର ପବିତ୍ରତା ଓ ଶାଶ୍ୱତ ସତ୍ୟ-ସମ୍ପର୍କକୁ ନିଜ ଜୀବନରେ ଯଥାସମ୍ଭବ ବାସ୍ତବାୟିତ କରିବାକୁ ଅନୁରାଗୀ ଓ ପ୍ରୟାସଶୀଳ ହେବା ଉଚିତ ।

ବିଶ୍ୱରେ ଦୁଇଟି ଦିବ୍ୟ ତତ୍ତ୍ୱ କାର୍ଯ୍ୟ କରୁଛି ଯଥା : ପୁରୁଷ ଓ ପ୍ରକୃତି । ଭାରତୀୟ ସଂସ୍କୃତିରେ ପୁରୁଷ ଓ ନାରୀର ସମ୍ପର୍କ ସର୍ବଦା ପୁରୁଷ-ପ୍ରକୃତି ସମ୍ପର୍କ ରୂପୀ ପ୍ରତୀକବାଦ ଦ୍ୱାରା ନିୟନ୍ତ୍ରିତ ହୋଇ ଆସିଛି । ପ୍ରାକ୍ ବୈଦିକ ଯୁଗରେ ନାରୀ ପୁରୁଷର ସମକକ୍ଷ ଥିଲା, ସିଏ ପୁରୁଷର ସାଥୀ ଓ ସହଯୋଗୀ ଥିଲା ଯଦିଓ ପୁରୁଷର ପ୍ରାଧାନ୍ୟ ସାମାନ୍ୟ ଅଧିକ ଥିଲା । ପରବର୍ତ୍ତୀ ଯୁଗରେ ଯେତେବେଳେ ପ୍ରକୃତିକୁ ପୁରୁଷର ଅଧୀନ ବୋଲି ବିଚାର କରାଗଲା ସେତେବେଳେ ନାରୀ ପୁରୁଷର ସମ୍ପୂର୍ଣ୍ଣ ଅଧୀନ ହୋଇଗଲା; ତା'ର ଆଉ ସ୍ୱତନ୍ତ୍ର ଆଧ୍ୟାତ୍ମିକ ଅସ୍ତିତ୍ୱ ରହିଲା ନାହିଁ । ପୁରୁଷର ସୁଖସନ୍ତୋଷ ବିଧାନ ପାଇଁହିଁ ତା'ର ଜୀବନ ଉଦ୍ଦିଷ୍ଟ ହୋଇ ରହିଲା । ତାନ୍ତ୍ରିକ ଓ ଶାକ୍ତ ପରମ୍ପରାରେ ନାରୀକୁ ସର୍ବୋଚ୍ଚ ସ୍ଥାନ ଦିଆ ଯାଇଛି, ଏପରିକି ତାକୁ ଅଧିକ ସମ୍ମାନାସ୍ପଦା ଓ ପୂଜ୍ୟା ରୂପେ ବିବେଚନା କରାଯାଇଛି, ମାତ୍ର ବାସ୍ତବ ସାମାଜିକ ବ୍ୟବସ୍ଥାରେ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ ।

ଶ୍ରୀଅରବିନ୍ଦ ସାମାଜିକ ସ୍ତରରେ ପ୍ରଚଳିତ ପ୍ରତୀକବାଦର ଆଉ ଏକ ଉଦାହରଣ ଦେଇଛନ୍ତି । ସେ କହନ୍ତି ଯେ ବୈଦିକ ଯୁଗର ଚତୁର୍ବର୍ଣ୍ଣକୁ ଚାରି ଜାତିର ଏକ ବ୍ୟବସ୍ଥା ବୋଲି ଭୁଲ୍ ଧାରଣା କରାହୁଏ । ପ୍ରକୃତରେ ଜାତି ହେଉଛି ଏକ ପରମ୍ପରାଗତ ଅନୁଷ୍ଠାନ, କିନ୍ତୁ ବର୍ଣ୍ଣ ହେଉଛି ପ୍ରତୀକଧର୍ମୀ ଓ ଆଦର୍ଶଗତ ଅନୁଷ୍ଠାନ । ସମାଜରେ ଯେଉଁ ଚାରି ବର୍ଣ୍ଣର ବ୍ୟବସ୍ଥା ରହିଛି ତାହା ରାଜନୈତିକ କାରଣଜନିତ ଏକ ଅର୍ଥନୈତିକ ବିବର୍ତ୍ତନର

ପରିଣାମ ବୋଲି କୁହାଯାଇଥାଏ । ମାତ୍ର ସେହି ବୈଦିକ ଯୁଗର ଲୋକମାନଙ୍କର ଧାରଣା ଭିନ୍ନ ଥିଲା । ସେମାନେ ସାମାଜିକ ଅନୁଷ୍ଠାନ ଓ ଘଟଣାବଳିକୁ ପ୍ରତୀକ, ଧର୍ମ ଓ ମନସ୍ତତ୍ତ୍ୱର ଦୃଷ୍ଟିକୋଣରୁ ବିଚାର କରୁଥିଲେ । ବେଦର ପୁରୁଷ ସୂକ୍ତରେ ଦର୍ଶାଯାଇଛି ଯେ ଚାରି ପ୍ରକାର ବର୍ଣ୍ଣ ସ୍ରଷ୍ଟା ପୁରୁଷ ବା ପରମଦେବଙ୍କ ଶରୀରର ବିଭିନ୍ନ ଅଙ୍ଗ ଯଥା : ମସ୍ତକ, ବାହୁ, ଜଙ୍ଘ ଓ ପାଦରୁ ଉତ୍ପନ୍ନ ହୋଇଛି । ଏହାକୁ ଏକ କବିର କଳ୍ପନା ବୋଲି ଆମେ ହୁଏତ କହିପାରୁ ଏବଂ ତଦନୁସାରେ ମସ୍ତକରୁ ଉତ୍ପନ୍ନ ବ୍ରାହ୍ମଣମାନଙ୍କୁ ଜ୍ଞାନର ଅଧିକାରୀ, ବାହୁରୁ ସୃଷ୍ଟ କ୍ଷତ୍ରିୟମାନଙ୍କୁ ବଳ ଓ ଶକ୍ତିର ଅଧିକାରୀ, ଜଙ୍ଘରୁ ଉଦ୍ଭୂତ ବୈଶ୍ୟମାନଙ୍କୁ ଉତ୍ପାଦନକାରୀ ଓ ପାଦରୁ ଉତ୍ପନ୍ନ ହୋଇଥିବା ଶୂଦ୍ରମାନଙ୍କୁ ସେବାକାରୀ ବୋଲି କୁହାଯାଇଛି । ମାତ୍ର ଏହି ପ୍ରତୀକତତ୍ତ୍ୱକୁ କେବଳ ଏକ କବିର କଳ୍ପନାବିଳାସ କହି ତା'ର ତାତ୍ପର୍ଯ୍ୟକୁ ସୀମିତ କରାଯାଇ ନପାରେ । ବୈଦିକ ଯୁଗର ଲୋକଙ୍କୁ ଆମେ କଳ୍ପନାପ୍ରବଣ ବର୍ବର ବୋଲି କହିପାରିବା ନାହିଁ । ସେମାନେ ଥିଲେ ସତ୍ୟର ସନ୍ଧାନୀ ଓ ଗଭୀର ଜ୍ଞାନର ଅଧିକାରୀ ।

ସେ ଯୁଗରେ କବି କହିଲେ ଋଷି ବା ଦ୍ରଷ୍ଟାଙ୍କୁ ବୁଝାଉଥିଲା । ସେମାନେ କଳ୍ପନାର ଅଦ୍ଭୁତ ଶକ୍ତି ପ୍ରୟୋଗ କରି ସତ୍ୟ ଉଦ୍‌ଘାଟନ କରିବାରେ ସମର୍ଥ ଥିଲେ । କଳ୍ପନା ଶକ୍ତି ଦ୍ୱାରା ବସ୍ତୁ ସକଳ ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ସତ୍ୟର ପ୍ରତିରୂପ ଗଢ଼ିବାକୁ ସେମାନେ ପ୍ରୟାସ କରୁଥିଲେ । ବେଦର ରଚନାବେଳେ ଅଳଙ୍କାର ଓ ଉପମାର ବ୍ୟବହାର କେବଳ କାବ୍ୟିକ ସୌନ୍ଦର୍ଯ୍ୟ ସକାଶେ ଉଦ୍ଦିଷ୍ଟ ନଥିଲା । ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଉଦ୍ଦେଶ୍ୟ ରଖି ସେମାନେ ତାହା କରୁଥିଲେ । ଶବ୍ଦ, ଉପମା ଓ ଅଳଙ୍କାରସବୁ ଥିଲା ଗୂଢ଼ାର୍ଥବୋଧକ ଏକ ଏକ ପ୍ରତୀକ ଯାହା ବିବେକଶୀଳ ସଚେତନ ପାଠକମାନଙ୍କ ଆଗରେ ସତ୍ୟ ଉଦ୍‌ଘାଟନ କରୁଥିଲା । ପୁରୁଷ ସୂକ୍ତ ନିହିତ ପ୍ରତୀକ ବିଷୟରେ ଶ୍ରୀଅରବିନ୍ଦ କହନ୍ତି –

"To them this symbol of the Creator's body was more than an image, it expressed a divine reality. Human society was for them an attempt to express in life the cosmic Purusha who has expressed himself otherwise in the material and the supraphysical universe. Man and the cosmos are both of them symbols and expressions of the same hidden Reality."

(The Human Cycle, P. 10)

ଅର୍ଥାତ୍, ''ସେହି ଋଷି ଓ ଦ୍ରଷ୍ଟାମାନଙ୍କ ସକାଶେ ସୃଷ୍ଟି କର୍ତ୍ତାଙ୍କର ଶରୀର ରୂପୀ ଏହି ପ୍ରତୀକଟି କେବଳ ଏକ ପ୍ରତିରୂପ ମାତ୍ରହିଁ ନଥିଲା, ଏହା ଏକ ଦିବ୍ୟ ସତ୍ୟମୟତାକୁ ପ୍ରକାଶ କରି ଦେଉଥିଲା । ମନୁଷ୍ୟ ସମାଜ କହିଲେ ସେମାନେ ଏହି ଜଡ଼ ତଥା ଜଡ଼ାତୀତ ବିଶ୍ୱରେ ଆପଣାକୁ ଅନ୍ୟଥା ପ୍ରକାଶିତ କରି ରଖିଥିବା ପରମ ବିଶ୍ୱପୁରୁଷଙ୍କୁ ଜୀବନ ଭିତରେ ମଧ୍ୟ ପ୍ରକାଶିତ କରି ପାରିବାର ଏକ ପ୍ରୟାସକୁହିଁ ବୁଝୁଥିଲେ । ମନୁଷ୍ୟ ଆଉ ବିଶ୍ୱଜଗତ୍ – ଏମାନେ ଉଭୟେ ହେଉଛନ୍ତି ସେହି ଗୋଟିଏ ପ୍ରଚ୍ଛନ୍ନ ଓ ପରମସତ୍ୟର ପ୍ରତୀକ । ମାତ୍ର, ସେମାନେ ହେଉଛନ୍ତି ତାଙ୍କରି ପ୍ରକାଶ ମାତ୍ର ।''

ଆଧୁନିକ ମନ ନେଇ ବିଶ୍ଳେଷଣ କରି ଦେଖିଲେ ଚତୁର୍ବର୍ଣ୍ଣର ପ୍ରତୀକାତ୍ମକ ଅର୍ଥ ନିମ୍ନ ପ୍ରକାରେ ବୋଧଗମ୍ୟ ହୁଏ । ଯଥା : ଭଗବାନ୍ ମନୁଷ୍ୟ ଭିତରେ ଜ୍ଞାନ ରୂପେ ପ୍ରକାଶିତ ହୁଅନ୍ତି । ସେ ପୁଣି ଶକ୍ତି ରୂପରେ ପ୍ରକାଶିତ ହୁଅନ୍ତି । ତୃତୀୟରେ, ସେ ଉତ୍ପାଦନ, ଉପଭୋଗ ଓ ପାରସ୍ପରିକତା ରୂପେ ମଣିଷ ଜୀବନରେ କାର୍ଯ୍ୟ କରନ୍ତି, ଚତୁର୍ଥରେ, ସେବା, ଆଜ୍ଞାକାରିତା, ଅନୁରକ୍ତି ଓ କର୍ମ ରୂପେ ମଧ୍ୟ ଭଗବାନ୍ ମନୁଷ୍ୟ ଭିତରେ କ୍ରିୟାଶୀଳ ହୁଅନ୍ତି । ଏହି ବିଭାଗୀକରଣରୁ ଆମେ ଚାରୋଟି ବିଶ୍ୱଗତ ତତ୍ତ୍ୱର କ୍ରିୟାକୁ ବୁଝିପାରୁ । ସେଗୁଡ଼ିକ ହେଲା – (୧) ପରମଜ୍ଞାନ ଓ ପ୍ରଜ୍ଞା, ଯାହାକି ବିଶ୍ୱ ସଂସାରର ବ୍ୟବସ୍ଥା ଓ ବସ୍ତୁ ସକଳର ନୀତି ନିର୍ଦ୍ଧାରଣ କରେ । (୨) ପରମ ବଳର ତତ୍ତ୍ୱ ଯାହାକି ବିଶ୍ୱ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରେ, ତାକୁ ଧାରଣ ପୋଷଣ କରେ । (୩) ପରମ ସମନ୍ୱୟ ଓ ସମଗ୍ରତାର ତତ୍ତ୍ୱ ଯାହାକି ବିଶ୍ୱ ବ୍ୟବସ୍ଥାଟିର ବିଭିନ୍ନ ଭାଗ ମଧ୍ୟରେ ସଂଯୋଜନ ଓ ସମନ୍ୱୟ ବିଧାନ କରେ, ସବୁକିଛିକୁ ଏକତ୍ର ସମାବିଷ୍ଟ କରି ରଖେ । (୪) କର୍ମ ବା ସେବାର ତତ୍ତ୍ୱ ଯାହାକି ଅନ୍ୟମାନଙ୍କ ଆଦେଶ ପାଳନରେ ବ୍ରତୀ ହୋଇଥାଏ ।

ଗୁଣକୁ ଭିତ୍ତି କରି ସମାଜ ବ୍ୟବସ୍ଥାର ବିକାଶ ଘଟିଥିଲା । ବ୍ୟକ୍ତିର ସ୍ୱଭାବ ଓ ସାମର୍ଥ୍ୟ ଅନୁସାରେ ତଥା ନୀତିଗତ ଜୀବନର ଶୃଙ୍ଖଳା ସକାଶେ ଯାହା ସହାୟକ ସେଇ ଅନୁସାରେହିଁ କର୍ମ ନିର୍ଣ୍ଣୀତ ହେଉଥିଲା ।

ବେଦ ବର୍ଣ୍ଣିତ ପୁରୁଷ-ତତ୍ତ୍ୱ ପ୍ରତୀକ ମାଧ୍ୟମରେ ପ୍ରତ୍ୟକ୍ଷ ରୂପେ ଆମକୁ ଜଣାଉଛି ଯେ ଭଗବାନ୍ ଜ୍ଞାନ, ଶକ୍ତି, ଉତ୍ପାଦନ ଓ ପାରସ୍ପରିକତା ଏବଂ କର୍ମ ଓ ସେବା ଏଇ ଚାରୋଟି ମୁଖ୍ୟ ବିଭାବକୁ ନେଇ ବିଶ୍ୱ ମଧ୍ୟରେ କ୍ରିୟାଶୀଳ ଅଛନ୍ତି । "The Mother" ପୁସ୍ତକରେ ଶ୍ରୀଅରବିନ୍ଦ ମହାଶକ୍ତିଙ୍କ ଚାରୋଟି ମୁଖ୍ୟ ବିଭାବ ଯଥା : ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ବିଷୟରେ ବର୍ଣ୍ଣନା କରିଛନ୍ତି ଯାହାକି ଜ୍ଞାନ ବା ପ୍ରଜ୍ଞା, ଶକ୍ତି, ସଙ୍ଗତି ଓ ସମନ୍ୱୟ ଏବଂ କର୍ମ – ଏଇ ଚାରୋଟି ଦିବ୍ୟ ବିଭୂତି ବା ଦିବ୍ୟ ଐଶ୍ୱର୍ଯ୍ୟକୁ ସୂଚିତ କରିଥାଏ ।

ପ୍ରତୀକ ପ୍ରଧାନ ଯୁଗରେ ଆଧ୍ୟାତ୍ମିକ ଭାବନା ସମାଜର ସମସ୍ତ କ୍ଷେତ୍ରରେ ମୂଳତତ୍ତ୍ୱ ହୋଇ ରହିଥିଲା । ଜୀବନର ସକଳ ବିଷୟକୁ ପବିତ୍ର ଧର୍ମ ବିଷୟ ବୋଲି ଗ୍ରହଣ କରାଯାଉଥିଲା । ଅର୍ଥାତ୍ ସାମାଜିକ ବିବର୍ତ୍ତନର ପ୍ରଥମ ପର୍ଯ୍ୟାୟଟି ହେଉଛି ଧର୍ମାନୁସିକ୍ତ ଓ ଆଧ୍ୟାତ୍ମିକ ପର୍ଯ୍ୟାୟ । ସେହି ପର୍ଯ୍ୟାୟରେ ସମାଜର ଅନ୍ୟାନ୍ୟ ବିଷୟ ଧର୍ମ ଓ ଆଧ୍ୟାତ୍ମିକତାଠାରୁ ପୃଥକ୍ ହୋଇ ରହି ନ ଥିଲା । ବରଂ ମନୋଗତ, ନୈତିକ, ଆର୍ଥିକ ତଥା ଭୌତିକ ଆଦି ବିଷୟ ଭିତରେ ଧର୍ମ ସଞ୍ଚରିତ ହୋଇ ରହିଥିଲା । ପ୍ରତୀକପ୍ରଧାନ ଯୁଗରେ ଆଧ୍ୟାତ୍ମିକତାହିଁ ସର୍ବବ୍ୟାପକ ଓ ସର୍ବୋଚ୍ଚ ପ୍ରଭାବଶାଳୀ ବିଷୟ ହୋଇ ରହିଥିଲା । ଧର୍ମଗତ ରୀତିନୀତି ଓ ଉପଚାରଗୁଡ଼ିକର ସ୍ଥାନ ଥିଲା ଗୌଣ ।

ସାମାଜିକ ବିବର୍ତ୍ତନର ଦ୍ୱିତୀୟ ପର୍ଯ୍ୟାୟ ହେଉଛି ରୀତିଗତ ବା ଆଦର୍ଶଗତ ଯୁଗ ଯେତେବେଳେ କି ମନସ୍ତତ୍ତ୍ୱ ଓ ନୈତିକତା ସମାଜରେ ପ୍ରମୁଖ ତତ୍ତ୍ୱ ଭାବରେ କାର୍ଯ୍ୟ କଲା । ସମାଜର ଅନ୍ୟ ସକଳ ଉପାଦାନ ଏପରିକି ଆଧ୍ୟାତ୍ମିକ ଓ ଧର୍ମଗତ ଉପାଦାନଟି ମଧ୍ୟ ନୀତିଗତ ଆଦର୍ଶର ଅଧୀନ ହୋଇ ପଡ଼ିଲା । ନୀତିର ସମର୍ଥନ ଓ ଦୃଢ଼ୀକରଣ ନିମନ୍ତେ ଧର୍ମର ଉପଯୋଗ କରାଗଲା । ଧର୍ମ ହୋଇଗଲା ମୁଖ୍ୟତଃ ଏକ ପାରଲୌକିକ ବ୍ୟାପାର । ଏହି ପାର୍ଥିବ ଜୀବନରେ ଯେ ମନୁଷ୍ୟ ନିଜ ଭିତରେ ଦିବ୍ୟ ପରମ ପୁରୁଷଙ୍କୁ ପ୍ରତ୍ୟକ୍ଷ ଭାବରେ ପ୍ରକାଶ କରିପାରିବ, ଏହି ଭାବନାଟି ଆଉ ପ୍ରାଧାନ୍ୟ ଲାଭ କଲା ନାହିଁ । ରୀତିପ୍ରଧାନ ଯୁଗରେ ମହାନ୍ ସାମାଜିକ ଆଦର୍ଶଗୁଡ଼ିକ ସୃଷ୍ଟି ହୋଇଥିଲା । ଏହି ଯୁଗଟି ଚାଲିଗଲା ପରେ ମଧ୍ୟ ମନୁଷ୍ୟର ମନ ଉପରେ ସେହି ଆଦର୍ଶଗୁଡ଼ିକର ପ୍ରଭାବ ବଳବତ୍ତର ଥିଲା । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରର ଯେଉଁ ସାମାଜିକ ସମ୍ମାନ ପୂର୍ବରୁ ରହି ଆସିଥିଲା ସେଥିରେ ବିଶେଷ ପରିବର୍ତ୍ତନ ଆସିଲା ନାହିଁ । ଅର୍ଥାତ୍ ବ୍ରାହ୍ମଣର ଧର୍ମ ଓ ଅଧ୍ୟାତ୍ମ ପ୍ରତି ଶ୍ରଦ୍ଧାଭାବ, ବିଦ୍ୟା ଓ ଜ୍ଞାନର ଅଧିକାରୀ ହେବା, କ୍ଷତ୍ରିୟର ସାହସିକତା, ସମାଜକୁ ସୁରକ୍ଷାପ୍ରଦାନ, ଚରିତ୍ରବତ୍ତା, ଆତ୍ମ ସଂଯମ, ବୈଶ୍ୟର ସାଧୁ ବ୍ୟବସାୟ, ବାଣିଜ୍ୟରେ ନିଷ୍ଠା, ପର୍ଯ୍ୟାପ୍ତ ଉତ୍ପାଦନ, ଲୋକହିତୈଷିତା ଏବଂ ଶୂଦ୍ରର ନିଃସ୍ୱାର୍ଥ ସମାଜ ସେବା – ଏସବୁ ସମାଜରେ ଆଦୃତ ଓ ସମ୍ମାନିତ ହେଉଥିଲା । ମାତ୍ର କ୍ରମଶଃ ଦେଖାଗଲା ଯେ ଏହି ଗୁଣଗୁଡ଼ିକ ବ୍ୟକ୍ତିର ଭାବନାରେ ଦୃଢ଼ ପ୍ରତିଷ୍ଠିତ ହୋଇ ରହି ନାହିଁ, ସେଗୁଡ଼ିକ ତା'ର ଆନ୍ତର ଜୀବନରୁ ନିଃସୃତ ହେଉ ନାହିଁ । ସେଗୁଡ଼ିକ କେବଳ ପରମ୍ପରାରେ ପରିଣତ ହୋଇ ଯାଇଛି, ବାସ୍ତବ ଜୀବନକୁ ଭେଦ କରି ନାହିଁ ।

ଆଦର୍ଶବାଦର ପର୍ଯ୍ୟାୟ ପରେ ଆସେ ପରମ୍ପରା ପ୍ରଧାନ ପର୍ଯ୍ୟାୟ । ସେତେବେଳେ ଆଦର୍ଶର ବାହ୍ୟ ପ୍ରକାଶଗୁଡ଼ିକୁ ଅସଲ ଆଦର୍ଶ ଅପେକ୍ଷା ଅଧିକ ମହତ୍ତ୍ୱ ଦିଆଯାଏ । ଉଦାହରଣସ୍ୱରୂପ, ବିବର୍ତ୍ତନକ୍ରମରେ ଏପରି ବିକୃତି ଘଟିଲା ଯେ ଚତୁର୍ବର୍ଣ୍ଣର ବ୍ୟବସ୍ଥାରେ ଗୁଣ, ଯୋଗ୍ୟତା ଓ ସାମର୍ଥ୍ୟଗୁଡ଼ିକ ଅପେକ୍ଷା ବାହ୍ୟ ବିଷୟ ଯଥା : ଜନ୍ମ, ଆର୍ଥିକ ଜୀବନ, ଧର୍ମଗତ ବିଧି ଓ ସଂସ୍କାର ତଥା ପାରିବାରିକ ରୀତିଗୁଡ଼ିକୁ ଅଧିକ ମହତ୍ତ୍ୱ ଦିଆଗଲା । ପରମ୍ପରାର ପ୍ରାଧାନ୍ୟ ଯୋଗୁଁ ବ୍ରାହ୍ମଣୋଚିତ ଗୁଣ ନଥାଇ ମଧ୍ୟ ବ୍ରାହ୍ମଣର ପୁଅ ବ୍ରାହ୍ମଣ ରୂପେ ପରିଚିତ ଓ ସମ୍ମାନିତ ହେଲା । ଜନ୍ମ ଓ ବଂଶଗତ ବ୍ୟବସାୟ ଏ ଦୁଇ ଉପାଦାନ ମିଶି ସମାଜ ବ୍ୟବସ୍ଥାକୁ ଅନମନୀୟ କରି ପକାଇଲା, ତାହା ନୈତିକତାରୁ ମଧ୍ୟ ଦୂରେଇ ଗଲା ।

ଜାତିପ୍ରଥାର ଏକ ପର୍ଯ୍ୟାୟରେ ଯେତେବେଳେ ଅର୍ଥନୀତିହିଁ ମୁଖ୍ୟ ବିଧାୟକ ହୋଇ ରହିଥିଲା ସେତେବେଳେ ପୁରୋହିତ ଓ ପଣ୍ଡିତମାନେହିଁ ନିଜକୁ ବ୍ରାହ୍ମଣ ବୋଲାଇଲେ ଯଦିଓ ସେମାନଙ୍କ ଆଧ୍ୟାତ୍ମିକ ଗୁଣ ଓ ଯୋଗ୍ୟତା ନଥିଲା । ସେହିପରି କ୍ଷତ୍ରିୟସୁଲଭ ଗୁଣ ନ ଥାଇ ମଧ୍ୟ ବଂଶାଭିମାନୀ ଓ ଆଭିଜାତ୍ୟସମ୍ପନ୍ନ ସାମନ୍ତମାନେ ନିଜକୁ କ୍ଷତ୍ରିୟ ବୋଲାଇଲେ । ବଣିକ ଓ ଅର୍ଥୋପାର୍ଜନକାରୀମାନେ ବୈଶ୍ୟ ରୂପେ ପରିଚିତ ହେଲେ । ଶ୍ରମିକ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଶୂଦ୍ର ବୋଲି କୁହାଗଲା ।

ଏପରି ଏକ ପର୍ଯ୍ୟାୟ ଆସିଲା ଯେତେବେଳେ ଅର୍ଥନୀତିର ବ୍ୟବସ୍ଥା ମଧ୍ୟ ଭୁଶୁଡ଼ି ପଡ଼ିଲା । ସେତେବେଳେ ପୁରାତନ-ସମାଜ ବ୍ୟବସ୍ଥାଟିରେ ନାନା ବିଶୃଙ୍ଖଳା ଓ ଅନିଶ୍ଚିତତା ଆସି ଦେଖାଦେଲା । ତାହା ଅସ୍ୱଚ୍ଛ ଓ ରୁଗ୍ଣ ହୋଇ ପଡ଼ିଲା ।

ଆଦର୍ଶ ଓ ଶ୍ରେଷ୍ଠଗୁଣଗୁଡ଼ିକ ସ୍ଥାନରେ ଛଳନା ଓ ପ୍ରଦର୍ଶନଧର୍ମିତା ଦେଖା ଦେଲା ।

ପରମ୍ପରା ପ୍ରଧାନ ଯୁଗରେ ସମାଜରେ ନାନା ଶ୍ରେଣୀ ବିଭାଗ ଓ ଉଚ୍ଚ ନୀଚ ବିଭେଦର ବ୍ୟବସ୍ଥା ଦୃଢ଼ ହୋଇ ରହିଥାଏ । ନାନା ସୂତ୍ର ଓ ନିୟମ ଜୀବନର ସ୍ୱାଭାବିକ ସ୍ୱାଧୀନତାକୁ କ୍ଷୁଣ୍ଣ କରିଥାଏ । ଧର୍ମକୁ ଏକ ନିର୍ଦ୍ଦିଷ୍ଟ ଆକାର ଓ ଛାଞ୍ଚ ଭିତରେ ସୀମିତ କରି ରଖା ଯାଇଥାଏ । ଶିକ୍ଷା, ଭାବନା ଓ ବିଚାରକୁ ପରିବର୍ତ୍ତନ ଲାଗି ଓ ମୁକ୍ତ ପରିପ୍ରକାଶ ଲାଗି ସୁଯୋଗ ଦିଆଯାଏ ନାହିଁ । ତଥାପି ଏହି ଯୁଗରେ ଏପରି କିଛି ଥାଏ ଯାହା ସୁନ୍ଦର, ଉପାଦେୟ ଓ ପ୍ରଗତିରେ ସହାୟକ ହୋଇଥାଏ । ଫଳରେ କେତେକ ବ୍ୟକ୍ତି ଏହି ଯୁଗକୁ ସୁବର୍ଣ୍ଣଯୁଗ ବୋଲି ଭୁଲ୍ ଧାରଣା କରି ବସନ୍ତି । ପ୍ରକୃତ କଥା ହେଲା ଏହାକୁ କେବଳ ତାମ୍ରଯୁଗ କୁହାଯାଇ ପାରିବ । କାରଣ ସେହି ଯୁଗରେ ପରମସତ୍ୟର ଉପଲବ୍ଧି ହୋଇ ନଥାଏ । ବରଂ ନାନା ଭ୍ରାନ୍ତି, ଦୁଃଖ ଓ ଅଜ୍ଞାନତା ସମାଜକୁ ପୀଡ଼ିତ କରିଥାଏ ।

ପୁରୁଷ-ସୂକ୍ତର ପ୍ରତୀକ ଅନୁସାରେ ସମଗ୍ର ମାନବ ସମାଜକୁ ବିଶ୍ୱପୁରୁଷଙ୍କର ଏକ ଆତ୍ମ-ପ୍ରସର୍ଜନ ବୋଲି ବିଚାର କରାଯାଉଥିଲା । ମାତ୍ର ସେହି ପ୍ରତୀକର ମୂଳତତ୍ତ୍ୱ ବା ଆତ୍ମାଟି ଆଉ ଜୀବନ୍ତ ହୋଇ ରହିଲା ନାହିଁ । ଆଦର୍ଶବାଦ ଶୁଷ୍କ, ନୀରସ ଓ ତାତ୍ପର୍ଯ୍ୟହୀନ ହୋଇ ପଡ଼ିଲା । ଧର୍ମ ଓ ଆଦର୍ଶର ବାହ୍ୟରୂପଗୁଡ଼ିକ ଅଧିକ ପ୍ରାଧାନ୍ୟ ଲାଭ କଲେ ଏବଂ ଅନ୍ତରସ୍ଥ ଭାବ ଓ ତାତ୍ପର୍ଯ୍ୟ ବିସ୍ମୃତ ହୋଇଗଲା ବା ପ୍ରଭାବହୀନ ହୋଇ ପଡ଼ିଲା । କେବଳ ଅର୍ଥହୀନ ବାହ୍ୟ ଉପଚାର ଓ ଅନମନୀୟ ପରମ୍ପରା ତିଷ୍ଠି ରହିଲା ଯାହା ଜନସାଧାରଣଙ୍କୁ ନ୍ୟାୟ ଓ ସତ୍ୟାନୁରାଗ ଦେବା ପରିବର୍ତ୍ତେ ସେମାନଙ୍କୁ ଉତ୍ପୀଡ଼ିତ କଲା । କେତେକ ସ୍ୱାର୍ଥାନ୍ୱେଷୀ ଓ ମିଥ୍ୟାଭିମାନୀ ବ୍ୟକ୍ତି ନିଜର ଦାମ୍ଭିକତା ଓ ଶ୍ରେଷ୍ଠମନ୍ୟତାକୁ ବିଭିନ୍ନ ଭାବରେ ଜାହିର କଲେ ଏବଂ ସମସ୍ତ ସାମାଜିକ ସୁବିଧା ହାସଲ କଲେ । ପରିସ୍ଥିତି ଯେତେବେଳେ ଅସହ୍ୟ ହୋଇ ପଡ଼ିଲା ସେତେବେଳେ ଏହାର ପ୍ରତିବାଦରେ ସମାଜରେ ବିଦ୍ରୋହ ସୃଷ୍ଟି ହେବା ଅନିବାର୍ଯ୍ୟ ହୋଇ ପଡ଼ିଲା । ଏହାହିଁ ବ୍ୟକ୍ତିବାଦ ଓ ବିଚାରବୁଦ୍ଧିର ଯୁଗର ଆଗମନ ଲାଗି ପଥ ପ୍ରସ୍ତୁତ କଲା ।

ସନ୍ଥ ଓ ଧର୍ମ ସଂସ୍କାରକମାନେ ମାନବସମାଜର କଲ୍ୟାଣ ନିମିତ୍ତ ଯେଉଁ ସନ୍ଦେଶ ଆଣନ୍ତି ତାହାର ପ୍ରଭାବ ବେଶୀ ଦିନ ସ୍ଥାୟୀ ହୁଏ ନାହିଁ । ସେମାନଙ୍କ ପ୍ରବଳ ଉଦ୍ୟମ ଓ ଶକ୍ତିଶାଳୀ ଆବେଗ ଫଳରେ କିଛିକାଳ ପାଇଁ ସମାଜରେ ଧର୍ମଭାବନା ଓ ସତ୍ୟଶୀଳତା ପ୍ରସାର ଲାଭ କରେ, ଏକ ପ୍ରକାର ଧାର୍ମିକ ଓ ଆଧ୍ୟାତ୍ମିକ ବିପ୍ଲବ ମଧ୍ୟ ସୃଷ୍ଟି ହୁଏ, ମାତ୍ର କାଳକ୍ରମେ ତାହା ଅଧିକରୁ ଅଧିକ ବିକ୍ଷିପ୍ତ ଓ ଦୁର୍ବଳ ହୋଇପଡ଼େ । ପୁରାତନ ଯୁଗର ଆଧ୍ୟାତ୍ମିକ ଶକ୍ତି ଓ ସମ୍ପଦ ପୁନରୁଜ୍ଜୀବିତ ହୋଇପାରେ ନାହିଁ । ପରମ୍ପରାର କବଳରେ ପଡ଼ି ସମାଜ ଅବକ୍ଷୟ ଆଡ଼କୁ ଗତି କରେ; ଧର୍ମ, ନୈତିକତା ଓ ଆଧ୍ୟାତ୍ମିକତାର ପ୍ରଭାବ ହ୍ରାସ ପ୍ରାପ୍ତ ହୁଏ । ଇଉରୋପରେ ଗୀର୍ଜାବାଦ (ecclesiasticism) ଏବଂ କ୍ୟାଥୋଲିକ ସମ୍ପ୍ରଦାୟର ଆବାସିକ ଯତି ପରମ୍ପରା (catholic monasticism)ର ନୈତିକ ଦୁର୍ଗତି ଏହାର ଏକ ଉଦାହରଣ ।

ପାରମ୍ପରିକତା ଓ ସତ୍ୟ ମଧ୍ୟରେ ଦୂରତ୍ୱ ବଢ଼ି ଚାଲିଲେ ସମାଜ ବ୍ୟକ୍ତିବାଦୀ ଯୁଗ (Age of individualism) ଆଡ଼କୁ ଗତି କରେ । ସେତେବେଳେ ପ୍ରବଳ ବୁଦ୍ଧିଶକ୍ତିସମ୍ପନ୍ନ ବ୍ୟକ୍ତିମାନଙ୍କର ଆବିର୍ଭାବ ଘଟେ । ବିବେକ ବୁଦ୍ଧିର ପ୍ରଚଣ୍ଡ ଶକ୍ତି ଦ୍ୱାରା ସେମାନେ ପ୍ରଚଳିତ ନିୟମ, ଅନୁଶାସନ, ରୀତି ଓ ପରମ୍ପରାକୁ ବର୍ଜନ କରିବାକୁ ବାହାରନ୍ତି । ଯେଉଁ ଯଥାର୍ଥ ସତ୍ୟକୁ ସମାଜ ହରାଇ ବସିଥାଏ ତାହାକୁ ବ୍ୟକ୍ତି ନିଜର ବିବେକବୁଦ୍ଧି ଓ ନୈତିକ ବୋଧ ଦ୍ୱାରା ଅନୁସନ୍ଧାନ କରିବାକୁ ଆରମ୍ଭ କରେ । ଖ୍ରୀଷ୍ଟିଆନ ଧର୍ମରେ ପ୍ରୋଟେଷ୍ଟାଣ୍ଟ ଧର୍ମ-ଆନ୍ଦୋଳନ ଏହିପରି ଭାବରେ ସୃଷ୍ଟି ହୋଇଥିଲା । ଏହା ଏପରି ଏକ ଯୁଗ ଯେତେବେଳେ ବିବେକ (reason), ବିଦ୍ରୋହ (revolt), ପ୍ରଗତି (progress) ଓ ବନ୍ଧନ ମୁକ୍ତି (freedom) ଉପରେ ସମାଜ ଗୁରୁତ୍ୱ ଆରୋପ କରେ । ମାତ୍ର ବ୍ୟକ୍ତିବାଦୀ ଯୁଗରେ ଯେଉଁ ବନ୍ଧନ ମୁକ୍ତି ଉପଲବ୍ଧ ହୁଏ ତାହା ହୋଇଥାଏ ଆଂଶିକ ଓ ବହିଃସ୍ତରୀୟ । ବାହ୍ୟତା ଓ ବହିରଙ୍ଗତାର ଏକ ନବବିଧାନକୁ ଆଶ୍ରୟ କରି ପରମସତ୍ୟର ଉପଲବ୍ଧି ସମ୍ଭବ ନୁହେଁ । ଯାନ୍ତ୍ରିକତା ଦ୍ୱାରା ପରିପୂର୍ଣ୍ଣ ଜୀବନ ଲାଭ କରିବା ଏକ ଅଳୀକ ସ୍ୱପ୍ନ ମାତ୍ର ।

ବ୍ୟକ୍ତିବାଦୀ ଯୁଗ ବା ବିବେକବୁଦ୍ଧିର ଯୁଗ ହେଉଛି ବିଜ୍ଞାନର ଯୁଗ । ସେତେବେଳେ ସତ୍ୟ-ପ୍ରକଟନ (revelation), ବିଶ୍ୱାସ ଓ ଧର୍ମ ଭଳି ବିଷୟଗୁଡ଼ିକ ସମାଜରେ ଅନାଦୃତ ହୁଏ । ଏହି ଯୁଗରେ ପ୍ରଚଳିତ ସମସ୍ତ ଧାରଣା ଓ ମତବାଦକୁ ଅସ୍ୱୀକାର କରାଯାଏ, ତା' ଉପରେ ସଂଶୟ ଓ ପ୍ରଶ୍ନ ଉତ୍ଥାପନ କରାଯାଏ । ସାମାଜିକ ଅନୁଷ୍ଠାନଗୁଡ଼ିକୁ ଗୁରୁତ୍ୱ ଦିଆଯାଏ ନାହିଁ । ବୁଦ୍ଧିବାଦ ସମାଜର ସବୁ ସ୍ତରରେ ଆପଣାର କାୟା ବିସ୍ତାର କରେ ।

ବ୍ୟକ୍ତିବାଦୀ ଯୁଗ ହେଉଛି ମନୁଷ୍ୟ ସମାଜ ବିବର୍ତ୍ତନର ପଥରେ ଏକ ଆବଶ୍ୟକ ମଧ୍ୟ-ପର୍ଯ୍ୟାୟ । ଏହା ପରେ ଆଶୟ ପ୍ରଧାନ ପର୍ଯ୍ୟାୟ (subjective stage)ର ଆରମ୍ଭ ହୁଏ । ମଣିଷ ଆନ୍ତରମୁଖୀ ହୁଏ, ଆତ୍ମ ସଚେତନ ହୁଏ । ଆତ୍ମୋପଲବ୍ଧି ଲାଗି ସେ ଚେଷ୍ଟିତ ହୁଏ । ଆନ୍ତର ଚେତନା ଉପରେ ଦୃଷ୍ଟି ନିବଦ୍ଧ କରି ସେ ଜୀବନ ଓ ଜଗତର ପ୍ରକୃତ ସତ୍ୟ ଓ ରହସ୍ୟକୁ ଖୋଜିବାକୁ ଯାଏ । ଏହିପରି ଭାବେ ଆଧ୍ୟାତ୍ମିକ ଯୁଗ (spiritual age) ପୁଣି ଫେରିଆସେ । ମନୁଷ୍ୟ ଆପଣାର ଅନ୍ତରତମ ସତ୍ୟ ପ୍ରାପ୍ତ ହେବା ପାଇଁ ତଥା ବାହ୍ୟ ଜୀବନରେ ତାକୁ ପ୍ରକାଶ କରିବା ପାଇଁ ପୁନର୍ବାର ପ୍ରୟାସ କରେ । ଏହିପରି ଭାବରେ ସମାଜର ଚକ୍ରଟି ପୂର୍ଣ୍ଣ ରୂପେ ବୃତ୍ତ ପଥଟିକୁ ପରିକ୍ରମା କରି ଆସେ । ସବୁବେଳେ ସମାଜ ପାଇଁ ନୂତନ ଚକ୍ରାବର୍ତ୍ତନ ସକାଶେ ସୁଯୋଗ ରହିଥାଏ । ନିତ୍ୟ ନୂତନ ଆରୋହଣର ଆହ୍ୱାନ ସର୍ବଦା ଆସୁଥାଏ ଏବଂ ଅଗ୍ରଗତିର ଅନ୍ତ ନ ଥାଏ । ❑

# ଶବ୍ଦ ବ୍ରହ୍ମ

## ସ୍ନେହଲତା ସ୍ୱାଇଁ

ହେ ବ୍ରହ୍ମ, ହେ ଶବ୍ଦ ବ୍ରହ୍ମ,
ତୁମେ କି ପାରିବ ସେହି –
ଅନନ୍ତ, ବିସ୍ତୃତ, ଅମାପ, ଅପରୂପ ଅରୂପଙ୍କୁ ଶବ୍ଦାୟିତ କରି ?
ଚିନ୍ତା, ଭାବନା, କଳ୍ପନାର ଅଗୋଚର ଯେଉଁ
ସ୍ୱର୍ଗୀୟ ପ୍ରଭାମୟ ଅମୂଲ୍ୟ ବିଭବର ଶାଶ୍ୱତ ସରଣୀ
ତୁମେ କି ଛନ୍ଦାୟିତ କରି ଉତାରି ପାରିବ ଏଇ କାଗଜ ପୃଷ୍ଠାରେ
ଆଲୋକିତ, କାନ୍ତିମୟ, ଶ୍ୱେତଶୁଭ୍ର ଧୂମାଭ ବୁକୁରେ
ଶତଦଳ ବିକଚ ରାଜୀବ
ଉନ୍ମୋଚିତ ଶାଶ୍ୱତ ସ୍ୱରୂପ
ପ୍ରସ୍ଫୁଟିତ ସୁବାସିତ ଉନ୍ମୁକ୍ତ ସୌନ୍ଦର୍ଯ୍ୟେ
ବୋଧିଗତ ପାରିବ କି କରି ?
ଅନୁଭବର କ୍ଷଣିକ ଅବବୋଧେ ଖୋଲିଯାଏ ଚେତନାର ଶତ କପାଟିକା
ବୁଦ୍ଧି, ଜ୍ଞାନ, ଭାଷା ଯା'ରେ ପାରେ ନାହିଁ କଳି
ପାର୍ଥିବ ଚେତନା ତା'ରେ ପାରିବ କି ଆପଣାର କରି !
ଅବଗାହୀ ପାରିବ ସେ ଆଲୋକ ସାଗରେ ?
ହେ ଶବ୍ଦରୂପ, ପରାଜ୍ଞାନମୟ ସର୍ବରୂପ,
ତୁମେହିଁ ତ ସ୍ରଷ୍ଟା, ସୃଷ୍ଟି, ସୃଷ୍ଟିର ରହସ୍ୟ
ପାର୍ଥିବ ଚେତନାର ନମ୍ର ଆବାହନେ
ତୁମେ ହୁଅ ବୋଧିଗତ, ଜ୍ଞାତ, ପ୍ରତିଭାତ,
ଏ ହୃଦୟ, ବୋଧଶକ୍ତି, ଲେଖନୀ ଓ ଶବ୍ଦ ମାଧ୍ୟମରେ
ଫୁଟି ଉଠୁ ତୁମରି ଇଙ୍ଗିତ ।
କାଗଜ ଓ କଲମରେ –
ତୁମ ଇଚ୍ଛା ବ୍ୟତିରେକେ ତୁମକୁ ଆଙ୍କିବା,
କେବଳ ଯେ ବାଲ୍ୟଖେଳା ମାତ୍ର । ❑

# ଜୀବର ସାଧନା

## ନଳିନୀକାନ୍ତ ଗୁପ୍ତ

ପ୍ରତ୍ୟେକ ଜୀବ ସ୍ୱାଧୀନ, ସ୍ୱତନ୍ତ୍ର ।

ସୃଷ୍ଟି ମଧ୍ୟରେହିଁ ତା'ର ଆବିର୍ଭାବର ରହସ୍ୟ, ତା'ର ନିଜର ସାର୍ଥକତା – ତା' ସତ୍ତାର, ଚେତନାର କ୍ରମ-ଅଭିବ୍ୟକ୍ତି, କ୍ରମ-ପରିଣତି, ଭଗବାନଙ୍କ ଅଭିମୁଖେ ପ୍ରଗତି ।

ଜୀବନ ହେଲା ଅଭିଜ୍ଞତାର କ୍ଷେତ୍ର – ବିଭିନ୍ନ ଜନ୍ମର ମଧ୍ୟଦେଇ, ମୃତ୍ୟୁ ପରେ ମୃତ୍ୟୁ ପାରହୋଇ ବହୁଜନ୍ମ ସହିତ ବହୁଳ ସମ୍ବନ୍ଧ ସ୍ଥାପନ କରି ଜୀବ ଏହି ଅଭିଜ୍ଞତା ସଂଗ୍ରହ କରି ଚାଲିଛି । ସେ ଅଭିଜ୍ଞତାର ଫଳ ଓ ଲକ୍ଷ୍ୟ ହେଲା ଚେତନାକୁ ଗଭୀରତର, ବୃହତ୍ତର, ଊର୍ଦ୍ଧ୍ୱତର କରି ଗଢ଼ିବା ।

ଜୀବ ବିଶେଷ ଦେଶରେ, ବିଶେଷ କାଳରେ, ବିଶେଷ ଅବସ୍ଥାରେ ଯେଉଁ ଶରୀର ଗ୍ରହଣ କରେ ତା'ର ଉଦ୍ଦେଶ୍ୟ ଏକ ବିଶେଷ ଅଭିଜ୍ଞତା ଆହରଣ, ଏକ ବିଶେଷ ଉପଲବ୍ଧି ଅର୍ଜନ । ଏଇ ପ୍ରୟୋଜନ ଅନୁସାରେ ଦେଶ-କାଳ-ଅବସ୍ଥା, ଆତ୍ମୀୟ-ପରିଜନ ସେ ପରିବର୍ତ୍ତନ କରିଥାଏ । ସମସ୍ତ ସମ୍ବନ୍ଧ ତା'ର ''ଆତ୍ମନସ୍ତୁ କାମାୟ'', ନିଜର, ନିଜ ଆତ୍ମାର ସାର୍ଥକତା ପାଇଁ ।

*

ବିଶେଷ ଅଭିଜ୍ଞତା ଉପଲବ୍ଧି ପାଇଁ ଏକ ବିଶେଷ ଜନ୍ମ ପ୍ରୟୋଜନ ହେଲେ ବି ସେହି ଅଭିଜ୍ଞତା, ଉପଲବ୍ଧିର ଉପଯୋଗୀ ବାଧାବିପତ୍ତିହୀନ ସର୍ବାଙ୍ଗ ସୁନ୍ଦର ଆଦର୍ଶ ଅବସ୍ଥା ଯେ ସିଏ ପାଏ, ତାହା ନୁହେଁ । ଅଭିଜ୍ଞତା ତଥା ଉପଲବ୍ଧି ପାଇବା ପାଇଁ ଠିକ୍ ହୁଏତ ଏପରି ବ୍ୟବସ୍ଥା ପ୍ରୟୋଜନ ଯାହା ଜଟିଳ, କୁଟିଳ, ବନ୍ଧୁର ଓ ବିଘ୍ନସଙ୍କୁଳ ।

ବାହ୍ୟଜୀବନ ଅଜ୍ଞାନମୟ ପ୍ରକୃତିର ଜୀବନ । ତା' ହେଉଛି ଦ୍ୱନ୍ଦ୍ୱର, ସଂଘର୍ଷର, ଅପ୍ରୀତିକର କ୍ଲେଶର, ବିପତ୍ତିର କ୍ଷେତ୍ର । ତନ୍ମଧ୍ୟରେ ଖେଳିଥା'ନ୍ତି ଲକ୍ଷ୍ୟର ବିପରୀତ, ପରସ୍ପର-ବିରୋଧିଶକ୍ତିସବୁ । ଯେତେବେଳେ ଜୀବ ଏହି ଅଜ୍ଞାନ କ୍ଷେତ୍ରକୁ ଓହ୍ଲାଇ ଆସେ ସେତେବେଳେ ତା'ର ଅନ୍ତରାତ୍ମାର ପ୍ରୟୋଜନୀୟ ଆହାର ତାକୁ ଏଇ ଜଞ୍ଜାଳ ମଧ୍ୟରୁ ଆହରଣ କରିବାକୁ ହୋଇଥାଏ । ଦୁଃଖ-କଷ୍ଟ, ଭୁଲ୍-ଭ୍ରାନ୍ତି, ଦ୍ୱନ୍ଦ୍ୱ-ବିରୋଧ ପ୍ରଭୃତିର ଭିତର ଦେଇ ଗତି କରି ତାକୁ ନୀଳକଣ୍ଠ ହେବାକୁ ପଡ଼ିଥାଏ ।

ଅବଶ୍ୟ ସାକ୍ଷାତ୍ ଭାବେ ଅନୁକୂଳ ଉପକରଣ ଯେ ତା' ପାଖକୁ ଆସିଯାଏ, ତା' ନୁହେଁ । ପ୍ରୀତି-ସମ୍ମେଳନ, ନିର୍ବିରୋଧ ସହଯୋଗ ତା' ପଥରେ ସହାୟକ ହୋଇପାରେ – କିନ୍ତୁ ଏସବୁକୁ ବି ସେ ଗ୍ରହଣ କରେ ସେଇ ''ଆତ୍ମନସ୍ତୁ କାମାୟ'' ବା ନିଜ ପାଇଁ; ତା'ର ନିଜର, ତା'ର ଅନ୍ତରାତ୍ମାର ପ୍ରୟୋଜନ ଅନୁସାରେ; ତାକୁ ଭଗବାନଙ୍କ ଅଭିମୁଖରେ ଯେତେ ଦୂର ସମ୍ଭବ ନେଇଯାଏ । ତେବେ ଏସବୁ ବସ୍ତୁର ପରିମାଣ କମ୍ । କାରଣ ବାହ୍ୟ-ଜଗତ୍, ବ୍ୟାବହାରିକ-ଜୀବନକ୍ଷେତ୍ର ଏବେ ବି ଅନ୍ଧ ଅଜ୍ଞାନ ପ୍ରକୃତି, ରାଜସିକ ଓ ତାମସିକ ଶକ୍ତିର ରାଜ୍ୟ ।

ତଥାପି ଏଇ ଅଜ୍ଞାନ-ରାଜ୍ୟ ମଧ୍ୟରେ ଜୀବର ଅନ୍ତରାତ୍ମାର ଅବତରଣର ଅର୍ଥ ଗୋଟାଏ ଦିଗରେ ଏହି ଅଜ୍ଞାନ-ଜଗତକୁ ଦମନ କରି, ଜୟ କରି, ମନ୍ଥନ କରି ଏହା ଭିତରୁ ନିଜ ପାଇଁ ଅମୃତ ଆହରଣ କରିବା; ପୁଣି ଅନ୍ୟ ଦିଗରେ ତା'ର ନିଜସ୍ୱ ଜୟର, ଅମୃତତ୍ୱ-ଲାଭର ଏଇ ସାଧନା ଫଳରେ ପୁନରାୟ ବାହ୍ୟ ପ୍ରକୃତିକୁ ବି ପରିବର୍ତ୍ତିତ ବା ରୂପାନ୍ତରିତ କରି ଗଢ଼ିବା ।

ଏହିପରି ଭାବେ ଜୀବ ଭଗବାନଙ୍କର ଯନ୍ତ୍ର । ତା'ର ନିଜସ୍ୱ ପୂର୍ଣ୍ଣ ସାର୍ଥକତାର ମଧ୍ୟଦେଇ ଏକ ସାର୍ବଭୌମ, ସମଷ୍ଟିଗତ ସାର୍ଥକତା ପୃଥିବୀରେ ପ୍ରକଟିତ ଓ ସ୍ଥାପିତ ହେବାକୁ ଯାଉଛି ।

(ମୂଳ ବଙ୍ଗଳା ପୁସ୍ତକ 'ପୂର୍ଣ୍ଣଯୋଗ'ର
ଅଷ୍ଟମ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି

❑❑❑

### ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୧୯)

### ପରବର୍ତ୍ତୀ ଧ୍ୟାନଧାରଣା ଓ ଭକ୍ତି ନିବେଦନର ଇତିବୃତ୍ତ (୩) :

ପୂର୍ବ ଅଧ୍ୟାୟରେ ଆମେ ସେହି ସମୟ କାଳରେ ଘଟିଥିବା ଉଲ୍ଲେଖଯୋଗ୍ୟ ଘଟଣା ମଧ୍ୟରୁ 'ଶ୍ରୀମା'ଙ୍କର ଟେରାସ୍‌ରେ ଧ୍ୟାନ' (୧୯୩୨ରୁ ୧୯୩୪) ଏବଂ ଶିଡ଼ି ପାହାଚରେ ଶ୍ରୀମା'ଙ୍କର ଧ୍ୟାନ ଆରମ୍ଭର କଥା ବର୍ଣ୍ଣନା କରିଥିଲୁ ଯାହାକି ୧୯୩୪ରୁ ୧୯୪୨ ପର୍ଯ୍ୟନ୍ତ ଚାଲିଥିଲା ।

ଶ୍ରୀମା'ଙ୍କର ଟେରାସ୍‌ରେ ଧ୍ୟାନ କରିବା ସମ୍ବନ୍ଧେ ଶ୍ରୀଅରବିନ୍ଦ ୧୯୩୫ରେ ସାଧକବୃନ୍ଦଙ୍କୁ ବେଶ୍ ନିରୁତ୍ସାହିତ କରି ଏହି ଧ୍ୟାନଟିକୁ ବନ୍ଦ କରି ଦେଇଥିଲେ । ଜଣେ ସାଧିକାଙ୍କୁ ଶ୍ରୀଅରବିନ୍ଦ ଏ ସମ୍ବନ୍ଧେ ଉଲ୍ଲେଖ କରି ଲେଖିଥିଲେ : ''... ଶ୍ରୀମା ପସନ୍ଦ କରନ୍ତି ଯେ ସେ ଟେରାସ୍‌ରେ ପଦଚାରଣ କରୁଥିବା ସମୟରେ କେହି ସାଧକ ଯେପରି ତାଙ୍କୁ ନ ଅନାନ୍ତି । କାରଣ, କେବଳ ଏଇ ସମୟଟିରେହିଁ ଶ୍ରୀମା ତାଙ୍କର ଶାରୀରିକ ସ୍ୱାସ୍ଥ୍ୟ ନିମିତ୍ତ ସତେଜ ବାୟୁ ସେବନ ଏବଂ କେତୋଟି ଅଙ୍ଗଚାଳନା ଓ ଗତିବିଧିର ବ୍ୟାୟାମର ଅତ୍ୟାବଶ୍ୟକତା ସାଙ୍ଗକୁ ସେ ନିଜ ଉପରେ ଏକାଗ୍ର ହୋଇ ପାରିବାର ସ୍ୱତନ୍ତ୍ର ସୁଯୋଗଟି ପାଇଥା'ନ୍ତି । ...''

ଊନବିଂଶ ଶତାବ୍ଦୀର ତିରିଶ ଦଶକରେ ଆଶ୍ରମ ଜୀବନଧାରାରେ ଶ୍ରୀମା'ଙ୍କର ପ୍ରତ୍ୟକ୍ଷ ସାନ୍ନିଧ୍ୟରେ ସକାଳ ଧ୍ୟାନ ଓ ପ୍ରଣାମ ଏବଂ ସାନ୍ଧ୍ୟ ଧ୍ୟାନହିଁ ଥିଲା ତାଙ୍କର ଦୁଇଟି ପ୍ରଧାନ ସମବେତ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମର ବ୍ୟତିକ୍ରମ ଘଟିଥିଲା ୨୪ ନଭେମ୍ବର ୧୯୩୮ରୁ – ଏହି ଦିନର ବ୍ରାହ୍ମ ମୁହୂର୍ତ୍ତରେ ଶ୍ରୀଅରବିନ୍ଦଙ୍କର ଦୁର୍ଘଟଣା ଘଟିବା ପରଠୁ । (ଏ ସମ୍ବନ୍ଧରେ ପରେ ଆମେ ଏକ ସ୍ୱତନ୍ତ୍ର ଅଧ୍ୟାୟରେ ବର୍ଣ୍ଣନା କରିବୁ ।)

ଇତି ମଧ୍ୟରେ ଘଟିଥିବା ଏକ ଗୌଣ ବ୍ୟତିକ୍ରମ କଥା ଉଲ୍ଲେଖ କରୁଛୁ ଯାହାକି ୧୯୩୭ର ଜାନୁଆରୀରେ ଘଟିଥିଲା । ଏହି ସମୟ କାଳରେ ଆଶ୍ରମ ପରିଚାଳନାର ଗୁରୁଦାୟିତ୍ୱ ବହନ ଫଳରେ ଶ୍ରୀମା'ଙ୍କର ଶାରୀରିକ ପରିଶ୍ରମ ସାଙ୍ଗକୁ ତାଙ୍କ ଚକ୍ଷୁରେ ମଧ୍ୟ କେତୋଟି ମାମୁଲି ଅସୁସ୍ଥତା ଦେଖା ଦେବା ଯୋଗୁଁ ତାଙ୍କର ଦୈନନ୍ଦିନ ଉପରୋକ୍ତ ସମବେତ କାର୍ଯ୍ୟକ୍ରମ ମାସେ ପର୍ଯ୍ୟନ୍ତ ବନ୍ଦ ରହିଥିଲା । ପରେ ଫେବ୍ରୁଆରୀ ଆରମ୍ଭରୁ ଶ୍ରୀମା ତାଙ୍କର ପ୍ରାତଃକାଳର ସମବେତ ଧ୍ୟାନଟି ଆରମ୍ଭ କଲେ; ପ୍ରଣାମ କାର୍ଯ୍ୟକ୍ରମଟି ବନ୍ଦ ରହିଲା, ଯଦ୍ଦ୍ୱାରା ସେ ସକାଳ ଏକାଗ୍ରତାରେ ଉପସ୍ଥିତ ସମସ୍ତ ଭକ୍ତଙ୍କୁ ଜଣଙ୍କ ପରେ ଜଣଙ୍କୁ ସ୍ପର୍ଶ କରି ଆଶୀର୍ବାଦ ଦେବା ତଥା ପୁଷ୍ପ ବିତରଣ କରିବାରୁ କ୍ଷାନ୍ତ ହୋଇ ପାରିଲେ ।

ତେଣୁ ଏହାପରଠୁ ଶ୍ରୀମା'ଙ୍କର ସକାଳ ପ୍ରଣାମ ବଦଳରେ କେବଳ ଧ୍ୟାନ ଏବଂ ସନ୍ଧ୍ୟାରେ ତାଙ୍କର ଶିଡ଼ି ପାହାଚର ଧ୍ୟାନ ଚାଲୁ ରହିଲା । କିନ୍ତୁ ସକାଳର କାର୍ଯ୍ୟକ୍ରମ ଶ୍ରୀଅରବିନ୍ଦଙ୍କର ଦୁର୍ଘଟଣା ଘଟିବା ପରେ ପରେହିଁ ବନ୍ଦ ହୋଇ ଯାଇଥିଲା ।*

ବର୍ତ୍ତମାନ ଆମେ ବର୍ଣ୍ଣନା କରିବୁ ସେକାଳରେ ଅନୁଷ୍ଠିତ ଶ୍ରୀମା'ଙ୍କର ଶିଡ଼ି ପାହାଚରେ ଦଣ୍ଡାୟମାନ ଥାଇ ସମବେତ ଧ୍ୟାନର କାର୍ଯ୍ୟକ୍ରମ ୧୯୪୨ରୁ ୧୯୪୬ ପର୍ଯ୍ୟନ୍ତ କିପରି ପୁଣି ଦ୍ୟୁମାନ୍‌ଙ୍କର ଛାତ ଉପର ଟେରାସ୍‌ରେ ସାନ୍ଧ୍ୟ-ଧ୍ୟାନ ଭାବେ ଅନୁଷ୍ଠିତ ହେଲା ।

ଆମର ନିଶ୍ଚୟ ସ୍ମରଣରେ ଥିବ ୪ ଜାନୁଆରୀ ୧୯୩୪ରେ ଆଶ୍ରମ ପରିସର ମଧ୍ୟରେ ଥିବା ରନ୍ଧନଶାଳା ଓ

---

* ଏହି ଘଟଣା ପରଠୁ ଅନ୍ତେବାସୀଗଣ ଶ୍ରୀମା'ଙ୍କର ବରଦହସ୍ତ ସ୍ପର୍ଶ ଲାଭ କରିବାର ଅଭିଜ୍ଞତାରୁ ବଞ୍ଚିତ ହେଲେ । କିନ୍ତୁ କରୁଣାମୟୀ ଦିବ୍ୟଜନନୀ ଆରମ୍ଭ କଲେ ତାଙ୍କର ସନ୍ତାନଗଣଙ୍କ ସକାଶେ ଏକ ଅଭିନବ କାର୍ଯ୍ୟକ୍ରମ । ଅନୁମତି ପ୍ରାପ୍ତ ଭକ୍ତବୃନ୍ଦଙ୍କୁ ଶ୍ରୀମା ଦିନରେ ନିର୍ଦ୍ଧାରିତ ବିଭିନ୍ନ ସମୟରେ ତଳ ଶିଡ଼ି ପାହାଚର ଶୀର୍ଷ ସ୍ଥାନରେ ଦଣ୍ଡାୟମାନ ଥାଇ ଦର୍ଶନ ଦେଲେ ଓ ଆଶୀର୍ବାଦ ମଧ୍ୟ ପ୍ରଦାନ କଲେ । ଏପରିକି ତାଙ୍କର ଏହି କାର୍ଯ୍ୟକ୍ରମ ସାନ୍ଧ୍ୟ ଧ୍ୟାନ ଅନୁଷ୍ଠିତ ହେବା ପୂର୍ବରୁ ଓ ପରେ ମଧ୍ୟ ଚାଲୁ ରହିଲା ।

ଖାଦ୍ୟ ପରିବେଷଣ ବ୍ୟବସ୍ଥା ଅଧୁନାତନ ଭୋଜନାଳୟ ଅଟ୍ଟାଳିକାକୁ ସ୍ଥାନାନ୍ତରିତ ହୋଇଥିଲା । ସେତେବେଳେ ଆଶ୍ରମର ମୁଖ୍ୟ ଅଗଣାରେ ଥିବା ଟାଇଲ ଛପର ରନ୍ଧନଶାଳାଟି, କହିବାକୁ ଗଲେ ଆଜିର 'ସମାଧି' ସମ୍ମୁଖରେହିଁ ଥିଲା । ... ୧୯୪୨ର ଆରମ୍ଭରେ ଏହିଟିକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ସେଇ ସ୍ଥାନରେ ସାଞ୍ଚ୍ଚ ସ୍ତୂପ ଢାଞ୍ଚାରେ ଖମ୍ବ (pergola)ସବୁ ନିର୍ମାଣ କରାଯାଇଥିଲା ଯଦ୍ୱାରା ଅପରୂପ ଶୋଭାବର୍ଦ୍ଧନ କରୁଥିବା ବର୍ଦ୍ଧିଷ୍ଣୁ 'ସେବା ବୃକ୍ଷ'ଟି ଅଗଣାରେ ଥିବା ଖମ୍ବସବୁ ଉପରେ ଅନାୟାସରେ ଭରା ଦେଇ ବୃଦ୍ଧି ପାଇ ପାରିବ । ପୁନଶ୍ଚ ଅଗଣାର ଚଟାଣଟିକୁ ବର୍ଗାକାର ସିମେଣ୍ଟ୍ ସ୍ଲାବ୍‌ରେ ଆଚ୍ଛାଦିତ କରାଗଲା । ଏହି କାର୍ଯ୍ୟଟି ୧୯୪୨ର ଶେଷ ଆଡ଼କୁ ସମ୍ପୂର୍ଣ୍ଣ ରୂପେ ସମାପ୍ତ ହୋଇ ଯାଇଥିଲା ।

ଇତିମଧ୍ୟରେ ଆଶ୍ରମବାସୀଙ୍କ ସଂଖ୍ୟା କ୍ରମଶଃ ଶତାଧିକକୁ ବୃଦ୍ଧି ପାଇବାରୁ ମେଡ଼ିଟେସନ୍ ହଲ୍‌ରେ ଅନୁଷ୍ଠିତ ସାନ୍ଧ୍ୟ ସମବେତ ଧ୍ୟାନରେ ସ୍ଥାନର ଅଭାବ ଘଟିଲା । ତେଣୁ ଅପରିହାର୍ଯ୍ୟ ଭାବେ ଏହି ଧ୍ୟାନାନୁଷ୍ଠାନଟି ଦ୍ୟୁମାନ୍‌ଙ୍କ ଟେରାସ୍ ଓ ନବନିର୍ମିତ ଉନ୍ମୁକ୍ତ ଅଗଣାକୁ ସ୍ଥାନାନ୍ତରିତ ହୋଇଥିଲା । ଶ୍ରୀମା ଏହି ଧ୍ୟାନ ସମୟରେ ବକ୍ରାକାର ଟେରାସ୍ କାନ୍ଥର ସନ୍ନିକଟରେ ଦଣ୍ଡାୟମାନ ରହୁଥିଲେ । ପରେ ଏହି ଧ୍ୟାନାନୁଷ୍ଠାନଟିର ନାମ ରଖା ଯାଇଥିଲା 'ଟେରାସ୍‌ରୁ ଶ୍ରୀମା'ଙ୍କର ସାନ୍ଧ୍ୟ ଧ୍ୟାନ' (୧୯୪୨ରୁ ୧୯୪୬) ।

ଏହି ଧ୍ୟାନରେ ଉପସ୍ଥିତ ରହୁଥିବା ଦୁଇ ଜଣ ଭକ୍ତଙ୍କର ବର୍ଣ୍ଣନାରୁ ଉଦ୍ଧୃତି :

ରାଖାଲ ଦାସ ବୋଷ : ''ସେତେବେଳେ ଶ୍ରୀମା ଗୋଧୂଳି ସମୟରେ ନିତି ଦ୍ୟୁମାନ୍‌ଙ୍କ ଛାତରେ ଆସି ଦଣ୍ଡାୟମାନ ହେଉଥିଲେ ସ୍ୱଳ୍ପ ସମୟର ଧ୍ୟାନାନୁଷ୍ଠାନ ନିମିତ୍ତ । ତଳେ ପୂରା ଅଗଣାଟିରେ ମସିଣା ବିଛା ଯାଇଥାଏ; ସାଧକବୃନ୍ଦ ଏଥିରେ ଉପବେଶନ କରି ଧ୍ୟାନରେ ଅଂଶଗ୍ରହଣ କରୁଥିଲେ । ଶ୍ରୀମା ଯେତେବେଳେ ଟେରାସ୍‌ରେ ଦେଖା ଦେଉଥିଲେ, ମୁଁ ତାଙ୍କୁ ଅନାଇ ଦେବା ମାତ୍ରେହିଁ ମୋ ଶରୀର ମଧ୍ୟରେ ଏକ ବୈଦ୍ୟୁତିକ ଶକ୍ତିର ପ୍ରବାହ ଘଟୁଥିଲା । ...''

('Breath of Grace" : pp. 88-89)

ବସୁଧା : ''୧୯୪୪-୪୫ ମସିହାରେ ଶ୍ରୀମା ନିତି ତ୍ରିସନ୍ଧ୍ୟାରେ ତାଙ୍କ କକ୍ଷରୁ ବାହାରି ଆସି ଦ୍ୟୁମାନ୍‌ଙ୍କର ଟେରାସ୍‌ରେ ଦଣ୍ଡାୟମାନା ଥାଇ ସ୍ୱଳ୍ପ କ୍ଷଣ ନିମିତ୍ତ ଧ୍ୟାନସ୍ଥ ହେଉଥିଲେ । ତଳେ ଅଗଣାରେ ସାଧକବୃନ୍ଦ ବର୍ଗାକାର କଂକ୍ରିଟ୍ ଚଟାଣରେ ବସୁଥିଲେ ଏବଂ ଧ୍ୟାନସ୍ଥ ହେଉଥିଲେ ।''

('Mother India': August 1975, p. 641)

୨୪ ନଭେମ୍ବର ୧୯୪୬ର 'ଦର୍ଶନ' ପରେ ଉପରୋକ୍ତ ସମବେତ ଧ୍ୟାନ ବନ୍ଦ ହୋଇ ଯାଇଥିଲା । ଏହି ସମୟ କାଳରେ ଶ୍ରୀମାଙ୍କ ଜୀବନଧାରାରେ ଏକ ସମ୍ପୂର୍ଣ୍ଣ ଅଭିନବ ସକ୍ରିୟ କାର୍ଯ୍ୟକ୍ରମର ସୂତ୍ରପାତ ହୋଇଥାଏ । ତନ୍ମଧ୍ୟରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ ଦେଉଛୁ :

ପ୍ରଥମଟି, 'ଗୋଲକୁଣ୍ଡ'ର ନିର୍ମାଣ-କାର୍ଯ୍ୟ । ୧୯୩୫ରେ ଏହି ଯୋଜନା ତା'ର ନିର୍ଦ୍ଦିଷ୍ଟ ରୂପ ଧାରଣ କଲା । ଏହା ୧୯୩୬ରୁ ଆରମ୍ଭ ହୋଇ ୧୯୪୮ରେ ସମାପ୍ତ ହୋଇଥିଲା ।

ଦ୍ୱିତୀୟଟି, ଦ୍ୱିତୀୟ ମହାଯୁଦ୍ଧ ସମୟରେ ୧୯୪୦ ଦଶକର ପ୍ରାରମ୍ଭରେ ଆଶ୍ରମକୁ ପିଲାମାନଙ୍କର ଆଗମନ ଘଟିବା ପରେ ସ୍କୁଲ ଓ ପ୍ଲେ-ଗ୍ରାଉଣ୍ଡର ପ୍ରସ୍ତୁତି-କାର୍ଯ୍ୟ ଆରମ୍ଭ ହୋଇଥିଲା । ସ୍କୁଲଟି ୧୯୪୩ରେ ଏବଂ ପ୍ଲେ-ଗ୍ରାଉଣ୍ଡଟି ୧୯୪୫-୪୬ରେ ନିଜ ନିଜର ବାସ୍ତବ ରୂପ ଗ୍ରହଣ କଲା ।

ଆଶ୍ରମର ପ୍ରାରମ୍ଭିକ ଗଠନ ଇତିହାସର ପୃଷ୍ଠା ଓଲଟାଇଲେ ଆମେ ଲକ୍ଷ୍ୟ କରିପାରିବୁ ଯେ ଏହାର ବିଭିନ୍ନ ପରିସରକୁ କ୍ରମ-ପ୍ରସାରିତ ସକ୍ରିୟ କର୍ମମୁଖର କରିବାରେ ଶ୍ରୀମା'ଙ୍କର ଅଭୂତପୂର୍ବ ଦକ୍ଷତା ସୁସ୍ପଷ୍ଟ ।

୧୯୩୮ରୁ ମେଡ଼ିଟେସନ୍ ହଲ୍‌ରେ ଶ୍ରୀମା'ଙ୍କ ସାନ୍ନିଧ୍ୟରେ ପ୍ରାତଃକାଳୀନ ଧ୍ୟାନ ସ୍ଥଗିତ ହୋଇ ଆଶ୍ରମର ଉତ୍ତର ଦିଗରେ ଶ୍ରୀମା'ଙ୍କର 'ବାଲ୍‌କୋନି ଦର୍ଶନ' ଓ ଏକାଗ୍ରତା ସ୍ୱଳ୍ପ କ୍ଷଣ ନିମିତ୍ତ ଅନୁଷ୍ଠିତ ହେଉଥିଲା । ଏହି ସମୟରେ ସମବେତ ସାନ୍ଧ୍ୟ ଧ୍ୟାନ ପ୍ଲେ-ଗ୍ରାଉଣ୍ଡରେ ହେବାକୁ ଲାଗିଲା ଯାହାକି ଏବେ ମଧ୍ୟ ଗୁରୁବାର ଓ ରବିବାରରେ ଅନୁଷ୍ଠିତ ହେଉଛି ।

ପରିଶେଷରେ ଏ ସମ୍ବନ୍ଧରେ ଶ୍ରୀମା'ଙ୍କର ପ୍ରଶ୍ନୋତ୍ତର କ୍ଲାସରୁ କିଛି ଉଦ୍ଧୃତି :

**ପ୍ରଶ୍ନ** : ମା, ଆମେ ଏଠାରେ (ପ୍ଲେ-ଗ୍ରାଉଣ୍ଡରେ) ଯେଉଁ ଏକାଗ୍ରତା କରୁଛୁ, ଏହି ସମୟରେ ଅନ୍ତର୍ମୁଖୀ ହୋଇ ଆମେ କେଉଁ ଭାବଧାରା ଉପରେ ଏକାଗ୍ର ହେବୁ ?

**ଶ୍ରୀମା** : ତୁମମାନଙ୍କ ମଧ୍ୟରୁ କେହି ଜଣେ ଏହି ଏକାଗ୍ରତାଟି କ'ଣ ଏବଂ ଆମେ କାହିଁକି ଏହା କରୁଛୁ – ଏ ସମ୍ବନ୍ଧେ କହିପାରିବ କି ? ଏହା ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ

ପ୍ରଶ୍ନ; ଏହି ପ୍ରଶ୍ନଟି ସମସ୍ତଙ୍କ ସହିତ ସଂଶ୍ଳିଷ୍ଟ । ତୁମମାନଙ୍କ ମଧ୍ୟରୁ କେହି ଜଣେ ଏହି ଏକାଗ୍ରତା ଏବଂ ତଥାକଥିତ 'ସାଧାରଣ' ଧ୍ୟାନ ମଧ୍ୟରେ ତଫାତଟି ସମ୍ବନ୍ଧେ କହିପାରିବ କି ? ଆମେ କାହିଁକି ଏହା କରୁଛୁ ଏବଂ ଏହି ସମୟ ମଧ୍ୟରେ କ'ଣ ଘଟିଥାଏ ?

**ପ୍ରଥମ ବ୍ୟକ୍ତି :** ଆମେ ଆମର ପ୍ରତିଦିନର କ୍ରିୟାକଳାପକୁ ନେଇ ଅର୍ପଣ କରିବାର ଏକ ମନୋଭାବ ପୋଷଣ କରିଥାଉ ।

**ଶ୍ରୀମା :** ଏଇଟି ଯଥାର୍ଥ, କିନ୍ତୁ ଏହା ଏକ ବ୍ୟକ୍ତିଗତ ଦୃଷ୍ଟିଭଙ୍ଗୀ । ମାତ୍ର ସାମୂହିକ ଭାବରେ ଏହି ଏକାଗ୍ରତାଟି କ'ଣ ପାଇଁ ? (ମନେରଖ, ସିଏ ଠିକ୍ ବାଟରେ ଅଛି, ମାତ୍ର ପ୍ରଥମ ପଦକ୍ଷେପରେ ଯଥାର୍ଥ ଉତ୍ତରର ଅଧା ବାଟହିଁ ଯାଇଛି ।)

**ଦ୍ୱିତୀୟ ବ୍ୟକ୍ତି :** ଆମେ ଆମର ଦୁର୍ବଳ ଗତିବିଧିସବୁ ଉପରେ ଏକାଗ୍ର ହୋଇଉଠୁ ଏବଂ ଆମ ମଧ୍ୟରୁ ସେସବୁ ଅନ୍ତର୍ହିତ ହୋଇଯିବା ନିମିତ୍ତ ଆସ୍ପୃହା କରିଥାଉ ।

**ଶ୍ରୀମା :** ଏହା ବି ଏକ ବ୍ୟକ୍ତିଗତ ଦୃଷ୍ଟିଭଙ୍ଗୀ ।

ପୂର୍ବରୁ ଆଶ୍ରମ ଭିତରେ ଆମେ ନିତି ସକାଳେ ଓ ସନ୍ଧ୍ୟାରେ ଯେଉଁ ଧ୍ୟାନ କରୁଥିଲୁ, ସେତେବେଳେ ମୋର କର୍ମ ଥିଲା ଉପସ୍ଥିତ ପ୍ରତ୍ୟେକଙ୍କର ଚେତନାକୁ ଏକତ୍ର କରିଆଣିବା ଏବଂ ସେଇଟିକୁ ଯଥାସମ୍ଭବ ପରମ ପ୍ରଭୁଙ୍କ ଦିଗରେ ଊର୍ଦ୍ଧ୍ୱମୁଖୀ କରାଇବା । ଯେଉଁମାନେ ମୋର ଏଇ ଗତିବିଧିକୁ ଅନୁଭବ କରି ପାରୁଥିଲେ, ସେମାନେ ଏହାର ଅନୁସରଣ କରୁଥିଲେ । ଏହା ଥିଲା ସାଧାରଣ ଧ୍ୟାନ, ପରମପ୍ରଭୁଙ୍କ ଆଡ଼କୁ ଏକ ଆସ୍ପୃହା ସହିତ ଏବଂ ଊର୍ଦ୍ଧ୍ୱମୁଖୀ ଆରୋହଣ କରିବାର ପ୍ରଚେଷ୍ଟା ସହିତ ଧ୍ୟାନ ।

ଏଠାରେ, ପ୍ଲେ-ଗ୍ରାଉଣ୍ଡରେ ଅନୁଷ୍ଠିତ ହେଉଥିବା ଏକାଗ୍ରତାଟିର ଉଦ୍ଦେଶ୍ୟ ହେଲା ଉପସ୍ଥିତ ସମସ୍ତଙ୍କୁ ଏକକରେ ପରିଣତ କରି ସେମାନଙ୍କୁ ଉନ୍ମୁକ୍ତ କରି ଧରିବା ଏବଂ ଊର୍ଦ୍ଧ୍ୱର ଦିବ୍ୟଶକ୍ତିଙ୍କୁ **ଅବତରଣ କରାଇ** ସେମାନଙ୍କ ମଧ୍ୟରେ ଅନୁପ୍ରବେଶ କରାଇବା । ଏଇଟି ହେଉଛି ପ୍ରଥମଟିରେ (ଅର୍ଥାତ୍ ଆଶ୍ରମ ମଧ୍ୟରେ) ଘଟୁଥିବା ଗତିବିଧିର ସମ୍ପୂର୍ଣ୍ଣ ବିପରୀତ ଗତିବିଧି ଏବଂ ଏଇଥିପାଇଁ ଏହି ଏକାଗ୍ରତାଟି ଅନ୍ୟଟିର ସ୍ଥାନ ନେଇ ପାରିବ ନାହିଁ – ଏପରିକି ଅନ୍ୟଟି ବି ଏହାର ସ୍ଥାନ ନେଇପାରିବ ନାହିଁ । ଏଠାରେ ଯାହା ଘଟୁଛି ତାହା ଅସାଧାରଣ – ଆଶ୍ରମରେ ଅନୁଷ୍ଠିତ ଧ୍ୟାନ ସମୟରେ ମୁଁ ଉପସ୍ଥିତ ସମସ୍ତଙ୍କ ଚେତନାକୁ ଏକକ ଚେତନାରେ ପରିଣତ କରାଉଥିଲି, ମୋର ଆସ୍ପୃହାର ଶକ୍ତି ସହିତ ସେଇଟିକୁ ପରମ ପ୍ରଭୁଙ୍କ ଆଡ଼କୁ ତୋଳି ଧରୁଥିଲି । ଅର୍ଥାତ୍, ସେଇ ପ୍ରକ୍ରିୟାଟି ଦ୍ୱାରା ଉପସ୍ଥିତ ପ୍ରତ୍ୟେକେ କିଛି ମାତ୍ରାରେ ଅଗ୍ରଗତି କରୁଥିଲେ । ଏଠାରେ, ପକ୍ଷାନ୍ତରେ ତୁମେମାନେ ପ୍ରତ୍ୟେକେ ଯେଉଁ ସ୍ଥିତିରେ ରହିଛ, ମୁଁ ତୁମ ପ୍ରତ୍ୟେକଙ୍କୁ ସେଇ ସ୍ଥିତିରୁ ଊର୍ଦ୍ଧ୍ୱକୁ ତୋଳି ଧରିଥାଏ । ତୁମେମାନେ ପ୍ରତ୍ୟେକେ ଏଠାକୁ ଆସି (ଏହି ଏକାଗ୍ରତା ସମୟରେ) ପ୍ରାର୍ଥନା କରିଥାଅ – 'ଆମେ ଆମର ଦିନ ତମାମର ଗତିବିଧି ସହିତ ଏଠାରେ ଉପସ୍ଥିତ, ଆମେ ଆମର ସମସ୍ତ ଶାରୀରିକ ଗତିବିଧିକୁ ଆପଣଙ୍କୁ ଅର୍ପଣ କରୁଛୁ, ସେସବୁ ଯେମିତି ଥିଲା ଠିକ୍ ସେମିତି; ଆମେ ଆମର ଚେତନାରେ ଠିକ୍ ଯେମିତି ରହିଛୁ, ଠିକ୍ ସେଇ ସ୍ତରରୁ ଆପଣଙ୍କୁ ଅର୍ପଣ କରୁଛୁ ।' ଏବଂ ମୋର କାମ ହେଉଛି ତୁମ ସଭିଙ୍କର ଆସ୍ପୃହାକୁ ଏକକ ଆସ୍ପୃହାରେ ତୋଳି ଧରି ସେସବୁକୁ ଏକ ସମସ୍ତରୀୟ (homogenious) ଏକୀଭୂତ ଆସ୍ପୃହାରେ ଗଢ଼ି ତୋଳିବା (ଯାହାକି ପ୍ରତ୍ୟେକେ ନିଜ ନିଜ ଧାରାରେ କରି ପାରିବେ) ଏବଂ ଏହି ଅର୍ପଣର ଉତ୍ତରରେ ସମଷ୍ଟିଗତ ଚେତନାକୁ ଉନ୍ମୁକ୍ତ କରାଇ ପ୍ରତ୍ୟେକଙ୍କର ଗ୍ରହଣଶୀଳତାରେ ପ୍ରସାରଣ ଘଟାଇବା ଏବଂ ଏହି ପରିବ୍ୟାପ୍ତ ଗ୍ରହଣଶୀଳତାରେ ଐକ୍ୟ (unity) ଆଣି ତା' ମଧ୍ୟକୁ ଦିବ୍ୟ ଶକ୍ତିର ଅବତରଣ ଘଟାଇବା । ତେଣୁ ଏହି ପ୍ରକ୍ରିୟା ଚାଲୁଥିବା ମୁହୂର୍ତ୍ତରେ ଯଦି ତୁମେମାନେ ଅତ୍ୟନ୍ତ ସ୍ଥିର ଏବଂ ମନୋଯୋଗୀ ରୁହ, ତା'ହେଲେ ନିଶ୍ଚିତ ରୂପେ କିଛି ଗ୍ରହଣ କରିବ । ତୁମେମାନେ ଏ ସମ୍ବନ୍ଧେ ସବୁବେଳେ ସଚେତନ ନ ଥାଇପାର, କିନ୍ତୁ ତୁମେମାନେ ନିଶ୍ଚିତ ରୂପେ କିଛି ଗ୍ରହଣ କରି ଥାଅ ।

(୧୨ ଫେବ୍ରୁଆରୀ, ୧୯୫୧)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

---

ବି.ଦ୍ର. : 'ଧ୍ୟାନଧାରଣା ଓ ଭକ୍ତି ନିବେଦନ'ର ତିନୋଟି ଅଧ୍ୟାୟ ମୁଖ୍ୟତଃ 'Golden Chain'ର Feb. 2005 ରୁ Nov. 2007 ପର୍ଯ୍ୟନ୍ତ (Vol. 5 - 8ରେ) ଧାରାବାହିକ ରୂପେ 'Ashram History' ଶୀର୍ଷକ ଶିରୋନାମାରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକରୁ ସଂଗୃହୀତ ।

# ଆଧାତ୍ମିକତାର ଉପଯୋଗିତା

## ରାମକୃଷ୍ଣ ଦାସ

ବର୍ତ୍ତମାନ ପ୍ରାୟ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଜୀବନ ଓ ପରିସ୍ଥିତିରେ ଅସନ୍ତୋଷ, ପୂର୍ବ ସାମାଜିକତା ଓ ନୈତିକତା ଉପରେ ଅବିଶ୍ୱାସ, ଅନ୍ୟର କର୍ତ୍ତବ୍ୟ ଓ ନିଜର କର୍ତ୍ତବ୍ୟ ଉପରେ ଘୃଣା, କର୍ତ୍ତବ୍ୟ ସଂଶୋଧନର ମାର୍ଗ ଅସ୍ପଷ୍ଟ ଓ ଅନ୍ଧକାର। ପୁରାତନ ସକଳ ରୀତିନୀତିର ମାର୍ଗ ବିଲୁପ୍ତ, ନୂତନ ସତ୍ୟର ମାର୍ଗ ଅନ୍ଧକାରାଚ୍ଛନ୍ନ। ବର୍ତ୍ତମାନ ସମାଜ ପୂର୍ବ ନୈତିକ ଅବଲମ୍ବନକୁ ହରାଇ, ଆଗାମୀ ସତ୍ୟକୁ ନ ପାଇ, ଅନ୍ଧକାରରେ କେବେ ଏପାଖ ତ କେବେ ସେପାଖ ଅଣ୍ଡାଳି ହେଉଅଛି। ଅଣ୍ଡାଳିବା ଲୋକ ଯେପରି ଭୁଲ୍ ମାର୍ଗରେ ପଡ଼ି ଆଣ୍ଠୁଗଣ୍ଠି ଭାଙ୍ଗେ ଏବଂ ଯଥାର୍ଥ ମାର୍ଗରେ ସନ୍ଦେହ କରେ, ଠିକ୍ ସେହିପରି ବର୍ତ୍ତମାନ ସମାଜର ଅବସ୍ଥା। ଯଥାର୍ଥ ସତ୍ୟକୁ ବିଶ୍ୱାସ କରିବାରେ ସେ ଅକ୍ଷମ। ପ୍ରତ୍ୟେକ ଶ୍ରେଣୀର ଲୋକଙ୍କର ଏହି ଅବସ୍ଥା। ଯେଉଁମାନେ ସତ୍ୟ ମାର୍ଗରେ ଚାଲୁଛନ୍ତି ସେମାନଙ୍କର ବୁଦ୍ଧି ଏପରି ସଙ୍କୁଚିତ ଓ ସୀମିତ ଯେ ସେମାନଙ୍କ ଧାରଣା – ''ଆମ୍ଭ ମାର୍ଗ ଏକମାତ୍ର ସତ୍ୟ, ଅନ୍ୟମାନଙ୍କର ମାର୍ଗ ଭ୍ରମ ଅଥବା ଅର୍ଦ୍ଧ-ସତ୍ୟ।''

ବିଭିନ୍ନ ସ୍ଥାନରେ କଲେଜ ବିଦ୍ୟାର୍ଥୀ, ଭୂଦାନ-କର୍ମୀ ଓ ନିଜକୁ ଦେଶ-ସେବକ ମନେ କରୁଥିବା ଲୋକମାନଙ୍କର ପ୍ରାୟ ଏହି ଏକହିଁ ପ୍ରକାର ପ୍ରଶ୍ନ।

***ପ୍ରଶ୍ନ :*** *ଆଧାତ୍ମିକ ସାଧକମାନେ ସଂସାରର କୌଣସି କାର୍ଯ୍ୟ କରୁ ନାହାନ୍ତି। ଯଦି ସେମାନଙ୍କୁ ମୁକ୍ତି ବା ଆନନ୍ଦ ମିଳେ, ତାହା ସେମାନଙ୍କ ନିଜ ପାଇଁ। ନିଜ ତୃପ୍ତି ସକାଶେ ପ୍ରଯତ୍ନ କରିବା ବ୍ୟକ୍ତିପକ୍ଷେ ଅନ୍ୟର ଭାଗ ଆତ୍ମସାତ୍ ନ କରି ଅନ୍ତତଃ ନିଜ ଭୋଜନ ନିମିତ୍ତ ଉପାର୍ଜନ କରିନେବା ଉଚିତ। ନିଜ ଭୋଜନର ଭାର ଅନ୍ୟ ଉପରେ ଲଦନ୍ତୁ ନାହିଁ। ଏହିପରି ଅଧ୍ୟାତ୍ମ-ସାଧକମାନଙ୍କ ସଂଖ୍ୟା ବୃଦ୍ଧି ହେଲେ ସଂସାର ଦରିଦ୍ର ହୋଇଯିବ, ଆଉ ଯେଉଁମାନେ ପରିଶ୍ରମ କରୁଛନ୍ତି ସେମାନଙ୍କ ଭାଗ ଏମାନେ ଆତ୍ମସାତ୍ କରିବେ, ସେମାନଙ୍କୁ ବି କ୍ଷୁଧା ସହ୍ୟ କରିବାକୁ ପଡ଼ିବ।*

**ଉତ୍ତର :** ଅଧ୍ୟାତ୍ମ-ସାଧକମାନଙ୍କ ଉପରେ ଏହି ଅଭିଯୋଗରୁ ସ୍ପଷ୍ଟ ବୁଝାଯାଉଛି ଯେ ସେମାନଙ୍କର ସମାଜକୁ କିଛିମାତ୍ର ଦେୟ ନାହିଁ। ସେମାନେ ପୃଥିବୀର ଭାରରୂପ ହୋଇ ବସି ଖାଉଛନ୍ତି। ଯଦି ଏହାହିଁ ସତ୍ୟ ହୁଏ ତେବେ ସଂସାରରେ ଏମାନଙ୍କ ସ୍ଥାନ କେବେ ବି ନ ଥା'ନ୍ତା। ଏପରି ତ ନୁହେଁ ! ବୈଦିକ ଯୁଗରୁ ଆଜି ପର୍ଯ୍ୟନ୍ତ ଠିକ୍ ଏହାର ବିପରୀତ ଦେଖା ଯାଉଛି। ଦରିଦ୍ର, ବୀତରାଗୀ, ତ୍ୟାଗୀ, ସନ୍ଥ, ମହାତ୍ମାଙ୍କ ଚରଣରେ ଦେଶଶାସକ ଶକ୍ତିଶାଳୀ ରାଜା, ଧନୀ ଓ ମାନୀ ବ୍ୟକ୍ତି ମସ୍ତକ ନୁଆଁଇ ଦେଇଅଛନ୍ତି। ଏପରିକି ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବା ବ୍ୟକ୍ତି ଅନ୍ୟର ଅଜ୍ଞାତରେ ମୃତ୍ୟୁଶଯ୍ୟାଗ୍ରସ୍ତ ଏକମାତ୍ର ପୁତ୍ରର କଲ୍ୟାଣଭିକ୍ଷା ସେମାନଙ୍କ ପାଖରେ କରୁଛନ୍ତି। ଏଣୁ ସଂସାରରେ ଅଧ୍ୟାତ୍ମ-ସାଧକର ମଧ୍ୟ ଉପଯୋଗିତା ଅଛି। କେବଳ ଭୋଜନ ମିଳିଲେ ମନୁଷ୍ୟ ସୁଖରେ ରହିପାରେ ନାହିଁ, ସଂସାର ସୁଚାରୁରୂପେ ଚଳେ ନାହିଁ। ସଂସାର ଭଲଭାବେ ଚଳିବା ପାଇଁ ବହୁତ ଜିନିଷର ଆବଶ୍ୟକ। ଯଦି ପ୍ରସ୍ରାବ ବନ୍ଦ ହୋଇ ପେଟ ଫୁଲେ, ସେତେବେଳେ ଭୋଜନ କାମରେ ଆସେ ନାହିଁ, ସେତେବେଳେ ଜୀବନର ସର୍ବଶ୍ରେଷ୍ଠ ବସ୍ତୁ ବୋଲି ମନେହୁଏ ସେହି ପୀଡ଼ାରୁ ମୁକ୍ତିଦାତା ଡାକ୍ତର ବା ଔଷଧ।

ଏତେ ବଡ଼ ଏହି ଯେଉଁ ସଂସାର ପ୍ରସାରିତ ହୋଇଛି, କେବଳ ଜୀବନ ସକାଶେ – ସହର, ବଜାର, ବାଣିଜ୍ୟ, ଡାକ୍ତର, ଇଞ୍ଜିନିୟର, ପୋଲିସ, ଅଦାଲତ, ଗଭର୍ଣ୍ଣମେଣ୍ଟ, ନଦୀ, ନାଳ, ବଣ, ଜଙ୍ଗଲ ଓ ପାହାଡ଼ ଇତ୍ୟାଦି ଜୀବନ ସକାଶେ ଆବଶ୍ୟକ। ସଂସାରରେ ଯେତେ ବସ୍ତୁ ଅଛି କୌଣସି ଗୋଟିକୁ ବାଦ୍ ଦେଲେ ଚଳିବ ନାହିଁ। ଯଦି ସେସବୁର କୌଣସି ଆବଶ୍ୟକତା ନ ଥା'ନ୍ତା, ତେବେ ଏ ସବୁକୁ ଭଗବାନ୍ ସର୍ଜନା କରି ନ ଥା'ନ୍ତେ। କେବଳ ସୃଷ୍ଟି କରିଥା'ନ୍ତେ ଧାନ, ଗହମ ଆଦି ଫସଲ ଉତ୍ପନ୍ନ କରିବା ବ୍ୟକ୍ତିଙ୍କୁ। ଭଗବାନ୍ ଏପରି ଚତୁର ଶିରୋମଣି ଶିଳ୍ପୀ ଯେ ତାଙ୍କର ପ୍ରତ୍ୟେକ ଉତ୍ପନ୍ନ ବସ୍ତୁର ଆବଶ୍ୟକତା ରହିଛି, କିଛି ବି ନିରର୍ଥକ ନୁହେଁ। ସୁତରାଂ ଆଧାତ୍ମିକତା ନିରର୍ଥକ ବସ୍ତୁ ନୁହେଁ – ସଂସାର ନିମିତ୍ତ ଓ ଜୀବନଧାରଣ କରିବା ନିମିତ୍ତ ବିଶେଷ ଆବଶ୍ୟକ ବସ୍ତୁ।

ଫେରେ ଜୀବନର ସମସ୍ତ ବାହ୍ୟ ଆବଶ୍ୟକତା, ଆରାମ ଓ ସୁଖର ବସ୍ତୁ ଥିବା ସତ୍ତ୍ୱେ ଯଦି ଅନ୍ତରରେ ହିଂସା, ଦ୍ୱେଷ, ଅସୂୟା, କାମ ଓ କ୍ରୋଧରେ ହୃଦୟ ଜଳେ, ତେବେ ବାହ୍ୟ ଆରାମ-ବସ୍ତୁ ସୁଖ ଦେଇ ପାରିବ କି ?

ଅଥବା ଯଦି ଘର ସମସ୍ତ ସୁଖ ଓ ଧନ-ସମ୍ପତ୍ତିରେ ପରିପୂର୍ଣ୍ଣ ଥିବା ସତ୍ତ୍ୱେ ଶତ୍ରୁ ଆସି କିରୋସିନ୍ ତେଲ ଢାଳି ଘରେ ଅଗ୍ନି ଲଗାଇ ଘରୁ ବାହାରିବାର ଦ୍ୱାର ବନ୍ଦ କରି ଦିଅନ୍ତି, ତେବେ ସେତେବେଳେ କ'ଣ ହେବ ? କାତର ହୋଇ ହୃଦୟରୁ ଡାକ ଆସିବ – ''ହାୟ, ଭଗବାନ୍ ! ରକ୍ଷାକର ।'' ସେତେବେଳେ ପୋଲିସ, ମାଜିଷ୍ଟ୍ରେଟ ଅଥବା ମିନିଷ୍ଟରଙ୍କ ସ୍ମରଣ ହେବ ନାହିଁ ! ଅଥବା ଏକ ଦେଶ ଅନ୍ୟ ଦେଶ ଉପରେ ଆକ୍ରମଣ କରି ନିର୍ଦ୍ଦୟ ଭାବରେ ଗୋଳା ବାରୁଦରେ ଘର, ପଶୁ, ମନୁଷ୍ୟଙ୍କୁ ଜଳାଇଦେବା ସମୟରେ ଭୋଜନ ମନେ ପଡ଼ିବ ନାହିଁ, ମନେ ପଡ଼ିବ, ଡାକ ଆସିବ ଭଗବାନ୍ ।

***ପ୍ରଶ୍ନ** : ବିପଦରୁ ରକ୍ଷା କରିବା ସକାଶେ ଦେଶର ଗଭର୍ଣ୍ଣମେଣ୍ଟ ଅଛି । ଏକ ଦେଶକୁ ଅନ୍ୟ ଦେଶର ଆକ୍ରମଣରୁ ରକ୍ଷା କରିବା ପାଇଁ ମଧ୍ୟ ଜାତିସଂଘ ଅଛି । ଜୀବନ ସୁଚାରୁରୂପେ ଚଳାଇବା ସକାଶେ ଆଧ୍ୟାତ୍ମିକତା ବା ଭଗବାନଙ୍କର ଆବଶ୍ୟକତା କ'ଣ ?*

**ଉତ୍ତର** : ଜାତିସଂଘ ଅଥବା ଗଭର୍ଣ୍ଣମେଣ୍ଟରେ କାର୍ଯ୍ୟ କରିବା ବ୍ୟକ୍ତି ଏବଂ ସେନା ବା ପୋଲିସ ନୈତିକ ନିୟମ ମାନୁଛନ୍ତି ବୋଲି ଶାସନ ବା ନ୍ୟାୟ ଚାଲୁଛି । ଯଦି ନୈତିକତାକୁ କେହି ନ ମାନନ୍ତେ, ତେବେ ସମସ୍ତ ବ୍ୟବସ୍ଥା ହୁଅନ୍ତା ବିଶୃଙ୍ଖଳ ।

***ପ୍ରଶ୍ନ** : ନୈତିକ-ବିଧାନର ନିର୍ମାତା ହେଉଛି ବୁଦ୍ଧି । ବୁଦ୍ଧିର କୌଶଳରେ ସମସ୍ତ ନୈତିକ ନିୟମକୁ ମନୁଷ୍ୟ ମାନିବାକୁ ବାଧ୍ୟ ହେଉଛି, ସଂସାର ସୁଚାରୁରୂପେ ନ ଚଳିବାର କୌଣସି କାରଣ ନାହିଁ ।*

**ଉତ୍ତର** : ଯଦି ନୈତିକ ନିୟମକୁ ବୁଦ୍ଧି ଶାସନ କରେ, ତେବେ ପ୍ରତ୍ୟେକ ବ୍ୟକ୍ତି ନୈତିକ ନିୟମ ପାଳନ କରୁଥା'ନ୍ତେ, ଅନୀତି, ଅତ୍ୟାଚାରର ସ୍ଥାନହିଁ ନ ଥା'ନ୍ତା । ଏପରି ତ ଦେଖାଯାଉ ନାହିଁ : ନୀତି-ଅନୀତି, ସତ୍ୟ-ଅସତ୍ୟ, ସମତା-ବିଷମତା ଓ ହିଂସା-ଅହିଂସାରେ ବ୍ୟକ୍ତି ପରିଚାଳିତ ହେଉଛନ୍ତି ।

***ପ୍ରଶ୍ନ** : ବିକାଶଶୀଳ ବୁଦ୍ଧି ମନୁଷ୍ୟକୁ ନୀତିର ପ୍ରେରଣା ଦିଏ । ଅବିକଶିତ ବୁଦ୍ଧିର ନୀତି-ଅନୀତିର ବିବେକ ନ ଥାଏ, ସେନେଇ ବ୍ୟକ୍ତି ଅନୀତି ଆଚରଣ କରେ ।*

**ଉତ୍ତର** : ଚୋର, ଡକାୟତ, ଖୁଣୀ ଓ ଅନ୍ୟର ସମ୍ପତ୍ତିକୁ କଳ-କୌଶଳରେ ଆତ୍ମସାତ୍ କରିବା ବ୍ୟକ୍ତିଙ୍କର ବୁଦ୍ଧି କ'ଣ ଅବିକଶିତ ? ଯଦି ବିକଶିତ ବୁଦ୍ଧି, ନୀତି-ଅନୀତିର ପ୍ରେରକ ହୁଅନ୍ତା, ତେବେ ଏମାନଙ୍କୁ ନୀତି-ପ୍ରେରଣା ଦେଇ ଅସତ୍, ହିଂସା, ଦ୍ୱେଷାଦି ସମସ୍ତ ଦୁର୍ଗୁଣରୁ ରକ୍ଷାକରି ସତ୍ୟ ଆଚରଣ କରିବାକୁ ବାଧ୍ୟ କରାଯାଇ ପାରନ୍ତା । ଫେରେ ତ ଅନ୍ତର୍ରାଷ୍ଟ୍ରୀୟ ସଭା, ଗଭର୍ଣ୍ଣମେଣ୍ଟ ଓ ପୋଲିସର ଆବଶ୍ୟକତା ରହନ୍ତା ନାହିଁ । ସଂସାର ହୋଇଯା'ନ୍ତା ସ୍ୱର୍ଗ । ଫେରେ କେତେକ ଆଧ୍ୟାତ୍ମିକ ସାଧକ ଦେଖାଯାଆନ୍ତି ଯେଉଁମାନଙ୍କର ବୁଦ୍ଧି ବିକଶିତ ହୋଇଥାଉ ବା ନ ହୋଇଥାଉ ସେମାନେ ସର୍ବଦା ସତ୍ୟ ଆଚରଣ କରନ୍ତି, ଅସତ୍ୟ ଓ ଅନୀତିକୁ ବର୍ଜନ କରନ୍ତି ।

ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ନୀତି, ଅନୀତି, ସତ୍, ଅସତ୍ ଏହି ଦୁଇଟି ସ୍ୱତନ୍ତ୍ର ଶକ୍ତି । ଏସବୁ କୌଣସି ଅବସ୍ଥାରେ କିଛି ଦୂର ପର୍ଯ୍ୟନ୍ତ ବୁଦ୍ଧିର ପରାମର୍ଶକୁ କେବେ କେବେ ସ୍ୱୀକାର କରନ୍ତି କିନ୍ତୁ ପ୍ରଧାନତଃ ନିଜ ମତ ଅନୁସାରେ ପରିଚାଳିତ ହେବା ସକାଶେ ବୁଦ୍ଧିକୁ ବାଧ୍ୟ କରନ୍ତି । ଏହାର ପ୍ରମାଣ ସ୍ୱରୂପ କେହି କେହି ଉତ୍କୃଷ୍ଟ ବୁଦ୍ଧି-ସମ୍ପନ୍ନ ବ୍ୟକ୍ତିଙ୍କ ଦ୍ୱାରା ପୂର୍ଣ୍ଣ ଅନୀତି ଓ ଅସତ୍ କାର୍ଯ୍ୟ ହେଉଥିବାର ବରାବର ଦେଖାଯାଏ ।

ସଂସାର ଚାଳିତ ହୁଏ ଦୁଇଟି ଶକ୍ତି ଦ୍ୱାରା : ଗୋଟିଏ ଭଗବାନଙ୍କର ଭାଗବତୀ ଶକ୍ତି, ଅନ୍ୟଟି ସେହି ଭଗବାନଙ୍କର ବିକୃତ ଆସୁରୀ ଶକ୍ତି । ଭାଗବତୀ ଶକ୍ତି ସଂସାର ପରିଚାଳନା ନିମିତ୍ତ ନୀତି ରୂପରେ ନିଜକୁ ପ୍ରଘଟ କରେ । ଭାଗବତୀ ଶକ୍ତିର ଠିକ୍ ବିପରୀତ କ୍ରିୟା ଆସୁରୀ ଶକ୍ତିର । ଏହି ଦୁଇ ଶକ୍ତି ବରାବର ଚାହାନ୍ତି ବ୍ୟକ୍ତି ଉପରେ ଆଧିପତ୍ୟ ବିସ୍ତାର କରି ନିଜ ଇଚ୍ଛା ଅନୁସାରେ ବ୍ୟକ୍ତିକୁ ପରିଚାଳିତ କରିବାକୁ । ଆସୁରୀ ଶକ୍ତି ବଳପୂର୍ବକ ବ୍ୟକ୍ତିକୁ ଅର୍ଥାତ୍ ତା'ର ବୁଦ୍ଧିକୁ ଅଧିକାର କରି ଯନ୍ତ୍ର କରି ନିଏ, କିନ୍ତୁ ଭାଗବତୀ ଶକ୍ତି ଜବରଦସ୍ତି କରେ ନାହିଁ, ପ୍ରତୀକ୍ଷା କରେ ବ୍ୟକ୍ତିର ସମ୍ମତିକୁ । ବ୍ୟକ୍ତିର ବୁଦ୍ଧିରେ ଭାଗବତୀ

ଶକ୍ତିର ସ୍ଥାନ ତେବେ ହୁଏ ଯେବେ ସଂସାର ବାତାବରଣରେ ତା'ର ପ୍ରଭାବ ଥାଏ ଏବଂ ସେହି ପ୍ରଭାବ ବ୍ୟକ୍ତିର ବୁଦ୍ଧିରେ ପଡ଼େ, ବ୍ୟକ୍ତି ଭାଗବତୀ ଶକ୍ତିକୁ ଚାହେଁ ଏବଂ ଭାଗବତୀ ଶକ୍ତିର ଅହିଂସା, ସତ୍ୟ, ନ୍ୟାୟ ପ୍ରଭୃତି ଗୁଣ ବ୍ୟକ୍ତି ମଧ୍ୟରେ ପ୍ରବେଶ କରେ, ତା'ର ବୁଦ୍ଧିକୁ ପ୍ରେରଣା ଦିଏ । ସଂସାରର ବାତାବରଣରେ ଭାଗବତୀ ଶକ୍ତିର ପ୍ରଭାବ ଆସିବାର ଏକମାତ୍ର ଉପାୟ ହେଉଛି ଅଧ୍ୟାତ୍ମ-ସାଧନା । ଯେଉଁ ଅଧ୍ୟାତ୍ମ-ସାଧକମାନେ ଆସୁରୀ ଶକ୍ତିର କାମ, କ୍ରୋଧ, ମଦ ଓ ମାତ୍ସର୍ଯ୍ୟାଦି ସମସ୍ତ କ୍ରିୟାକୁ ତ୍ୟାଗ କରି ଭାଗବତୀ ଶକ୍ତିକୁ ଧାରଣ କରିଅଛନ୍ତି ଏବଂ ତାଙ୍କରି ଦ୍ୱାରା ପରିଚାଳିତ ହେଉଅଛନ୍ତି, ସେମାନଙ୍କର ବାତାବରଣ ସଂସାରରେ ପ୍ରସାରିତ ହୋଇ ଅନ୍ୟ ବ୍ୟକ୍ତିଙ୍କ ବୁଦ୍ଧିକୁ ପ୍ରଭାବିତ କରେ । ଏହିପରି ଯେତେ ବେଶୀ ଯଥାର୍ଥ ଅଧ୍ୟାତ୍ମ-ସାଧକ ହୁଅନ୍ତି, ସେହିମାନଙ୍କ ଦ୍ୱାରା ତେତେ ବେଶୀ ସତ୍ୟ ଆଚରିତ ହୁଏ ଓ ସଂସାରରେ ସତ୍ୟ ବାତାବରଣର ବିସ୍ତାର ହୁଏ । ସତ୍ୟ ଆଚରଣର ପ୍ରଭାବ ବେଶୀ ହେଲେ ଅସତ୍ୟ ହ୍ରାସ ହେବାକୁ ଲାଗେ । ସତ୍ୟର ଉଦ୍‌ଗମ ସ୍ଥାନ ଭଗବାନ୍ । ଅଧ୍ୟାତ୍ମ-ସାଧକ ଭଗବାନଙ୍କ ଚେତନା ସଙ୍ଗେ ନିଜ ଚେତନାକୁ ଏକ କରି ଦେବାରୁ ସେମାନେ ଭଗବାନଙ୍କ ସଂକଳ୍ପ ଓ ଭାଗବତୀ ଶକ୍ତି ଦ୍ୱାରା ଚାଳିତ ହୁଅନ୍ତି; ସେମାନଙ୍କ ମଧ୍ୟରେ ଆସୁରୀ ଶକ୍ତି ପ୍ରବେଶ କରିପାରେ ନାହିଁ । ଯେତେବେଳେ ଯଥାର୍ଥ ଅଧ୍ୟାତ୍ମ-ସାଧକମାନଙ୍କ ସଂଖ୍ୟା ଅଧିକ ହୁଏ, ସେତେବେଳେ ପବିତ୍ର ବାତାବରଣ ସଂସାରରେ ପ୍ରସାରିତ ହୋଇଯାଏ ଏବଂ ତାହା ଲୋକମାନଙ୍କ ହୃଦୟକୁ ଶୁଦ୍ଧ କରିଦିଏ; ସେମାନଙ୍କ ବୁଦ୍ଧିରେ ନୈତିକ ସଦ୍‌ଗୁଣ ପ୍ରେରଣା ଦିଏ । ସଂସାରରେ ସାଧାରଣ ବ୍ୟକ୍ତିମାନଙ୍କ ମଧ୍ୟରେ ଯେଉଁ ସଦ୍‌ଗୁଣ ଦେଖାଯାଏ ତାହାର କାରଣ ହେଉଛି ଅଧ୍ୟାତ୍ମ-ବାତାବରଣ । ସଦ୍‌ଗୁଣର ଆଧିକ୍ୟରେ ଦୁର୍ଗୁଣ ହ୍ରାସ ହୋଇଗଲେ ଆସୁରୀ ଶକ୍ତିର ପ୍ରଭାବ କମ୍ ହୋଇଯାଏ । ଯେତେବେଳେ ଅଧ୍ୟାତ୍ମ-ସାଧକମାନଙ୍କର ସଂଖ୍ୟା କମ୍ ହୋଇଯାଏ ସେତେବେଳେ ଦୁର୍ଗୁଣ ବଢ଼େ ଓ ଆସୁରୀ ଶକ୍ତିର ପ୍ରଭାବ ବୃଦ୍ଧି ହୁଏ । ସଂସାରର ଏହି ସଂକଟ ସମୟରେ ଭଗବାନ୍ ଅବତାର ନେଇ ପୁନରାୟ ସତ୍ୟ-ରାଜ୍ୟ ସ୍ଥାପନ କରନ୍ତି । ସତ୍-ସ୍ୱରୂପ ଭଗବାନ୍ ଓ ଦିବ୍ୟଗୁଣ ଧାରଣ କରିବା ବ୍ୟକ୍ତି ଅଧ୍ୟାତ୍ମ-ସାଧକମାନଙ୍କ ଦ୍ୱାରାହିଁ ସଂସାରରେ ସତ୍ୟଗୁଣର ପ୍ରସାର ହୁଏ ଏବଂ ସଂସାର ସୁଚାରୁରୂପେ ପରିଚାଳିତ ହୁଏ । ସଂସାରରୁ ସତ୍ୟ ପୂର୍ଣ୍ଣରୂପେ ନାଶ ହେଲେ ମହାପ୍ରଳୟ ହୋଇଯାଏ, ଏଣୁ ଅଧ୍ୟାତ୍ମ-ସାଧକ ସଂସାରରେ ଅନୁପଯୋଗୀ ନୁହନ୍ତି । ସଂସାରକୁ ସତ୍ୟ ପଥରେ ପରିଚାଳନା କରିବା ନିମିତ୍ତ ସେମାନେ ଅତ୍ୟନ୍ତ ଆବଶ୍ୟକ । ସେହି ସକାଶେ ବୈଦିକ ଯୁଗରୁ ଆଜି ପର୍ଯ୍ୟନ୍ତ ସାଧାରଣ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ରାଜା ମହାରାଜା ଏବଂ ମୂର୍ଖରୁ ପଣ୍ଡିତ ପର୍ଯ୍ୟନ୍ତ ସେମାନଙ୍କୁ ସେବା କରୁଛନ୍ତି, ସମ୍ମାନ କରୁଛନ୍ତି, ସେମାନଙ୍କ ଦର୍ଶନରେ ନିଜକୁ କୃତାର୍ଥ ମଣୁଛନ୍ତି ।

***ପ୍ରଶ୍ନ :*** *ସଂସାରରେ ସତ୍ୟ, ଧର୍ମ, ନ୍ୟାୟର ପ୍ରସାର ଅଧ୍ୟାତ୍ମ-ସାଧକମାନଙ୍କ ଦ୍ୱାରା ହୁଏ । ଏହିସବୁ ସଦ୍‌ଗୁଣ ଯୋଗୁଁ ସଂସାରରେ ସାମଞ୍ଜସ୍ୟ ରହେ ଏବଂ ସଂସାର ସୁସଂଗଠିରେ ପରିଚାଳିତ ହୁଏ — ଏହା ସତ୍ୟ କିନ୍ତୁ ଅଧ୍ୟାତ୍ମ-ସାଧକମାନେ କର୍ମକୁ ତ୍ୟାଗ କରନ୍ତି । ଏହି କର୍ମ ତ୍ୟାଗର ପ୍ରଭାବ ସାଧାରଣ ଜନତା ଉପରେ ପଡ଼େ, ସେମାନଙ୍କର କର୍ମରୁ ରୁଚି କମ୍ ହୋଇଯାଏ । ବର୍ତ୍ତମାନ ବୈଜ୍ଞାନିକ ଯୁଗରେ ଯଦି ମନୁଷ୍ୟ କର୍ମତତ୍ପର ନ ହେବ ତେବେ ଦେଶର ଉନ୍ନତି ହେବ ନାହିଁ ଏବଂ ଅନ୍ୟ ଦେଶ ସଙ୍ଗେ ପାଦ ମିଳାଇ ଚାଲିପାରିବ ନାହିଁ । ଏହି କାରଣରୁ ଅଧ୍ୟାତ୍ମ-ସାଧକମାନଙ୍କ ଦ୍ୱାରା ଏକ ଦିଗରେ ଯେପରି ସଂସାରର ହିତ ହୁଏ ଅନ୍ୟ ଦିଗରେ ମଧ୍ୟ ସେହିପରି ସଂସାରର ଉନ୍ନତିରେ ବାଧାପଡ଼େ । ଏହା କ'ଣ ଯଥାର୍ଥ ନୁହେଁ ?*

**ଉତ୍ତର :** ଏହି ପ୍ରଶ୍ନ ପୂର୍ଣ୍ଣତଃ ଯୁକ୍ତିଯୁକ୍ତ ନୁହେଁ । ଅଧ୍ୟାତ୍ମ ଧର୍ମ ଦ୍ୱାରା ସଂସାରର କେବେ ବି କ୍ଷତି ହୋଇ ନାହିଁ । ସଂସାରର ସମୟୋପଯୋଗୀ ଆବଶ୍ୟକତା ଅନୁସାରେ ଭଗବାନ୍ ସ୍ୱୟଂ ଆସନ୍ତି ଅଥବା ନିଜ ବିଭୂତି ସ୍ୱରୂପ ମହାପୁରୁଷମାନଙ୍କୁ ପଠାଇ ଧର୍ମ ପ୍ରଚାର କରନ୍ତି । ସଂସାରୀ ବ୍ୟକ୍ତି ରଜୋଗୁଣରେ ଏପରି ଲିପ୍ତ ହୋଇ କର୍ମ କରୁଥିଲେ ଯେ ସେତେବେଳେ ଯଦି ସେହି କର୍ମ ନିବୃତ୍ତି ମାର୍ଗରେ ଆଦର୍ଶ ଶିକ୍ଷା ଦିଆ ନ ହୋଇଥା'ନ୍ତା ତେବେ ଲୋକେ ଭଗବାନଙ୍କୁ ଏକେବାରେ ବିସ୍ମରଣ କରି ହିଂସାତ୍ମକ ରାଜସିକ କର୍ମ-ସ୍ରୋତରେ ବୁଡ଼ି ଯାଇଥା'ନ୍ତେ । ସେନେଇ ସେହି ସମୟ ସକାଶେ ପୁରାତନ ଯୋଗରେ କର୍ମନିବୃତ୍ତି ଶିକ୍ଷା ଉଚିତ ଥିଲା ।

ବର୍ତ୍ତମାନ ଏହି ଆଣବିକ ଯୁଗରେ ପୂର୍ବ ଅଧ୍ୟାତ୍ମ-ଧର୍ମ

ପରି କର୍ମ ତ୍ୟାଗ କଲେ ଚଳିବ ନାହିଁ, ଆଧାତ୍ମିକ ଶକ୍ତି ଦ୍ୱାରା କର୍ମକୁ ନିୟନ୍ତ୍ରଣ କରିବାକୁ ହେବ ଏବଂ ହିଂସା, ଦ୍ୱେଷ, ଈର୍ଷା, ଘୃଣାକୁ ରୂପାନ୍ତର କରି, ସମତା, ଶାନ୍ତି, ଅହିଂସା, ଭ୍ରାତୃତ୍ୱାଦି ଦିବ୍ୟଗୁଣ ସଂସାରରେ ସ୍ଥାପନ କରିବାକୁ ହେବ । ତେବେ ଯାଇ ସଂସାରରେ ସାମଞ୍ଜସ୍ୟ ସ୍ଥାପିତ ହେବ ।

ଏହି କାର୍ଯ୍ୟ କରିବା ସକାଶେ ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଥିଲେ । ସେ ନିଜ ଜ୍ଞାନ-ଦୃଷ୍ଟିରେ ଦେଖିଲେ ଯେ ଉଚ୍ଚତର ଅତିମାନସ ଶକ୍ତି ଏହି ପୃଥିବୀରେ ଆସି ଶରୀର, ପ୍ରାଣ ଓ ମନକୁ ପୂର୍ଣ୍ଣ ରୂପାନ୍ତର ନ କଲେ କର୍ମ ଅଧାତ୍ମ-କ୍ରିୟାରେ ପରିଣତ ହୋଇ ପାରିବ ନାହିଁ କିଂବା ଆଧାତ୍ମିକତା ପୂର୍ବ ପରି ବରାବର ହ୍ରାସ ନ ହୋଇ ସ୍ଥାୟୀ ରୂପେ ରହି ପାରିବ ନାହିଁ । ଶ୍ରୀଅରବିନ୍ଦ ଭଗବାନଙ୍କ ବିଧାନାନୁସାରେ ନିଜ ତପସ୍ୟା ବଳରେ ଅତିମାନସ ମହାଶକ୍ତିକୁ ୧୯୫୦ ମସିହାରେ ଉତାରି ଆଣିଥିଲେ । ସେହି ଶକ୍ତି ୧୯୫୬ ମସିହାରେ ପୃଥିବୀରେ ଆବିର୍ଭୂତ ହୋଇ ମା'ଙ୍କ ଦ୍ୱାରା ରୂପାନ୍ତର କ୍ରିୟା କରୁଅଛି । ସେହି ଅତିମାନସ ଶକ୍ତିହିଁ କେବଳ ମନ, ପ୍ରାଣ, ଶରୀର ଓ କର୍ମକୁ ରୂପାନ୍ତରିତ କରିପାରେ ଏବଂ ଏହି ମର୍ତ୍ତ୍ୟଲୋକରେ ସ୍ୱର୍ଗ ସ୍ଥାପନ କରି ତାକୁ ସ୍ଥାୟୀ ରୂପେ ରଖିପାରେ । ❑

# କୃପାମୟୀ ମା'

## ଶୈଳବାଳା ମହାପାତ୍ର

ମୋ ଅନ୍ତରେ ସଦା ରହିଛ ଜନନୀ
ସାରା ରାତି ସାରା ଦିନ,
ନିଥର ମରୁରେ ମନ୍ଦାକିନୀ ଭରି
ସଜାଇଛ ମନ ଉପବନ ।

ମହାଶୂନ୍ୟ ଏହି ଅନନ୍ତ ଆକାଶେ
ଦିଗହରା ପକ୍ଷୀ ମୁହିଁ,
ଆଶ୍ରୟର ନୀଡ଼ ରଚି ଦେଇଅଛ
ମା' ତୁମେ ସ୍ନେହମୟୀ ।



ସାଗର କୂଳର ଶାମୁକାଟିଏ ମୁଁ
ଫେରୁଥିଲି ଭାସି ବାର ବାର,
ତୁମ କୃପା ବାରି ପରଶରେ ମା'
ମୁକୁତାରେ ହେଲି ଝଲମଲ ।

ମୋ ମନ ବାସନ୍ତୀ କୁଞ୍ଜେ ସୁର ତୋଳୁ
ସୁମଧୁର ତୁମ ମା' ନାମ,
ଦିଅ ଶୁଭାଶିଷ ଜଗତ ଜନନୀ
ଦିବ୍ୟ ପାଦେ ସଦା ରହୁ ମନ ।

❑❑❑

# ଶ୍ରୀଅରବିନ୍ଦ ଓ ଅତିମାନସ ସୃଷ୍ଟି

## ପ୍ରପତ୍ତି

୧୯୩୩ ସାଲରେ, ଆଜିକୁ ପ୍ରାୟ ଚାଳିଶ ବର୍ଷ ତଳେ* ଜଣେ ବୁଦ୍ଧିଜୀବୀ ଶ୍ରୀଅରବିନ୍ଦଙ୍କୁ ପୃଥିବୀର ନୈରାଶ୍ୟଜନକ ଅବସ୍ଥା ବିଷୟରେ ଉଲ୍ଲେଖ କରି ଏକ ପ୍ରଶ୍ନ କରିଥିଲେ । ପ୍ରଶ୍ନକର୍ତ୍ତା ଲେଖିଥିଲେ :

''ପୃଥିବୀରେ ଯାହାସବୁ ଘଟୁଛି ସେଥିରେ ମୁଁ ଘୋର ଉଦ୍‌ବିଗ୍ନ । ସର୍ବତ୍ର ଦୁଃଖ ଦୁର୍ଦ୍ଦଶାର ରାଜୁତି ଚାଲିଛି । ମଣିଷର ସବୁଥିରେ ବିଶ୍ୱାସ ତୁଟି ଯାଇଛି ଏବଂ ଏପରି କି ରବୀନ୍ଦ୍ର ନାଥ ଠାକୁର, ରୋମାଁ ରୋଲାଙ୍କ ପରି ବୁଦ୍ଧିଜୀବୀଗଣ ଏପରି ଏକ ଯୁଗର ଅବସାନ ନିମିତ୍ତ ସ୍ୱର ଉଠାଇଛନ୍ତି । ... ମୋର ଭୟ ହୁଏ ଯେ ପରିଶେଷରେ ଏହି ନଷ୍ଟଭ୍ରଷ୍ଟ ପୃଥିବୀକୁ ଯଥାଶକ୍ତି ଭାସିବାକୁ ବା ବୁଡ଼ିବାକୁ ଛାଡ଼ି ଦେଇ ବା ଏହାକୁ ସେହି ଅବସ୍ଥାରେ ତ୍ୟାଗ କରି ଆପଣ ଓ ଶ୍ରୀମା ଏକ ବିଶ୍ୱାତୀତ ସମାଧି ମଧ୍ୟକୁ ଚାଲିଯିବେ । ତାହାହିଁ ସର୍ବୋତ୍ତମ ବିଜ୍ଞତାର କାର୍ଯ୍ୟ ହେବ, କିଏ ଜାଣେ ?''

ଶ୍ରୀଅରବିନ୍ଦ ଦୃଢ଼ କଣ୍ଠରେ ଏହାର ପ୍ରତିବାଦ କରି ଲେଖିଥିଲେ – ''ଏପରି କରିବାର ମୋର କୌଣସି ପ୍ରବୃତ୍ତି ବା ଇଚ୍ଛା ନାହିଁ । ଏପରି କି ସବୁ କିଛି ଧ୍ୱଂସ ହୋଇଗଲେ ମଧ୍ୟ ମୁଁ ଧ୍ୱଂସର ପରବର୍ତ୍ତୀ ନବସୃଷ୍ଟି ଦିଗରେ ଦୃଷ୍ଟି ଦେବି । ଯାହା ଜଗତରେ ଘଟୁଛି ତାହା ମୋତେ ବିଚଳିତ କରୁ ନାହିଁ, କାରଣ ମୁଁ ବହୁ ଆଗରୁ ଜାଣିଛି ଯେ ସବୁ ବିଷୟ ଏହିପରି ଭାବରେହିଁ ଘଟିବ ଏବଂ ବୁଦ୍ଧିଜୀବୀ, ଆଦର୍ଶବାଦୀମାନଙ୍କ ଆଶା ସହିତ ମୁଁ ଏକମତ ହୋଇପାରି ନାହିଁ । ତେଣୁ ମୋର କୌଣସି ପ୍ରକାର ହତୋତ୍ସାହ ଆସି ନାହିଁ ।''

ସଂସାରର ଘୋର ଦୁର୍ଦ୍ଦିନ ଓ ଦୁରବସ୍ଥା କଥା ଶ୍ରୀଅରବିନ୍ଦ ଭଲ ଭାବେ ଜାଣିଥିଲେ ଏବଂ ଠିକ୍ ଏହି ଯୋଗୁଁ ନୂତନ ସୃଷ୍ଟି ଆସନ୍ନ ଏବଂ ଏହି ସୃଷ୍ଟି ହେଲା ଅତିମାନସ ସୃଷ୍ଟି – ଏକଥା ମଧ୍ୟ ସେ ସ୍ପଷ୍ଟ ରୂପେ ଘୋଷଣା କରିଛନ୍ତି । ୧୯୩୪ ସାଲରେ ଅନ୍ୟ ଏକ ପତ୍ରରେ ଶ୍ରୀଅରବିନ୍ଦ ମୁକ୍ତ କଣ୍ଠରେ ଓ ନିଶ୍ଚିତ ରୂପେ ଉଲ୍ଲେଖ କରିଥିଲେ, ''ସଂସାରର ଶୋଚନୀୟ ଅବସ୍ଥା କଥା ମୁଁ ପୂର୍ବରୁ ଲେଖିଛି । ଏ ବିଷୟରେ ସୂକ୍ଷ୍ମଦର୍ଶୀମାନଙ୍କର ସାଧାରଣ ମତ ହେଲା ଯେ ସଂସାର ଯେତେ ଅଧିକରୁ ଅଧିକତର ଖରାପ ହେବ, ଊର୍ଦ୍ଧ୍ୱରୁ ଏକ ଦିବ୍ୟ ହସ୍ତକ୍ଷେପ ବା ନବପ୍ରକାଶର ସମ୍ଭାବନା ସେତେ ଅଧିକ ହୋଇ ଉଠିବ । ସାଧାରଣ ମନ ଏହା ଜାଣିପାରେ ନାହିଁ । ତେଣୁ ସେ ତାହାକୁ ହୁଏତ ବିଶ୍ୱାସ କରିବ, ନଚେତ ଅବିଶ୍ୱାସ କରିବ ବା ଅପେକ୍ଷା କରିବ ଦେଖିବା ନିମିତ୍ତ ।

''ପ୍ରଶ୍ନ ହେଲା ପ୍ରକୃତରେ କିଛି ଘଟୁ ବୋଲି ଭଗବାନ୍ ଚାହାନ୍ତି କି ନାହିଁ, ମୁଁ ବିଶ୍ୱାସ କରେ ଏହା ତାଙ୍କର ଅଭିପ୍ରାୟ । ପୂର୍ଣ୍ଣ ନିଶ୍ଚିତତା ସହ ମୁଁ ଜାଣେ ଯେ ଅତିମାନସ ଏକ ସତ୍ୟ ଏବଂ ଘଟଣାର ଧାରାରେ ଏହାର ଅବତରଣ ଅବଶ୍ୟମ୍ଭାବୀ । ଏଠାରେ ପ୍ରଶ୍ନ ହେଉଛି କେବେ ଓ କିପରି ଏହା ଆସିବ । ତାହା ମଧ୍ୟ ଊର୍ଦ୍ଧ୍ୱରେ କୌଣସି ସ୍ତରରେ ସ୍ଥିରୀକୃତ ଓ ପୂର୍ବ ନିର୍ଦ୍ଧାରିତ ହୋଇଛି । କିନ୍ତୁ ଏଠାରେ ପରସ୍ପର ବିରୋଧୀ ବିଭିନ୍ନ ଶକ୍ତିଙ୍କର ତୁମୂଳ ସଂଘର୍ଷ ମଧ୍ୟରେ ଏହାର ଆଗମନର ପଥ ପ୍ରସ୍ତୁତ ହେଉଛି । କାରଣ ପାର୍ଥିବ ଜଗତର ପୂର୍ବ ନିର୍ଦ୍ଧାରିତ ଫଳାଫଳ ସର୍ବଦା ଗୁପ୍ତ ଥାଏ ଏବଂ ଆମେ ଯାହା ଦେଖୁ ତାହା ହେଲା ସମ୍ଭାବନାରାଜି ଓ ଶକ୍ତିର ଏକ ଘୂର୍ଣ୍ଣି । ପୃଥିବୀ ଯେଉଁ ବସ୍ତୁ ପ୍ରାପ୍ତି ପାଇଁ ଚେଷ୍ଟା କରୁଛି ତାହାର ନିୟତି ମଣିଷ ଚକ୍ଷୁର ଅନ୍ତରାଳରେ ଅଛି । ଏହା ସୁନିଶ୍ଚିତ ଯେ ଏହାକୁ ବର୍ତ୍ତମାନ କାଳରେ ସିଦ୍ଧ କରିବା ପାଇଁ କେତେକ ଆତ୍ମାଙ୍କୁ ପୃଥିବୀପୃଷ୍ଠକୁ ପଠାଯାଇଛି । ଏହାହିଁ ହେଲା ବର୍ତ୍ତମାନ ପରିସ୍ଥିତି । ମୋର ବିଶ୍ୱାସ ଓ ସଙ୍କଳ୍ପ ହେଉଛି ଏହା ବର୍ତ୍ତମାନହିଁ ସଂଘଟିତ ହେବ ।'' ...

ସୁତରାଂ ଅତିମାନସର ଅବତରଣ ଫଳରେ ଏକ ନବୀନ ସୃଷ୍ଟି ସମ୍ଭବ ହେବ – ଏ ବିଷୟରେ ଶ୍ରୀଅରବିନ୍ଦ ନିଃସନ୍ଦେହ ଥିଲେ ଏବଂ ଏହାହିଁ ତାଙ୍କର ସାଧନା ଓ ସିଦ୍ଧି । ଯେପରି ମାନସ ଶକ୍ତି ଅବତରଣ ଫଳରେ ମାନବଜାତିର ସୃଷ୍ଟି ହେଲା, ସେହିପରି ଅତିମାନସ ଅବତରଣ ଫଳରେ ଅତିମାନବ

* ପ୍ରବନ୍ଧଟିର ରଚନା କାଳ ୧୯୭୦ ଦଶକର ପ୍ରଥମାର୍ଦ୍ଧରେ ।

ଜାତିର ସୃଷ୍ଟି ହେବ । ତେବେ ଅତିମାନସ କ'ଣ ଏବଂ ଏହାର ଅବତରଣର ରହସ୍ୟ କ'ଣ ? ଏବଂ ଏକ ନବୀନ ଜାତି ଯେ ପୃଥିବୀପୃଷ୍ଠରେ ଏହା ସୃଷ୍ଟି କରିବ ଏହାର ଅର୍ଥ କ'ଣ ? କି ଉପାୟରେ ଏହି ସୃଷ୍ଟି ସମ୍ଭବ ହେବ ? ବର୍ତ୍ତମାନ କ'ଣ ସୃଷ୍ଟିର ବିଲୋପ ଘଟି ଏକ ପୂରାପୂରି ନୂଆ ସୃଷ୍ଟି ହେବ ? ଏହି ବିଭିନ୍ନ ବିଷୟରେ ସ୍ୱାଭାବିକ ରୂପେ ମନୁଷ୍ୟ ମନରେ ପ୍ରଶ୍ନ ହେବ ।

ଅତିମାନସ ହେଲା ପୂର୍ଣ୍ଣ ଦିବ୍ୟ ଅଧ୍ୟାତ୍ମ-ଶକ୍ତି । ଏହାହିଁ ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଶକ୍ତି, ପୂର୍ଣ୍ଣ-ଆନନ୍ଦର ଭୂମି । ଏହା ସର୍ବାଙ୍ଗୀନ, ପରିପୂର୍ଣ୍ଣ, ଅଖଣ୍ଡ ଦିବ୍ୟ-ଚେତନା, — ସତ୍-ଚେତନା । ଏହା ପୂର୍ଣ୍ଣ ଓ ସର୍ବାଂଶରେ ଜ୍ୟୋତିର୍ମୟ । ସଚ୍ଚିଦାନନ୍ଦଙ୍କୁ ଏହା ନିରାକାର ଭାବରେ ବ୍ୟକ୍ତ କରିପାରେ । ଅତିମାନସ ହେଲା ସ୍ୱୟମ୍ଭୂ ସତ୍ୟ-ଚେତନା ଏବଂ ସାକ୍ଷାତ୍ ସ୍ୱୟଂ ସମର୍ଥ ସତ୍ୟ-ଶକ୍ତି । ଏହାହିଁ ପୂର୍ଣ୍ଣ ଦିବ୍ୟ-ଅଧ୍ୟାତ୍ମ ଭୂମି । ଏହାକୁହିଁ ଉପନିଷଦ୍‌ରେ ବିଜ୍ଞାନମୟ କୋଷ ବୋଲି କୁହାଯାଇଛି । ବେଦରେ ଏହା 'ଋତ୍', 'ଚିତ୍' ବୋଲି ଉକ୍ତ ହୋଇଛି । ସୁତରାଂ ଏପରି ଏକ ପୂର୍ଣ୍ଣ, ସର୍ବ ସାମର୍ଥ୍ୟଯୁକ୍ତ, ସର୍ବ-ଆଲୋକମୟ, ସର୍ବ-ଜ୍ଞାନଯୁକ୍ତ ଶକ୍ତିର କ୍ରିୟାକୁ ଓ ଧର୍ମକୁ ବର୍ତ୍ତମାନ ପୃଥିବୀ ଧାରଣ କରିବା ମଧ୍ୟ ଅସମ୍ଭବ ।


ଚେତନାର ଅନୁପାତରେ କର୍ମ, ସ୍ୱଭାବ ଓ କ୍ରିୟାହିଁ ସ୍ଥିରୀକୃତ ହୁଏ । ଚେତନାହିଁ ସୃଷ୍ଟିର ସକଳ ବସ୍ତୁର ମୂଳତତ୍ତ୍ୱ, ଯେଉଁଠାରେ ଚେତନାର ପ୍ରକାଶ ଯେତେ ବେଶୀ ସେଠାରେ ସତ୍ୟ, ଜ୍ଞାନ ଓ ଶକ୍ତିର ସେତେ ପ୍ରକାଶ । ଚେତନାର ପରିବର୍ତ୍ତନ ବା ରୂପାନ୍ତର ଫଳରେହିଁ ସ୍ୱଭାବ, କର୍ମ ଓ ଜୀବନର ପରିବର୍ତ୍ତନ । ସଂସାର ଜୀବନ ବିକ୍ଷୋଭ, ଅଶାନ୍ତି, ଦ୍ୱନ୍ଦ୍ୱ ଓ ବିପର୍ଯ୍ୟୟର କ୍ଷେତ୍ର । ଏଠାରେ ଚେତନା ଖଣ୍ଡିତ, ସ୍ୱଳ୍ପ, କ୍ଷୁଦ୍ର, ସଙ୍କୀର୍ଣ୍ଣ, ବ୍ୟାହତ ଏବଂ ବିଲୁପ୍ତ ହୋଇ ରହିଛି । ସଂସାରର ମୂଳଭୂମି ଯେଉଁଠାରୁ ବିବର୍ତ୍ତନର ଊର୍ଦ୍ଧ୍ୱାୟନ ଗତି ତାହା ପୂର୍ଣ୍ଣ ଅନ୍ଧକାର, ପୂର୍ଣ୍ଣ ନିଶ୍ଚେତନା । ଏଠାରେ ଘୋର ତମସା ବା ଅନ୍ଧକାର । ଏହି ଅନ୍ଧକାରର ଏକ ରୂପ ହେଲା ମୃତ୍ୟୁ ଏବଂ ବର୍ତ୍ତମାନ ପୃଥିବୀର ଏକମାତ୍ର ପ୍ରଭୁ ହେଲେ ମୃତ୍ୟୁ । ମୃତ୍ୟୁର ଅଧୀନରେ ପୃଥିବୀ ରହିଛି । ଦୁଃଖ, ଅଶାନ୍ତି, ଜରା, ରୋଗ ଏଠାରେ ବସାବାନ୍ଧି ରାଜତ୍ୱ କରୁଛି । ଏଠାରେ କୌଣସି ଆଧ୍ୟାତ୍ମିକ ସମ୍ଭାବନା ନାହିଁ । ଏଠାରୁ, ଏହି ବିଶ୍ୱ ପ୍ରକୃତି ମଧ୍ୟରୁ ବିଦାୟ ନେଇ ଚାଲିଯିବା ଏବଂ ଊର୍ଦ୍ଧ୍ୱତନ ସତ୍ୟ ସହିତ ସଂଯୁକ୍ତ ହେବାହିଁ ମୁକ୍ତି ବା ନିର୍ବାଣ । ଏଠାରେ ନୁହେଁ ଊର୍ଦ୍ଧ୍ୱଲୋକରେ ମୁକ୍ତି, ଭଗବତ୍ ପ୍ରାପ୍ତି ସମ୍ଭବ — ଅର୍ଥାତ୍ ଏହି ଅପରା ପ୍ରକୃତି ମଧ୍ୟରୁ ମୁକ୍ତ ହେବା ଆମର ଚରମ ଲକ୍ଷ୍ୟ । ପୂର୍ବାଚାର୍ଯ୍ୟମାନେ ସୃଷ୍ଟିର ଚରମ ରହସ୍ୟକୁ ବୁଝିପାରି ନଥିଲେ ଏବଂ ଏହି ସୃଷ୍ଟିରୁ ବିଦାୟ ନେଇ ଊର୍ଦ୍ଧ୍ୱଚେତନାରେ ଅବସ୍ଥାନ କରିବାକୁ ଶ୍ରେୟସ୍କର ମନେ କରିଥିଲେ । ଶ୍ରୀଅରବିନ୍ଦ ଦେଖିଲେ ଏହି ସୃଷ୍ଟିର ମୂଳରେ ଯେଉଁ ପ୍ରବଳ ଓ ଘୋର ନିଶ୍ଚେତନାର ଅସରନ୍ତି ସମୁଦ୍ର ରହିଛି ତାହା ପୂର୍ଣ୍ଣଜ୍ୟୋତି, ପୂର୍ଣ୍ଣସତ୍ୟର ବିପରୀତ ରୂପ । ଯାହା ଊର୍ଦ୍ଧ୍ୱରେ ପୂର୍ଣ୍ଣଜ୍ୟୋତି, ତାହାର ସର୍ବ ନିମ୍ନରେ ପୂର୍ଣ୍ଣ ଅନ୍ଧକାର । ସୃଷ୍ଟିକୁ ଯଦି ଆମ୍ଭେମାନେ ଏକ ଶିଡ଼ି ବୋଲି ମନେ କରୁ, ତେବେ ସୃଷ୍ଟିର ଚରମ ଓ ସର୍ବୋଚ୍ଚ ସୋପାନ ଯଦି ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଜ୍ୟୋତି, ପୂର୍ଣ୍ଣଶକ୍ତି ଓ ପୂର୍ଣ୍ଣ-ଆନନ୍ଦ ହୁଏ, ତେବେ ସୃଷ୍ଟିର ସର୍ବ ନିମ୍ନଭୂମି ବା ପାହାଚ ହେଲା ପୂର୍ଣ୍ଣ-ଅଜ୍ଞାନ, ପୂର୍ଣ୍ଣ-ଅନ୍ଧକାର ଏବଂ ପୂର୍ଣ୍ଣ-ଦୁଃଖ । ସୁତରାଂ ସୃଷ୍ଟିର ଚରମ ରହସ୍ୟ ଏହି ଯେ, ଯିଏ ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଜ୍ୟୋତି, ପୂର୍ଣ୍ଣଶକ୍ତି ଓ ପୂର୍ଣ୍ଣ-ଆନନ୍ଦ — ସିଏ ପୂର୍ଣ୍ଣ ଅଜ୍ଞାନ, ପୂର୍ଣ୍ଣ ଅନ୍ଧକାର, ପୂର୍ଣ୍ଣ ଅସାମର୍ଥ୍ୟ ଏବଂ ପୂର୍ଣ୍ଣ ନିରାନନ୍ଦ । ଏହାହିଁ ଅନନ୍ତଙ୍କର ଏକ ଗୁଣ, ସାମର୍ଥ୍ୟ ଓ ଶକ୍ତି । ସେ ଯେପରି ଇଚ୍ଛା କରି ନିଜ ଲୀଳାରେ ନିଜେ ନିଜର ବିପରୀତ ହୋଇ ପଡ଼ିଛନ୍ତି । ଅତଏବ ମୃତ୍ୟୁର ଗର୍ଭରେ ଅମୃତର ବୀଜ, ଅନ୍ଧକାରର ଗର୍ଭରେ ଆଲୋକର ଦୀପ୍ତି, ଅଜ୍ଞାନର ମୂଳରେ ଜ୍ଞାନର ମହିମା ନିହିତ ଅଛି । ମୃତ୍ୟୁ, ଅଜ୍ଞାନ, ଅନ୍ଧକାର, ନିରାନନ୍ଦ, ଦୁଃଖ ଓ ଯନ୍ତ୍ରଣା ଯେପରି ସେହି ପୂର୍ଣ୍ଣ ସତ୍ୟ, ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣ ସାମର୍ଥ୍ୟ ଓ ଆନନ୍ଦର ବିକୃତ, କଦାକାର ରୂପ; ଅପରିଣତ, ଅବିକଶିତ, ଅପ୍ରକାଶିତ ରୂପ । ଯେତେବେଳେ ବିବର୍ତ୍ତନ ଅନ୍ଧକାରର ଭୂମିକୁ ଅତିକ୍ରମ କରି ଜ୍ୟୋତିର ଭୂମିରେ ଉପନୀତ ହେବ ସେତେବେଳେ ଏପରି ହେବା ଅବଶ୍ୟମ୍ଭାବୀ; କାରଣ ତାହାହିଁ ବିବର୍ତ୍ତନର ସ୍ୱକୀୟ ଧାରା ଓ ବୃତ୍ତି । ଅତଏବ ଏହି ସୃଷ୍ଟି ଦିନେ ନା ଦିନେ ପୂର୍ଣ୍ଣ ଜ୍ୟୋତିର୍ମୟ, ପୂର୍ଣ୍ଣ ଅମୃତମୟ ଏବଂ ପୂର୍ଣ୍ଣ ଆନନ୍ଦମୟ ହୋଇ ଉଠିବ । ଏହିସବୁ ତତ୍ତ୍ୱକୁ ଧାରଣ କରି ସୃଷ୍ଟି ଅଗ୍ରଗତି କରୁଛି ।

କିନ୍ତୁ ସମୟ କ୍ରମେ, ଅଥବା ସର୍ବଦାହିଁ ପୃଥିବୀର ଅଗ୍ରଗତିରେ ଏକ ଘୋର ସନ୍ଧିକ୍ଷଣ ଉପସ୍ଥିତ ହୋଇଥାଏ । ଏହାହିଁ ସଙ୍କଟର କାଳ, ଦୁର୍ଦ୍ଦିନର ବେଳ । ଅର୍ଥାତ୍ ଏହି ସନ୍ଧି ବା ସଙ୍କଟର କାଳରେ ଊର୍ଦ୍ଧ୍ୱରୁ ଏକ ଦିବ୍ୟ ହସ୍ତକ୍ଷେପ ଘଟେ ଏବଂ ଏକ ନୂତନ ଶକ୍ତିର ଅବତରଣ ଘଟେ । ଏହି ଅବତରଣ ଘଟାଇବା ନିମିତ୍ତ ଶ୍ରୀଅରବିନ୍ଦ ଦୀର୍ଘକାଳ ଧରି ତପସ୍ୟା କରିଥିଲେ ଏବଂ

ମାନବଜାତିର ପ୍ରତିନିଧି ରୂପେ ପ୍ରଥମେ ଏହି ଦିବ୍ୟଶକ୍ତିର ଅବତରଣ ନିଜ ମଧ୍ୟରେ ୧୯୫୦ ମସିହାରେ ଘଟାଇଥିଲେ । ଏହି ଶକ୍ତିର ଅବତରଣ ଘଟିବା ଫଳରେ ପାର୍ଥିବ ପ୍ରକୃତିର ବିଶ୍ୱ-ବିବର୍ତ୍ତନ ଧାରାରେ ଏକ ବିଶେଷ ହସ୍ତକ୍ଷେପ ଘଟିଲା । ୧୯୫୬ ମସିହାରୁ ଏହି ଦିବ୍ୟଶକ୍ତି ସାର୍ବଜନୀନ ବିଶ୍ୱ-ପ୍ରକୃତି ଉପରେ କ୍ରିୟା କରୁଛି ଏବଂ ବିଭିନ୍ନ ପର୍ଯ୍ୟାୟ ଦେଇ ଏହି ଶକ୍ତିର କ୍ରିୟା ବଢ଼ି ଚାଲିଛି ଏବଂ ସେଥିପାଇଁ ଆଜି ଆମ୍ଭେମାନେ ଗୋଟିଏ ଦିଗରେ ବିପୁଳ ସଂଘର୍ଷ, ବିକ୍ଷୋଭ, ଅନ୍ତର୍ଦ୍ୱନ୍ଦ୍ୱ ଓ ବିଧ୍ୱଂସ ଦେଖୁଛୁ ଏବଂ ଅନ୍ୟ ଦିଗରେ ଦିବ୍ୟ ସୃଷ୍ଟିର ବେଳ ଆସନ୍ନ । ଏହି ଦିବ୍ୟ ସୃଷ୍ଟି ପୃଥିବୀ ବାତାବରଣରେ ଆସିଥିବା ନୂତନ ଚେତନା ଉପରେ ପ୍ରତିଷ୍ଠିତ ହେବ । ଏହି ଚେତନା ଫଳରେ ନବୀନ ମାନବ ଆମ ମଧ୍ୟରେ ଜନ୍ମଲାଭ କରିବ । ମନୁଷ୍ୟର ଚେତନାର ଓ ସ୍ୱଧର୍ମର ପରିବର୍ତ୍ତନ ହେବା ଫଳରେ ତାହାର ନବଜନ୍ମ ହେବ । ସୁତରାଂ ନବୀନ ସୃଷ୍ଟି ପ୍ରଥମେ ଅନ୍ତରରେ, ଆନ୍ତର ଜଗତରେ ହେବ ଏବଂ ତାହାର ସମୟ ଆସି ଉପସ୍ଥିତ । ଯେଉଁମାନେ ବର୍ତ୍ତମାନ ପରିସ୍ଥିତିରେ ଅସ୍ଥିର ଓ ବ୍ୟାକୁଳ ନହୋଇ ଉର୍ଦ୍ଧ୍ୱତନ ଦିବ୍ୟଶକ୍ତିକୁ ଗ୍ରହଣ କରିବେ, ସେମାନଙ୍କ ମଧ୍ୟରେ ଏହି ରୂପାନ୍ତର ସମ୍ଭବ ହେବ । ଏହ ରୂପାନ୍ତର ଫଳରେ କେତେକ ଉଚ୍ଚସ୍ତରର ବ୍ୟକ୍ତିତ୍ୱ ସୃଷ୍ଟି ହେବ ଯାହାର ସ୍ୱଧର୍ମ ହେବ ସତ୍ୟ, ଜ୍ଞାନ, ଜ୍ୟୋତି ଓ ଆନନ୍ଦ । ଏହାର ପରବର୍ତ୍ତୀ ସ୍ତରରେ ପୂର୍ଣ୍ଣ ଦିବ୍ୟ ମାନବର ଆବିର୍ଭାବ ଘଟିବ, ମାତ୍ର ତାହା ସମୟସାପେକ୍ଷ ।

ପରିଶେଷରେ ଆମ୍ଭେମାନେ ଶ୍ରୀଅରବିନ୍ଦଙ୍କର ଅନ୍ୟ ଏକ ପତ୍ରର ଉଲ୍ଲେଖ କରି ପ୍ରବନ୍ଧର ସମାପ୍ତି କରିବା । ୧୯୩୪ ମସିହାରେ ପାର୍ଥିବ ଜୀବନରେ ଅତିମାନସର ପରିଣତି ସମ୍ବନ୍ଧରେ କେହି ଜଣେ ପ୍ରଶ୍ନ କରିଥିଲେ । ପ୍ରଶ୍ନ ଥିଲା ଏହିପରି : ''ଯେତେବେଳେ ମୁଁ ଶୁଣେ ସାଧକମାନେ ଅତିମାନସର ଅବତରଣ ବିଷୟରେ କଥାବାର୍ତ୍ତା କରୁଛନ୍ତି ସେତେବେଳେ ମୁଁ ସଂଶୟବାଦୀ ହୋଇ ପଡ଼େ । ସେମାନେ ଆଶା କରନ୍ତି ଯେ ଯେତେବେଳେ ଅବତରଣ ଘଟିବ ସେତେବେଳେ ସବୁକିଛି ଆଧ୍ୟାତ୍ମିକ ଭାବାପନ୍ନ ହୋଇ ପଡ଼ିବ, ଏପରି କି ନିତାନ୍ତ ବାହ୍ୟ ଆଧ୍ୟାତ୍ମିକ ଜୀବନ ମଧ୍ୟ ଯାହା ଭୁଲ୍ ପଥରେ ଚାଲିଛି, ତତ୍‌କ୍ଷଣାତ୍ ଠିକ୍ ପଥରେ ଚାଲିବ ଏବଂ ଏହି ଆଶା ସେମାନଙ୍କ ମଧ୍ୟରେ ଏକ ବିରାଟ କୌତୂହଳ ଓ ଚାଞ୍ଚଲ୍ୟ ସୃଷ୍ଟି କରିଛି ।''

ଶ୍ରୀଅରବିନ୍ଦ ଏହାର ଉତ୍ତରରେ ଲେଖିଥିଲେ : ''ଏସବୁ ନିତାନ୍ତ ନିରର୍ଥକ । ଅତିମାନସର ଅବତରଣର ଅର୍ଥ ହେଲା ସେହି ଦିବ୍ୟଶକ୍ତି ପୃଥିବୀ ଚେତନାରେ ଏକ ଜୀବନ୍ତ ଶକ୍ତି ଭାବରେ ପ୍ରତିଷ୍ଠିତ ହେବ ଯେପରି ବୁଦ୍ଧିଶକ୍ତି ଓ ଉର୍ଦ୍ଧ୍ୱମାନସ ପୂର୍ବରୁ ରହିଛି । କିନ୍ତୁ ଯେପରି ଗୋଟିଏ ପଶୁ ଚିନ୍ତା-ମାନସର ଉପସ୍ଥିତିରୁ କୌଣସି ଲାଭ ଉଠାଇ ପାରିବ ନାହିଁ ବା ଏକ ଅନୁନ୍ନତ ମାନବ ଉର୍ଦ୍ଧ୍ୱମାନସ ଶକ୍ତିର ଉପସ୍ଥିତି ଅନୁଭବ କରିପାରେ ନାହିଁ, — ଠିକ୍ ସେହିପରି ଦିବ୍ୟ ଅତିମାନସ ଶକ୍ତିର ଉପସ୍ଥିତିର କୌଣସି ଉପଯୋଗ ସେ କରିପାରିବ ନାହିଁ । ମୁଁ ମଧ୍ୟ ଏକଥା ବହୁବାର କହିଛି ଯେ ଏହା ପ୍ରଥମେ କେତେକଙ୍କ ପାଇଁ ଆସିବ, ସମଗ୍ର ପୃଥିବୀ ପାଇଁ ନୁହେଁ; କେବଳ ପାର୍ଥିବ ଜୀବନ ଉପରେ ଏହାର ପ୍ରଭାବ ଉତ୍ତରୋତ୍ତର ବଢ଼ି ଚାଲିବ ।'' କିନ୍ତୁ ଆଜିକୁ ପ୍ରାୟ ଅଠତିରିଶ ବର୍ଷ ପୂର୍ବେ ଶ୍ରୀଅରବିନ୍ଦ ଯାହା ଉଲ୍ଲେଖ କରିଥିଲେ ତାହା ମୂଳତଃ ସତ୍ୟ ହେଲେ ହେଁ ୧୯୫୬ ମସିହାରେ ଅତିମାନସର ସାର୍ବଜନୀନ ଅଭିବ୍ୟକ୍ତି ଫଳରେ ସମଗ୍ର ପୃଥିବୀରେ ଏହାର ପ୍ରଭାବ ପଡ଼ୁଛି ଏବଂ ସମସ୍ତ ମାନବଜାତି ଆଜି ଏକ ନବଜନ୍ମ ନିମିତ୍ତ ଆଗ୍ରହୀ ହୋଇ ଉଠିଛି । ❑



ମଣିଷ ତା'ର ନିଜ ଚେଷ୍ଟା ବଳରେ ନିଜକୁ ମଣିଷଠାରୁ ଆଉ ଅଧିକ କିଛି କରି ପାରିବ ନାହିଁ, କିନ୍ତୁ ସେ ନିଜ ଭିତରେ କ୍ରିୟା କରିବା ପାଇଁ ଦିବ୍ୟ ସତ୍ୟ ଓ ତା'ର ଶକ୍ତିକୁ ଆବାହନ କରି ଆଣିପାରେ । କେବଳ ଭାଗବତ ପ୍ରକୃତିର ଏକ ଅବତରଣହିଁ ମାନୁଷୀ ଆଧାରକୁ ଦିବ୍ୟାୟିତ କରିପାରେ । ଏକ ପରମ ରୂପାନ୍ତରକାରୀ ଦିବ୍ୟ ଶକ୍ତି ନିକଟରେ ଆତ୍ମସମର୍ପଣ ହେଉଛି ଏହି ଯୋଗର ଚାବି ଓ ମୂଳମନ୍ତ୍ର ।

— ଶ୍ରୀଅରବିନ୍ଦ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୭୪)


## ମହେନ୍ଦ୍ରନାଥ ସ୍ୱାଇଁ


**ଦିବ୍ୟ-ପ୍ରଚେଷ୍ଟା :**

ଫେବ୍ରୁଆରୀ ୧, ୧୯୧୪ରେ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି :

"I TURN towards Thee who art everywhere and within all and outside all, intimate essence of all and remote from all, centre of condensation for all energies, creator of conscious individualities: I turn towards Thee and salute Thee, O liberator of the worlds, and, identified with Thy divine love, I contemplate the earth and its creatures, this mass of substance put into forms perpetually destroyed and renewed, this swarming mass of aggregates which are dissolved as soon as constituted, of beings who imagine that they are conscient and permanent individualities and who are as ephemeral as a breath, always alike or almost the same, in their diversity, repeating indefinitely the same desires, the same tendencies, the same appetites, the same ignorant errors."

(Prayers and Meditations, P. 63)

''ମୁଁ ତୁମ ଅଭିମୁଖୀ ହେଲି, ତୁମେ ଯେ କି ସର୍ବତ୍ର ବିଦ୍ୟମାନ ଏବଂ ସକଳଙ୍କ ଭିତରେ ତୁମେ ଏବଂ ବାହାରେ ତୁମେ, ସମସ୍ତଙ୍କର ଅତି ଆପଣାର ସାରବସ୍ତୁ ତୁମେ ଏବଂ ସମସ୍ତଙ୍କ ଠାରୁ ସୁଦୂରରେ ମଧ୍ୟ ତୁମେ, ସକଳ ଶକ୍ତିର ଘନୀଭୂତ ରୂପର ତୁମେହିଁ କେନ୍ଦ୍ରସ୍ଥଳ, ସଚେତନ ବ୍ୟକ୍ତିସତ୍ତାମାନଙ୍କର ତୁମେହିଁ ସୃଷ୍ଟିକର୍ତ୍ତା : ମୁଁ ତୁମ ଆଡ଼କୁ ମୁଖ ଫେରାଇଲି ଏବଂ ପ୍ରଣାମ ନିବେଦନ କଲି, ହେ ସମଗ୍ର ଜଗତର ମୁକ୍ତିଦାତା, ଏବଂ ତୁମ ଦିବ୍ୟପ୍ରେମ ସହିତ ଏକାକାର ହୋଇ, ପୃଥିବୀ ଏବଂ ଏହାର ଜୀବସତ୍ତା ସକଳଙ୍କ ଉପରେ ମୁଁ ଅନୁଶୀଳନ କରୁଛି : ଏହି ପଦାର୍ଥର ସ୍ତୂପ କିପରି ନିୟତ ରୂପ ଗ୍ରହଣ କରୁଛି, ଅନବରତ ଭାଙ୍ଗି ଯାଉଛି ଏବଂ ପୁନଃ ନୂତନ ରୂପ ଗ୍ରହଣ କରୁଛି । ଦଳ ଦଳ ହୋଇ ଏକାଠି ଉଡ଼ି ବୁଲୁଥିବା ଏହି ପଦାର୍ଥମାନଙ୍କର ଏକତ୍ରିତ ସ୍ୱରୂପ ଯେଉଁମାନେ ସୃଷ୍ଟି ହେବା ମାତ୍ରକେ ସଙ୍ଗେ ସଙ୍ଗେ ମିଳାଇ ଯାଇଥା'ନ୍ତି, ପୁନଶ୍ଚ ଅନେକ ସତ୍ତା ଅଛନ୍ତି ଯେଉଁମାନେ ଭାବନ୍ତି ଯେ ସେମାନେ ସଚେତନ ଏବଂ ଚିରସ୍ଥାୟୀ ବ୍ୟକ୍ତିସତ୍ତା ଏବଂ ଯେଉଁମାନେ ନିଃଶ୍ୱାସ-ପ୍ରଶ୍ୱାସ ପରି କ୍ଷଣସ୍ଥାୟୀ, ସର୍ବଦା ସେହି ପ୍ରକାରର ଅଥବା ସେହି ଗୋଟିଏ ଧରଣର, ସେମାନଙ୍କର ବିବିଧତା ଭିତରେ; ସେମାନେ ପୁନଃ ପୁନଃ ସେହି ଏକାପ୍ରକାରର କାମନା-ବାସନା ପୋଷଣ କରି ଚାଲିଛନ୍ତି, ସେହି ଗୋଟିଏ ପ୍ରକାରର ମନୋଭାବ, ସ୍ୱଭାବ-ସକଳ ସେହି ଏକାପ୍ରକାରର କ୍ଷୁଧା, ସେହି ଗୋଟିଏ ପ୍ରକାରର ଅଜ୍ଞାନତାପୂର୍ଣ୍ଣ ଭ୍ରାନ୍ତିସକଳଙ୍କୁ ସାଥିରେ ନେଇ ।''

ପୁନଶ୍ଚ ଉକ୍ତ ପ୍ରାର୍ଥନାର ଦ୍ୱିତୀୟ ଅନୁଚ୍ଛେଦରେ ଦିବ୍ୟଜନନୀ ଲେଖୁଛନ୍ତି –

"But from time to time Thy sublime light shines in a being and radiates through him over the world, and then a little wisdom, a little knowledge, a little disinterested faith, heroism and compassion penetrates men's hearts, transforms their minds and sets free a few elements from that sorrowful and implacable wheel of existence to which their blind ignorance subjects them.

"But how much greater a splendour than all that have gone before, how marvellous a glory and light would be needed to draw these beings out of the horrible aberration in which

they are plunged by the life of cities and so-called civilisations! What a formidable and, at the same time, divinely sweet puissance would be needed to turn aside all these wills from the bitter struggle for their selfish, mean and foolish satisfactions, to snatch them from this vortex which hides death behind its treacherous glitter, and turn them towards Thy conquering harmony!"

(Prayers and Meditations, P. 63-64)

''କିନ୍ତୁ ଥରକୁ ଥର ତୁମର ସୌନ୍ଦର୍ଯ୍ୟମୟ ଆଲୋକ ଗୋଟିଏ ସତ୍ତା ମଧ୍ୟରେ ଜାଜ୍ୱଲ୍ୟମାନ ହୋଇଉଠେ ଏବଂ ତା' ମାଧ୍ୟମରେ ଏହା ସମଗ୍ର ବିଶ୍ୱରେ ବିକିରିତ ହୁଏ, ଏବଂ ସେତେବେଳେ କିଛି ପ୍ରଜ୍ଞା, କିଞ୍ଚିତ୍ ବୁଦ୍ଧି, ଅଳ୍ପଟିକିଏ ନିରପେକ୍ଷ ଆସ୍ଥା, ବିଶ୍ୱାସ, ବୀରତ୍ୱ ଏବଂ କରୁଣା ମଣିଷମାନଙ୍କର ହୃଦୟ ଭିତରକୁ ପ୍ରବେଶ କରେ, ସେମାନଙ୍କ ମନକୁ ରୂପାନ୍ତରିତ କରେ ଏବଂ ଅଳ୍ପ କେତୋଟି ଉପାଦାନଙ୍କୁ ମୁକ୍ତ କରିଦିଏ । ସେମାନଙ୍କର ଦୁଃଖପୂର୍ଣ୍ଣ ଏବଂ ଅପରାଜେୟ କାଳଚକ୍ରର ସ୍ଥିତି, ଯାହା ସହିତ ସେମାନଙ୍କୁ ଅନ୍ଧ ଅଜ୍ଞାନତା ନିଜ ଅଧୀନରେ ଧରି ରଖିଛି ।

''ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ଚମତ୍କାର ଠାରୁ ଆଉ ଅଧିକ କେତେ ପରିମାଣରେ ବୃହତ୍ତର, କେତେ ପରିମାଣରେ ଚମତ୍କାର ଗୌରବ ଏବଂ ଆଲୋକର ଆବଶ୍ୟକ ହେବ ଏହି ସତ୍ତାମାନଙ୍କୁ ସେମାନଙ୍କର ଭୟଙ୍କର ପତନର ବାହାରକୁ ଟାଣି ଆଣିବା ନିମନ୍ତେ – ଯେଉଁ ବିଚଳନ ବା ପତନ ଭିତରେ ସେମାନେ ନିମଜ୍ଜିତ ହୋଇ ଯାଇଛନ୍ତି ସେମାନଙ୍କର ସହରୀ ଜୀବନ ଏବଂ ତଥାକଥିତ ସଭ୍ୟତାମାନଙ୍କ ଭିତରେ ! କେତେ ଭୟଙ୍କର ଏବଂ ତତ୍ ସଙ୍ଗେ ସଙ୍ଗେ ଦିବ୍ୟଭାବାପନ୍ନ ସୁମଧୁର ଦୁର୍ଜେୟ ଶକ୍ତିର ଆବଶ୍ୟକତା ହେବ ଏହି ସକଳ ଇଚ୍ଛାଶକ୍ତିମାନଙ୍କୁ ସେମାନଙ୍କର ତିକ୍ତ ସଂଘର୍ଷ ଏବଂ ସେମାନଙ୍କର ସ୍ୱାର୍ଥପର, ହୀନ ଏବଂ ନିର୍ବୋଧ ଆତ୍ମସନ୍ତୋଷ ଭିତରୁ ବାହାରକୁ ଟାଣିଆଣିବାକୁ, ଏହି ଜଳଭଉଁରୀ ଭିତରୁ ଉପରକୁ ଜୋର୍ କରି ଉଠାଇ ଆଣିବାକୁ, ଯେଉଁ ଘୂର୍ଣ୍ଣି ତା'ର ବିଶ୍ୱାସଘାତକ ଓ ମାୟାବୀ ଚାକଚକ୍ୟର ଅଭ୍ୟନ୍ତରରେ ମୃତ୍ୟୁକୁ ଲୁଚାଇ ରଖିଛି ଏବଂ ସେମାନଙ୍କୁ ତୁମର ବିଜୟଯୁକ୍ତ ସଙ୍ଗତି ଆଡ଼କୁ ଘୂରାଇ ନେବାକୁ ବା ଅଭିନିବେଶିତ କରାଇ ଦେବାକୁ !''

ପ୍ରାର୍ଥନାଟିର ଶେଷଭାଗରେ ଶ୍ରୀମା ପରମପ୍ରଭୁଙ୍କ ନିକଟରେ ନିବେଦନ କରୁଛନ୍ତି ଯେ ଏହି ପୃଥିବୀରେ ଯେଉଁମାନେ ସହରୀ ଜୀବନର ଚାକଚକ୍ୟ ଏବଂ ତଥାକଥିତ ସଭ୍ୟତା, ଯାହା ସଭ୍ୟତାର ଖୋଳପିନ୍ଧି ତା'ର ଭୟଙ୍କର ଅନ୍ଧକାର ଗୁମ୍ଫା ଆଡ଼କୁ ଅସହାୟ ମଣିଷମାନଙ୍କୁ ଟାଣି ନେଉଛି ସେଥିରୁ ସେମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ଦିବ୍ୟଜନନୀ କହୁଛନ୍ତି –

"O Lord, eternal Master, enlighten us, guide our steps, show us the way towards the realisation of Thy law, towards the accomplishment of Thy work.

"I adore Thee in silence and listen to Thee in a religious concentration."

(Prayers and Meditations, P. 64)

''ହେ ପ୍ରଭୁ, ଶାଶ୍ୱତ ଗୁରୁ, ଆମ୍ଭମାନଙ୍କୁ ଆଲୋକିତ କର, ଆମ ଚଲାପଥକୁ ନିର୍ଦ୍ଦେଶିତ କର, ତୁମର ଦିବ୍ୟ ବିଧାନକୁ ବୁଝିପାରି ଅନୁଭବ କରିବା ଦିଗରେ, ତୁମର କାର୍ଯ୍ୟକୁ ସମାହିତ କରିବା ଦିଗରେ ପଡ଼ିଥିବା ପଥଟିକୁ ଆମ୍ଭମାନଙ୍କୁ ପ୍ରଦର୍ଶିତ କରାଅ ।

''ଗଭୀର ନୀରବତା ଭିତରେ ମୁଁ ତୁମର ଆରାଧନା କରି ଚାଲିଛି ଏବଂ ଏକ ଭକ୍ତି ସମାହିତ ଚିତ୍ତରେ ତୁମକୁ ଶୁଣିବା ପାଇଁ ପ୍ରତୀକ୍ଷା କରିଛି ।''

ଫେବୃଆରୀ ୧, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ନିଜକୁ ପରମପ୍ରଭୁଙ୍କର ଏକ ପ୍ରମୁଖ ଜ୍ୟୋତିର୍ମୟ ରୂପ ସହିତ ଏକାକାର କରି ଦେଇଛନ୍ତି । ପ୍ରଭୁ ତାଙ୍କର ସର୍ବ ବିଦ୍ୟମାନ ଶକ୍ତି ଦ୍ୱାରା ଏହି ମାନବ ସତ୍ତାକୁ ଗଠନ କରିଛନ୍ତି । ସମସ୍ତଙ୍କୁ ଆଚ୍ଛାଦିତ କରି ରଖିଛନ୍ତି ଏବଂ ସମସ୍ତଙ୍କୁ ଏକତ୍ରିତ କରି ମାନବ-ସମାଜ ସୃଷ୍ଟି କରିଛନ୍ତି । ଏହି ବ୍ୟବସ୍ଥା ସୃଷ୍ଟିର ସକଳ ଜୀବସତ୍ତାମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ । ମା' କହୁଛନ୍ତି ଯେ ସୃଷ୍ଟି ସର୍ଜନା ହୋଇଛି ପାଞ୍ଚୋଟି ଉପାଦାନ ବା ପଞ୍ଚଭୂତକୁ ପ୍ରୟୋଗ କରି । ଏହି ଉପାଦାନଗୁଡ଼ିକୁ ଆବଶ୍ୟକୀୟ ଅନୁପାତରେ ଏକତ୍ରିତ କରି ଜୀବସତ୍ତାମାନଙ୍କୁ ରୂପ ପ୍ରଦାନ କରିଛନ୍ତି ବା ଶରୀରଟିଏ ଦେଇଛନ୍ତି । ପୁନଶ୍ଚ ଦେଖା ଯାଉଛି ଜନ୍ମ ହେବାର ପରେ ପରେ ଅଥବା କେତେ ଘଣ୍ଟା, କେତୋଟି ମାସ ବା ବର୍ଷ ପରେ ଏହି ସୃଷ୍ଟ ଶରୀରମାନେ ନଷ୍ଟ ହୋଇ ଯାଉଛନ୍ତି, ଭାଙ୍ଗି ଯାଉଛନ୍ତି ଏବଂ ପୁନର୍ଜନ୍ମ ଲାଭ କରି ଅଧିକ ଉନ୍ନତ ଏବଂ ଦକ୍ଷତା ସମ୍ପନ୍ନ ଜୀବଟିଏ ରୂପରେ ଦେଖା ଦେଉଛନ୍ତି ।

ସହର ବା ନଗରରେ ବାସ କରୁଥିବା ମଣିଷମାନେ ସେଠାକାର ବ୍ୟବସ୍ଥା ଭିତରେ, ସୁଖସୁବିଧା ଭିତରେ, ଚାକଚକ୍ୟ ଭିତରେ ପଡ଼ି ଛଟପଟ ହେଉଛନ୍ତି । ଯାହାକୁ ସଭ୍ୟତା ବୋଲି କହୁଛନ୍ତି ଏବଂ ସେଥିରେ ସନ୍ତୋଷ ଲାଭ କରୁଥିବାର ଛଳନା କରୁଛନ୍ତି ତାହା ଆଉ କିଛି ନୁହେଁ, ଏପରି ଏକ ବ୍ୟବସ୍ଥା ଯାହା ଭିତରେ ଥରେ ପ୍ରବେଶ କରିଗଲେ ବ୍ୟକ୍ତିଟିଏ ସଂଘର୍ଷ କରୁଥାଏ । ସ୍ୱାର୍ଥପର ହୋଇଯିବାକୁ ବେଶୀ ସମୟ ଲାଗେ ନାହିଁ; ଯାହାକୁ ଶ୍ରୀମା ହୀନମନ୍ୟତା, ବୋକାମାନଙ୍କର ସନ୍ତୁଷ୍ଟି ବୋଲି କହୁଛନ୍ତି ଏବଂ ତାହାରି ଭିତରେ ''ମୃତ୍ୟୁ'' ଘୋଡ଼ିଘାଡ଼ି ହୋଇ ଶୋଇଥାଏ । ସବୁ ଚକ୍‌ଚକ୍ ଦେଖା ଯାଉଥାଏ, କିନ୍ତୁ ଭିତରେ ଲୁଚି ରହିଥାଏ ବିଶ୍ୱାସଘାତକତାର ଭାବ । ମା' ପ୍ରଭୁଙ୍କୁ ନିବେଦନ କରି କହୁଛନ୍ତି ''ହେ ପ୍ରଭୁ ! ଆପଣ ତ ପୂର୍ବରୁ କେତେ ବଡ଼ ବଡ଼ ଚମତ୍କାର କରିଛନ୍ତି, କିନ୍ତୁ ବର୍ତ୍ତମାନ ଏହି 'horrible aberration' ବା ନୀତି ଭ୍ରଷ୍ଟ ହୋଇ ଯାଇଥିବା ଜୀବସତ୍ତାମାନଙ୍କୁ ଉଦ୍ଧାର କରିବାକୁ ଏବଂ ତୁମର ଦୁର୍ଜେୟ ସଙ୍ଗତି ମଧ୍ୟକୁ ନେଇ ଆସିବା ନିମନ୍ତେ ପୂର୍ବଠାରୁ ଆଉ କେତେ ଅଧିକ ଶକ୍ତି, ଚମତ୍କାର, ଆଲୋକ, ଜ୍ଞାନ ଆବଶ୍ୟକ ତାହା ପ୍ରୟୋଗ କରୁ ନାହଁ କାହିଁକି ?''

ପ୍ରାର୍ଥନାର ଉପସଂହାରରେ ଶ୍ରୀମା ସମ୍ପୂର୍ଣ୍ଣ ରୂପେ ପ୍ରଭୁଙ୍କ ନିକଟରେ ନିଜକୁ ସମର୍ପିତ କରି ଦେଇ କହୁଛନ୍ତି, ''ହେ ପ୍ରଭୁ ! ମୁଁ ଗଭୀର ନୀରବତା ଭିତରେ ତୁମର ଆରାଧନା କରି ଚାଲିଛି ଏବଂ ତୁମ କଥା ମଧ୍ୟ ଶୁଣି ପାରୁଛି ଏକ ଧାର୍ମିକ ଧ୍ୟାନାବସ୍ଥା ଭିତରେ ।'' ଏହି ଧାର୍ମିକ ଧ୍ୟାନର ଅବସ୍ଥା ବା ଭକ୍ତି ସମାହିତ ଧ୍ୟାନମଗ୍ନ ସ୍ଥିରତା ବ୍ୟକ୍ତିକୁ ଆଧ୍ୟାତ୍ମିକତାର ଦ୍ୱାର ପର୍ଯ୍ୟନ୍ତ ନେଇ ଯାଇଥାଏ । ଏହି ପୃଥିବୀପୃଷ୍ଠରେ ଉର୍ଦ୍ଧ୍ୱତମ ଚେତନା, ଜ୍ଞାନ, ଶକ୍ତି ଓ ଆଲୋକକୁ ପ୍ରତିଷ୍ଠିତ କରିବା ନିମନ୍ତେ ଦିବ୍ୟ ଜନନୀ ଶ୍ରୀମା ନିଜ ଦିବ୍ୟ ଶରୀର ଉପରେ ସଂସାରରେ ମଣିଷମାନେ ଭୋଗୁଥିବା ସକଳ ପ୍ରକାର ଦୁଃଖ, ରୋଗ, ଯନ୍ତ୍ରଣାକୁ ସ୍ୱଇଚ୍ଛାରେ ଗ୍ରହଣ କରି ନେଇଛନ୍ତି ।

ଆଶ୍ରମର ପ୍ରାରମ୍ଭ କାଳରେ ଅନ୍ତେବାସୀମାନଙ୍କର ଖାଦ୍ୟପେୟ ତଥା ବାସଗୃହ ନିମନ୍ତେ ପ୍ରଚୁର ପରିମାଣରେ ଅର୍ଥର ଆବଶ୍ୟକ ହେଲା । କିନ୍ତୁ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦ ପରିଷ୍କାର ଏବଂ ଦୃଢ଼ ଭାବରେ ଘୋଷଣା କରି କହିଲେ, "We will not go and ask for donations, if the Divine wishes the Ashram to continue it will continue, otherwise we have to close down."

(How they came to Sri Aurobindo and The Mother, p. 14)

''ଅର୍ଥାତ୍, ଆମେ କାହାରି ପାଖକୁ ଯିବା ନାହିଁ ଏବଂ ଅନୁଦାନ ମଧ୍ୟ ମାଗିବା ନାହିଁ । ଯଦି ଭଗବାନ୍ ଚାହିଁବେ ଆଶ୍ରମ ଆଗକୁ ବଢ଼ୁ, ତା'ହେଲେ ଆଶ୍ରମ ଆଗେଇ ଚାଲିବ, ଅନ୍ୟଥା ଆମକୁ ଏହାକୁ ବନ୍ଦ କରି ଦେବାକୁ ହେବ ।''

କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଯାଇଥିବାରୁ ପଣ୍ଡିଚେରୀକୁ ପୃଥିବୀରେ ସବୁଠାରୁ ସୁରକ୍ଷିତ ସ୍ଥାନ ମନେ କରି ଅନେକ ଭକ୍ତ ଓ ସାଧାରଣ ଲୋକ ଆଶ୍ରମକୁ ଆସିବାକୁ ଲାଗିଲେ ଏବଂ ସେମାନଙ୍କ ସହିତ ସେମାନଙ୍କ ପିଲାମାନେ ମଧ୍ୟ ଆସିଲେ, ସେମାନଙ୍କର ସଂଖ୍ୟା କ୍ରମଶଃ ବଢ଼ିବାକୁ ଲାଗିଲା, ତତ୍ ସହିତ ଆଶ୍ରମର ସମସ୍ୟା ମଧ୍ୟ ସମତାଳରେ ବୃଦ୍ଧି ପାଇବାକୁ ଲାଗିଲା ।

ଡଃ. ଆର୍. ଏସ୍. ଅଗ୍ରୱାଲ ସେହି ସମୟରେ ତାଙ୍କ ପରିବାରର ସଦସ୍ୟମାନଙ୍କୁ ନେଇ ଆଶ୍ରମକୁ ଆସିଲେ ଏବଂ ଶ୍ରୀମାଙ୍କୁ ସାକ୍ଷାତ୍ କରି କହିଲେ, ''ମା' ମୋ ପିଲାମାନଙ୍କର ପାଠପଢ଼ା ବିଷୟରେ କ'ଣ ହେବ ?'' ମା' ସେପର୍ଯ୍ୟନ୍ତ ସ୍କୁଲ ଖୋଲିବା ପାଇଁ ପ୍ରସ୍ତୁତ ହୋଇ ନଥିଲେ । ଡଃ. ଅଗ୍ରୱାଲ ମା'ଙ୍କୁ ନିବେଦନ କରି କହିଲେ, ''ମା' ଆପଣ ଅନୁମତି ଦେଲେ ମୁଁ ସବୁ ପିଲାମାନଙ୍କ ନିମନ୍ତେ ପଠନ, ଲିଖନର ସମସ୍ତ ସାମଗ୍ରୀ ଯଥା ବହି, ଖାତା, କଲମ, ପେନ୍‌ସିଲ ଓ କାଗଜ ଇତ୍ୟାଦି ଯୋଗାଇ ଦେଇପାରିବି ।'' ସ୍କୁଲଟି ଛୋଟ ଥିଲାବେଳେ ସେ ଏହି ସବୁ ଜିନିଷ ଯୋଗାଇ ଦେଉଥିଲେ । କିନ୍ତୁ ସେତେବେଳେ ଆଶ୍ରମରେ ସବୁ ଜିନିଷ ଦ୍ରୁତ ଗତିରେ ବଢ଼ି ଚାଲିଥିଲା ଏବଂ ଶ୍ରୀମା ସେସବୁର ନିତିଦିନିଆ ଖର୍ଚ୍ଚ ନିମନ୍ତେ ସ୍ଥାୟୀ ବ୍ୟବସ୍ଥାର ବାଟ ଖୋଜୁଥିଲେ । କିନ୍ତୁ ଆବଶ୍ୟକୀୟ ଅର୍ଥ ପ୍ରାପ୍ତ ହେବା ନିମନ୍ତେ ଆଶ୍ରମ ଅନ୍ତେବାସୀମାନଙ୍କର ଅର୍ଥ ପ୍ରତି ସଠିକ୍ ମନୋଭାବ, ଏହି ଅର୍ଥକୁ ଠିକ୍ ବାଟରେ ବ୍ୟବହାର କରିବା ଏବଂ ମା'ଙ୍କ ପ୍ରତି ଯଥାର୍ଥ ମନୋଭାବର ଆବଶ୍ୟକତା ହେଉଥିଲା । ସବୁବେଳେ ଏହିସବୁ କଥା ସେଠାରେ ଦେଖିବାକୁ ମିଳୁ ନଥିଲା । ଏହି କାରଣରୁ ସମସ୍ୟା ବଢ଼ିବାରେ ଲାଗିଥିଲା ଓ ଶ୍ରୀମାଙ୍କ ଉପରେ ଚାପ ମଧ୍ୟ ବଢ଼ୁଥିଲା । ସେଥିପାଇଁ ବିଭିନ୍ନ ପ୍ରକାର ଅସୁବିଧା ମୁଣ୍ଡ ଟେକୁଥିଲା ।

ସ୍କୁଲ (ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର) ନିମନ୍ତେ

ଶ୍ରୀମାଙ୍କର ବହୁ ପରିମାଣରେ ଅର୍ଥର ଆବଶ୍ୟକତା ଥିଲା । ଦିନେ ସକାଳେ ଶ୍ରୀମା ତାଙ୍କର ସମସ୍ତ ଗହଣାପତ୍ର ଏକତ୍ରିତ କଲେ । ଦ୍ୟୁମାନ୍ ଭାଇ ସେତେବେଳେ ସେଠାରେ ନଥିଲେ । ସେ ଯେତେବେଳେ ଆସିଲେ ଶ୍ରୀମା ତାଙ୍କୁ କହିଲେ, ‘‘Bring boxes to put these jewellery in.’’ ଅର୍ଥାତ୍, ‘‘ଏହି ଗହଣାସବୁ ରଖିବା ନିମନ୍ତେ ବାକ୍ସସବୁ ନେଇଆସ ।’’ ଦ୍ୟୁମାନ୍ ଭାଇ କହନ୍ତି, ‘‘ମୁଁ ବହୁତ ଦୁଃଖ ଅନୁଭବ କଲି । ମୋ ଭିତରର ଅବସ୍ଥା ତୁମ୍ଭେମାନେ ବୁଝି ପାରୁଥିବ, କିନ୍ତୁ ମା’ଙ୍କର ଆଦେଶ ମୋତେ ପାଳନ କରିବାକୁ ହେବ । ବାକ୍ସ ସବୁ ନେଇ ଆସିଲି । ପ୍ରତି ଗହଣା ନିମନ୍ତେ ଅଲଗା ଅଲଗା ବାକ୍ସ । ବାକ୍ସ ଭିତରେ ଗହଣା ରଖି ସାରିଲା ପରେ ବାକ୍ସଗୁଡ଼ିକୁ ଥାକ ଥାକ କରି ରଖାଗଲା । ଦେଖାଗଲା ଯେ ବାକ୍ସର ଥାକ ଘରର ଚଟାଣରୁ ଛାତ ପର୍ଯ୍ୟନ୍ତ ଲାଗିଗଲା । ଶ୍ରୀମା ଆସିଲେ, ଦେଖିଲେ ଏବଂ କହିଲେ, ‘‘Dyuman, I hand it all over to you. Do whatever you want. I need money.’’ ଅର୍ଥାତ୍, ‘‘ଦ୍ୟୁମାନ୍ ମୁଁ ତୁମ ହାତରେ ଏହିସବୁକୁ ଦେଇ ଦେଉଛି, ତୁମେ ଯାହା ଇଚ୍ଛା ତାହା କରିପାର । ମୋର ଟଙ୍କା ଦରକାର ।’’ ମୁଁ ସହର ଭିତରକୁ ଗଲି, ଜଣେ ବଣିଆ (Jeweller)କୁ ଡାକି ଆଣିଲି । ସେ ଆମ ଆଶ୍ରମର ସାଧକ ମିନୋସୋଲେନ୍, ଯେ କି ଆଶ୍ରମକୁ ଆସିବା ପୂର୍ବରୁ ସୁନା-ଗହଣା ବ୍ୟବସାୟ କରୁଥିଲେ । ସେ ଏବଂ ମୁଁ ଏକ ନିଭୃତ ପ୍ରକୋଷ୍ଠର ଚଟାଣ ଉପରେ ବସି ପଡ଼ିଲୁ । ଦୁଇରୁ ତିନିଦିନ ଧରି ମା’ଙ୍କର ସବୁ ଗହଣାକୁ ଗୋଟି ଗୋଟି କରି ନମ୍ବରିଂ କଲୁ, ଓଜନ କଲୁ, ଲେବୁଲ୍ ମାରିଲୁ ଏବଂ ତତ୍‌କାଳୀନ ବଜାରରେ ପ୍ରଚଳିତ ମୂଲ୍ୟ ଅନୁସାରେ ପ୍ରତ୍ୟେକ ଗହଣାର ମୂଲ୍ୟ ନିର୍ଦ୍ଧାରଣ କରି ବାକ୍ସ ଉପରେ ଲେଖିଦେଲୁ । ଯଦି ବର୍ତ୍ତମାନ ମା’ଙ୍କର ସେହିସବୁ ଗହଣା ଥା’ନ୍ତା ଏବଂ ବିକ୍ରି ହୋଇଥା’ନ୍ତା, ତାହା ହେଲେ କୋଟି କୋଟି ଟଙ୍କା ମିଳିଥା’ନ୍ତା; କିନ୍ତୁ ସେହି ସମୟରେ ଆମ ଦ୍ୱାରା ଆକଳନ କରାଯାଇଥିବା ସମସ୍ତ ଗହଣାର ମୂଲ୍ୟ ହୋଇଥିଲା ସର୍ବମୋଟ ଏକଲକ୍ଷ ପଞ୍ଚସ୍ତରୀ ହଜାର ଟଙ୍କା ।’’ ମା’ କହିଲେ, “So little ?” ‘‘ଏତେ କମ୍ ?’’ । ...

(How they came to Sri Aurobindo and the Mother, pp. 14-15)

ଏହାହିଁ ଥିଲା ପ୍ରାରମ୍ଭ କାଳରେ ଆଶ୍ରମକୁ ଆଗକୁ ବଢ଼ାଇବା ନିମନ୍ତେ ଦିବ୍ୟଜନନୀଙ୍କର ଦିବ୍ୟ-ପ୍ରଚେଷ୍ଟା ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers and Meditations – The Mother;
(୨) Musing on the Mother’s Prayer’s and Meditations, Vol. I – Shyam Kumari

ତୁମର ବାଧାବିଘ୍ନ ସବୁରୁ ବାହାରି ଆସିବାର ଏକମାତ୍ର ବାଟ ହେଉଛି ଚୈତ୍ୟସତ୍ତାକୁ ଆବିଷ୍କାର କରିବା ଏବଂ ପୂରାପୂରି ଏହାର ଚେତନାରେ ବାସ କରିବା ।

ପୃଥିବୀପୃଷ୍ଠରେ ଜୀବନର ବର୍ତ୍ତମାନ ଅବସ୍ଥା ନାନା ଦୁଃଖ-ଦୁର୍ଦ୍ଦଶାରେ ପୂରି ରହିଛି, ଏବଂ ସେହି କାରଣରୁ ଯେକୌଣସି ସଂବେଦନଶୀଳ ହୃଦୟ ଦୁଃଖାଭିଭୂତ ହୋଇପଡ଼େ । ଭଗବତ୍ ଚେତନା ସହିତ ସଂଯୋଗ ସ୍ଥାପନ କରିବା ଏବଂ ସେହି ଚେତନାର କରୁଣା, ତାହାର ସାମର୍ଥ୍ୟ ଓ ତାହାର ଆଲୋକରେ ବାସ କରିବା ହେଉଛି ଏହିସବୁ ବାଧାବିଘ୍ନ ଓ ଦୁଃଖ-ଦୁର୍ଦ୍ଦଶାର କବଳରୁ ମୁକ୍ତ ହେବାର ଏକମାତ୍ର ଫଳପ୍ରଦ ପନ୍ଥା । ଏବଂ ଚୈତ୍ୟଚେତନା ସଙ୍ଗେ ଯୁକ୍ତ ହେବା ଦ୍ୱାରା ଆମେ ଏହି ଅବସ୍ଥା ଲାଭ କରିପାରିବୁ ।

ଏହି ଲକ୍ଷ୍ୟ ସାଧନ ପାଇଁ ମୋର ସହାୟତା ଏବଂ ଆଶୀର୍ବାଦ ତୁମ ସଙ୍ଗରେ ରହିଛି ।

— ଶ୍ରୀମା

**ସିନ୍ଧୁରୁ ବିନ୍ଦୁଏ :**

# ତ୍ରିବିଧ

## ସନ୍ତୋଷ ରଥ

"The animal is satisfied with a modicum of necessity; the gods are content with their splendours. But man cannot rest permanently until he reaches some highest good."

(SABCL, Vol. 21, p. 51) – Sri Aurobindo

''ମାତ୍ର କେତୋଟି ଆବଶ୍ୟକତାର ପରିପୂରଣରେହିଁ ପଶୁ ସନ୍ତୁଷ୍ଟ ହୋଇଯାଏ; ଆପଣାର ଐଶ୍ୱର୍ଯ୍ୟ ପ୍ରାବଲ୍ୟରେ ଦେବତାମାନେ ବି ସନ୍ତୁଷ୍ଟ ରହନ୍ତି । ମାତ୍ର କୌଣସି ପରମ ଶିବର ପ୍ରାପ୍ତି ସମ୍ଭବ ନ ହେବା ଯାଏ ମନୁଷ୍ୟ କେବେହେଲେ ସମ୍ପୂର୍ଣ୍ଣ ନିଶ୍ଚିନ୍ତ ହୋଇ ବସି ପାରେ ନାହିଁ ।''

— ଶ୍ରୀଅରବିନ୍ଦ

[ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି **'ତ୍ରିବିଧ'** କବିତାଟିର ପରିକଳ୍ପନା ଓ ରୂପାୟନ ।]

ତୁଠ ପରିଚ୍ଛନ୍ନ ନ ଲୋଡ଼େ ଜୀବନ
ପଙ୍କରେ ଲୋଟେ ଘୁଷୁରି
ପଶୁ କି ବୁଝିବ ସତ୍ତ୍ୱ ପରାଭବ
ପ୍ରବୃତ୍ତିକୁ ସାଥୀ କରି । (୧)

ଅରୁଚେ ଚିନ୍ତନ ହିତାହିତ ଜ୍ଞାନ
ପତନର ପଶ୍ଚାତ୍ତାପ
ଅଳ୍ପକରେ ତୋଷ ଇନ୍ଦ୍ରିୟ ସର୍ବସ୍ୱ
ନ ବୁଝଇ ପୁଣ୍ୟ ପାପ । (୨)

ମହିମା ମଣ୍ଡିତ ସ୍ୱର୍ଗେ ଦେବ ସୁତ
ବିଗତ ମୃତ୍ୟୁର ଭୟ
ଆନ୍ତର ପ୍ରଗତି ନ ଲୋଡ଼େ ଆକୁତି
ନାହିଁ ବୃଦ୍ଧି ନାହିଁ କ୍ଷୟ । (୩)

ପୂଜା ଉପଚାର ଭକ୍ତଙ୍କ ସତ୍କାର
ବରଣେ ବରଦ ଭାବ
ସନ୍ତୁଷ୍ଟିର ପାକ ହୁଅଇ ବାଧକ
ପ୍ରଗତି ନୁହେଁ ସମ୍ଭବ । (୪)

ନୁହେଁ ସେ ଦେବତା ସିଦ୍ଧ ସିଦ୍ଧି ଦାତା
ନୁହେଁ ଦେବ ମଘବାନ୍
ନିଜ କୃତ କର୍ମ ସ୍ୱଭାବ ସ୍ୱଧର୍ମ
ପଶୁତ୍ୱ କରେ ବର୍ଜନ । (୫)

ଅପ୍ରାପ୍ତିର ପ୍ରାପ୍ତି ମଣିଷ ପ୍ରକୃତି
ଆରୋହଣେ ଆଗଭର
ଉତ୍ଥାନ ପତନ ସାଧନ ଇନ୍ଧନ
ଲକ୍ଷ୍ୟ ତା'ର ରୂପାନ୍ତର । (୬)

ଅଳସ ବିଳାସ ଦେବଦାସୀ ହସ
ନ ମେଣ୍ଟାଏ ତା'ର ଶୋଷ
ସୀମିତ ଆୟୁଷ ମୃତ୍ୟୁ ନାଗଫାଶ
ତା' ପାଇଁ ହୁଏ ଆଶିଷ । (୭)

ହେଲେ ବି କଠିନ ମର୍ତ୍ତ୍ୟର ଅୟନ
ଦୁର୍ଲଭ ମମତ୍ୱ ଡୋର
ନ ହୋଇବ ସ୍ଥିର ମଣିଷ ବିଚାର
ମର୍ତ୍ତ୍ୟ ହେବ ସ୍ୱର୍ଗପୁର । (୮) ❑

# ଦ୍ୱୀପାନ୍ତରର କଥା
## (ଚତୁର୍ଥ ପରିଚ୍ଛେଦ)
## ବାରୀନ୍ଦ୍ର କୁମାର ଘୋଷ

### ସେଲ୍ୟୁଲାର୍‌ରେ ପ୍ରଥମ ଜୀବନ
### (୨)

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ପ୍ରଥମରୁ କହିଛି କୋଠରିଗୁଡ଼ିକ ଗୋଟିଏ ଧାଡ଼ିରେ ଅବସ୍ଥିତ, ଏବଂ ତା'ର ସାମନାରେ ତିନି, ଚାରି ହାତ ଚଉଡ଼ାର ବାରଣ୍ଡା ଲମ୍ବି ଯାଇଛି । ବାରଣ୍ଡାଟି ମଧ୍ୟ ଲୁହା ଛଡ଼ (rod) ଦ୍ୱାରା ଘେରା; ତା'ରି ମଝିରେ ମଝିରେ ଲୁହାର ସ୍ତମ୍ଭ ଏବଂ ସ୍ତମ୍ଭଗୁଡ଼ିକ ଦେହରେ ଇଟାପଥର ନିର୍ମିତ ଅର୍ଦ୍ଧ ଗୋଲାକାର ଖିଲାଣ, ତା' ମଝିରେ ଲୁହା ରଡ଼ର କବାଟ, ଏଇ କବାଟ ଖୋଲିବାର ନୁହେଁ । ଏହା ଖିଲାଣରେ ଶକ୍ତ କରି ବନ୍ଧା ଯାଇଛି । ସବୁ ବାରଣ୍ଡାଗୁଡ଼ିକ ଗମ୍ବୁଜ ଅବା ଗୁମୁଟିରେ ଯାଇ ଯୁକ୍ତ ହୋଇଛି । ଏହିଠାରେ ବାରଣ୍ଡା ଅବା corridorରେ ପ୍ରବେଶ କରିବାର ଫାଟକ । ରାତିରେ ଏଇ ଫାଟକ ବନ୍ଦ ହୋଇଯାଏ । କୋଠରିଗୁଡ଼ିକ ବନ୍ଦ ହୁଏ ଲୁହାରେ ନିର୍ମିତ ଖିଲ ଦ୍ୱାରା; ତାଲା ପକାଇବାର ଜାଗାଟି ହେଉଛି ବାହାର କାନ୍ଥରେ; ଭିତରୁ ତାଲା ଅବା ଲୁହାଛଡ଼ର ଖିଲ ଆଡ଼କୁ ହାତ ପାଏ ନାହିଁ । ପ୍ରତ୍ୟେକ ବ୍ଲକ ତିନି ମହଲା; ଉପର ମହଲା (Upper Corridor), ମଝି ମହଲା (Middle Corridor) ଏବଂ ତଳ ମହଲା (Lower Corridor) । ରାତିରେ ପ୍ରତି ମହଲାରେ ଚାରି ଜଣ କରି ୱାର୍ଡ଼ର ଥାଆନ୍ତି; ଏମାନେ ପ୍ରହରୀ, ପ୍ରତି ତିନି ଘଣ୍ଟାରେ ଜଣ ଜଣ କରି ଲଣ୍ଠନ ହାତରେ ଧରି ବାରଣ୍ଡାର ଏପଟରୁ ସେପଟକୁ ଘୂରୁ ଥାଆନ୍ତି ଏବଂ କୋଠରି ମଧ୍ୟରେ ଦ୍ୱିପଦ ପଶୁଟା କ'ଣ କରୁଛି ତାହା ଦେଖି ଯାଆନ୍ତି । ସମସ୍ତ ଜେଲରେ ସାତୋଟି ବ୍ଲକରେ ଏକୋଇଶିଟି ମହଲାରେ ଏକ ସମୟରେ ଏକୋଇଶ ଜଣ ୱାର୍ଡ଼ର ପହରାରେ ଏମିତି ଘୂରି ଘୂରି ନିଜର ପାଳି ଅନୁଯାୟୀ ଅନ୍ୟମାନଙ୍କୁ ଉଠାଇ ଦିଅନ୍ତି; ଏଇ ଭାବରେ ପାଳି ଅନୁସାରେ ଚଉରାଶି ଜଣ ମିଶି ଜେଲରେ ଏଇ ଦୁଃସାଧ୍ୟ ସାଧନରେ ରାତି ଶେଷ କରନ୍ତି । ଗୁମୁଟିରେ ଜଣେ ପୁଲିସ ସିପାହୀ ଲଣ୍ଠନ ହାତରେ ଧରି ଅବିଶ୍ରାନ୍ତ ଉପଗ୍ରହ ପରି ତଳ ଉପର ହେଉଥାଏ; ସେ ଗୋଟିଏ ଗୋଟିଏ ବ୍ଲକ ପାଖକୁ ଆସେ ଏବଂ ଆଉ ସେଇ ୱାର୍ଡ଼ର ରଡ଼ି କରି ରିପୋର୍ଟ ଜଣାଏ, ''ବିଶ୍ ତାଲା ବନ୍ଦ, ଚାରି ୱାର୍ଡ଼ର, ସବୁ ଠିକ୍ ଅଛି ।'' ପୋଲିସ ଏବଂ ଏଇ ମହଲାର ୱାର୍ଡ଼ରମାନଙ୍କ ମଧ୍ୟରେ ଭକ୍ଷ-ଭକ୍ଷକର ସମ୍ବନ୍ଧ, କାରଣ ୱାର୍ଡ଼ର ଯଦି କେତେବେଳେ ବସି ପଡ଼ିଥିଲା କିଂବା ବତୀଟିକୁ ତଳେ ରଖି ଦେଇଥିଲା ବୋଲି କହି ପୋଲିସ ସେଣ୍ଟ୍ରି ରିପୋର୍ଟ ଅଥବା ନାଲିଶ କଲେ, ୱାର୍ଡ଼ରକୁ ଶାସ୍ତି ଭୋଗ କରିବାକୁ ହେବ । ସେଇ ଭୟରେ ତଟସ୍ଥ ୱାର୍ଡ଼ର ବିଚରା ସିପାହୀ ସାହେବର ମନୋହରଣ କରିବାର ଆଶାରେ ଯେଉଁ ଛଳ, କୌଶଳ ଓ ଚାତୁରୀର ଶରଣ ନିଏ, ତା'ର ଅର୍ଦ୍ଧେକ ଛଳନା ହୁଏତ ମୁନିମନୋହାରୀ ମେନକା, ରମ୍ଭା ଇତ୍ୟାଦି ଜାଣିଥିଲେ କି ନାହିଁ ସନ୍ଦେହ; ଜାଣିଥିଲେ ଋଷିକୁଳ ଅଜାଣତରେ ଓଜାଡ଼ି ହୋଇ ପଡ଼ି ଥାଆନ୍ତେ, ସେଥିରେ ସନ୍ଦେହ ନାହିଁ !

ପ୍ରତ୍ୟେକ ବ୍ଲକର ସାମନାରେ ଖୁବ୍ ବଡ଼ ଅଗଣାଟିଏ ଅଛି; ତା' ମଝିରେ ଦିନରେ କାର୍ଯ୍ୟ କରିବା ଲାଗି ଗୋଟିଏ ଗୋଟିଏ କାରଖାନା; ଗୋଟିଏ ପାଖରେ ଜଳର ଏକ ହାତ ଚଉଡ଼ା ଓ ଦଶ ହାତ ଲମ୍ବାର ଜଳକୁଣ୍ଡ ବା ଏକ ଚୌବାଚ୍ଚା ଏବଂ ପାଖରେ ଟିଣର (corrugated iron) ଶୌଚାଳୟ । ଜେଲର ବାହାର ବଗିଚାର ସମୁଦ୍ର କୂଳରେ ଗୋଟିଏ ପମ୍ପ ଅଛି, ତା'ର କିଛି ଦୂରରେ ବଗିଚା ମଝିରେ ବିରାଟ ବଡ଼ ଜଳକୁଣ୍ଡ ବା ଚୌବାଚ୍ଚା; ପମ୍ପରେ ସମୁଦ୍ରର ଜଳ ଉଠାଇ ଚୌବାଚ୍ଚାରେ ଭରି ରଖାଯାଏ, ସେଇ ଜଳ ନଳ ଦେଇ ସାତୋଟି ନମ୍ବର କରାଯାଇଥିବା ଜଳକୁଣ୍ଡ ବା ଚୌବାଚ୍ଚାକୁ ଯାଏ । ଏଇ ଜଳରେ କଏଦୀମାନେ ସ୍ନାନ କରନ୍ତି, କପଡ଼ା ଧୋଇବା କାର୍ଯ୍ୟ ମଧ୍ୟ କରନ୍ତି । ପିଇବା ପାଣିର କଳ ଗୁମୁଟି ପାଖରେ ଅଛି; ପ୍ରତ୍ୟେକ ନମ୍ବରର ପାଣିବାଲା ସେଇ କଳର 'ମିଠାପାଣି' ଟିଣ ବା ବାଲତିରେ ଭରି ରଖିଦିଏ ।

ପୋଲିସ-ସିପାହୀମାନଙ୍କର ଘେରରେ ରହି ଆମେ ଜାହାଜରୁ ଓହ୍ଲାଇ ଗଧ ସଦୃଶ ମନ୍ଥର ଗତିରେ ଅଗ୍ରସର ହେଉଥିବା ଭାରବାହୀ ନୌକା ଗଧବୋଟରେ ବସିଲୁ ।

ତା'ପରେ ଷ୍ଟିମ୍-ଲଞ୍ଚ ଆମକୁ ଏବାର୍ଡ଼ିନ୍ ଜେଟି ଆଡ଼କୁ ଟାଣି ନେଇ ଚାଲିଲା । ଘାଟରେ ପହଞ୍ଚି ସେଠାରୁ ଆମେ ବେଡ଼ି ଘୋଷାରି ଘୋଷାରି ବକ୍ରପୃଷ୍ଠ ଓ ନତଶିରରେ ଓଟ ପରି ସେଇ ଖାଲ ଢିପ ଜାଗା ପାର ହୋଇ ସେଲ୍ୟୁଲାର୍‌ର ପ୍ରକାଣ୍ଡ ଫାଟକ ପାଖରେ ଆସି ଧାରଣା ଦେଲୁ । ଫାଟକର ଦୁଇ ପାର୍ଶ୍ୱରେ ଅଫିସ ଏବଂ ଗୋଦାମ; ଭିତର ଫାଟକ ଓ ବାହାର ଫାଟକକୁ ପାର ହୋଇ ଏଇ ଅଦ୍ଭୁତ ରାଜବାଟୀର ଅନ୍ତଃପୁରରେ ପ୍ରବେଶ କରିବା ମାତ୍ରେ ଦ୍ୱାରପାଳ (gate keeper) ଆମକୁ ଗଣାଗଣି କରି ଖାତାରେ ଲେଖି ନେଲା, ଆମର ଖର୍ଚ୍ଚର ହିସାବ ଲେଖାଗଲା କିନ୍ତୁ ବାର ବର୍ଷ ପରେ । ଆମମାନଙ୍କର ଏକେବାରେ ରାମ ବନବାସର ଅବସ୍ଥା ତୁଲ୍ୟ, କିନ୍ତୁ ଭାତ ରାନ୍ଧି ଦେବା ପାଇଁ ପତିବତ୍ସଳା ସୀତାଦେବୀ ଏଠାରେ ନଥିଲେ । ଆଉ ସୁବୋଧ, ସୁଶୀଳ ଫଳାହାରୀ ଲକ୍ଷ୍ମଣ ଭାଇ ବା ଆସିବେ କେଉଁଠି ? ପକ୍ୱ କଦଳୀ ଆହରଣ କରି ଆଣିବାର ବାନର ଯୂଥ ମଧ୍ୟ ନଥିଲେ । ତା'ପରେ ରାମଚନ୍ଦ୍ରଙ୍କର ଥିଲା ସାଧାରଣ କେବଳ ନିରର୍ଥକ ଦେଶାନ୍ତର (Simple Deportation); ଆମମାନଙ୍କ ଲାଗି ବ୍ୟବସ୍ଥା ହେଲା ହାଡ଼-ମାଂସ ଖାଇବା, ଚମଡ଼ା ତିଆରି ଡମ୍ବରୁ ବଜାଇବା – ଅର୍ଥାତ୍, ଆମର କିଛି କଠିନ କାର୍ଯ୍ୟ (Hard labour) ନଥିଲା । ସୁତରାଂ ବନବାସର ଗୁରୁତ୍ୱ ତୁଳନାରେ ଆମେ ରାମଚନ୍ଦ୍ରଙ୍କଠାରୁ ଅନେକ ବଡ଼ ଅବତାର ! ଏ କଥା ଯେଉଁମାନେ ନ ମାନନ୍ତି, ସେମାନଙ୍କୁ ବେଶୀ ନୁହେଁ – ଏକ ସପ୍ତାହ ବ୍ୟାରୀ ସାହେବର ରାଜ୍ୟରେ ଘଣା ପେଲିବାକୁ, ନଡ଼ିଆକତା ବାଡ଼ାଇବାକୁ ଆସିବା ଲାଗି ଯୋଡ଼ ହସ୍ତରେ ଆମର ଅନୁରୋଧ; ଏକ ସପ୍ତାହ ମଧ୍ୟରେହିଁ ଅବତାରଙ୍କର କ୍ଲେଶର ଜ୍ୱାଳା ବେଶ୍ ପାଇ ପାରିବେ, ଦୁଇ ବର୍ଷ ବାସ କଲେ ଜ୍ଞାନ ଦାନ୍ତ ଉଠିବାକୁ ଆରମ୍ଭ କରିବ; ଆଉ ଯଦି ଦଶ ବର୍ଷ ରହି ପାରନ୍ତି, ତା'ହେଲେ ଗଧକୁ ପିଟି ପିଟି ସତକୁ ସତ ଯେ ତା'କୁ ମଣିଷ କରାଯାଏ, ଏ ବିଷୟରେ ଆଉ ଆଦୌ ସନ୍ଦେହ ରହିବ ନାହିଁ । ଅନ୍ତତଃ ମୁଁ ଏଇ ଦ୍ୱୀପାନ୍ତରବାସ ପରି ଏପରି ସାକ୍ଷାତ୍ ଜ୍ଞାନଦାୟୀ ଘଟଣା ଆଉ କିଛି ଦେଖି ନାହିଁ । ପ୍ରକୃତ ସତ କଥା ହେଲା ଏହିପରି କଠିନ ପରୀକ୍ଷାହିଁ ଯେ ଭଗବାନଙ୍କର ଶରଣମଙ୍ଗଳ ରୂପ ।

ଫାଟକ ପାର ହୋଇ ବଗିଚା ଧାରରେ ଶ୍ରେଣୀବଦ୍ଧ ହୋଇ ଆମେ ଛିଡ଼ା ହେଲୁ । ଏବଂ ସେଠାରେ ଜେଲର୍ ବ୍ୟାରୀ (Mr. D. Barry) ସାହେବଙ୍କର ରୂପ ଭଲ ଭାବେ ଦେଖିଲୁ । କଳାପାଣିରେ କଏଦୀମାନେ ତାଙ୍କୁ ଯେମିତି ଭୟ କରନ୍ତି, ଛେଳିମାନେ ବାଘକୁ ତା'ର ଅଧା ଭୟ କରନ୍ତି କି ନାହିଁ ସେ ବିଷୟରେ ମୋର ଖୁବ୍ ସନ୍ଦେହ ଅଛି । ବ୍ୟାରୀ ସାହେବ ଥିଲେ ମୋଟା ମଣିଷ, ପେଟଟି ତାଙ୍କର ଘିଅଖିଆ ମାରୁୱାଡ଼ିମାନଙ୍କ ଚର୍ବି ଥିବା ପେଟକୁ ମଧ୍ୟ ଲଜ୍ଜା ଦିଏ; ନାକଟି ଚେପ୍‌ଟା ଏବଂ ଲାଲ, ଚକ୍ଷୁ ଗୋଲ ଗୋଲ, ଟାଆଁଶିଆ ନିଶଟି କେତେକ ପରିମାଣରେ ରକ୍ତଲୋଲୁପ ବାଘ ଭଳି ଦେଖାଯାଏ । ସେ ଆସି ଏକ ଲମ୍ବା ବକ୍ତୃତା ଆରମ୍ଭ କଲେ, ତା'ର ସାରମର୍ମ ଏଇ ପ୍ରକାରର – ''ଏଇ ଯେଉଁ ପାଚେରି ଦେଖୁଛ ତାହା ଏତେ କମ୍ ଉଚ୍ଚା କାହିଁକି ଜାଣ ? କାରଣ ଏଠାରୁ ପଳାଇବା ଏକ ପ୍ରକାର ଅସମ୍ଭବ । ଚାରିପଟେ ଏକ ହଜାର ମାଇଲ ବ୍ୟାପୀ ସମୁଦ୍ର, ଯଦିଓ ବଣରେ କେବଳ ଘୁଷୁରି ଏବଂ ବଣ ବିରାଡ଼ି ଛଡ଼ା ଆଉ କୌଣସି ପଶୁ ନାହାନ୍ତି, କିନ୍ତୁ ଜଙ୍ଗଲୀ ଅଛନ୍ତି, ସେମାନଙ୍କର ନାମ ଜର୍‌ଓ୍ୱାଲା; ସେମାନେ ମଣିଷ ଦେଖିବା ମାତ୍ରେ ବିନା ବାକ୍ୟବ୍ୟୟରେ ତା' ଦେହରେ ତୀକ୍ଷ୍ଣ ତୀକ୍ଷ୍ଣ ତୀର ମାରି ପୂରା ଏପଟରୁ ସେପଟ ବିଦ୍ଧ କରି ଦିଅନ୍ତି । ମୋତେ ଦେଖି ପାରୁଛ ? ମୋ ନାମ ଡି. ବ୍ୟାରୀ; ଭଲ ମଣିଷ ପାଖରେ ମୁଁ ତା'ର ପରମ ହିତକାରୀ, ଟେଢ଼ା ପାଖରେ ମୁଁ ଚାରି ଗୁଣ ଟେଢ଼ା । ଯଦି ଅବାଧ୍ୟ ହୁଅ, ତା'ହେଲେ ଭଗବାନ୍ ତୁମମାନଙ୍କର ସହାୟ ହୁଅନ୍ତୁ, ମୁଁ ତ ତାହା ହେବି ନାହିଁ, ଏହା ଏକେବାରେ ସ୍ଥିର; ଏବଂ ଏଇ ପୋର୍ଟ ବ୍ଲେୟାରର ତିନି ମାଇଲ ମଧ୍ୟରେ ଭଗବାନ୍ ଆସନ୍ତି ନାହିଁ, ସେକଥା ମନେ ରଖ । ଏଇ ସବୁ ଯେଉଁ ଲାଲ ପଗଡ଼ି ଦେଖୁଛ, ଏମାନେ ହେଲେ ଓ୍ୱାର୍ଡ଼ର; କଳା ପୋଷାକଧାରୀମାନେ ହେଲେ ପେଟି ଅଫିସର୍ (petty officer); ଏମାନେ ଯାହା କହିବେ ତାହା ଶୁଣିବ, ଏମାନେ କିଛି କଷ୍ଟ ଦେଲେ ମୋତେ ଜଣାଇବ, ମୁଁ ତାଙ୍କୁ ଶାସ୍ତି ଦେବି ।''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ ❑

ସମଷ୍ଟିଗତ ଭାବେ ଗୋଟିଏ ସଦ୍‌ଗୁଣର ଅଧିକାରୀ ହେବା ନିମନ୍ତେ ବିପୁଳ ଉଦ୍ୟମ ଆବଶ୍ୟକ ।

– ଶ୍ରୀମା

# ଶକ୍ତିଶାଳୀ ମିତ୍ର

## ମନୋଜ ଦାସ

ସୁଲତାନଙ୍କ ରାଜ୍ୟରେ ତାଙ୍କର ଜଣେ ମାତ୍ର ଶତ୍ରୁ ଥିଲେ । ସେ ଜଣେ ଜମିଦାର । ପିଲାବେଳେ ଦୁହେଁ ଏକହିଁ ବିଦ୍ୟାଳୟରେ ପାଠ ପଢୁଥିଲେ । ସେବେଠୁଁ ଦୁହିଁଙ୍କ ଭିତରେ ଝଗଡ଼ା ଲାଗି ରହିଥାଏ ।

ସୁଲତାନ କିନ୍ତୁ ରାଜ୍ୟରେ ସବୁଠାରୁ କ୍ଷମତାଶାଳୀ ବ୍ୟକ୍ତି । ତାଙ୍କ ସହ ଶତ୍ରୁତା କରି ତିଷ୍ଠିବ କିଏ ? ସେ ବିଭିନ୍ନ ଅଭିଯୋଗରେ ଜମିଦାରଙ୍କୁ ତିନି ତିନି ଥର ଗିରଫ କଲେ । କିନ୍ତୁ ବୁଦ୍ଧିମାନ୍ ଜମିଦାର ରକ୍ଷୀମାନଙ୍କ ଆଖିରେ ଧୂଳି ଦେଇ ତିନି ଥର ଯାକ ଖସି ପଳାଇଲେ । ପଳାଇ ଯାଇ ସେ ପ୍ରଜାମାନଙ୍କୁ ସୁଲତାନଙ୍କ ବିରୋଧରେ ମତାଉଥା'ନ୍ତି ।

ସୁଲତାନଙ୍କୁ ରାତିରେ ନିଦ ହେଉ ନଥାଏ । ଯେକୌଣସିମତେ ଜମିଦାରଙ୍କୁ ଧରିବାକୁ ହେବ । ଏଥର ଧରା ହେଲେ ଯଥାଶୀଘ୍ର ତାଙ୍କ ମୁଣ୍ଡ କାଟ କରିବାକୁ ହେବ । ତେଣିକି ଆଉ ଚିନ୍ତା ରହିବ ନାହିଁ । ନ ହେଲେ ଜମିଦାରଙ୍କ ଚେଷ୍ଟାରେ ରାଜ୍ୟରେ ଦିନେ ବିଦ୍ରୋହ ହୋଇପାରେ ।

ସୁଲତାନ ତାଙ୍କର ସମଗ୍ର ରକ୍ଷୀଦଳକୁ ଚେତାଇ ଦେଲେ ମାସକ ଭିତରେ ଜମିଦାର ଧରା ହେବା ଚାହି । ନ ହେଲେ ରକ୍ଷୀଦଳର ସାନ ବଡ଼ ସବୁ କର୍ମଚାରୀ କାରାଦଣ୍ଡ ପାଇବେ ।

ପ୍ରାଣ ବିକଳରେ ରକ୍ଷୀମାନେ ଯଥାସାଧ ଚେଷ୍ଟା କରି ଜମିଦାରଙ୍କୁ ଧରିଲେ । ସୁଲତାନଙ୍କ ଆଗରେ ତାଙ୍କୁ ଆଣି ହାଜର କରାଗଲା ।

ସୁଲତାନ କହିଲେ – ''ଏଥର ତୁମକୁ କିଏ ରକ୍ଷା କରିପାରିବ ? ତିନି ତିନି ଥର ଯେ ପଳାଇ ଯାଇଥିଲ, ତାହା ବୃଥା ବୋଲି ବର୍ତ୍ତମାନ ବୁଝୁଛଟି ?''

''ବୃଥା ନୁହେଁ, ସୁଲତାନ ! ମୁଁ ସ୍ୱାଭାବିକ କାମହିଁ କରିଛି । ନିଜକୁ ବଞ୍ଚାଇବା ଦିଗରେ ଚେଷ୍ଟାହିଁ ସେ ସ୍ୱାଭାବିକ କାମ ।'' ଉତ୍ତର ଦେଲେ ଜମିଦାର ।

ସୁଲତାନ ଅଟ୍ଟହାସ୍ୟ କଲେ ଏବଂ କହିଲେ – ''ଆଉ କିନ୍ତୁ ସେ ସ୍ୱାଭାବିକ କାମ କରିବାର ସୁଯୋଗ ପାଇବ ନାହିଁ । ବିଧି ଅନୁସାରେ ଆଗାମୀ କାଲି ତୁମ ମୁଣ୍ଡ କାଟ ହେବ । ସବୁଠାରୁ କଡ଼ା ପ୍ରହରା ଭିତରେ ତୁମକୁ ଆଜି ରାତିକ ରଖା ହେବ । ମୁଁ ଜାଣେ, ପୂର୍ବରୁ ତୁମେ ତୁମର କେତେଜଣ ମିତ୍ରଙ୍କ ସହାୟତାରେ ପଳାୟନ କରୁଥିଲ । ଏଥର ତାହା ସମ୍ଭବ ହେବ ନାହିଁ । କୌଣସି ମିତ୍ର ତୁମ ପାଖ ପଶିପାରିବେ ନାହିଁ । ବୁଝିଲ ?''

''ବୁଝିଲି । କିନ୍ତୁ ସୁଲତାନ ! ତୁମେ ବୁଝି ନାହଁ ଯେ ମୋର ମିତ୍ରମାନଙ୍କ ଭିତରେ ଏଭଳି ଶକ୍ତିଶାଳୀ ମିତ୍ର ଅଛନ୍ତି ଯିଏ ମୋତେ ସାହାଯ୍ୟ କରିବାକୁ ଚାହିଁଲେ କେହି ତାଙ୍କୁ ଅଟକାଇ ପାରିବେ ନାହିଁ ।'' ଉତ୍ତର ଦେଲେ ଜମିଦାର ।

ସୁଲତାନ ଯେତିକି ଆଶ୍ଚର୍ଯ୍ୟ ହେଲେ, ସେତିକି କ୍ରୁଦ୍ଧ ହେଲେ । ସେ ରକ୍ଷୀ-ସର୍ଦାରଙ୍କୁ କହିଲେ, କାରାକକ୍ଷ ଚାରିପଟେ ଯେମିତି ଶହେ ପ୍ରହରୀ ରାତିଯାକ ଜାଗତିଆର ହୋଇ ରହିବେ । କାରା କବାଟରେ ଲାଗିବ ସବୁଠାରୁ ଶକ୍ତ ତାଲା । ଯଦି ବନ୍ଦୀ କୌଣସିମତେ ଖସି ପଳାଇବେ, ତେବେ ସକାଳେ ରକ୍ଷୀ-ସର୍ଦାରଙ୍କ ମୁଣ୍ଡକାଟ ହେବ ।

ରକ୍ଷୀ-ସର୍ଦାର କାରାକକ୍ଷ ଚାରିପଟେ ଅଧିକା ଧାଡ଼ିଏ ଲୁହାଛଡ଼ ପୋତିଲେ । ଛଡ଼ସବୁରେ ମୋଟା ଜଞ୍ଜିର ଗୁଡ଼ାଇ ଦିଆଗଲା । କୌଣସି ଲୋକ ତାହା ଭିତରେ ସ୍ଥିତ କାରାକକ୍ଷ ପାଖକୁ ଆସିବାର ସୁଯୋଗ ପାଇବ ନାହିଁ ।

ସେଦିନ ସନ୍ଧ୍ୟାବେଳଠୁଁ ଭୀଷଣ ଝଡ଼ବର୍ଷା ଆରମ୍ଭ ହେଲା । ରାତିତମାମ ପ୍ରଚଣ୍ଡ ପବନ ଏବଂ ବହଳ ବର୍ଷା ସାଙ୍ଗକୁ ବାରଂବାର ବଜ୍ରପାତ ଯୋଗୁଁ ସେ ମୁଲକ କମ୍ପି ଉଠୁଥାଏ ।

ସକାଳ ହେଲା । ରକ୍ଷୀ-ସର୍ଦାର ଆସି ଦେଖିଲେ, କାରାକକ୍ଷର ତାଲା ଭଙ୍ଗା ହୋଇଛି । ବନ୍ଦୀ ପଳାୟନ କରିଛନ୍ତି ।

ସେ ବୁଝିଲେ, ଏଥର ତାଙ୍କୁହିଁ ମରିବାକୁ ପଡ଼ିବ । ସେ ଘରକୁ ଯାଇ, ସ୍ନାନ କରି, ଭଗବାନଙ୍କୁ ପ୍ରାର୍ଥନା କରି ସୁଲତାନଙ୍କୁ ସାକ୍ଷାତ୍ କଲେ ଏବଂ ବନ୍ଦୀ ପଳାୟନ କରିଥିବା କଥା ଜଣାଇଲେ ।

ଚିତ୍କାର କଲେ ସୁଲତାନ, ''ତୁମେ ତେବେ ମରିବାକୁ ପ୍ରସ୍ତୁତ ହୁଅ ।''

''ମରିବାକୁ ପ୍ରସ୍ତୁତ ହୋଇ ଆସିଛି ପ୍ରଭୁ !'' କହିଲେ ରକ୍ଷୀ-ସର୍ଦାର ।

ତେବେ ସୁଲତାନଙ୍କର କୌତୂହଳ ହେଲା । ସେ ତାଲା ଭଙ୍ଗା ହୋଇଥିବା କଥା ଶୁଣି ପଚାରିଲେ, ‘‘କିଏ ସେ ଶକ୍ତିଶାଳୀ ମିତ୍ର, ଯିଏ ଏ କାମ କରି ଥାଇପାରେ ? ଆଚ୍ଛା, ସେ ବନ୍ଦୀ କାହାକୁ କିଛି ସନ୍ଦେଶ ପଠାଇବାର ଜାଣିଛ ?’’

‘‘ନା, ହଜୁର ! ଆମ ଲୋକେ ଲୁହାଛଡ଼ ସବୁ ପୋତିବା ବେଳେ ତହିଁ ଉପରେ ଯେତେ ଥର ହାତୁଡ଼ି ପିଟନ୍ତି, ସେତେଥର ବନ୍ଦୀ ଖାଲି କହୁଥା’ନ୍ତି, ହେ ଈଶ୍ୱର ! ଏଥର ତୁମେହିଁ ମୋତେ ରକ୍ଷା କଲେ କରିପାରିବ !’’ ଜଣାଇଲେ ରକ୍ଷୀ-ସର୍ଦ୍ଦାର ।

ସୁଲତାନ ନୀରବରେ ଚିନ୍ତା କଲେ ଓ ଧୀରେ ଧୀରେ ରକ୍ଷୀ-ସର୍ଦ୍ଦାରଙ୍କୁ କହିଲେ, ‘‘ତୁମେ କ’ଣ ଈଶ୍ୱରଙ୍କଠାରୁ ଅଧିକ ଶକ୍ତିଶାଳୀ ଯେ ତୁମେ ତାକୁ ଆଟକରେ ରଖି ପାରିଥା’ନ୍ତ ? ଦେଖୁଛି, ତୁମ ପ୍ରତିଦ୍ୱନ୍ଦ୍ୱୀ ଥିଲେ ସ୍ୱୟଂ ଈଶ୍ୱର । ତୁମର ଦୋଷ ନାହିଁ । ତୁମକୁ ପ୍ରାଣଦଣ୍ଡ ଭୋଗିବାକୁ ପଡ଼ିବ ନାହିଁ ।’’

ଜଣାପଡ଼ିଲା, ବଜ୍ରପାତ ଯୋଗୁଁ କାରାକକ୍ଷର ତାଲା ଭାଙ୍ଗି ଯାଇଥିଲା ।

ସୁଲତାନ ଓ ଜମିଦାରଙ୍କ ଭିତରେ ଏହା ପରେ ଆଉ କିଛି ବିବାଦ ଘଟି ନାହିଁ । ସୁଲତାନ ବୁଝିଥିଲେ ଜମିଦାରଙ୍କ ଶକ୍ତିଶାଳୀ ମିତ୍ର କିଏ । ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ପ୍ରଥମ ଦର୍ଶନ

## ପବିତ୍ର

## (୧୯୨୫)

ମୁଁ 'ସିଲୋନ୍'ରେ କିଛି ସପ୍ତାହ ଅପେକ୍ଷା କରି ରହିଥିଲି, କାରଣ ଭାରତୀୟ ରେଳ ଚଳାଚଳ ବନ୍ୟା ଯୋଗୁଁ ଛିନ୍ନଭିନ୍ନ ହୋଇ ଯାଇଥିଲା । (ତୁମେ ଦେଖ, ଏପର୍ଯ୍ୟନ୍ତ ବନ୍ୟା ସେହିପରି ହେଉଛି) – ରେଳରାସ୍ତା ସବୁ ନଷ୍ଟ ହୋଇ ଯାଇଥିଲା । ମୁଁ 'କଲୋମ୍ବୋ'ରେ ତିନି ସପ୍ତାହ ଅପେକ୍ଷା କରି ରହିଥିଲି । ତା'ପରେ ମୁଁ ଦିନେ ସକାଳ ଟ୍ରେନ୍‌ରେ ପଣ୍ଡିଚେରୀରେ ପହଞ୍ଚିଲି । ପହଞ୍ଚିବା ପରେ 'ଦି ଇଉରୋପ' ହୋଟେଲରେ ରହିବା ପାଇଁ ଅଗ୍ରିମ ଟଙ୍କା ଜମା ଦେଇ ସିଧା ଆଶ୍ରମକୁ ଗଲି । ସେହି ସମୟରେ ଶ୍ରୀଅରବିନ୍ଦ ଯେଉଁ ପ୍ରକୋଷ୍ଠରେ ରହୁଥିଲେ, ପରେ ସେହି ପ୍ରକୋଷ୍ଠରେ 'ଅନୀଲବରଣ' ରହିଲେ । ତେଣୁ ମୁଁ ଜଣଙ୍କୁ ପଚାରିଲି, ''କେଉଁଠାରେ ମୁଁ ଶ୍ରୀଅରବିନ୍ଦଙ୍କୁ ଦେଖି ପାରିବି'' । ସେହି ଦିନମାନଙ୍କରେ ଶ୍ରୀଅରବିନ୍ଦ ଲୋକମାନଙ୍କୁ ଦେଖା କରୁଥିଲେ, ଶିଷ୍ୟମାନଙ୍କୁ ମଧ୍ୟ ସାକ୍ଷାତ୍ କରୁଥିଲେ । ଶ୍ରୀଅରବିନ୍ଦ ମୋତେ ସାକ୍ଷାତ୍ ଦେବାକୁ ରାଜି ହେଲେ । ମୁଁ ଶ୍ରୀଅରବିନ୍ଦଙ୍କୁ ମୋର ଅବସ୍ଥା ବିଷୟ ସୁସ୍ପଷ୍ଟଭାବେ ବ୍ୟାଖ୍ୟା କରି କହିଥିଲି ଯେ ମୁଁ କ'ଣ ଅନ୍ୱେଷଣ କରୁଛି, ମୁଁ କାହିଁକି ଇଉରୋପ ଛାଡ଼ିଲି ଏବଂ ମୁଁ ଏଠାରେ କ'ଣ ଖୋଜି ପାଇବି ବୋଲି ଆଶାକରି ଆସିଛି । ସେହି ପ୍ରଥମ ଦିନ ମୁଁ କେବଳ କହୁଥିଲି ଓ ସେ ଶୁଣୁଥିଲେ । ସେ ମୋତେ ତା' ପରଦିନ ଆସିବାକୁ କହିଲେ ।

ସେଦିନ ସନ୍ଧ୍ୟାବେଳେ ମୁଁ ଶ୍ରୀମାଙ୍କୁ ସାକ୍ଷାତ୍ କଲି । ଓଃ ଶ୍ରୀମାଙ୍କ କଥା, ମୋର ମନେ ଅଛି ... ବିଶେଷ କରି ତାଙ୍କର ଆଖି ! ତାଙ୍କର ଉଜ୍ଜ୍ୱଳ ଚକ୍ଷୁର ଜ୍ୟୋତିଃ ମୋର ଏପର୍ଯ୍ୟନ୍ତ ମନେ ଅଛି । ମୁଁ ମୋର ସବୁ କାହାଣୀ ଶ୍ରୀମା'ଙ୍କୁ ପୁନର୍ବାର କହିଲି, ସମ୍ଭବତଃ ସଂକ୍ଷେପରେ କହିଥିଲି । ସେ ମୋତେ ଅଳ୍ପ କିଛି କହିଲେ ଏବଂ ତା'ପରେ ମୁଁ ମୋର ହୋଟେଲକୁ ଫେରିଗଲି । ମୋର ଯାହା ମନେ ପଡୁଛି, ମୁଁ ସେଦିନ ସମୁଦ୍ରକୂଳକୁ ବୁଲିବାକୁ ଯାଇଥିଲି । ସେଠାରେ ମୁଁ ଶୁଣିଲି, କେହି ଜଣେ କହୁଥିଲେ – ''ଦେଖ, ଏଠାରେ କେତେ ଜଣ 'ସ୍ୱଦେଶୀ' ଅଛନ୍ତି ।'' ଧଳା ପୋଷାକ ପିନ୍ଧୁଥିବା ଆଶ୍ରମର ସଦସ୍ୟମାନଙ୍କ କଥା ସେମାନେ କହୁଥିଲେ । ସେଠାରେ ବେଶୀ ସଦସ୍ୟ ନଥିଲେ । କେତେଜଣ ଥିବେ ? ପ୍ରାୟ ବାରଜଣ କି ପନ୍ଦରଜଣ ବୋଧହୁଏ ଥିଲେ ।

ତା'ପରଦିନ ସକାଳେ ମୁଁ ଫେରିଆସିଲି ଏବଂ ଶ୍ରୀଅରବିନ୍ଦଙ୍କୁ ଦେଖା କରିଥିଲି । ଏବଂ ସେଦିନ ସେହିଁ ଯିଏ କେବଳ କହୁଥିଲେ । ଯଦିଓ ମୁଁ ଆଗରୁ ତାଙ୍କୁ 'ମୁକ୍ତିପ୍ରାପ୍ତ' ହେବା ପାଇଁ ମୋର ଇଚ୍ଛା ବା ଆକାଂକ୍ଷା ବିଷୟରେ କହିଥିଲି । ମୁଁ ତାଙ୍କୁ କହିଥିଲି ମୁଁ କ'ଣ ଅନ୍ୱେଷଣ କରୁଥିଲି । ମୁଁ କହିଥିଲି, ପୁନର୍ଜନ୍ମରୁ ମୁକ୍ତ ହେବା ପାଇଁ ମୁଁ ଯେତେ ଚାହୁଁନି, ଅଧିକ ଚାହୁଁଛି ମୋ ନିଜଠାରୁ ମୁକ୍ତି, ମୋର ଅହଂଠାରୁ, ମୋର ଅଜ୍ଞତାରୁ, ମୋର ପାପ, ଅପରାଧରୁ ମୁକ୍ତି, ମିଥ୍ୟା କଥାରୁ ମୁକ୍ତି । ଏପରିକି ଯାହା ଯାହା ସାଧାରଣ ମାନବ ଜୀବନରେ ଦେଖା ଦେଇଥାଏ – ସେସବୁଥିରୁ 'ମୋକ୍ଷ' ଓ 'ମୁକ୍ତି' ଥିଲା ମୋର ଆଦର୍ଶ ଓ କଳ୍ପନା । ମୁଁ ଏହା ଅନ୍ୟ କୌଣସି ସ୍ଥାନରେ, କୌଣସି ସ୍ୱର୍ଗରେ ଥିବ ବୋଲି ଭାବି ନଥିଲି । ମୁଁ ବିଶେଷତଃ କେବଳ ଦୁଃଖ-ଯନ୍ତ୍ରଣାରୁ ଦୂରେଇ ଯିବାକୁ ଚାହୁଁ ନଥିଲି କିନ୍ତୁ ଅଜ୍ଞତା, ଅସତ୍ୟତା, କୁତ୍ସିତତାସବୁର ଭାର ବା ବୋଝରୁ ମୁକ୍ତି । ଏବଂ ଏଗୁଡ଼ିକୁ ପରିହାର୍ଯ୍ୟ କରିବା ଅପେକ୍ଷା ମୁଁ ଆହୁରି ଅଧିକ ଭାବେ ବହୁତ କିଛି ସକାରାତ୍ମକ ଓ ବାସ୍ତବ ବିଷୟର ଅନ୍ୱେଷଣ କରୁଥିଲି । ଦୁଃଖ-ଯନ୍ତ୍ରଣାରୁ ଦୂରେଇ ଯିବା ଅପେକ୍ଷା ମୁଁ ଆଲୋକର ଅନ୍ୱେଷଣ କରୁଥିଲି । ଦୁଃଖ-ଯନ୍ତ୍ରଣାର ଶେଷ କି, ଅସତ୍ୟର ସମାପ୍ତି ବିଷୟରେ ଚିନ୍ତା ନକରି ଆଲୋକ, ଜ୍ଞାନ ଓ ସତ୍ୟର ଅନୁସନ୍ଧାନ କରୁଥିଲି ।

ତେଣୁ ଶ୍ରୀଅରବିନ୍ଦ ମୋତେ କହିଥିଲେ ଯେ ଭାରତରେ ଅନେକ ଲୋକ ଅଛନ୍ତି, ଯିଏ ମୁଁ ଯାହା ଅନ୍ୱେଷଣ କରୁଥିଲି, ମୋତେ ତାହା ଦେଇପାରିଥା'ନ୍ତେ । କିନ୍ତୁ ସେମାନଙ୍କୁ ସାକ୍ଷାତ୍ କରିବା ସେତେ ସହଜ ନୁହେଁ, ବିଶେଷତଃ ଜଣେ ଇଉରୋପୀୟ ପାଇଁ । ତା'ପରେ ସେ କହିବାକୁ ଲାଗିଲେ ମୁଁ ଯାହା ଅନ୍ୱେଷଣ କରୁଥିଲି ସେବିଷୟ ବିଚାରକୁ ନେଇ – ଭଗବାନଙ୍କ ସହିତ ମିଳନ, 'ବ୍ରହ୍ମନ୍‌ଙ୍କ ଉପଲବ୍ଧି' ।

*(ଅବଶିଷ୍ଟାଂଶ ପୃଷ୍ଠା ୩୯ରେ ଦେଖନ୍ତୁ)*

# ସନାତନ ଧର୍ମ

## (୭)

## କୁମାର ଚନ୍ଦ୍ର ମିଶ୍ର

ପ୍ରତ୍ୟେକ ଧର୍ମର ନିର୍ଦ୍ଦିଷ୍ଟ ଶାସ୍ତ୍ର ରହିଛି । ଖ୍ରୀଷ୍ଟିଆନ ଧର୍ମର ଶାସ୍ତ୍ର ହେଲା ବାଇବେଲ (Bible), ଇସଲାମର ଧର୍ମ ଶାସ୍ତ୍ର ହେଲା କୋରାନ (Koran) ଓ ବୌଦ୍ଧଧର୍ମର ଶାସ୍ତ୍ର ହେଲା 'ତ୍ରିପିଟକ' । କିନ୍ତୁ ସନାତନ ଧର୍ମର ସେପରି କୌଣସି ନିର୍ଦ୍ଧାରିତ ଶାସ୍ତ୍ର ନାହିଁ – ତେବେ ବି ଏହାର ଶାସ୍ତ୍ର ସମ୍ପଦ ବିପୁଳ, ବହୁବିଧ ଓ ବିଭବଶାଳୀ । ମାନବ ତା'ର ସ୍ୱଭାବ ଅନୁଯାୟୀ ଯେକୌଣସି ଶାସ୍ତ୍ର ବା ଉପଶାସ୍ତ୍ରକୁ ଅନୁସରଣ କରିପାରେ । ମାନବର ହୃଦୟହିଁ ସକଳ ଶାସ୍ତ୍ରର ମୂଳ ଉତ୍ସ ଓ ଗନ୍ତାଘର ବୋଲି କୁହାଯାଏ । ଏହି ଧର୍ମ ହେଲା ଜୀବନ ବଞ୍ଚିବାର ଏକ ପଥ ଯାହା ଉଭୟ ଇହଲୋକ ଓ ପରଲୋକ ଉପରେ ଦୃଷ୍ଟି ନିବଦ୍ଧ କରିଥାଏ । ନିଜକୁ ଅତିକ୍ରମ କରିଯିବା ଲାଗି ଏହା ମାର୍ଗ ଦର୍ଶନ କରାଇଥାଏ ।

ହିନ୍ଦୁ ଶାସ୍ତ୍ରଗୁଡ଼ିକର ପରିସର ଅତି ବ୍ୟାପକ ଓ ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ସେସବୁ ପ୍ରଣୟନ କରାଯାଇଛି । ତେବେ ଚାରୋଟି ବେଦ – ଋଗ୍, ଯଜୁଃ, ଶ୍ୟାମ ଓ ଅଥର୍ବକୁ ସବୁ ଶାସ୍ତ୍ରର ମୂଳଉତ୍ସ ରୂପେ ଓ ପ୍ରାମାଣିକ ଶାସ୍ତ୍ର ରୂପେ ଗ୍ରହଣ କରାଯାଏ । ବେଦକୁ 'ଶ୍ରୁତି' ବୋଲି କୁହାଯାଏ । କାରଣ ପ୍ରାୟ ୫୦୦୦ ବର୍ଷ ପୂର୍ବେ ଏହି ପୁଣ୍ୟ ଭୂମି ଭାରତ ଭୂଖଣ୍ଡର ମୁନି ଋଷିଗଣ ପ୍ରତିବୋଧ (Intuition) ସାହାଯ୍ୟରେ ବେଦର ଶ୍ଳୋକଗୁଡ଼ିକୁ ଶ୍ରବଣ କରି ଆତ୍ମସ୍ଥ କରୁଥିଲେ । ସେତେବେଳେ ଆଧୁନିକ ଯୁଗର ଲେଖନୀ ନଥିଲା କି ଛାପାଖାନା ନଥିଲା । ଗୁରୁ-ଶିଷ୍ୟ ପରମ୍ପରାରେ ସେହି ଅମୂଲ୍ୟ ଅପୂର୍ବ ପ୍ରଜ୍ଞା ସଞ୍ଚାରିତ ହୋଇ ପରବର୍ତ୍ତୀ କାଳରେ ତାଳପତ୍ରରେ ଲିପିବଦ୍ଧ ହୋଇ ଭବିଷ୍ୟତ୍ ପିଢ଼ି ଲାଗି ସଂରକ୍ଷିତ ହୋଇ ରହିଥିଲା । ସେଥିରେ ରଚିତ ଶ୍ଳୋକଗୁଡ଼ିକର ପ୍ରଣେତାମାନଙ୍କର ନାମ କୁତ୍ରାପି ଲେଖାଯାଇ ନଥାଏ । ଆମ ପୂର୍ବସୂରୀ ମୁନିଋଷିମାନଙ୍କର ନୈର୍ବ୍ୟକ୍ତିକତା ଓ ଉଦାରତାର ଏହା ଏକ ଜ୍ୱଳନ୍ତ ନିଦର୍ଶନ । ଏହି ଶ୍ଳୋକଗୁଡ଼ିକ ବିଭିନ୍ନ ଛନ୍ଦରେ ସଂସ୍କୃତ ଭାଷାରେହିଁ ଲେଖା ଯାଇଛି ।

ଚାରୋଟି ବେଦ ବ୍ୟତୀତ ୧୦୮ଟି ଉପନିଷଦ୍, ଷଡ଼୍‌ଦର୍ଶନ, ବ୍ରହ୍ମସୂତ୍ର, ଅଷ୍ଟାଦଶ ମୁଖ୍ୟ ପୁରାଣ, ଅଷ୍ଟାଦଶ ଉପପୁରାଣ, ବାଲ୍ମିକୀଙ୍କ ରଚିତ ରାମାୟଣ, ବ୍ୟାସଦେବଙ୍କ ଦ୍ୱାରା ରଚିତ ମହାଭାରତ, ଶ୍ରୀମଦ୍ ଭଗବଦ୍‌ଗୀତା (ଯାହା ମହାଭାରତର ଭୀଷ୍ମ ପର୍ବର ଏକ ଅଂଶ) ହିନ୍ଦୁ ଶାସ୍ତ୍ରରେ ଅନ୍ତର୍ଭୁକ୍ତ କରାଯାଇପାରେ । ବୈବସ୍ୱତ ମନୁଙ୍କ ଦ୍ୱାରା ରଚିତ ମନୁସ୍ମୃତି, ଭର୍ତ୍ତୃହରିଙ୍କ ନୀତିଶାସ୍ତ୍ର, ଚାଣକ୍ୟଙ୍କ ପ୍ରଣୀତ ଅର୍ଥଶାସ୍ତ୍ରକୁ ମଧ୍ୟ ହିନ୍ଦୁଶାସ୍ତ୍ରର ମାନ୍ୟତା ଦିଆଯାଇଥାଏ ।

ସନାତନ ଧର୍ମର ଶାସ୍ତ୍ର ସମ୍ପର୍କରେ ମହାଯୋଗୀ ଶ୍ରୀଅରବିନ୍ଦ କହିଛନ୍ତି :

''ଭଗବାନଙ୍କର ବିଶ୍ୱଜନୀନ ବିଭାବକୁ ପ୍ରକଟନ କରିବାରେ ଉପନିଷଦ୍ ସମୂହର ଏକ ପ୍ରମୁଖ ଭୂମିକା ରହିଛି । ବ୍ରହ୍ମ ଯେ ଚିରନ୍ତନ ବା ଶାଶ୍ୱତ – ଏହା ହେଲା ବେଦାନ୍ତର ପ୍ରାରମ୍ଭ ଓ ଶେଷକଥା । ଏହା ଯଦି ସ୍ୱୀକାର କରା ନଯାଏ ତେବେ ଅନ୍ୟ କୌଣସି ବିଷୟ ବା ବିଭାବର ବିଶେଷତ୍ୱ ରହି ନଥାଏ । କାରଣ ଧର୍ମର ଯାବତୀୟ ବିଚାର ବା ବିବୃତି ଏହି 'ବ୍ରହ୍ମ' ଧାରଣାରୁହିଁ ଉଦ୍ଭବ ହୋଇଥାଏ ଅଥବା ତାହାକୁହିଁ ଅତି କମ୍‌ରେ ଆଧାର ରୂପେ ଗ୍ରହଣ କରାଯାଇଥାଏ । ଏତଦ୍ ବ୍ୟତୀତ ଏହି କେନ୍ଦ୍ରୀୟ ସତ୍ୟକୁ ବାଦ୍ ଦେଇ ମ୍ଲେଚ୍ଛ ପଣ୍ଡିତମାନେ ଓ ଦାର୍ଶନିକମାନେ ଉପନିଷଦ୍‌କୁ ଏକ ଶିଶୁସୁଲଭ ଅସ୍ପଷ୍ଟ ବାଚାଳତା ବା ଅସଂଲଗ୍ନ ସାବଲୀଳ ପୂର୍ବାନୁମାନ ମାତ୍ର ବୋଲି ବିବେଚନା କରିଥା'ନ୍ତି । ଅଥଚ ଏହି କେନ୍ଦ୍ରୀୟ ସତ୍ୟକୁ ଆଲୋକ ରୂପେ ବ୍ୟବହାର କରି ହିଁ ଶାସ୍ତ୍ରର ଅନ୍ୟ ଯାବତୀୟ ଅବୋଧ ଉକ୍ତିଗୁଡ଼ିକର ସ୍ୱଚ୍ଛ ବ୍ୟାଖ୍ୟା କରାଯାଇପାରେ । ଏହି ବ୍ୟାଖ୍ୟା ଆମକୁ ସ୍ୱଚ୍ଛ ରୂପେ ସୂଚାଇ ଦିଏ ଯେ ଉପନିଷଦ୍ ମହାନ୍ ଦିବ୍ୟ ସତ୍ୟର ସମଞ୍ଜସତାଯୁକ୍ତ ବା ସଙ୍ଗତିପୂର୍ଣ୍ଣ, ଜ୍ୟୋତିର୍ମୟ ଓ ପରିପୂର୍ଣ୍ଣ ଏକ ପ୍ରକାଶ ମାତ୍ର – ଯାହା ପ୍ରପଞ୍ଚର ଅଗଣିତ ବିରୋଧାଭାସ ଦେଇ ପ୍ରମାଣ କରେ ଯେ ପରମ ଦିବ୍ୟସତ୍ୟ କେବଳ ଏକ ଓ ଏକମାତ୍ର ହୋଇ ରହିଛି । ଯାବତୀୟ ସ୍ମୃତି, ପୁରାଣ, ଦର୍ଶନ, ଧର୍ମଶାସ୍ତ୍ର ତଥା ଶାକ୍ତ, ଶୈବ, ବୈଷ୍ଣବ, ସୌର, ଗାଣପତ୍ୟ, ବୌଦ୍ଧଶାସ୍ତ୍ର ସମେତ ଏସବୁଗୁଡ଼ିକ ହେଲା ସେହି ଏକହିଁ ସତ୍ୟର ବିଭିନ୍ନ ବିଭାବକୁ ବିଭିନ୍ନ ଦିଗରୁ କେବଳ

ବିସ୍ତୃତ ବ୍ୟାଖ୍ୟା, ଭାଷ୍ୟ, ସମାଲୋଚନା ବା ଅର୍ଥପ୍ରକାଶକ ବର୍ଣ୍ଣନା ମାତ୍ର । ସେହି 'ଏକମେବାଦ୍ୱିତୀୟମ୍', ଏକମାତ୍ର ସତ୍ୟର ବିଭିନ୍ନ ବିଭାବକୁ ବିଭିନ୍ନ ଦିଗରୁ ଅର୍ଥକୁ ବ୍ୟକ୍ତ କରାଯାଇଛି । ଏହି ମୂଳସତ୍ୟ ହେଉଛି ଏକମାତ୍ର ଭିତ୍ତି ଭୂମି ଯାହାକୁ ପରେ ସମସ୍ତ ଧର୍ମ ଏପରି ଏକ ସୁଦୃଢ଼, ସୁନିଶ୍ଚିତ, ଦୁର୍ଭେଦ୍ୟ, ଦୁର୍ଜେୟ ଆଧାରଶିଳା ରୂପେ ବ୍ୟବହାର କରିପାରେ – ଆଧାରଶିଳା ଅପେକ୍ଷା ଏହା ଅଧିକ ଦୃଢ଼; କାରଣ କାଳ ବକ୍ଷରେ ଆଧାରଶିଳାଟି କ୍ଷୟପ୍ରାପ୍ତ ହୋଇପାରେ, ବିଲୁପ୍ତ ହୋଇଯାଇ ପାରେ, କିନ୍ତୁ ଏହା ଅକ୍ଷୟ, ଅଜର, ଅମର ଓ ଶାଶ୍ୱତ ହୋଇ ରହିବ । ଏଥିପାଇଁ ଆର୍ଯ୍ୟମାନଙ୍କ ଧର୍ମକୁ ସନାତନଧର୍ମ ବୋଲି କୁହାଯାଏ ଯାହା ନିତ୍ୟ, ଅନନ୍ତ, ଅସୀମ, ଚିରନ୍ତନ । ହିନ୍ଦୁମାନେ ଶ୍ରୁତିକୁ ଶାଶ୍ୱତ ବୋଲି ଘୋଷଣା କରିଛନ୍ତି, ସେଥିରେ କୌଣସି ଦୋଷତ୍ରୁଟି ନଥାଏ, କାରଣ ଯେଉଁ ଋଷି ଶ୍ରୁତିର ମନ୍ତ୍ରଗୁଡ଼ିକୁ ରଚନା କରିଛନ୍ତି ସେଗୁଡ଼ିକର ସେ ହେଉଛନ୍ତି ଏକମାତ୍ର ଦ୍ରଷ୍ଟା ବା ସାକ୍ଷୀ; ଯିଏ ସେହି ମନ୍ତ୍ରଗୁଡ଼ିକୁ ଦେଖିଛନ୍ତି ଓ ମାନୁଷୀ ଭାଷାରେ ବ୍ୟକ୍ତ କରିଛନ୍ତି, କିନ୍ତୁ ଏହା ମାନସିକ ଦୃଷ୍ଟି ନୁହେଁ – ଏହା ଏକ ଆଧ୍ୟାତ୍ମିକ ଦୃଷ୍ଟି । ତେଣୁ ବେଦକୁ ଯଥାର୍ଥରେ ଶ୍ରୁତି ବା ଦିବ୍ୟ ଉଦ୍ଭାସନ (revelation) ବୋଲି କୁହାଯାଏ । ସେଥି ମଧ୍ୟରୁ ଋଗ୍, ଯଜୁଃ, ଶ୍ୟାମ, ଅଥର୍ବ ହେଲା ପରିପୋଷକ ବର୍ଷା ଯାହା ପରମ ସତ୍ୟ ରୂପକ ଉଦ୍ଭିଦଗୁଡ଼ିକୁ ପୁଷ୍ଟି ପ୍ରଦାନ କରେ ଓ ସେଗୁଡ଼ିକୁ ବଢ଼ାଏ । ବ୍ରାହ୍ମଣସମୂହ ହେଲା ସେହି ବନାନୀ ଯେଉଁଥିରେ ଏହି ଉଦ୍ଭିଦଗୁଡ଼ିକ ଦେଖାଯା'ନ୍ତି, ଆରଣ୍ୟକ ହେଲା ସେହି ମୃତ୍ତିକା ଯେଉଁଥିରେ ଏହା ବଢ଼େ, ଉପନିଷଦ୍ ସେହି ବୃକ୍ଷ ସଦୃଶ ଯାହାର ମୂଳ, ଡେଙ୍ଗ, ପତ୍ରାବଳୀ, କଢ଼, ପାଖୁଡ଼ା ଓ ପୁଷ୍ପ ଯାହା ସବୁଦିନ ଲାଗି ପ୍ରସ୍ଫୁଟିତ ହେବ ଏହି ମହାନ୍ ଉକ୍ତିରେ – **'ସୋଽହଂ'** – **'ସେହିଁ ମୁଁ'** (SO AHAM - I AM HE), ଯାହା ଉପନିଷଦ୍‌ଗୁଡ଼ିକର ଅନ୍ତିମବାଣୀ ଓ ଉପଲବ୍ଧି ।''

(CWSA, Vol. 17, p. 101 - 102)

ପ୍ରତ୍ୟେକ ବେଦର ଚାରୋଟି ବିଭାବ ବା ଦିଗ ରହିଛି । ଯଥା – ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ୍ । ବେଦରେ ପ୍ରଣୀତ ମନ୍ତ୍ରଗୁଡ଼ିକ ସଂହିତାରେ ସନ୍ନିବେଶିତ । ମନ୍ତ୍ରଗୁଡ଼ିକର ଭାଷ୍ୟ ବା ବ୍ୟାଖ୍ୟାକୁ ବ୍ରାହ୍ମଣ କୁହାଯାଏ । ଯଜ୍ଞ ପ୍ରକ୍ରିୟା, କର୍ମକାଣ୍ଡ, ଛନ୍ଦ ଓ ଭାଷା ନିର୍ଦ୍ଧାରଣ ଆରଣ୍ୟକର ଅନ୍ତର୍ଭୁକ୍ତ । ଉପନିଷଦ୍‌ରେ ରହିଛି ବେଦର କର୍ମକାଣ୍ଡ ତଥା ଦାର୍ଶନିକ ତତ୍ତ୍ୱ ଓ ଆଧ୍ୟାତ୍ମିକତା । ଏହା ବ୍ୟତୀତ ଆମର ୪ଟି ଉପବେଦ ଓ ୬ଟି ବେଦାଙ୍ଗ ମଧ୍ୟ ଶାସ୍ତ୍ର ରୂପେ ବିବେଚିତ ହୁଏ । ଉପବେଦଗୁଡ଼ିକ ହେଲା :

୧. ଧନୁର୍ବେଦ (Archery)
୨. ଗନ୍ଧର୍ବ ବେଦ (Music & Dance)
୩. ସ୍ଥାପତ୍ୟ ବେଦ (Architecture)
୪. ଆୟୁର୍ବେଦ (Medicine)

ବେଦାଙ୍ଗଗୁଡ଼ିକ ହେଲା – ଶିଖା, ଛନ୍ଦ, ବ୍ୟାକରଣ, ନିରୁକ୍ତ, ଜ୍ୟୋତିଷ ଓ କଳ୍ପ । ଇଂରାଜୀରେ ଏହାକୁ ଯଥାକ୍ରମେ Phonetics, Metre, Grammar, Etymology, Astronomy ଓ Rituals କୁହାଯାଏ ।

ଶ୍ରୀଅରବିନ୍ଦ ବେଦ ଓ ବେଦାନ୍ତ ସମ୍ପର୍କରେ କହିଛନ୍ତି :

''ବ୍ୟାପକତା, ପୁଙ୍ଖାନୁପୁଙ୍ଖତା ଓ ଯଥାର୍ଥତା ଦୃଷ୍ଟିରୁ ବେଦାନ୍ତ ଅପେକ୍ଷା ବେଦରେ ଅଧିକ ପ୍ରଜ୍ଞା ବା ଜ୍ଞାନ ନିହିତ ହୋଇ ରହିଛି । କିନ୍ତୁ ସେସବୁ ଏପରି ଭାଷାରେ ବ୍ୟକ୍ତ ହୋଇଛି ଯେଉଁ ଭାଷା ସହ ଆମେ ଅଭ୍ୟସ୍ତ ନୋହୁଁ, ଏପରି ଶବ୍ଦ ସବୁ ବ୍ୟବହୃତ ହୋଇ ରହିଛି ଯାହା ଅନେକ ସମୟରେ ଅତି ସହଜ ଓ ପରିଚିତ ମନେ ହେଉଥିଲେ ବି ଆମେ ତା'ର ପ୍ରାଚୀନ ଅର୍ଥଟିକୁ ବିକୃତ କରି ଦେଇଥାଉ । ସେଥିରେ ଏପରି ସବୁ ପ୍ରତୀକ ବ୍ୟବହୃତ ହୋଇଛି ଯାହାର ଚାବି କାଠି ଆମର ଅପ୍ରାପ୍ୟ ହୋଇ ରହିଛି । ଭାରତୀୟଗଣ ବେଦକୁ ଆଦୌ ବୁଝନ୍ତି ନାହିଁ; ୟୁରୋପୀୟଗଣ ରୀତିମତ ଏକ ବିଶାଳ ସ୍ଥୂଳ ଭୁଲ୍‌ଭ୍ରାନ୍ତି ବୁଝାବଣା ଠିଆ କରିଦେଇ ଗଲେ । ତେଣୁ ବେଦର ସେହି ପୁରାତନ ଜ୍ଞାନ ଅନ୍ଧକାର ଗୁହା ଭିତରେ ପ୍ରବହମାନ ନଦୀ ତୁଲ୍ୟ ଆମ ପରି ସାଧାରଣ ପଥିକ ଲାଗି ଅପହଞ୍ଚ ହୋଇ ରହିଛି । ତେବେ ଏହି ପ୍ରବାହ ତମସାଛନ୍ନ ଘଞ୍ଚ ଅରଣ୍ୟ ମଧ୍ୟ ଦେଇ ଓ ନଭଶ୍ଚୁମ୍ବୀ ପର୍ବତମାଳା ଦେଇ ବହି ଚାଲିବା ଅବଧିରେ ଏପରି କିଛି ଅନୁକୂଳ ସ୍ଥାନ ରହିଛି ଯେଉଁଠି ଅରଣ୍ୟର ଘନତ୍ୱ କମି ଯାଇଛି କିଂବା ପର୍ବତମାଳା ଖୋଲିଯାଇଛି । ସେଠାରେ ମଣିଷମାନେ ସେମାନଙ୍କର ଦାର୍ଶନିକ ଭାବନା ଓ ଆଧ୍ୟାତ୍ମିକ ସାଧନାର କୃତ୍ରିମ ନଗରୀ ଗଢ଼ି ତୋଳିଛନ୍ତି, ଯାହାର ଅଧିବାସୀମାନେ ମନେ କରୁଥା'ନ୍ତି ଯେ ସେମାନେ ସମଗ୍ର ପ୍ରବାହ ବା ନଦୀକୁ ଯେପରି ଆପଣା ନିୟନ୍ତ୍ରଣରେ ରଖିଦେଇ ପାରିଛନ୍ତି । ସେମାନଙ୍କର ଏହି ବାସସ୍ଥାନଗୁଡ଼ିକୁ ହୁଏତ ସେମାନେ ବେଦାନ୍ତ ବା ସାଂଖ୍ୟ, ଅଦ୍ୱୈତ ବା ଦ୍ୱୈତ, ଶୈବ ବା ବୈଷ୍ଣବ – ଏପରି ଶତାଧିକ ନାମ ଦେଇ ଛାତି ଫୁଲେଇ ବୃଥା ଆସ୍ଫାଳନ

ସହ କହି ବୁଲନ୍ତି ଯେ ତାଙ୍କରି ପଥହିଁ ଏକମାତ୍ର ପଥ, ତାଙ୍କରି ଜ୍ଞାନହିଁ ନିର୍ଭୁଲ, ଅଭ୍ରାନ୍ତ ଜ୍ଞାନ, ମାତ୍ର ବାସ୍ତବରେ ଆମେ ସନାତନ ଧର୍ମର କିଞ୍ଚିତ୍ ସତ୍ୟକୁ ମାତ୍ର ଉପଲବ୍ଧି କରିଥାଉ । କାରଣ ଆମ ଭିତରୁ କେହି ବି ଉପନିଷଦ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବୁଝି ନଥାଉ ।

(CWSA, Vol. 17, p. 361-362)

ଉପନିଷଦ୍, ବ୍ରହ୍ମସୂତ୍ର ଓ ଭଗବଦ୍‌ଗୀତାକୁ ପ୍ରସ୍ଥାନତ୍ରୟୀ କୁହାଯାଏ । ଉପନିଷଦ୍‌ଗୁଡ଼ିକୁ ଉପଦେଶ ପ୍ରସ୍ଥାନ କୁହାଯାଏ, ବିଶେଷତଃ ମୁଖ୍ୟ ଉପନିଷଦ୍‌ଗୁଡ଼ିକୁ ଶ୍ରୁତି ପ୍ରସ୍ଥାନ କୁହାଯାଏ । ଏଥିରେ ମୁନିଋଷିମାନଙ୍କ ଦ୍ୱାରା ବେଦର ଆଧ୍ୟାତ୍ମିକ ଭାବନା ଓ ଉପଲବ୍ଧିଗୁଡ଼ିକୁ ଉପସ୍ଥାପନ କରାଯାଇଛି । ବ୍ରହ୍ମସୂତ୍ରକୁ ସୂତ୍ର ପ୍ରସ୍ଥାନ, ନ୍ୟାୟ ପ୍ରସ୍ଥାନ ବା ଯୁକ୍ତି ପ୍ରସ୍ଥାନ କୁହାଯାଏ ।

ଭଗବଦ୍‌ଗୀତାକୁ ସାଧନା ପ୍ରସ୍ଥାନ ବା ସ୍ମୃତି ପ୍ରସ୍ଥାନ କୁହାଯାଏ । ଏହା ବ୍ୟାସ ବିରଚିତ ମହାକାବ୍ୟ ମହାଭାରତର ଭୀଷ୍ମପର୍ବର କିୟଦଂଶ ମାତ୍ର । ୧୦୮ଟି ଉପନିଷଦ୍ ମଧ୍ୟରୁ ୧୦ଟି ଉପନିଷଦ୍‌କୁ ମୁଖ୍ୟ ଉପନିଷଦ୍ ରୂପେ ଗୃହୀତ ହୋଇଛି । ଏହି ମୁଖ୍ୟ ଉପନିଷଦ୍‌ଗୁଡ଼ିକ ହେଲା ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ତୈତ୍ତିରୀୟ, ଐତେରେୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ । କେତେଜଣ ଗବେଷକ ଶ୍ୱେତାଶ୍ୱତର, କୌଶିତକୀ, ମୈତ୍ରାୟନୀୟ ଉପନିଷଦ୍‌କୁ ମଧ୍ୟ ମୁଖ୍ୟ ଉପନିଷଦ୍‌ର ଅନ୍ତର୍ଭୁକ୍ତ କରିଥା'ନ୍ତି । ବୌଦ୍ଧ ଯୁଗର ପୂର୍ବରୁ ଉପନିଷଦ୍ ସବୁ ରଚନା କରାଯାଇଥିଲା । ବୃହଦାରଣ୍ୟକ ଉପନିଷଦ୍ ଓ ଛାନ୍ଦୋଗ୍ୟ ଉପନିଷଦ୍‌କୁ ସବୁଠୁ ପ୍ରାଚୀନ ବୋଲି କୁହାଯାଇଛି । ଉପନିଷଦ୍‌ର ଅନେକ ରଚୟିତା ଅଛନ୍ତି । ପ୍ରାଚୀନ ଉପନିଷଦ୍‌ଗୁଡ଼ିକ ମୁଖ୍ୟତଃ ଯାଜ୍ଞବଲ୍କ୍ୟ, ଉଦ୍ଦାଳକ ଓ ଆରୁଣିଙ୍କ ଦ୍ୱାରା ରଚିତ । ପରବର୍ତ୍ତୀ କାଳର ରଚୟିତାମାନେ ହେଲେ ଶ୍ୱେତକେତୁ, ସାଣ୍ଡିଲ୍ୟ, ଆତ୍ରେୟ, ପିପ୍ଲାଦ ଓ ସନତ୍ କୁମାର ।

ଉପନିଷଦ୍‌ଗୁଡ଼ିକରେ ବେଦର ଦାର୍ଶନିକ ଓ ଆଧ୍ୟାତ୍ମିକ ଚିନ୍ତାଧାରାକୁ ଅଧିକ ବୋଧଗମ୍ୟ କରିବା ଲାଗି ପ୍ରୟାସ କରାଯାଇଛି । ତାହାର ଶେଷକଥା ହେଲା ବ୍ରହ୍ମ ଉପଲବ୍ଧି ଓ ଆତ୍ମ ଉପଲବ୍ଧି । ଉପନିଷଦ୍‌ଗୁଡ଼ିକ ବିଶ୍ୱର ସର୍ବପ୍ରାଚୀନ ଆଧ୍ୟାତ୍ମିକ ଗ୍ରନ୍ଥ ରୂପେ ଗୃହୀତ । ଧର୍ମ, ଦର୍ଶନ ଓ ଆତ୍ମଜ୍ଞାନ ସମ୍ପର୍କରେ ଅନେକ ଆଲୋଚନା, ବ୍ୟାଖ୍ୟା ଓ ତତ୍ତ୍ୱ ଏଥିରେ ସନ୍ନିବେଶିତ । ବେଦରେ କଥିତ ତତ୍ତ୍ୱଗୁଡ଼ିକୁ ଏଥିରେ କଥୋପକଥନ ମାଧ୍ୟମରେ ଉପସ୍ଥାପନ କରାଯାଇଛି । ଏହି ଅନନ୍ୟ କୃତିଗୁଡ଼ିକର ଲକ୍ଷ୍ୟ ହେଲା ଆଧ୍ୟାତ୍ମିକ ପ୍ରବଚନ ମାଧ୍ୟମରେ ଶ୍ରୋତାଗଣଙ୍କ ଚେତନାକୁ ଉନ୍ମୋଚିତ ଓ ବିକଶିତ କରିବା ଓ ଆତ୍ମ-ଉପଲବ୍ଧି ଲାଗି ସାହାଯ୍ୟ କରିବା । ଉପନିଷଦ୍ ସଂକ୍ରାନ୍ତରେ ଦାର୍ଶନିକ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ କହିଛନ୍ତି :

"So numerous are their suggestions of truth, so various are their guesses at God, that almost anybody may seek in them what he wants and find what he seeks, and every school of dogmatics may congratulate itself on finding its own doctrine in the sayings of the Upanishads."

ଏହାର ଭାବାନୁବାଦ ହେଲା :

''ସତ୍ୟ ସମ୍ପର୍କରେ ଏହାର ସନ୍ଦେଶଗୁଡ଼ିକ ଏତେ ବହୁଳ ଓ ଭଗବାନଙ୍କ ସମ୍ପର୍କରେ ଏହାର ଦିଗ୍‌ଦର୍ଶନ ଏତେ ବହୁମୁଖୀ ଯେ, ଯେକୌଣସି ବ୍ୟକ୍ତି ସେ ଯାହାବି ଅନ୍ୱେଷଣ କରୁଥାଉନା କାହିଁକି ତାହା ଏଥିରୁ ପାଇଯାଏ । ଏବଂ ପ୍ରତ୍ୟେକ ବିଶ୍ୱାସର ଚିନ୍ତାଧାରା ଆପଣା ନୀତିଗୁଡ଼ିକୁ ତା'ରି ମଧ୍ୟରେ ଆବିଷ୍କାର କରି ଆପଣାକୁ ଅଭିନନ୍ଦନ ଜଣାଇଥାଏ ।''

ଉପନିଷଦ୍ ହେଲା ବିଶ୍ୱଜନୀନ ଓ ସାର୍ବଜନୀନ ସତ୍ୟସମୂହର ସମାହାର ।

**ଶ୍ରୀମଦ୍ ଭଗବଦ୍‌ଗୀତା ଓ ବେଦାନ୍ତ :**

...''ଲକ୍ଷ୍ୟ କରାଯାଏ ଯେ ଗୀତାରେ ବେଦାନ୍ତ ଦର୍ଶନ ସହିତ ସାଂଖ୍ୟ ଦର୍ଶନର ସମନ୍ୱୟ ସ୍ଥାପନ କରାଯାଇଛି । ମଣିଷର ଯେ ଏକ ଆତ୍ମା ରହିଛି ଏକଥା ଆଧୁନିକ ବିଜ୍ଞାନ ଅସ୍ୱୀକାର କରେ । ବିଜ୍ଞାନ କେବଳ ପ୍ରକୃତିର ନିୟମଗୁଡ଼ିକୁ ଅନୁଧ୍ୟାନ କରିଥାଏ । ବିଜ୍ଞାନ କହେ ଯେ ମଣିଷ ହେଉଛି ପ୍ରାକୃତିକ ଶକ୍ତି ସମୂହର ଏକ ସର୍ଜନା । ବିଜ୍ଞାନ ପ୍ରକୃତିକୁ ଜଡ଼ସର୍ବସ୍ୱ ରୂପେ ଗ୍ରହଣ କରିଥାଏ ଓ ମଣିଷକୁ ପ୍ରକୃତି ଦ୍ୱାରା ଉତ୍ପାଦିତ ଏକ ଦ୍ରବ୍ୟ ରୂପେ ଗ୍ରହଣ କରିଥାଏ । ମଣିଷର ପ୍ରତ୍ୟେକ କ୍ରିୟାକଳାପ ନିର୍ଦ୍ଦିଷ୍ଟ ନିୟମାବଳୀର ପରିଣତି ମାତ୍ର ଓ ତା' ନିଜର ସ୍ୱାଧୀନତା ବୋଲି କିଛି ନାହିଁ । ସାଂଖ୍ୟ କହେ ଯେ ମଣିଷର ଏକ ଆତ୍ମା ଅଛି ଓ ମୂଳତଃ ସେ ଜଣେ ପୁରୁଷ, ଜଡ଼ ନୁହେଁ । ପୁରୁଷ କିଛି କରେ ନାହିଁ । ସେ ସର୍ବଦା ସ୍ଥିର, ଅଚଳ ଓ ପ୍ରଶାନ୍ତ ରହିଥାଏ । ପ୍ରକୃତି ସଦା ଚଳଚଞ୍ଚଳ ଓ ତା'ରି ପ୍ରଭାବରେ ଯାବତୀୟ କର୍ମ ସମ୍ପାଦିତ ହୁଏ । ପ୍ରକୃତିହିଁ କାର୍ଯ୍ୟ କରେ ।

''ମଣିଷ ଆପଣାକୁ ମୁକ୍ତ କରିପାରିବ ଯେତେବେଳେ ସେ ଉପଲବ୍ଧି କରିବ ଯେ ସେ ଜଣେ ପୁରୁଷ । ଶ୍ରୀକୃଷ୍ଣ ଗୀତାରେ ସାଂଖ୍ୟର ଏ ତତ୍ତ୍ୱକୁ ଗ୍ରହଣ କରି ନେଇଛନ୍ତି ଓ ସେ ବେଦାନ୍ତ ଦର୍ଶନକୁ ମଧ୍ୟ ଅନୁସରଣ କରିଛନ୍ତି । ସେ କହନ୍ତି ଯେ ମଣିଷର ଏକ ଅମର ଆତ୍ମା ରହିଛି, ତା' ସଙ୍ଗେ ସଙ୍ଗେ ଏକ ବିଶ୍ୱଗତ ଆତ୍ମା ମଧ୍ୟ ରହିଛି । ମଣିଷ ଭଗବାନଙ୍କର ଏକ ଅଂଶ ମାତ୍ର । ସେ ଏପରି କିଛିର ଏକ ଅଂଶ ଯାହା ଶାଶ୍ୱତ, ଅସୀମ, ସର୍ବଜ୍ଞ ଓ ସର୍ବତ୍ର ବିଦ୍ୟମାନ । କେବଳ ଏହି ଶାଶ୍ୱତ ସତ୍ୟହିଁ ରହିଛି, ଯାହାସବୁ ଆମେ ଦେଖୁ, ଶୁଣୁ, ଅନୁଭବ କରୁ ସେସବୁ ମଧ୍ୟରେ ସେହିଁ ଅଛନ୍ତି । ଆମେ ଯାହା ଦେଖୁ, ଶୁଣୁ, ଅନୁଭବ କରୁ ସବୁ ହେଲେ ସେ । ପରମେଶ୍ୱର ତାଙ୍କରି ମାୟା ସାହାଯ୍ୟରେ ଏ ଜଗତକୁ ଗଢ଼ିଛନ୍ତି । ସେ ସେହି ମହାନ୍ ମାୟାର ଅଧିପତି – ମାୟାଧର । ତା'ରି ମାଧ୍ୟମରେ ସେ ଆପଣାକୁ ଅଭିବ୍ୟକ୍ତ କରନ୍ତି – ସେ ଏକ, 'ଏକମେବା ଦ୍ୱିତୀୟମ୍' । ଯାହାକିଛି ଆମେ ଆମ ଚତୁଃପାର୍ଶ୍ୱରେ ଦେଖୁ ସେସବୁ ଅସ୍ଥାୟୀ, କ୍ଷଣସ୍ଥାୟୀ । ଆମ ଅନ୍ତରରେ ଏପରି ଜଣେ ଅଛନ୍ତି ଯିଏ ଅପରିବର୍ତ୍ତନୀୟ, ଶାଶ୍ୱତକାଳ ଲାଗି ମୁକ୍ତ ଓ ସୁଖୀ । ମଣିଷ ଯଦି ଆପଣାକୁ ଦୁଃଖୀ ମନେ କରୁଛି ତେବେ ତାହାର କାରଣ ହେଲା ସେ ଜ୍ଞାନହୀନ ଓ ଅହଂ ଦ୍ୱାରା ଅଧିକୃତ ହୋଇ ରହିଛି । ସେ ଆପଣାକୁ ମନେ କରେ ଯେ ସେହିଁ ସବୁକିଛି । ସେ ଉପଲବ୍ଧି କରିପାରେ ନାହିଁ କିଂବା ଅନୁଭବ କରିପାରେ ନାହିଁ ଯେ ଭଗବାନ୍ ହେଉଛନ୍ତି ସବୁ ଲୀଳାର ପ୍ରଭୁ ବା କର୍ଣ୍ଣଧାର । ସେ ଭାବେ ସେ ନିଜେ କର୍ମ କରୁଛି, ସେ ନିଜେ ଆପଣା ଶରୀରର ପ୍ରଭୁ । ଯେହେତୁ ସେ ସେହିପରି ଚିନ୍ତା କରୁଛି ତେଣୁ ସେ କର୍ମ ଦ୍ୱାରା ବାନ୍ଧି ହୋଇ ରହିଛି ବା କର୍ମ ତାକୁ ବାନ୍ଧି ରଖିଛି । ସେ ଏହି ଶକ୍ତିସକଳ ତଥା ଜୀବନ ଚକ୍ର ଦ୍ୱାରା ପରିଚାଳିତ ହେଉଛି, ଜୀବନରୁ ଜୀବନକୁ ପରିଚାଳିତ ହୋଇ ଚାଲିଛି । ସବୁଠୁ ବଡ଼ ଭ୍ରମ ହେଲା ସେ ଯେଉଁ ଶରୀରଟିକୁ ଆଶ୍ରୟ କରି ରହିଛି ତାହାହିଁ 'ସେ' ବା ତାହାହିଁ ତା'ର ପରିଚୟ; ତତ୍ପରେ ସେ ମନ ସହିତ ତାଦାତ୍ମ୍ୟତା ପ୍ରତିଷ୍ଠା କରେ ଓ ଭାବେ ଯେ ସେ ସ୍ୱୟଂ ଚିନ୍ତା କରୁଛି, ଦେଖୁଛି, ଅନୁଭବ କରୁଛି । ବାସ୍ତବରେ ଗୀତା ଅନୁଯାୟୀ ଭଗବାନହିଁ ସମସ୍ତଙ୍କ ହୃଦୟରେ ରହିଛନ୍ତି ଓ ସବୁକିଛି ନିୟନ୍ତ୍ରିତ ଓ ପରିଚାଳିତ କରୁଛନ୍ତି ।''

(CWSA, Vol. 8, p. 48 - 49)

ସନାତନ ଧର୍ମର ମାର୍ଗ ଦର୍ଶକ ରୂପେ ଶ୍ରୀମଦ୍‌ଭଗବଦ୍ ଗୀତା ଯୁଗେ ଯୁଗେ ଉଦ୍‌ଭ୍ରାନ୍ତ ମାନବ ସମାଜକୁ ଦିଗ୍‌ଦର୍ଶନ କରାଇଛି ଓ ଭବିଷ୍ୟତରେ ମଧ୍ୟ କରିବ । ଅତି ଦୃଢ଼ତାର ସହ କୁହାଯାଇପାରେ ଯେ ଯାବତୀୟ ଧର୍ମଭାବନା ଓ ସାଂପ୍ରଦାୟିକତାର ଉର୍ଦ୍ଧ୍ୱରେ ଭଗବଦ୍‌ଗୀତା ଏକ ବିଶ୍ୱଜନୀନ ଆଧ୍ୟାତ୍ମିକ ଗ୍ରନ୍ଥ । ଏଥିରେ କୌଣସି ଧର୍ମକଥା କୁହାଯାଇ ନାହିଁ ବରଂ ସବୁ ଧର୍ମକୁ ବର୍ଜନ କରିବାକୁ କୁହାଯାଇଛି । ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି :

''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥
(୧୮/୬୬)

ଅର୍ଥାତ୍, ''ସମସ୍ତ ଧର୍ମ (ଅର୍ଥାତ୍ ସମସ୍ତ କର୍ମାସକ୍ତି) ତ୍ୟାଗ କରି ଦେଇ ତୁମେ ଏକମାତ୍ର ମୋର ଅର୍ଥାତ୍ ସର୍ବଶକ୍ତିମାନ୍ ସର୍ବାଧାର ପରମେଶ୍ୱରଙ୍କ ଶରଣକୁ ଆସିଯାଅ । ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରି ଦେବି, ତୁମେ ଶୋକ କର ନାହିଁ ।''

''ନିୟମ ଓ ଧର୍ମର ସର୍ବବିଧ ଅନୁସରଣ, ସର୍ବବିଧ ସୀମାବଦ୍ଧ ଅବସ୍ଥାର ପ୍ରତିବନ୍ଧକ ଓ ଭାର ପରିଶେଷରେ ଯଦି ବର୍ଜନ କରିପାରିବ ତେବେ ତୁମେ ମୋ ନିକଟରେ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିପାର । ତୁମ ମଧ୍ୟରେ ଓ ସର୍ବଭୂତ ମଧ୍ୟରେ ବିରାଜିତ ଆତ୍ମା ଓ ଭଗବାନଙ୍କ ଉପରେ ନିର୍ଭର କରିପାର । ଏକମାତ୍ର ତାଙ୍କର ନିୟନ୍ତ୍ରଣରେ ସମ୍ପୂର୍ଣ୍ଣ ଆସ୍ଥା ସ୍ଥାପନ କରିପାର । ତୁମର ସମଗ୍ର ମନକୁ ମୋ ଆଡ଼କୁ ଫେରାଅ, ତୁମର ମନକୁ ମୋର ଚିନ୍ତାରେ ଓ ମୋର ସାନ୍ନିଧ୍ୟର ଅନୁଭୂତିରେ ସତତ ପୂର୍ଣ୍ଣ କର । ତୁମର ହୃଦୟକୁ ସମ୍ପୂର୍ଣ୍ଣ ରୂପେ ମୋର ଅଭିମୁଖୀ କର; ତୁମର ପ୍ରତ୍ୟେକ କର୍ମ ତାହା ଯାହା ହେଉନା କାହିଁକି ମୋଠାରେ ନିବେଦନ କର । ଏହା ସଂପନ୍ନ ହେଲେ ତୁମର ଜୀବନ, ଅନ୍ତରାତ୍ମା ଓ କର୍ମରେ ମୋତେ ମୋର ଇଚ୍ଛା ସଂପନ୍ନ କରିବାକୁ ଛାଡ଼ି ଦିଅ ।'' ପୁଣି କହୁଛନ୍ତି :

''ଯତ୍‌କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ତପସ୍ୟସି କୌନ୍ତେୟ ତତ୍‌କୁରୁଷ୍ୱ ମଦର୍ପଣମ୍''॥
(୯/୨୭)

ଅର୍ଥାତ୍, ''ହେ କୁନ୍ତି ପୁତ୍ର ଅର୍ଜୁନ ! ତୁମେ ଯାହା କିଛି କର୍ମ କରୁଛ, ଯାହା କିଛି ଖାଉଛ, ଯାହା ହବନ ବା ଯଜ୍ଞ କରୁଛ, ଯାହା କିଛି ଦାନ କରୁଛ ଏବଂ ଯାହା କିଛି ତପସ୍ୟା କରୁଛ ସେସବୁ ମୋତେ ଅର୍ପଣ କର ।''

କୁହାଯାଇପାରେ ଯେ ସମର୍ପଣ ହେଲା ଭଗବଦ୍‌ଗୀତାର

ଅନ୍ତିମ ଉପଦେଶ । ମୂଳ ଉତ୍ସରୁ ବିଚ୍ଛିନ୍ନ ହୋଇ ଆତ୍ମାଟି ଦୁଃଖ ପାଏ । ମୂଳ ଉତ୍ସ ସହ ସମ୍ମିଳିତ ହେବା ଦ୍ୱାରା ଆତ୍ମାର ଦୁଃଖ ଦୂର ହୁଏ । ଏହା ସମ୍ଭବ ହୁଏ ମୂଳ ଉତ୍ସ ଭଗବାନଙ୍କ ନିକଟରେ ଆପଣାକୁ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରି ଦେବା ଦ୍ୱାରା ।

ଶ୍ରୀମଦ୍ ଭଗବଦ୍‌ଗୀତା ମହାଭାରତ ମହାକାବ୍ୟର ଅଂଶ ବିଶେଷ ହୋଇଥିବାରୁ ଓ ମହାଭାରତକୁ ଧର୍ମଶାସ୍ତ୍ରର ମର୍ଯ୍ୟାଦା ଦିଆଯାଇ ଥିବାରୁ ଗୀତାକୁ ସ୍ମୃତି ପ୍ରସ୍ଥାନ ରୂପେ ଗ୍ରହଣ କରାଯାଇଛି । ଅଦ୍ୱୈତବାଦ, ଦ୍ୱୈତବାଦ, ବିଶିଷ୍ଟ ଦ୍ୱୈତବାଦ, ଦ୍ୱୈତାଦ୍ୱୈତବାଦ ଆଚାର୍ଯ୍ୟମାନଙ୍କ ଦ୍ୱାରା ଏହାର ବ୍ୟାଖ୍ୟା, ଭାଷ୍ୟ ଓ ଟୀକା ରଚନା କରାଯାଇଛି । ଏହି ଆଚାର୍ଯ୍ୟମାନଙ୍କ ବ୍ୟତୀତ ଶ୍ରୀଧର ସ୍ୱାମୀ, ମଧୁସୂଦନ ସରସ୍ୱତୀ, ଗମ୍ଭୀରାନନ୍ଦ, ଆନନ୍ଦଗିରି, ମହାଯୋଗୀ ଶ୍ରୀଅରବିନ୍ଦ, ବାଲଗଙ୍ଗାଧର ତିଲକ, ଆନିବେସାନ୍ତ, ବିନୋବା ଭାବେ ଓ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ସ୍ୱାମୀ ଚିନ୍ମୟାନନ୍ଦ, ସ୍ୱାମୀ ଦୟାନନ୍ଦ ଓ ଦେଶବିଦେଶର ଅନେକ ମନୀଷୀ ସ୍ୱ ସ୍ୱ ରୀତିରେ ଶ୍ରୀମଦ୍‌ଭଗବଦ୍‌ଗୀତାର ଭାଷ୍ୟ ରଚନା କରିଛନ୍ତି । ତେବେ ଶ୍ରୀଅରବିନ୍ଦଙ୍କ ରଚିତ ଗୀତାନିବନ୍ଧମାଳା (Essays on The Gita) ସର୍ବୋତ୍ତମ ଭାଷ୍ୟ ବା ବ୍ୟାଖ୍ୟା ରୂପେ ଗୃହୀତ ହୁଏ ।

ବାଇବେଲକୁ ବାଦ୍ ଦେଲେ ପୃଥିବୀରେ ଯଦି ପ୍ରତିଦିନ ନୂତନ ଗ୍ରନ୍ଥ ରଚନା କରାଯାଉଥାଏ ତାହା ହେଲା ଶ୍ରୀମଦ୍‌ଭଗବଦ୍‌ଗୀତା ସମ୍ବନ୍ଧିତ ବ୍ୟାଖ୍ୟାନ । ଏତତ୍ ଦ୍ୱାରା ଗୀତାର ସର୍ବବ୍ୟାପକତା ଓ ସର୍ବଲୋକ ଗ୍ରାହୀତା ସ୍ପଷ୍ଟ ରୂପେ ପ୍ରମାଣିତ ହୁଏ । କାରଣ ପୃଥିବୀର ସମସ୍ତ ସଂଭ୍ରାନ୍ତ ଭାଷାରେ ଗୀତା ଉପଲବ୍ଧ । ଏହା ଆତ୍ମ-ବିବର୍ତ୍ତନଶୀଳ ଦିବ୍ୟମୁଖ ନିଃସୃତ ଦିବ୍ୟବାଣୀ ସମୂହର ଏକ ସଂକଳନ । ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ନିର୍ବିଶେଷରେ ଏହାର ବାଣୀ ସମସ୍ତଙ୍କ ଲାଗି ତଥା ବିଶ୍ୱ ସମୁଦାୟ ଲାଗି ଉଦ୍ଦିଷ୍ଟ । ଭାରତବର୍ଷର ସମସ୍ତ ଜ୍ଞାନ ବିଜ୍ଞାନର ସାରବତ୍ତା, ମନୁଷ୍ୟ ସମାଜର ଓ ମନୁଷ୍ୟ ଜୀବନର ଯେକୌଣସି ସମସ୍ୟା ସମାଧାନ କରିବାର ସାମର୍ଥ୍ୟ ଗୀତାର ସର୍ବ ବ୍ୟାପକତା ପ୍ରମାଣ କରେ । କାଳବିଳମ୍ବ ନକରି ପ୍ରତ୍ୟେକ ମଣିଷ ବିଶେଷତଃ ଯୁବଗୋଷ୍ଠୀ ଗୀତାଭ୍ୟାସ କରିବା ସମସ୍ତଙ୍କ ଲାଗି ମଙ୍ଗଳପ୍ରଦ ହେବ – ଏହା ନିଃସନ୍ଦେହରେ ଦୃଢ଼ତାର ସହ କୁହାଯାଇ ପାରେ ।

(କ୍ରମଶଃ) ❑

---

*(ପୃଷ୍ଠା ୩୪ର ଅବଶିଷ୍ଟାଂଶ)*

ପ୍ରଥମ ପଦକ୍ଷେପରେ – ଏକ ଅପରିହାର୍ଯ୍ୟ ନିଶ୍ଚଳ ଅବସ୍ଥା ବା ପରିବେଶ ପ୍ରୟୋଜନ । ଏ ସମସ୍ତ ବିଷୟ ଅବଶ୍ୟ ସେପରି ନଥିଲା । ଅବଶ୍ୟ ଏହାର ଆଉ ଏକ ଦ୍ୱିତୀୟ ସୋପାନ ଥିଲା : ତାହାହେଲା –''ମାନବ-ଚେତନାକୁ ରୂପାନ୍ତରିତ କରିବା ପାଇଁ ଭଗବତ୍ ଶକ୍ତିର ଅବତରଣ'' – ତାହାହିଁ ଶ୍ରୀଅରବିନ୍ଦ କରିବା ପାଇଁ ଚେଷ୍ଟା କରୁଥିଲେ । ଏବଂ ଶେଷରେ ଶ୍ରୀଅରବିନ୍ଦ ମୋତେ କହିଲେ, ''ଆଚ୍ଛା ! ଯଦି ତୁମେ ଏପରି ଉଦ୍ୟମ କରିବା ପାଇଁ ଇଚ୍ଛା କରୁଛ, ତେବେ ତୁମେ ଏଠାରେ ରହିପାର ।''

ମୁଁ ସାଙ୍ଗେ ସାଙ୍ଗେ ତାଙ୍କ ପାଦପଦ୍ମରେ ପ୍ରଣାମ କଲି; ସେ ମୋତେ ଆଶୀର୍ବାଦ କଲେ । ମୋ ଜୀବନର ସେସବୁ ପୃଷ୍ଠାର ସମାପ୍ତି ସେହିଠାରେ ହୋଇଗଲା : ମୋର ଅନ୍ୱେଷଣ, ଆଲୋକର ଉତ୍ସ ପାଇଁ ଅନ୍ୱେଷଣ, କିଏ ମୋତେ ଏଇ ସତ୍ୟ ପଥରେ ଆଗେଇବା ପାଇଁ ପଥପ୍ରଦର୍ଶନ କରିବ ତାହାର ପରିସମାପ୍ତି ହେଲା । କିଛି ନୂତନତ୍ୱର ସୂଚନା ମିଳିଲା : ମୋର ଉପଲବ୍ଧି, ମୋର ସାଧନା ସବୁକିଛି ମୋତେ ମିଳିଗଲା । ମୁଁ ଶ୍ରୀଅରବିନ୍ଦଙ୍କର ଦର୍ଶନ ଲାଭ କଲି, ମୋର ଗୁରୁଙ୍କୁ ପାଇଗଲି ।

(Ref : *First Darshan of Lord Sri Aurobindo and Divine Mother,* Part - II, p, 33-34)

ଅନୁବାଦ : ପ୍ରୀତି ପଟ୍ଟନାୟକ

❑❑❑

# ପ୍ରକୃତ ମୂଲ୍ୟାୟନ

## ପ୍ରସାଦ ତ୍ରିପାଠୀ

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଗୃହୀତ ''ପିଲାମାନଙ୍କ ନିମନ୍ତେ ମୁକ୍ତ ତଥା ବାଧ୍ୟତାମୂଳକ ଶିକ୍ଷା ଆଇନ'' ପଢ଼ିଲି । ଅନ୍ୟାନ୍ୟ ଅନେକ ପ୍ରକାରର ବ୍ୟବସ୍ଥା ମଧ୍ୟରେ ଯେଉଁ ଦୁଇଟି ବ୍ୟବସ୍ଥା ମୋର ଦୃଷ୍ଟି ଆକର୍ଷିତ କଲା ସେ ଦୁଇଟି ହେଲା – ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ପରୀକ୍ଷା କିଂବା ପାସ ଫେଲ୍ ରହିବ ନାହିଁ । ତା' ବଦଳରେ ହେବ ନିୟମିତ ତଥା ବ୍ୟାପକ (ସାମଗ୍ରିକ) ମୂଲ୍ୟାୟନ ଏବଂ ଅନ୍ୟ ଗୋଟିଏ ହେଲା No physical punishment or mental torture ଅର୍ଥାତ୍, କୌଣସି ଶାରୀରିକ ଦଣ୍ଡ କିଂବା ମାନସିକ ଉତ୍ପୀଡ଼ନ ଦେଇ ହେବ ନାହିଁ । ମା'ଙ୍କ ପ୍ରତି ମୋର ଅନ୍ତର କୃତଜ୍ଞତାରେ ପରିପୂର୍ଣ୍ଣ ହୋଇଗଲା । ଏଇ ଦୁଇଟି ଧାରାକୁ ଆମେ ଆମ ଅନୁଷ୍ଠାନମାନଙ୍କରେ ପ୍ରଚଳନ କରିବା ପାଇଁ ଆରମ୍ଭରୁ ସଙ୍କଳ୍ପବଦ୍ଧ ହୋଇଥିଲେ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ ବାହାରର ଚାକଚକ୍ୟ, ଅଭିଭାବକମାନଙ୍କର ଦାବି, ନିଜର ଯାବତୀୟ ଲାଳସାସବୁକୁ ଚରିତାର୍ଥ କରିବାକୁ ଯାଇ ଏ ସବୁକୁ ଭୁଲି ସାଧାରଣ ଶିକ୍ଷାର ରୁଗ୍ଣ ଆଧାରକୁ ପୁଣି ଆବୋରି ବସିଥିଲୁ ।

ମନେପଡ଼େ, ଅନେକ ଦିନ ତଳେ କୌଣସି ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ଯାଇଥିଲି । ସେଠାରେ ଗୋଟିଏ କ୍ଲାସରେ ପିଲାମାନଙ୍କ ସାଙ୍ଗରେ କଥାହେବା ବେଳେ କିଛି ପ୍ରଶ୍ନ ପଚାରିବାକୁ ଇଚ୍ଛା ହେଲା । ଯେମିତି ଗୋଟିଏ ପ୍ରଶ୍ନ ପଚାରି ଦେଇଛି ଅଧିକାଂଶ ପିଲା ହାତ ଟେକିଲେ । ମାତ୍ର ପଛରେ ବସିଥିବା ପିଲାଟିଏ ହାତ ଟେକିଲା ନାହିଁ । ମୁଁ ତାକୁହିଁ ପଚାରିଲି – ତୁମେ ହାତ ଟେକୁନ ! ତାକୁ କିଛି କହିବାକୁ ଆଦୌ ସୁଯୋଗ ନଦେଇ ବାକି ସବୁ ପିଲାମାନେ ଏକ ସଙ୍ଗେ କହି ଉଠିଲେ, ଭାଇ, ତାକୁ କିଛି ଆସେ ନାହିଁ । କୋଉ ଅପା ଭାଇ ତାକୁ କିଛି ପଚାରନ୍ତି ନାହିଁ । ମୁଁ ପିଲାଟିକୁ ଚାହିଁଲି । ଓଃ, କି କରୁଣ ଦୃଷ୍ଟି ! ମୋ ଆଡ଼କୁ ଅତି ବିକଳ ହୋଇ ଚାହିଁଥାଏ । ମୋ ଭିତରଟା ରୁନ୍ଧି ହୋଇ ଛାତି ଫାଟିଗଲା ପରି ଲାଗିଲା । ସେ ମୋତେ ପାଟି ଖୋଲି କିଛି କହୁ ନଥାଏ, ମାତ୍ର ତା' ଆଖି ଦୁଇଟିହିଁ କହି ଚାଲିଥାଏ – ''ଭାଇ, ବର୍ଷ ବର୍ଷ ଧରି ମୁଁ ଏମିତି ଅପ୍ରୟୋଜନୀୟ, ଅଲୋଡ଼ା ହୋଇ ବସି ରହିଛି । ଖାଲି କେହି ପଚାରନ୍ତି ନାହିଁ ନୁହେଁ – ଅନେକ ମାନସିକ ବ୍ୟଥା ଦେବା ଭଳି ମତାମତ (Comments) ମଧ୍ୟ ଦେଇଥା'ନ୍ତି । ଥରେ ବି କେହି ସହାନୁଭୂତିର ସହିତ ମୋ ସାଙ୍ଗେ ପଦେ କଥା ହୋଇ ନାହାନ୍ତି । ସ୍କୁଲ ତ ଏପରି, ଘରେ ମଧ୍ୟ ତଦ୍ରୂପ । ବରଂ ଆହୁରି ଅଧିକ । ବାପା ଅତ୍ୟନ୍ତ କ୍ରୋଧୀ । ମଝିରେ ମଝିରେ ସ୍କୁଲରୁ ଗୋଟିଏ ଗୋଟିଏ ଚିଠି ମୋର ଅଯୋଗ୍ୟତା ସମ୍ପର୍କରେ ବାପାଙ୍କ ପାଖକୁ ଯାଏ ଏବଂ ସେ ଚିଠି ପାଇଲା ଦିନ ବାପାଙ୍କର ସାଧାରଣ କ୍ରୋଧ ବହୁଗୁଣିତ ହୋଇଯାଏ । ଫଳାଫଳ ଅନୁମେୟ । ଅନେକ ଗାଳି ମାଡ଼ ଖାଇବାକୁ ହୁଏ । ମୋର ପାଠପଢ଼ାରେ ଦୁର୍ବଳତା କାରଣରୁ ଅଭିଭାବକ ସଭାକୁ ଲଜ୍ଜାରେ ମୋର ବାପା, ମା' କେହି ଆସନ୍ତି ନାହିଁ । ପରଦିନ ମଧ୍ୟ ଶ୍ରେଣୀରେ କାହିଁକି ଅଭିଭାବକ ଆସିଲେ ନାହିଁ ବୋଲି ମୋତେ ଶ୍ରେଣୀ ବାହାରେ ଠିଆ ହେବାକୁ ହୁଏ । ଭାଇ, ଏସବୁ ସହି ସହି ମୁଁ ନିଜକୁ କାଠ କରି ସାରିଛି । ଆପଣ ଦୟା କରି ମୋତେ କିଛି ପଚାରନ୍ତୁ ନାହିଁ ।'' ଏ ସମସ୍ତ ବିଷୟକୁ ମୁଁ ମୋ ହୃଦୟ ମାଧ୍ୟମରେ ତା'ର ହୃଦୟ ସହିତ କଥାବାର୍ତ୍ତା ହୋଇ ସାରିଲା ବେଳକୁ ମୋର ଆଖିରୁ ଧାର ଧାର ଲୁହ ଛୁଟିବାକୁ ଲାଗିଲା । ଅନ୍ୟ ପିଲାମାନେ ସେ ଦୃଶ୍ୟକୁ ବିଶ୍ୱାସ କରିପାରୁ ନ ଥିଲେ । କାରଣ, ସେମାନଙ୍କର ମତାମତ ନିତି ଦିନିଆ ଥିଲା । ଶ୍ରେଣୀରେ ଯାହା ସେମାନେ ଦେଖୁଥିଲେ ତାହାହିଁ କହିଲେ । ମାତ୍ର ମୁଁ ପ୍ରକୃତିସ୍ଥ ହେବାକୁ ସମୟ ନେଲି ।

ପିଲାଟିକୁ ଡାକିଲି । ପଚାରିଲି ତୁମ ନାମ କ'ଣ ? ବାପାଙ୍କ ନାମ, ବାପା କ'ଣ କରନ୍ତି ଇତ୍ୟାଦି ବୁଝିସାରି କହିଲି, ''ପିଲାମାନେ, ସମସ୍ତେ ସବୁକାମ ପାରନ୍ତି ନାହିଁ । ତୁମେମାନେ ଯେମିତି ସମସ୍ତେ ସବୁକାମ କରି ପାରିବନି, ସେମିତି ଏ ଭାଇ ମଧ୍ୟ କେତେଟା କାମ କରି ପାରିବେ ନାହିଁ । ମାତ୍ର ଏବେ ତୁମକୁ ପଚାରିବି ଗୋଟିଏ ପ୍ରଶ୍ନ – ତୁମ୍ଭେମାନେ ଯାହା ଉତ୍ତର ଦେବ – ମୁଁ କଳାପଟାରେ ଲେଖିବି । ମୋର ପ୍ରଶ୍ନ ହେଲା – ଏ ଭାଇଙ୍କର କେଉଁ ଗୁଣଟି ତୁମକୁ ବହୁତ ଭଲ ଲାଗେ ? ମତେ ଜଣ ଜଣ କରି କୁହ ।''

ଅନେକ ଉତ୍ତର ଆସିଲା – ସେଥିରୁ ମୋର ଯେତିକି ମନେ ପଡୁଛି, ତାହା ହେଲା :

୧. ସେ କାହା ସହିତ ଝଗଡ଼ା କରେ ନାହିଁ ।
୨. ସବୁଦିନ ସ୍କୁଲକୁ ଆସେ ।
୩. ଦେହ ଖରାପ କହି କେବେ ଛୁଟି ନିଏ ନାହିଁ ।
୪. ଶ୍ରେଣୀରେ ସବୁଠାରୁ ବେଶୀ ଶୃଙ୍ଖଳିତ ।
୫. ସବା ପ୍ରଥମେ ଆସି ଶ୍ରେଣୀରେ ଅସଜଡ଼ା ଡେସ୍କ ସଜାଡ଼େ ।
୬. ସବୁ ଖେଳକୁ ଖୁବ୍ ଭଲଭାବେ ଖେଳେ ।
୭. ଥରେ ମନିଟର ହୋଇଥିଲା । କୌଣସି ପିଲାଙ୍କ ନାମରେ କିଛି ବି ଅଭିଯୋଗ କରି ନଥିଲା ।
୮. ଅପା ଶ୍ରେଣୀକୁ ପରିଷ୍କାର କରିବାକୁ କହିଲେ ସେ ଆଗ ବାହାରି ପଡ଼େ, ଶ୍ରେଣୀ ଝାଡୁମାରି ପରିଷ୍କାର କରେ ।
୯. (ଜଣେ କହିଲେ) ଭାଇ, ଥରେ ମୁଁ ଜଳଖିଆ ଆଣି ନଥିଲି, ସେ ଜବରଦସ୍ତ କରି ମୋତେ ତା' ଜଳଖିଆ ଖୁଆଇଲା ।
୧୦. କୌଣସି କାମକୁ ଯଦି ଅପା ଡାକନ୍ତି ତେବେ ସିଏହିଁ ପ୍ରଥମେ ବାହାରେ ।

ମୁଁ ଦେଖିଲି, ପ୍ରତ୍ୟେକ ପିଲାଙ୍କ ପାଖରେ ତା'ର ଭଲ ଗୁଣ କହିବା ପାଇଁ କିଛି କିଛି ଅଛି । ପିଲାମାନେ ତା'ର ଭଲଗୁଣର ତାଲିକା ଯେତିକି ଦେଉଥା'ନ୍ତି ସେତିକି ତା' ପ୍ରତି ସେମାନଙ୍କର ଉଦାରତା ପ୍ରକାଶ ପାଉଥାଏ । ମୁହୂର୍ତ୍ତକ ଆଗରୁ ତାକୁ ଏତେ ତାଚ୍ଛଲ୍ୟ କରି କହିବା ଯେ ପିଲାମାନଙ୍କର ନିଜସ୍ୱ ଆଚରଣ ନୁହେଁ ଏକଥା ପରିଷ୍କାର ବୁଝି ହେଉଥାଏ ।

ଅଧିକାଂଶ ପିଲାଙ୍କର ମତାମତ ଲେଖି ସାରିବା ପରେ ପଚାରିଲି, ''ପିଲେ, କହିଲ, ଏତିକି ଗୁଣର ଅଧିକାରୀ ତୁମ ଭିତରେ ଆଉ କିଏ କିଏ ଅଛନ୍ତି ?'' ସମସ୍ତେ ଠିକ୍ ଯେମିତି ସମସ୍ୱରରେ ତା' ବିରୋଧରେ କହିଥିଲେ ସେମିତି କହି ଉଠିଲେ, ''ନାଁ ଭାଇ, ଆମ ଭିତରେ ଏତେ ଭଲ କେହି ନାହାନ୍ତି ।'' ମୁଁ କହିଲି, ''ନାଁ ପିଲେ, ତୁମେ ସମସ୍ତେ ମଧ୍ୟ ଅନେକ ଅନେକ ଭଲ ଗୁଣର ଅଧିକାରୀ । ଅଳ୍ପ କେତେଟା ଅସୁବିଧା ଥାଇପାରେ, ମାତ୍ର ସେଥିପ୍ରତି ଗୁରୁତ୍ୱ ନ ଦେଇ ଆମ ମଧ୍ୟରେ ଯାହା ଭଲ ଗୁଣ ଅଛି ସେଥିପ୍ରତି ଗୁରୁତ୍ୱ ଦେଲେ ଅସୁବିଧାଗୁଡ଼ିକ ଆଦୌ ଆଖିରେ ପଡ଼ନ୍ତା ନାହିଁ ।'' ମତେ ଲାଗିଲା ସେଦିନର ସେଇ ଆଲୋଚନା ପରେ ଅତ୍ୟନ୍ତ ମଳିନ ତଥା ବିଷାଦଗ୍ରସ୍ତ ହୋଇ ପଡ଼ିଥିବା ପିଲାଟି ମଧ୍ୟରେ ନିଶ୍ଚୟ କିଛି ଉତ୍ସାହ, ଆଗ୍ରହ ସୃଷ୍ଟି ହୋଇଥିବ ।

ତା'ପରେ ସେଠାରୁ ଅପାଭାଇମାନଙ୍କ ପାଖକୁ ଗଲି । ସେମାନଙ୍କ ସାଙ୍ଗରେ ଏକାଠି ବସି ଆଲୋଚନା କରିବା ସମୟରେ ମୁଁ ଉକ୍ତ ପିଲାଟି କଥା ପଚାରୁ ପଚାରୁ ସମସ୍ତେ ସମସ୍ୱରରେ ହସି ପକାଇଲେ, ଯେପରି ସେ ପିଲାଟି କେବଳ ତାଚ୍ଛଲ୍ୟ ଏବଂ ବ୍ୟଙ୍ଗ କରିବାର ବସ୍ତୁ । ତାଙ୍କ ସହିତ ଆଲୋଚନା କରିବା ବେଳେ ଦେଖିଲି ବାସ୍ତବିକ ସେମାନେ ମଧ୍ୟ ନିଜ ନିଜର ଦୁର୍ବଳତାକୁ ଲୁଚାଇବାକୁ ଯାଇ ତା' ପ୍ରତି ବିଦ୍ରୂପ କରୁଥା'ନ୍ତି । ସାମାନ୍ୟ କିଛି ତର୍କ କରିବା ପରେ ଜଣେ ଅପା ସଙ୍ଗେ ସଙ୍ଗେ କହି ଉଠିଲେ, ''ଭାଇ, ଆପଣ ଯାହା କହୁଛନ୍ତି ଏହା କେବଳ ତତ୍ତ୍ୱତଃ ସତ୍ୟ । ମାତ୍ର, ଆପଣ ନିଜେ ଥରେ ତା'ର କ୍ଲାସ ନେଲେ ଜାଣି ପାରିବେ । ତା' ବାପା ମା'ଙ୍କୁ ଡକାଇଲେ ସେମାନେ ତ ଆସୁ ନାହାନ୍ତି, କୌଣସି ଦିନ task କରି ଆସୁନି । ଆମେ ଆଉ କ'ଣ କରିଥା'ନ୍ତୁ ?'' ମୁଁ ପଚାରିଲି, ''ଆପଣଙ୍କ ନିଜ ପିଲା ହୋଇଥିଲେ ?''

ସମସ୍ତେ ମୁହଁ ତଳକୁ କରି ବସିଲେ ।

ଏକଥା ନିଶ୍ଚୟ ସତ୍ୟ ଯେ ସମସ୍ତେ ନାଚାର । ମାତ୍ର ତା'ର ସମାଧାନ କ'ଣ ? ପିଲାଟିର ଦାୟିତ୍ୱ ନେବାରେ ଅନୁଭବ କରି ହେଉଥିଲା ନିଜର ଦୁର୍ବଳତା, ଅସାମର୍ଥ୍ୟତା । ଆଉ ରାସ୍ତା ନଥିବା ଭଳି ଲାଗୁଥିଲା । କାରଣ ଆମେ ଆମ ସମାଜରେ କେବଳ Talentମାନଙ୍କୁ ହିଁ ସ୍ଥାନ ଦେଇଥିଲୁ । ତେଣୁ ଆମ ସ୍କୁଲରେ କେବଳ ସେଇମାନଙ୍କୁ ଖୋଜିବାରେ ଲାଗିଥିଲୁ । ଏବେ ଆମେ ସମସ୍ତଙ୍କୁ ଗୁରୁତ୍ୱ ଦେଇ ପାରିବା । ଯଦି କୌଣସି କାରଣରୁ ଜଣେ ଏକାଡ଼େମୀକ୍ ଧାରାରେ ବିଶେଷ କିଛି କରି ପାରି ନାହିଁ ତା'ର ନନ୍‌ଏକାଡ଼େମୀକ୍ ବିଷୟଗୁଡ଼ିକ ସମ୍ବନ୍ଧରେ ଥିବା ଜ୍ଞାନକୁ ଗୁରୁତ୍ୱ ଦେବାକୁ ହେବ । ଉଭୟ ଏକାଡ଼େମୀକ୍ ଏବଂ ନନ୍‌ଏକାଡ଼େମୀକ୍ ମିଶିଲେହିଁ ଜଣେ ପୂର୍ଣ୍ଣାଙ୍ଗ ବ୍ୟକ୍ତିଟିଏ ହେବ ।

ଆମେ ଶିକ୍ଷା ବହି ଆଲୋଚନା କଲେ ଦେଖି ପାରିବା ଶରୀର, ପ୍ରାଣ, ମନ ଏବଂ ଚୈତ୍ୟ ଓ ଆଧ୍ୟାତ୍ମିକ – ସମସ୍ତେ ଶିକ୍ଷିତ ହେବେ ଏବଂ ସମସ୍ତଙ୍କର ସାମଗ୍ରିକ ଅଗ୍ରଗତିହିଁ ଶିଶୁ ମଧ୍ୟରେ ଏକ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ସୃଷ୍ଟି କରିବା ପାଇଁ ସଫଳ ହେବ । ସେତେବେଳେ କେବଳ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଆଉ ସେତିକି ଗୁରୁତ୍ୱ ରହିବ ନାହିଁ ।

ଏହି ପ୍ରକାର ମୂଲ୍ୟାୟନକୁ ସରକାର କହୁଛନ୍ତି ନିୟମିତ ତଥା ସାମଗ୍ରିକ ମୂଲ୍ୟାୟନ । ପିଲାମାନଙ୍କ ପାଇଁ ସିନା ତଥାକଥିତ ପରୀକ୍ଷା ହେବ ନାହିଁ — ମାତ୍ର ଯାହା ହେବ ତାହା ପରୀକ୍ଷାର ଗୁରୁତ୍ୱଠାରୁ ଯଥେଷ୍ଟ ଅଧିକ । ପ୍ରଶ୍ନ ପଚାରି ଆମେ ଉତ୍ତର ଖାତା ଦେଖି ତା'ର ମୂଲ୍ୟାୟନ କରି ରିପୋର୍ଟ ଦେଇଦେବୁ ନାହିଁ । ମାତ୍ର ପ୍ରତ୍ୟେକ ମୁହୂର୍ତ୍ତରେ ତାକୁ ମୂଲ୍ୟାୟନ କରିବାକୁ ହେବ । ତା' ମଧ୍ୟରେ ଯାହା ଯାହା ଗୁଣ ଯେତେବେଳେ ଦେଖିବୁ ତାକୁ ଉଲ୍ଲେଖ କରିବୁ । ବର୍ଷ ଶେଷରେ ସବୁକିଛିକୁ ମିଶାଇ ଗୋଟିଏ ରିପୋର୍ଟ ଦିଆଯିବ, ଯାହାହେବ ଏକ ବାସ୍ତବିକ ମୂଲ୍ୟାୟନ । ସେଥିରେ ତା'ର କେଉଁ କେଉଁ ବିଷୟ (ପାଠ୍ୟ ବିଷୟ ସହିତ ଅନ୍ୟ ବିଷୟ)ଗୁଡ଼ିକରେ ଅଧିକ ଆଗ୍ରହ, କେଉଁଥିରେ ସ୍ୱତଃ ଭଲ କରେ, କେଉଁଗୁଡ଼ିକ ଭଲ କରିବା ପାଇଁ ଉତ୍ସାହ ଆବଶ୍ୟକ କରେ, କେଉଁ ବିଷୟରେ ତା'ର ନିଜସ୍ୱ ଚିନ୍ତାଧାରା ଅଛି, କେଉଁମାନଙ୍କୁ ସେ ବନ୍ଧୁ କରିବା ପାଇଁ ଚିନ୍ତା କରେ, ସମସ୍ତଙ୍କ ପ୍ରତି ନିରପେକ୍ଷ ରହେ କି ନାହିଁ, ଭଲ ପାଇବାର ସଂଜ୍ଞା ତା' ପାଇଁ କ'ଣ ? ସେ କ'ଣ କରିବାକୁ ସବୁଠାରୁ ଭଲପାଏ, ଖାଦ୍ୟରେ ତା'ର ପ୍ରିୟ କ'ଣ, ଶାରୀରିକ ଶ୍ରମ ପ୍ରତି ତା'ର ଆଗ୍ରହ କେତେ, ଅନ୍ୟମାନଙ୍କର ଦାୟିତ୍ୱ ନେବା ପାଇଁ ସ୍ୱତଃ ଇଚ୍ଛା କରେ କି, ସୌନ୍ଦର୍ଯ୍ୟବୋଧ କିପରି, ନିଜର ବ୍ୟବହୃତ ବସ୍ତୁମାନଙ୍କ ପ୍ରତି ଦାୟିତ୍ୱବୋଧ କିପରି, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଆଗ୍ରହ କେତେ, କେତେ ନିର୍ଭୀକ ଏବଂ ସାହସୀ, କଷ୍ଟସହିଷ୍ଣୁ କେତେ, କେତେ ସତ୍ୟବାଦୀ ଇତ୍ୟାଦି ଅନେକ ପ୍ରକାରର ଗୁଣକୁ ଆମେ ମୂଲ୍ୟାୟନ କରିପାରିବୁ ଏବଂ ତା'ପାଇଁ ଲେଖୁଥିବା ବିବରଣୀରେ ସ୍ଥାନ ଦେଇ ପାରିବୁ ଏବଂ ଏକ ନିଛକ୍ ମୂଲ୍ୟାୟନ ସମ୍ଭବ ହୋଇ ପାରିବ । ଶ୍ରୀମା' ଦେଇଥିବା ବାଣୀ ଯେ "No child of mine can be a zero;" (White Roses, p. 2) । ତା'ର ପ୍ରମାଣ ମଧ୍ୟ ଆମେ ଦେଖି ପାରିବୁ । ସେତେବେଳେ ଉକ୍ତ ପିଲାଟି ପରି କେହି ଆଉ ପ୍ରଶ୍ନକର୍ତ୍ତାଙ୍କୁ ବିକଳ ହୋଇ ଚାହିଁବ ନାହିଁ, କାରଣ ତା'ର ମଧ୍ୟ ସାମର୍ଥ୍ୟ ଅଛି ବୋଲି ସିଏ ତଥା ତା'ର ମାଆ/ବାପା ଏବଂ ଅପା/ଭାଇ ସମସ୍ତେ ଅନୁଭବ କରି ପାରିଥିବେ ।

ସରକାରଙ୍କର ନୂଆ ଶିକ୍ଷାନୀତି ସାଙ୍ଗରେ ଅତୀତର ସେ ପିଲାଟି ସହିତ ହୋଇଥିବା ଅଭିଜ୍ଞତା ମୋତେ ଅତ୍ୟନ୍ତ ବାସ୍ତବ ମନେ ହେଲା ଏବଂ ଆମେ ଯେ ନିଶ୍ଚୟ କିଛି କରିପାରିବୁ ସେ ସମ୍ପର୍କରେ ହୃଦ୍‌ବୋଧ ହେଲା ।

('ଏବେ ବି ମନେପଡ଼େ', ତୃତୀୟ ଭାଗ, ପୃ. ୩୦-୩୪) ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ । ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ । ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ମା’ ଓ ସନ୍ତାନ

## (୩)

## ଗୟାଧର ଦାଶ

ମା’ ଶବ୍ଦଟି ତଥାପି ଆମ ପାଇଁ ଅବୁଝା ହୋଇ ରହେ । ‘ମ’ ଅକ୍ଷରଟି ଚନ୍ଦ୍ରବୀଜ ଓ ‘ଆ’କାରଟି ଅଗ୍ନିବୀଜ ଅଟେ । ‘ମା’ ଶବ୍ଦଟି ଏହି ଚନ୍ଦ୍ରବୀଜ ଓ ଅଗ୍ନିବୀଜର ସମଷ୍ଟି । ଚନ୍ଦ୍ରବୀଜ ଶାନ୍ତି, ଆନନ୍ଦ ଓ ସମତା ଆଦି ଦିବ୍ୟଗୁଣର ପ୍ରତୀକ ଏବଂ ଅଗ୍ନିବୀଜ ତେଜ, ଜ୍ୟୋତିଃ ଓ ଶକ୍ତିର ପ୍ରତୀକ ଯାହା ସକଳ ଅଜ୍ଞାନତା, ଅସାମର୍ଥ୍ୟ, ସଂଶୟ ଓ ଦୁଷ୍କୃତି ଆଦିକୁ ନାଶ କରେ । ସୁତରାଂ ମାଆ ଶବ୍ଦଟି ଶାଶ୍ୱତ, ଚିରନ୍ତନ ଓ ମହିମାମୟ । ଏହା ଏକ ମହାନ୍ ମନ୍ତ୍ର ବା ଶକ୍ତି, – ମା’ ନାମରେ ଅମୃତ ରହିଛି । ଏହା ରସପୂର୍ଣ୍ଣ । ସେ ରସ ଯିଏ ପାନ କରିଛି ସିଏ ତାହାର ମାହାତ୍ମ୍ୟ ଜାଣିଛି । ପ୍ରକୃତରେ ‘ମା’ ଶବ୍ଦଟି ଶବ୍ଦ ବ୍ରହ୍ମ ବା ‘ରସୋ ବୈ ସଃ’ ।

ମନୁଷ୍ୟ ଏକ ମଧ୍ୟବର୍ତ୍ତୀକାଳୀନ ଜୀବ । ତା’ର ଚେତନା ଯେଉଁ ସ୍ତରରେ ରହିଛି ସେହି ସ୍ତରରୁ ସେ ସବୁକିଛିକୁ ମାପେ ଓ ବିଚାର କରେ । ମନୁଷ୍ୟ ସ୍ତରରୁ କେହି ଯଦି ଉପରକୁ ଉଠିଯାଏ ତେବେ ମନୁଷ୍ୟ ତାକୁ ସହଜରେ ଗ୍ରହଣ କରିପାରେ ନାହିଁ । ଯିଏ ମନୁଷ୍ୟ ପରି ଆଚରଣ କରେ ଏବଂ ସାଧାରଣ ମନର ପରିଧି ନ ଡେଇଁ ଜୀବନ ବଞ୍ଚେ, ସିଏ ସହଜରେ ବୋଧଗମ୍ୟ ହୋଇଥାଏ । ଯିଏ ମନସ୍ତରକୁ ଡେଇଁ ଉର୍ଦ୍ଧ୍ୱକୁ ଉଠିଯାଏ ସିଏ ମନୁଷ୍ୟଠାରୁ ପୃଥକ୍ ବୋଲି ଆମେ ମନେ କରୁ ଏବଂ ତାକୁ ଦେବତା ରୂପେ ପୂଜା କରୁ । ସେଥିପାଇଁ ଅବତାରମାନେ ମନୁଷ୍ୟ ରୂପ ଧାରଣ କରି ମନୁଷ୍ୟ ପରି ଆଚରଣ କରନ୍ତି, ବିଶ୍ୱାସ ଭାଜନ ହୁଅନ୍ତି ଏବଂ ଯୁଗୋପଯୋଗୀ ଆଦର୍ଶ ପ୍ରତିଷ୍ଠା କରନ୍ତି । ସ୍ୱୟଂ ଭଗବାନ୍ ଆମ ଗହଣରେ ରହି କାର୍ଯ୍ୟ କରୁଥିଲେ ବି ଆମେ ତାଙ୍କୁ ଚିହ୍ନି ପାରୁନା ଏବଂ ତାଙ୍କ ଲୀଳାର ସହଚର ହୋଇ ପାରୁନା । ଏହା ହେଉଛି ଆମ ପାଇଁ ଏକ ବିଡ଼ମ୍ବନା । ସ୍ୱୟଂ ଆଦ୍ୟାଶକ୍ତି ଦିବ୍ୟଜନନୀ ଶ୍ରୀମା ରୂପରେ ଅବତୀର୍ଣ୍ଣା ହୋଇ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ସହିତ ଲୀଳା ରଚନା କରିଥିଲେ । ଆମେ କେବଳ ତାଙ୍କର ସ୍ଥୂଳ ଆଚରଣ ବା କାର୍ଯ୍ୟ ଧାରା ଉପରେ ବିଶ୍ୱାସ ସ୍ଥାପନ କରିଥାଉ । ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ତାଙ୍କର ମାନୁଷୀ ଆଚରଣ ଦେଖି ମା’ ପାର୍ବତୀ ମଧ୍ୟ ବୁଝିପାରି ନଥିଲେ । ଆମେ ଅବା କ’ଣ ବୁଝିବା । ପ୍ରକୃତରେ ଭଗବାନଙ୍କ ଅବତାରମାନଙ୍କର ଭଗବତ୍ ଚେତନା ଓ ଶକ୍ତି ତଥା ମାନୁଷୀ ଚେତନା ଉଭୟ ରହିଥାଏ । ସେ ମନୁଷ୍ୟର ପ୍ରତିନିଧି ହୋଇ ଥିବାରୁ ମନୁଷ୍ୟ ଚେତନାରେ ରହି କାର୍ଯ୍ୟ କରନ୍ତି । ଚାହିଁବା ମାତ୍ରେ ଭଗବତ୍ ଚେତନାରେ କାର୍ଯ୍ୟ କରିପାରନ୍ତି । ମା’ ପାର୍ବତୀ ଦେବୀ ସୀତାଙ୍କ ରୂପ ଧାରଣ କରି ଶ୍ରୀରାମଚନ୍ଦ୍ରଙ୍କ ପାଖକୁ ଆସିବାରୁ ଶ୍ରୀରାମ ମାତା ପାର୍ବତୀଙ୍କୁ ପ୍ରଣାମ କରି କୈଳାସାଧିପତି ମହେଶ୍ୱର କାହାନ୍ତି ବୋଲି ପ୍ରଶ୍ନ ପଚାରିବାରୁ ମା’ ପାର୍ବତୀ ଶ୍ରୀରାମଙ୍କ ଅସଲ ରୂପର ପରିଚୟ ପାଇଥିଲେ । ଅବତାରମାନେ ବହୁତ ଅନିବାର୍ଯ୍ୟ ନହେଲେ ଐଶ୍ୱର୍ଯ୍ୟ ପ୍ରୟୋଗ କରନ୍ତି ନାହିଁ; ଠିକ୍ ମନୁଷ୍ୟ ସଦୃଶ ବ୍ୟବହାର କରନ୍ତି ଯେପରି ତାଙ୍କର ଭଗବତ୍ତାକୁ ମନୁଷ୍ୟ ବୁଝି ନପାରେ । କାରଣ ସେ ମନୁଷ୍ୟ ଚେତନାରେ ରହି କର୍ମ କଲେ ମନୁଷ୍ୟମାନେ ତାଙ୍କ ଆଦର୍ଶକୁ ଗ୍ରହଣ କରି ପାରିବେ । ଆଶ୍ରମର ଜଣେ ପିଲା ଶ୍ରୀମାଙ୍କୁ ପଚାରିଥିଲା – ‘‘ମାଆ ! ତୁମେ କାହିଁକି ତୁମର ଦିବ୍ୟ ରୂପରେ ନଆସି ଆମ ପରି ହୋଇ ଆସିଛ ?’’ ମା’ କହିଲେ – ‘‘ମୁଁ ଯଦି ତୁମ ପରି ହୋଇ ନଆସି ଥାଆନ୍ତି ତେବେ ତୁମେମାନେ ମୋ’ ପରି ହେବାକୁ କିପରି କହି ପାରିଥାଆନ୍ତି ।’’ ଶ୍ରୀଅରବିନ୍ଦ ‘ସାବିତ୍ରୀ’ ମହାକାବ୍ୟରେ ଲେଖିଛନ୍ତି –

‘‘We are sons of God and must be even as he:
His human portion, we must grow divine.’’
(Savitri, p. 67)

‘‘ଆମେ ଈଶ୍ୱରଙ୍କ ସନ୍ତାନ ଏବଂ ନିଶ୍ଚେ ହେବୁ ତାଙ୍କରି ସମାନ :
ତାଙ୍କ ମାନୁଷୀ ଅଂଶ, ଆମେ ନିଶ୍ଚେ ହୋଇ ଉଠିବୁ ଦିବ୍ୟ ।’’

ଏହି ସତ୍ୟ ଆମ ଭିତରେ ପ୍ରତିଷ୍ଠିତ ହେଲେ ଆମେ ସମୟକ୍ରମେ ପରମା ଜନନୀଙ୍କ ଆଗମନର ରହସ୍ୟକୁ ଉଦ୍‌ଘାଟନ କରିପାରିବା । ସେଥିପାଇଁ ଶ୍ରୀଅରବିନ୍ଦ କହିଲେ –

‘‘A few shall see what none yet understands;
God shall grow up while the wise men talk and sleep;

For man shall not know the coming till its hour
And belief shall be not till the work is done.''
(Savitri, p. 55)

''ସଭିଙ୍କ ବୋଧାତୀତ ସତ୍ୟ ଦେଖି ପାରିବେ ମାତ୍ର ଅଳ୍ପ କେତେ ଜଣ;
ଜ୍ଞାନୀଗଣଙ୍କ କଥା ଓ ନିଦ୍ରାକାଳେ ଅଭ୍ୟୁଦୟ ହେବେ ଭଗବାନ୍;
ଯଥାର୍ଥ ମୁହୂର୍ତ୍ତ ଯାଏ ଜାଣିବ ନାହିଁ ଏ ମଣିଷ ତାଙ୍କ ଆଗମନ
ବିଶ୍ୱାସ ହେବନି ତାଙ୍କ ନହେଲେ କାର୍ଯ୍ୟ ସମାପନ ।''

ସ୍ୱୟଂ ଶ୍ରୀଅରବିନ୍ଦ ଆମ୍ଭମାନଙ୍କୁ ଚିହ୍ନାଇ ଦେଇଛନ୍ତି ମା' କିଏ । ମହାକାବ୍ୟ ସାବିତ୍ରୀ ଓ ମା' ପୁସ୍ତକରେ ସେ ଭଗବତୀ ଆଦ୍ୟାଶକ୍ତିଙ୍କର ସ୍ୱରୂପ ବର୍ଣ୍ଣନା କରିଛନ୍ତି; ତଥାପି ବିଶ୍ୱାସ ହୋଇ ନାହିଁ । ସଂଶୟ ଦୂର କରିବା ନିମନ୍ତେ ଜନୈକ ସାଧକଙ୍କର ତିନୋଟି ପ୍ରଶ୍ନର ଉତ୍ତର ଦେଇଛନ୍ତି ।

ପ୍ରଥମ ପ୍ରଶ୍ନ : ''ଆମ୍ଭମାନଙ୍କର ମା' ହୋଇ ଯିଏ ଏଠାରେ ରହିଛନ୍ତି, ଇଏ କ'ଣ ସେଇ ମା', ଯାହାଙ୍କ ସମ୍ବନ୍ଧରେ ଆପଣ 'ମା' ପୁସ୍ତକରେ ବିଶେଷଭାବେ ବ୍ୟାଖ୍ୟାନ କରି ଲେଖିଛନ୍ତି ?''

ଶ୍ରୀଅରବିନ୍ଦ ଉତ୍ତର ଦେଲେ, 'ହଁ' ।

ଦ୍ୱିତୀୟ ପ୍ରଶ୍ନ : ''ଏଇ କ'ଣ ତେବେ ବ୍ୟଷ୍ଟିରୂପିଣୀ ଜଗନ୍ମାତା, ଅର୍ଥାତ୍ ସ୍ୱୟଂ ଜଗନ୍ମାତା କ'ଣ ତାଙ୍କର ବିଶ୍ୱାତୀତ ଓ ବିଶ୍ୱଗତ ସମସ୍ତ ବୃହତ୍ତର ଶକ୍ତି ସଙ୍ଗରେ ନେଇ ଏହି ସାକାର ଦେହ ଧରି ଏଠାରେ ଅବତୀର୍ଣ୍ଣା ହୋଇଛନ୍ତି ?''

ଶ୍ରୀଅରବିନ୍ଦ ଏଥର ବି ଉତ୍ତର ଦେଲେ, 'ହଁ' ।

ତୃତୀୟ ପ୍ରଶ୍ନ : ''ସ୍ୱୟଂ ଆଦ୍ୟାଶକ୍ତି ଜଗନ୍ମାତା କ'ଣ ଆମ୍ଭମାନଙ୍କ ଉପରେ ତାଙ୍କର ଅପାର କରୁଣାବଶରେ ଏଇ ଭ୍ରାନ୍ତି, ମିଥ୍ୟା, ତମିସ୍ରା ଓ ମୃତ୍ୟୁପୂର୍ଣ୍ଣ ଜଗତରେ ଆମ୍ଭମାନଙ୍କ ପାଖରେ ସଶରୀରରେ ଆସି ଉପସ୍ଥିତ ହୋଇଛନ୍ତି ?''

ଏଥର ମଧ ଶ୍ରୀଅରବିନ୍ଦ ଉତ୍ତର ଦେଲେ, 'ହଁ' ।

ତିନିଥର ଯାକ ଶ୍ରୀଅରବିନ୍ଦ ସେହି ଗୋଟିଏ ଉତ୍ତରରେ କହିଛନ୍ତି ଯେ ଶ୍ରୀମା ସ୍ୱୟଂ ଜଗନ୍ମାତା ।

ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କ ଭାଷାରେ – ''ସେ ନିଶ୍ଚୟ ଜନନୀ; କିନ୍ତୁ ଦିବ୍ୟଜନନୀ । ସେ ଚାହାନ୍ତି ନାହିଁ ଆମେ ତାଙ୍କର ମାନୁଷୀ ରୂପ ବା ଭୌତିକ ସ୍ଥିତି ସମ୍ବନ୍ଧରେ ଅଧିକ ଚର୍ଚ୍ଚା କରିବାକୁ । ଆମ୍ଭେମାନେ ତାଙ୍କ ନିକଟକୁ ମାନବିକ ଭାବରେ ନୁହେଁ ବରଂ ଦିବ୍ୟ ଭାବରେ ଯିବାକୁ ସେ ଚାହାନ୍ତି ।''

ଶ୍ରୀ ମାଧବ ପଣ୍ଡିତ କହନ୍ତି – ''ନିରତିଶୟ ବିପଦର ସମ୍ମୁଖୀନ ଆର୍ତ୍ତ ଧରଣୀର ଡାକରେ ପରମ ପୁରୁଷଙ୍କର ପ୍ରତ୍ୟୁତ୍ତର ସ୍ୱରୂପ ଶ୍ରୀମା ଧରାତଳେ ଅବତୀର୍ଣ୍ଣା । ସୃଷ୍ଟିର ଇତିହାସରେ ସେହିଁ ଭଗବତ୍ କରୁଣାର ସର୍ବଶ୍ରେଷ୍ଠ ପୂର୍ଣ୍ଣାଙ୍ଗ ଅବତାର । ଶ୍ରୀମା ତାଙ୍କର ସମସ୍ତ ଐଶୀ ଶକ୍ତି, ଆଧ୍ୟାତ୍ମିକ ଓ ଅଲୌକିକ ଜ୍ଞାନ, ସର୍ବଜୟୀ ସାମର୍ଥ୍ୟ ଓ ପ୍ରେମ ନେଇ ଅବତୀର୍ଣ୍ଣା ହୋଇଛନ୍ତି । ସେହିଁ ପ୍ରକୃତିକୁ ଉନ୍ନୀତ କରି ମାନବକୁ ଦେବତାରେ ପରିଣତ କରିବେ ।''

ଯେଉଁ ଶକ୍ତି ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରିଛନ୍ତି, ଯେଉଁ ଜ୍ୟୋତିଃ ସକଳ ଜ୍ଞାନର ଉତ୍ସ, ସର୍ବବସ୍ତୁର ଆତ୍ମା ଏବଂ ଆନନ୍ଦର ରସ, ସର୍ବବସ୍ତୁର ସାର – ସେହିଁ ଶ୍ରୀମା । ସାବିତ୍ରୀ ମହାକାବ୍ୟରେ ଶ୍ରୀଅରବିନ୍ଦ ଅତି ଚମତ୍କାର ଭାବେ କହିଛନ୍ତି –

''She is the golden bridge, the wonderful fire.
The luminous heart of the Unknown is she,
A power of silence in the depths of God;
She is the Force, the inevitable Word,
The magnet of our difficult ascent,
The Sun from which we kindle all our suns,
The Light that leans from the unrealised Vasts,
The joy that beckons from the impossible,
The Might of all that never yet came down.''
(Savitri, p. 314)

''ସ୍ୱର୍ଣ୍ଣମୟ ସେତୁ ସେ ଯେ ବହ୍ନି ଅନୁପମ ।
ସେ ଯେ ଅଜ୍ଞାତର ହୃଦ ଜ୍ୟୋତିର୍ମୟ,
ବିଧାତାଙ୍କ ଅନ୍ତରସ୍ଥିତ ନୈଶବ୍ଦର ଶକ୍ତି;
ସେ ଯେ ପରାଶକ୍ତି, ଅନାହତ ମହାକାବ୍ୟ,
ଚୁମ୍ବକ ସେ ଆମ ଦୁରୂହ ଆରୋହଣେ,
ସୂର୍ଯ୍ୟ ସେ ଦୀପ୍ତ କରେ ଆମ ଶତ ସୂର୍ଯ୍ୟ,
ଜ୍ୟୋତିଃ ସେ ଆନତ ଅଲବ୍ଧ ଅସୀମଙ୍କଠାରୁ,
ଆନନ୍ଦ ସେ ସଙ୍କେତ ଦିଏ ଅସାଧ୍ୟ ମଧ୍ୟରୁ,
ମହାଶକ୍ତି ସେ ଅଦ୍ୟାବଧି ହୋଇ ନାହିଁ ଅବତରଣ ।''

(କ୍ରମଶଃ)

❑❑❑

# ସୁନିଲ-ଦା'

## (୧)

ଶ୍ରୀମାଶ୍ରୀଅରବିନ୍ଦଙ୍କ ଅନୁଗାମୀମାନଙ୍କ ମଧ୍ୟରେ ସୁନିଲ ''ଶ୍ରୀମା'ଙ୍କର ସଙ୍ଗୀତକାର'' ନାମରେ ସୁପରିଚିତ । ତାଙ୍କ ସମ୍ପର୍କରେ ମନ୍ତବ୍ୟ ଦେଇ ଶ୍ରୀମା କହିଥିଲେ, 'He is a genius.' ବାସ୍ତବିକ ସୁନିଲଙ୍କର ବ୍ୟକ୍ତିତ୍ୱକୁ ଅନୁଧ୍ୟାନ କଲେ ଜାଣିହୁଏ  ସେ ଥିଲେ ଏକାଧାରରେ ଅସାଧାରଣ ସୃଜନୀଶକ୍ତି ଓ ଧୀଶକ୍ତି ସମ୍ପନ୍ନ ବ୍ୟକ୍ତି ।

କଲିକତାର ୬୦ ମାଇଲ ଉତ୍ତର ଦିଗରେ କୃଷ୍ଣ ନଗର ଥିଲା ଏକ ଛୋଟ ଓ ସୁନ୍ଦର ସହର । ଏହି ସହରରେ ୩ ନଭେମ୍ବର ୧୯୨୦ ମସିହାରେ ସୁନିଲ ଜନ୍ମଗ୍ରହଣ କରିଥିଲେ । ବାପା ଥିଲେ ହୋମିଓପାଥ୍ ଡାକ୍ତର; ମାଆ ଥିଲେ ଗୃହଲକ୍ଷ୍ମୀ, ନୈଷ୍ଠିକ ଗୃହିଣୀ; ଅଗ୍ରଜ ଅନିଲ ଏବଂ ବଡ଼ ଭଉଣୀ ମିନି – ଏହାହିଁ ଥିଲା ସୁନିଲଙ୍କର ଛୋଟ ପରିବାର । ମିନି ତାଙ୍କଠାରୁ ମାତ୍ର ବର୍ଷେ ପାଖାପାଖି ବଡ଼ ହୋଇ ଥିବାରୁ ଦୁହିଁଙ୍କ ମଧ୍ୟରେ ସମବୟସୀ ଭାଇ-ଭଉଣୀ ସଦୃଶ ଖେଳାଖେଳି ସାଙ୍ଗକୁ ପ୍ରାୟ ଝଗଡ଼ା ହେଉଥିଲା । ଆବାଲ୍ୟରୁ ସୁନିଲଙ୍କର ଅବୟବ ଥିଲା ବେଶ୍ ଦୃଢ଼, ହୃଷ୍ଟପୁଷ୍ଟ ଓ ସୌଷ୍ଠବ । ବାପାଙ୍କର ସେ ଥିଲେ ଅଲିଅଳ ଏବଂ ସୁନିଲ ମଧ୍ୟ ବାପାଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ ଥିଲେ ।

ସୁନିଲଙ୍କର ସ୍ମୃତିକଥାରୁ ଉଦ୍ଧୃତି – (ସଂକ୍ଷିପ୍ତ ଭାବାନୁବାଦ) : ''କୃଷ୍ଣ ନଗରରେ ଆମ ବାସଭବନର ଅନତି ଦୂରରେ ଥିଲା ମନମୋହକର ସୁଦୀର୍ଘ ପ୍ରବହମାନ 'ଖୋରାଇ' ନଦୀ । ନଦୀର ଦୁଇ ପାର୍ଶ୍ୱରେ ମାଇଲ ମାଇଲ ଧରି ପ୍ରକୃତିର ଅପରୂପ ଶୋଭା ସମ୍ଭାରରେ ଭରପୂର ଥିଲା ପାଦଚଲା ରାସ୍ତା ।... ଅଧିକାଂଶ ଦିନ ଉପରଓଳି ମୋ ବାପା ନୌକାଟିଏ ଭଡ଼ାରେ ଆଣି ତାଙ୍କର ଅତି ଆପଣାର ବନ୍ଧୁବର୍ଗଙ୍କ ସହିତ ନୌକା ବିହାରରେ ବାହାରି ଯାଉଥିଲେ । ସାଙ୍ଗରେ ନେଇ ଯାଉଥିଲେ ଗୋଟିଏ ହାରମୋନିୟମ । ସମଗ୍ର ନୌକା ବିହାରରେ ଆନନ୍ଦରେ ସମବେତ କଣ୍ଠରେ ବିଭିନ୍ନ ରାଗରାଗିଣୀରେ ସଙ୍ଗୀତ ଗାନ କରି ଗୋଧୂଳି ସମୟରେ ଗୃହାଭିମୁଖୀ ହେଉଥିଲେ । ପ୍ରତି ଥର ଏହି ଯାତ୍ରାରେ ବାପା ମୋତେ ନିଶ୍ଚିତ ରୂପେ ସାଥିରେ ନେଇ ଯାଉଥିଲେ, କେବେ ବି ଏଥିରେ ବ୍ୟତିକ୍ରମ ଘଟୁ ନ ଥିଲା । ଗ୍ରାମାଞ୍ଚଳରେ ଗୋଧୂଳିର ସେଇ ଅପରୂପ ଶାନ୍ତ ସମାହିତ ପ୍ରାକୃତିକ ପରିବେଶରେ ମନ୍ଥର ଗତିରେ ନୌକାଟି ବାହୁଡ଼ି ଆସି କୂଳରେ ଭିଡ଼ୁଥିଲା । ... କେବେ କେବେ ବାପା ମୋତେ ସାଙ୍ଗରେ ନେଇ ତାଙ୍କ ବନ୍ଧୁଙ୍କର ମୋଟର ଗାଡ଼ିରେ ଦୂରବର୍ତ୍ତୀ ଗ୍ରାମାଞ୍ଚଳକୁ ବୁଲି ଯାଉଥିଲେ । ... ବାଲ୍ୟକାଳର ଏହିସବୁ ଅଭୁଲା ଓ ଅମ୍ଳାନ ସ୍ମୃତି ମୋ ସ୍ମୃତିପଟରେ ଚିର ଦେଦୀପ୍ୟମାନ ।

''ଏହା ସାଙ୍ଗକୁ ଆଉ ଗୋଟିଏ ଅପାଶୋରା ସ୍ମୃତି କଥା ସ୍ମରଣରେ ଆସେ । – କୃଷ୍ଣ ନଗରର 'ରାସଲୀଳା' ଉତ୍ସବ । କୃଷ୍ଣ ନଗରର ପାର୍ଶ୍ୱବର୍ତ୍ତୀ ସହରାଞ୍ଚଳ ଥିଲା ନବଦ୍ୱୀପ ଓ ଶାନ୍ତିପୁର । ଏହିସବୁ ଇଲାକାର ପ୍ରାୟ ସମସ୍ତ ଅଧିବାସୀ ଥିଲେ ବୈଷ୍ଣବ ଧର୍ମାବଲମ୍ବୀ, ଏଣୁ କୃଷ୍ଣ ନଗରରେ ଉପରୋକ୍ତ ଉତ୍ସବଟି ଖୁବ୍ ଆଡ଼ମ୍ବର ସହକାରେ ପାଳିତ ହେଉଥିଲା । ଏହାର ପ୍ରଧାନ କାରଣ ଥିଲା କୃଷ୍ଣ ନଗରର ମହାରାଜା ସ୍ୱୟଂ ଥିଲେ କୃଷ୍ଣ ଭକ୍ତ । ... ଏହି ପବିତ୍ର ଦିବସର ପ୍ରତ୍ୟୁଷରୁ, ଶଯ୍ୟାତ୍ୟାଗ କରିବାର ମୁହୂର୍ତ୍ତରୁ କର୍ଣ୍ଣ କୁହରରେ ଅନୁରଣିତ ହେଉଥିଲା : 'କୃଷ୍ଣ କେଶବ, କୃଷ୍ଣ କେଶବ, କୃଷ୍ଣ କେଶବ ପାହି ମାମ୍ ।' ପ୍ରତ୍ୟୁଷରୁ ରାସ୍ତାରେ ଦଳ ଦଳ କୃଷ୍ଣ ଭକ୍ତ ସମବେତ ସ୍ୱରରେ କୃଷ୍ଣନାମ ଆବୃତ୍ତି କରି ଗମନ କରୁଥିଲେ । ଏହି ସମବେତ ଆବୃତ୍ତିଟି ଆମମାନଙ୍କ ଅନ୍ତରରେ ସେଇ ପବିତ୍ର ଦିବସଟିର ଶୁଭାରମ୍ଭର ସଙ୍କେତ ଦେଇ ଯାଉଥିଲା । ...''

ଏହି କୃଷ୍ଣ ନଗରରେ ସୁନିଲ ରହୁଥିବା ବେଳେ ଆଉ ଗୋଟିଏ ଉଲ୍ଲେଖଯୋଗ୍ୟ ଘଟଣା ଘଟିଥିଲା । ସୁନିଲଙ୍କ ଉକ୍ତିରେ : ''ମୋର ବଡ଼ ମାଉସୀ ଇନ୍ଦୁବାଳା ସେତେବେଳେ ନବଦ୍ୱୀପରେ ତାଙ୍କର ଦୁଇ ପୁତ୍ରଙ୍କ ସହିତ ବାସ କରୁଥିଲେ । ଖୁବ୍ ସମ୍ଭବତଃ ୧୯୨୨ ମସିହାରୁ ସେ ପଣ୍ଡିଚେରୀସ୍ଥ ଶ୍ରୀଅରବିନ୍ଦ ଆଶ୍ରମ ସହିତ ଚିଠିପତ୍ର ମାଧ୍ୟମରେ ସମ୍ପର୍କ ରଖିଥିଲେ ଏବଂ ଖୁବ୍ ଶୀଘ୍ର ଶ୍ରୀମାଶ୍ରୀଅରବିନ୍ଦଙ୍କ ଅନୁଗାମୀ କତିପୟ ସ୍ଥାନୀୟ ଆଗ୍ରହୀ ବ୍ୟକ୍ତିଙ୍କୁ ନେଇ ନିଜ ବାସଭବନରେ ଏକ 'ସାଧନା କେନ୍ଦ୍ର' ସ୍ଥାପନ କରିଥିଲେ । ଏହାର ଅବ୍ୟବହିତ ପରେ ପରିସ୍ଥିତିର ଚାପରେ ପଡ଼ି ମାଉସୀ ନବଦ୍ୱୀପର ସମସ୍ତ

ସମ୍ପତ୍ତି ବିକ୍ରୀ କରି ଦୁଇ ପୁତ୍ରଙ୍କ ସାଥିରେ କୃଷ୍ଣ ନଗରରେ ସ୍ଥାୟୀ ଭାବରେ ବସବାସ କରିବାକୁ ଲାଗିଲେ । କୃଷ୍ଣ ନଗରରେ ତାଙ୍କର ସେଇ 'କେନ୍ଦ୍ର'ଟିର କାର୍ଯ୍ୟକ୍ରମ ଉତ୍ତରୋତ୍ତର ବୃଦ୍ଧି ପାଇ ବେଶ୍ କିଛି ଦିନ ଭିତରେ ଖୁବ୍ ଖ୍ୟାତି ଅର୍ଜନ କରିବାକୁ ଲାଗିଲା । ଅତ୍ୟନ୍ତ ଆଗ୍ରହାନ୍ୱିତ ହୋଇ ଶ୍ରୀଅରବିନ୍ଦଙ୍କ ଭଉଣୀ ସରୋଜିନୀ ଦେବୀ ଓ ଅନୁଜ ବାରୀନ୍ ଏହା ପରିଦର୍ଶନ କରିବାକୁ ଆସିଥିଲେ । ...

''ମୋ ମାଆ ଇନ୍ଦୁମୁଖୀ ଦେବୀ ଏହି ସମୟ କାଳରେ ଆସନ୍ନପ୍ରସବା ଥିଲେ । ମୋ ଜନ୍ମର ଠିକ୍ ପରେ ପରେ ମାଆ ଶ୍ରୀମାଶ୍ରୀଅରବିନ୍ଦଙ୍କର ଭାବଧାରାରେ ଅବଶିଷ୍ଟ ଜୀବନ ବିତାଇବାକୁ ତୀବ୍ର ଭାବରେ ବ୍ରତୀ ହୋଇ ଉଠିଲେ । ପରିଶେଷରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଶିଷ୍ୟା ରୂପେ ଗୃହୀତ ହେଲେ । ସେଇ ମୁହୂର୍ତ୍ତରୁ ସେ ମୋ ବାପାଙ୍କ ସହିତ କୌଣସି ଦାମ୍ପତ୍ୟ ସମ୍ପର୍କ ରଖିବାରୁ ନିବୃତ୍ତ ରହିଲେ । କହିବା ବାହୁଲ୍ୟ ମୋ ବାପା କିନ୍ତୁ ଶ୍ରୀଅରବିନ୍ଦଙ୍କୁ ନିଜର ଗୁରୁ ରୂପେ ଗ୍ରହଣ କରିପାରି ନଥିଲେ । ଏହାର ଅସଲ କାରଣ ଶ୍ରୀଅରବିନ୍ଦ ବ୍ରାହ୍ମଣ ନଥିଲେ ଏବଂ ସର୍ବୋପରି ତାଙ୍କ ଆଶ୍ରମର ପ୍ରଧାନ ତତ୍ତ୍ୱାବଧାରିକା ଥିଲେ ଶ୍ରୀମା ଯିଏକି ଥିଲେ ଜଣେ ଇଉରୋପୀୟ ମହିଳା ।

''ପୁନଶ୍ଚ ମୋ ବାପା ଥିଲେ ଜଣେ ନିଷ୍ଠାପର ପାରମ୍ପରିକ ବ୍ରାହ୍ମଣ । ତାଙ୍କର ପୂଜା ଘରେ ଖଟୁଲି ଉପରେ ବିରାଜମାନ କରିଥିଲେ ଏକ ନାରାୟଣ ଶିଳା, ଗୋଟିଏ ଶିବଲିଙ୍ଗ ଏବଂ ପାର୍ଶ୍ୱରେ ଥିଲା ମା' କାଳୀଙ୍କର ଏକ ମୂର୍ତ୍ତି । ସକାଳେ ତାଙ୍କର ପୂଜାର୍ଚ୍ଚନା ପୂର୍ବରୁ ସେ କିଛି ବି ଆହାର କରୁ ନଥିଲେ; ଏପରିକି ପାଣି ପର୍ଯ୍ୟନ୍ତ ବି ନୁହେଁ । ... ମୋର 'ଉପନୟନ' ପରେ ବାପା ମୋତେ ତାଙ୍କ ପୂଜା ଘରକୁ ନେଇ ମୋ ହାତରେ ଏକ 'ମନ୍ତ୍ର-ପୁସ୍ତକ' ଦେଲେ । ସେଇ ପୁସ୍ତକଟିରେ କେତେକ ମନ୍ତ୍ରର ଗୁରୁତ୍ୱ ସୂଚାଇ ଦେବା ସକାଶେ ସେସବୁର ତଳେ ଗାର ଟାଣି ଦେଇଥିଲେ । ଏହିସବୁ ମନ୍ତ୍ରକୁ ମୋତେ ମୋର 'ସନ୍ଧ୍ୟା ପୂଜା'ରେ ଆବୃତ୍ତି କରିବାକୁ ହେଉଥିଲା । ସେ ନିଷ୍ଠାର ସହିତ ମୋତେ ଏହିସବୁ ବିଷୟରେ ବାର ବାର ପ୍ରୋତ୍ସାହିତ କରୁଥିଲେ ଯଦ୍ୱାରା ମୁଁ ଏକ ଉତ୍ତମ ବ୍ରାହ୍ମଣ ହୋଇ ଉଠିବି । 'ସକାଳ ପୂଜା' ପୂର୍ବରୁ ଅଥବା ସୂର୍ଯ୍ୟାସ୍ତ ପରେ 'ସନ୍ଧ୍ୟା ପୂଜା' ପୂର୍ବରୁ କିଛି ବି ଆହାର କରିବା ନିଷିଦ୍ଧ ଥିଲା ।

''ଅପର ପକ୍ଷରେ ମୋ ମାଆ ଅନନ୍ୟୋପାୟ ହୋଇ ଏକ ସ୍ୱତନ୍ତ୍ର କୋଠରିରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ପୂଜାର୍ଚ୍ଚନା କରିବା ସକାଶେ ବନ୍ଦୋବସ୍ତ କଲେ । ସେହି ସ୍ୱତନ୍ତ୍ର କକ୍ଷଟି ହୋଇ ଉଠିଲା ତାଙ୍କର ପୂଜା ଗୃହ ଏବଂ ଶୟନ କକ୍ଷ । ସେ ତାଙ୍କ କକ୍ଷରେ ଗୋଟିଏ ଟେବୁଲ ଉପରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଯୁଗଳ ଫଟୋ ରଖି ଧୂପ ପୁଷ୍ପ ଦେଇ ନିତି ପୂଜାର୍ଚ୍ଚନା କରିବାକୁ ଲାଗିଲେ । ଯେତେଦିନ ପର୍ଯ୍ୟନ୍ତ ମୋ ବାପା ଜୀବିତ ଥିଲେ ମୁଁ ମାଆର ସେଇ କକ୍ଷକୁ ପ୍ରବେଶ କରିପାରୁ ନ ଥିଲି । ...

''ଆମେମାନେ କୃଷ୍ଣ ନଗରରେ ୧୯୨୭ର ପ୍ରାରମ୍ଭ ପର୍ଯ୍ୟନ୍ତ ରହିଥିଲୁ । ମୋର ଜନ୍ମ ୧୯୨୦ରେ, ତେଣୁ ମୁଁ କୃଷ୍ଣ ନଗରରେ ମାତ୍ର ଛଅ ବର୍ଷ ବିତାଇ ଥିଲି ।''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

**ତଥ୍ୟ ନିର୍ଦ୍ଦେଶିକା :**


1. Clifford Gibson : SUNIL (The Mother's Musician)
2. Pravakar (Batti) : Among the Not So Great
3. Jhumur Bhattacharya : 'Sunil-Da'; 'Mother India', June 1998
4. Mantras in Sunil's Music : Compiled by Bikash Chandra Sen; Published by Sanskrit Karyalaya, Sri Aurobindo Ashram, Pondicherry

# ନୀରବତା ନୁହେଁ; ବାକ୍‌ସଂଯମ

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କର ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍‌ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ନୀରବତା ନୁହେଁ; ବାକ୍‌ସଂଯମ**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ପୂର୍ବରୁ ବାଚାଳତା ସମ୍ପର୍କରେ କେତେକ ଅତ୍ୟାବଶ୍ୟକ କଥା କୁହାଯାଇଥିଲା । କଥା କିନ୍ତୁ ସରି ନାହିଁ । ଅନେକେ ଏ ପ୍ରାଚୀନ କାହାଣୀଟି ଜାଣିଥିବେ : ଜଣେ ବାଳକ ରାଜପୁତ୍ର ମୋଟେ କଥା କହୁ ନଥା'ନ୍ତି । ରାଜାରାଣୀ ସେ ପାଇଁ ବଡ଼ ଦୁଃଖିତ । ଦିନେ ରାଜପୁତ୍ର ନିଛାଟିଆ ଉଦ୍ୟାନରେ ବସିଛନ୍ତି, ପକ୍ଷୀଟିଏ ରାବିବାକୁ ଲାଗିଲା । ଜଣେ ଶିକାରୀ ସେ ରାବ ଦ୍ୱାରା ଆକୃଷ୍ଟ ହୋଇ ତୀର ମାରି ପକ୍ଷୀଟିକୁ ଖସାଇ ଆଣିଲା । ରାଜପୁତ୍ର ପକ୍ଷୀଟିକୁ ଆଉଁଶି ଦେଇ କହିଲେ, ''ତୁ କଥା କହିଲୁ କାହିଁକି ?''

ରାଜପୁତ୍ରଙ୍କ ଦେହରକ୍ଷୀ ଦୌଡ଼ି ଯାଇ ଉତ୍‌ଫୁଲ୍ଲ କଣ୍ଠରେ ରାଜାଙ୍କୁ ଖବର ଦେଲା ରାଜପୁତ୍ର କଥା କହିଲେଣି । ରାଜା ଏବଂ ସଭାସଦ୍‌ମାନେ ଉଦ୍ୟାନ ଭିତରକୁ ଦୌଡ଼ି ଆସିଲେ । ସେତେବେଳକୁ ରାଜପୁତ୍ର ପୂର୍ବ ଭଳି ନିର୍ବାକ୍ । ରାଜା ଦେହରକ୍ଷୀ ଉପରେ କ୍ରୁଦ୍ଧ ହୋଇ ସେ ମିଛ କହିଛି ଭାବି ତା'ର ପ୍ରାଣଦଣ୍ଡର ଆଦେଶ ଦେଲେ । ଦେହରକ୍ଷୀ ବିଚାରା କାନ୍ଦି କାନ୍ଦି ରାଜପୁତ୍ରଙ୍କୁ ନେହୁରା ହେଲା – ସେ ଯେ ମିଛ କହି ନାହିଁ, ଏତିକି ପ୍ରମାଣିତ ହେଉ ।

ରାଜପୁତ୍ର ପାଟି ଖୋଲିଲେ, କହିଲେ : ''ବାବୁ, ତୁ କଥା କହୁଥିଲୁ କାହିଁକି ?''

ଦେହରକ୍ଷୀ ରକ୍ଷା ପାଇଲା । କିନ୍ତୁ ରାଜପୁତ୍ର ଏହାପରେ ସନ୍ନ୍ୟାସ ନେଇ କୁଆଡ଼େ ଚାଲିଗଲେ ।

ଆଜିର ପରିପ୍ରେକ୍ଷୀରେ ଆମକୁ ଗଳ୍ପଟି ଅବାସ୍ତବ ମନେ ହେବା ସ୍ୱାଭାବିକ । ଆମେ କେହି କଥା ନକହି ରାଜପୁତ୍ରଙ୍କ ଭଳି ନିରାପଦ ଜୀବନଯାପନ କରି ପାରିବା ନାହିଁ । କିନ୍ତୁ ଗଳ୍ପଟି ଗୋଟାଏ ବିଶେଷ ସତ୍ୟ ପରିବେଷଣ କରୁଛି । ତାହା ହେଲା – କଥା କହିବାର ବିପଦ । ପକ୍ଷୀ ପାଟି ଖୋଲି ନଥିଲେ ଶିକାରୀର ଦୃଷ୍ଟି ଆକର୍ଷଣ କରି ନଥା'ନ୍ତା । ଦେହରକ୍ଷୀ କଥା କହି ନଥିଲେ ପ୍ରାଣଦଣ୍ଡ ପାଇଁ ଆଦେଶ ପାଇ ନଥା'ନ୍ତା । ଅବଶ୍ୟ ସେ ଅଳ୍ପକେ ବର୍ତ୍ତିଗଲା ।

ସମ୍ପୂର୍ଣ୍ଣ ନୀରବତା ଅବାସ୍ତବ, କିନ୍ତୁ ଯଥାସମ୍ଭବ ନୀରବତା ବାସ୍ତବ । ଆମକୁ କୁହାଯାଉଛି, ''ସତ୍ୟଂ ବ୍ରୁୟାତ୍, ପ୍ରିୟଂ ବ୍ରୁୟାତ୍, ମା ବ୍ରୁୟାତ୍ ସତ୍ୟମ୍ ଅପ୍ରିୟମ୍ ।''

ଅର୍ଥାତ୍, ''ସତ୍ୟ କହିବ, କିନ୍ତୁ ଶ୍ରୋତାକୁ ଭଲ ଲାଗିବା ଭଳି ସତ୍ୟ କହିବ । ଅପ୍ରିୟ ସତ୍ୟ କହିବ ନାହିଁ ।''

ଏହି ଉପଦେଶରୁ ଆମେ ଏମିତି ସିଦ୍ଧାନ୍ତରେ ପହଞ୍ଚିବା ନାହିଁ ଯେ ଅପ୍ରିୟ ସତ୍ୟ ନ କହିବାର ଅର୍ଥ ସତ୍ୟ ଗୋପନ କରିବା । ଏ କଥାଟି ଆମ ବ୍ୟାବହାରିକ ଜୀବନ ଯାତ୍ରା ପାଇଁ କୁହାଯାଇଛି । ବହୁ ସମୟରେ ଆବଶ୍ୟକ ନଥାଇ ଆମେ କଥା କହୁ, କଥାଟି ତଥ୍ୟ ଦୃଷ୍ଟିରୁ ସତ୍ୟ ହେଲେ ମଧ୍ୟ । ଜଣେ ବୟସ୍କ ବ୍ୟକ୍ତିଙ୍କ ସହ ତାଙ୍କ ଆତ୍ମୀୟ ଝିଅଟିଏ ଆସି ତା' ନବବିବାହିତ ସ୍ୱାମୀ ସହ ପରିଚୟ କରାଇ ଦେଲା । ଯୁବକଟି ଟିକିଏ ଦୂରେଇ ଯିବା ମାତ୍ରେ, ବୟସ୍କ ଗାର୍ଜନଟି କହିଲେ, ''ଆରେ ମିଲୁ ! (ନାମଟି ଭିନ୍ନ) ତୋତେ ଆଉ ବର ମିଳିଲେ ନାହିଁ, ଏହି ଟେରାଆଖିଆ, ଅଧାଚନ୍ଦା ଟୋକାଟିକୁ ପସନ୍ଦ କଲୁ !'' ଝିଅଟି ନିଜକୁ ସମ୍ଭାଳି ନେଇ ନମ୍ର ଭାବରେ କହିଲା, ''ଆଜ୍ଞା, ସେ ଯୁବକ ଟେରା ଏବଂ ଅଧାଚନ୍ଦା – ଏହା ସତ୍ୟ । କିନ୍ତୁ ତାହାହିଁ ତାଙ୍କ ପରିଚୟ ବୋଲି ଭାବିବା ବା କହିବା ପ୍ରଚଣ୍ଡ ମୂର୍ଖତା ଛଡ଼ା କ'ଣ ହୋଇପାରେ ?''

ଗାର୍ଜନ ମହାଶୟ ସଚେତନ ବା ଅବଚେତନ ଭାବରେ ଏହାହିଁ କହି ଝିଅଟିକୁ ଖୁସି କରିବାକୁ ଚାହୁଁଥିଲେ ଯେ ଝିଅଟି ସୁନ୍ଦରୀ । ସେ ଭାବିଲେ ନାହିଁ ଯେ ଶାରୀରିକ ଦୋଷ ଦୁର୍ବଳତା ତୁଳନାରେ ସହସ୍ର ଗୁଣ ଅଧିକ ସୌନ୍ଦର୍ଯ୍ୟ ଜଣକର ସ୍ୱଭାବ ଚରିତ୍ରରେ ଥାଇପାରେ । ତା'ଛଡ଼ା ଏଭଳି ମନ୍ତବ୍ୟ ଦ୍ୱାରା ସେ କାହାର କି ପ୍ରକାର ଉପକାର ସାଧନ କଲେ ? କିନ୍ତୁ ଏହି ଧରଣର ଲୋକଙ୍କୁ ଯଦି ଆପଣ କହିବେ – ସେମିତି ମନ୍ତବ୍ୟ ଦେବା ଅନୁଚିତ ହେଲା, ସେ ତତ୍‌କ୍ଷଣାତ୍ ଗର୍ବରେ କହିବେ – ମୁଁ ଛଳନାପୂର୍ଣ୍ଣ କଥା କହିବାକୁ ଭଲ ପାଏ ନାହିଁ । ହକ୍ କଥା କହେ ।

ଝିଅଟି ଯଥେଷ୍ଟ ସାଧାରଣ ଜ୍ଞାନସମ୍ପନ୍ନା ଏବଂ ଉଦାର ହୋଇଥିଲେ ବୟସ୍କ ଭଦ୍ରଲୋକଙ୍କ କଥାରେ ଆହତ ଅନୁଭବ କରିବ ନାହିଁ; କିନ୍ତୁ ଶହେରେ ନବେଜଣ ଏହା ପରେ ସେ ଭଦ୍ରଲୋକଙ୍କ ପ୍ରତି ସର୍ବନିମ୍ନ ସମ୍ମାନ ହରାଇ ବସିବେ । କୁହାଯାଇଛି : ଧନୁ ତୀର ଏବଂ ବାକ୍ୟବାଣ ଥରେ ପ୍ରୟୋଗକାରୀଠୁଁ ବାହାରି ଗଲେ ଆଉ ତାକୁ ଅଟକାଇ ହେବ ନାହିଁ କିଂବା ତା'ର ଫଳକୁ ବିଫଳ କରି ହେବ ନାହିଁ ।

କବି ଓ ଭାବୁକ ରବର୍ଟ ଫ୍ରଷ୍ଟଙ୍କର ଗୋଟିଏ ଉକ୍ତି ସ୍ମରଣୀୟ –

''Half the world is composed of people who have something to say and can't say and the other who have nothing to say and keep on saying it.''

ଅର୍ଥାତ୍ :

(''ପୃଥିବୀର ଅଧାରୁ ଅଧିକଙ୍କର କିଛି କହିବାକୁ ଥାଏ, କିନ୍ତୁ ସେମାନେ କହି ପାରନ୍ତି ନାହିଁ, ଏବଂ ବାକି ଅଧାଧିକଙ୍କର କିଛି କହିବାର ନଥାଏ କିନ୍ତୁ କହି ଚାଲନ୍ତି !'')

କଥାବାର୍ତ୍ତାରେ ସଞ୍ଜମ ଖାଲି ଆମକୁ ଅନେକ ଅପ୍ରତ୍ୟାଶିତ ବିପଦରୁ, ଅନେକ ଅସୁନ୍ଦର ପରିସ୍ଥିତିରୁ ନିରାପଦ ରଖେ, ସେତିକି ନୁହେଁ,– ସେଭଳି ଅଭ୍ୟାସ ଆମ ବ୍ୟକ୍ତିତ୍ୱର ମର୍ଯ୍ୟାଦା ବଢ଼ାଏ । ଆମ ନିଜ ଭିତରେ ସ୍ୱସ୍ତି ଓ ଆତ୍ମବିଶ୍ୱାସ ବଢ଼ାଏ । ପରୀକ୍ଷା କରି ଦେଖନ୍ତୁ । ଗୋଟିଏ ଏମିତି କଥା କହିବାକୁ ଯାଉଥିବେ, ଯାହା ଅତ୍ୟାବଶ୍ୟକ ନୁହେଁ କି ସୁଖକର ନୁହେଁ – ଖାଲି ନିଜ ଜ୍ଞାନର ବା ଚାତୁର୍ଯ୍ୟର ବା ବିଚକ୍ଷଣତାର ପରିଚୟ ଦେବା ନିମନ୍ତେ କିଂବା ଅନ୍ୟ କାହାର ନ୍ୟୂନତା ଦର୍ଶାଇବା ନିମନ୍ତେ ସେତକ କହି ପକାଇବାର ଉତ୍ସାହ ଆସୁଛି – କିନ୍ତୁ ଆପଣ କହିବାରୁ ନିଜକୁ ବିରତ ରଖିବେ – ଆପଣଙ୍କ ନିଜର କିଛି ପ୍ରାଣ ଶକ୍ତିର ଅପଚୟ ହେଲା ନାହିଁ ବୋଲି ଆପଣ ନିଜେ ଅନୁଭବ କରି ପାରିବେ । ନିଜର ଏତକ ସଞ୍ଜମ ଶକ୍ତି ପ୍ରୟୋଗ କରି ପାରିଲେ ଧୀରେ ଧୀରେ ନିଜ ଭିତରେ ଆତ୍ମବିଶ୍ୱାସ ବଢ଼ିବ । ଶ୍ରୋତାମାନେ ଆମ କଥାକୁ ଅଧିକ ମୂଲ୍ୟ ଦେବେ ଏବଂ ତାହା ଦ୍ୱାରା ପ୍ରଭାବିତ ହେବେ ।

(ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନରୁ ସଂଗୃହୀତ, ପୃ. ୩୧ - ୩୫)

❑❑❑

ପାରସ୍ପରିକ କଥାବାର୍ତ୍ତା ଏବଂ ଆଲୋଚନା ଅପେକ୍ଷା ଆଧ୍ୟାତ୍ମିକତାର ଏକ ବାତାବରଣହିଁ ଅନେକ ସମୟରେ ବହୁଗୁଣ ଅଧିକ ସହାୟକ ହୋଇଥାଏ ।

– ଶ୍ରୀମା

ପ୍ରଣାମ ନାରୀଶକ୍ତି (୯) :

# ସୋନ୍ୟା କୋଭାଲେଭସ୍କି

## ସୂର୍ଯ୍ୟକାନ୍ତି ମହାନ୍ତି

ଊନବିଂଶ ଶତାବ୍ଦୀରେ ଯେତେବେଳେ ଶିକ୍ଷାକ୍ଷେତ୍ର ନାରୀମାନଙ୍କ ନିମନ୍ତେ ପ୍ରାୟତଃ ନିଷିଦ୍ଧ ଥିଲା, ବିଶେଷତଃ ଗଣିତ ଓ ବିଜ୍ଞାନ ପରିସର ନାରୀର ଅନୁର୍ବର ମସ୍ତିଷ୍କର ଅବୋଧ ବିଷୟ ବୋଲି ଅବଧାରଣା ଥିଲା; ସେହି ସମୟରେ ଜଣେ ଅସାଧାରଣ ପ୍ରତିଭାବାନ୍ ନାରୀ ବିଶ୍ୱର ସର୍ବଶ୍ରେଷ୍ଠ ଗଣିତଜ୍ଞ ଭାବରେ ଶିକ୍ଷାକାଶରେ ଉଦ୍ଭାସିତ ହୋଇଥିଲେ । ସେ ଥିଲେ ଗଣିତରେ ଡକ୍‌ଟରେଟ୍ କରିଥିବା ଏବଂ ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ଗଣିତ ପ୍ରଫେସର ତଥା ଏକ ପ୍ରତିଷ୍ଠିତ ବିଜ୍ଞାନ ପତ୍ରିକାରେ ସମ୍ପାଦନା କରିଥିବା ବିଶ୍ୱବିଖ୍ୟାତ ଗଣିତଜ୍ଞ ସୋନ୍ୟା କୋଭାଲେଭସ୍କି (Sonya Kovalevsky) ।

ସୋନ୍ୟାଙ୍କର ଜନ୍ମ ମସ୍କୋରେ ୧୮୫୦ ମସିହା ଜାନୁଆରୀ ୧୫ ତାରିଖରେ ରୁଷର ଏକ ଉଚ୍ଚଶିକ୍ଷିତ ପରିବାରରେ ହୋଇଥିଲା । ପିଲା ଦିନେ ସେ ସୋଫିଆ ଭାସିଲେଭ୍‌ନା (Sofya Vasilyevna) ଭାବରେ ପରିଚିତ ଥିଲେ । ତାଙ୍କର ପିତା ବାସିଲି କର୍‌ଭିନ୍ (Vasily Korvin) ରୁଷ ପ୍ରତିରକ୍ଷା ବାହିନୀର ଜଣେ ଅଧିକାରୀ ଥିଲେ ଏବଂ ମାତା ଥିଲେ ଏଲିଜାବେଥ୍ ସୁବର୍ଟ (Yelizaveta Shubert) । ମାତାପିତା ଉଭୟ ରୁଷୀୟ ସମ୍ଭ୍ରାନ୍ତ ଶ୍ରେଣୀର ସଦସ୍ୟ ଥିଲେ । କୁହାଯାଏ ଯେ ସେମାନେ ହଙ୍ଗେରୀର ରାଜା ମାଥିଆସ୍ କର୍‌ଭିନ୍ (Mathias Korvin)ଙ୍କର ମୂଳ ବଂଶୋଦ୍ଭବ ଥିଲେ ।[୧]

ସୋନ୍ୟା ଥିଲେ ମାତାପିତାଙ୍କର ଦ୍ୱିତୀୟ ସନ୍ତାନ ଏବଂ ତାଙ୍କର ଶିକ୍ଷାଭ୍ୟାସ ହୋଇଥିଲା ଜଣେ ଇଂରେଜୀ ଗୃହ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଏକ ଗ୍ରାମ୍ୟ ପରିବେଶରେ । କିଛିଦିନ ପରେ ତାଙ୍କ ପରିବାର ସ୍ଥାନାନ୍ତରିତ ହୋଇଥିଲେ ସେଣ୍ଟ୍ ପିଟରସ୍‌ବର୍ଗ (St. Petersberg)କୁ । ତେବେ ତାଙ୍କ ପିତାଙ୍କର ବିଦ୍ୟାଳୟ ଜୀବନର କିଛି ଗାଣିତିକ ତଥ୍ୟ, ଯଥା : – differential and integral calculus ପେପର ସୋନ୍ୟା ପାଇଥିଲେ, ଯାହାକୁ ପଢ଼ି ସେ ଗଣିତ ଶିକ୍ଷା ପ୍ରତି ଅନୁପ୍ରାଣିତ ଓ ଆକର୍ଷିତ ହୋଇଥିଲେ । କନ୍ୟାର ଏପରି ଗଣିତରେ ଆଗ୍ରହ ପାଇଁ ପିତା ଖୁବ୍ ଅସନ୍ତୋଷ ପ୍ରକାଶ କରିଥିଲେ ମଧ୍ୟ ଏହିଠାରୁ ଆରମ୍ଭ ହୋଇଥିଲା ସୋନ୍ୟାଙ୍କର Calculus ପ୍ରତି ପ୍ରାରମ୍ଭିକ ପରିଚିତି । ମାତ୍ର ଯେଉଁ ସମୟରେ ବିଭିନ୍ନ ଦେଶରେ ଶିକ୍ଷା ଥିଲା ପୁରୁଷ ଭିତ୍ତିକ ଏବଂ ବିଶେଷତଃ ଗଣିତ କ୍ଷେତ୍ରରେ ପୁରୁଷର ସମ୍ପୂର୍ଣ୍ଣ ଆଧିପତ୍ୟ ଥିଲା ଏବଂ ଯେତେବେଳେ ନାରୀର ସ୍ଥାନ ଥିଲା ଘରେ ଓ ପରିବାରରେ ସମସ୍ତଙ୍କୁ ଖୁସି କରାଇବା, ସେତେବେଳେ ଏ କନ୍ୟାଟିର ଏଭଳି ଗଣିତ ପ୍ରୀତି ଦେଖି ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ ।

ତେବେ ସେଣ୍ଟ୍ ପିଟରସ୍‌ବର୍ଗରେ ନାଭାଲ ଏକାଡ଼େମୀର ଗଣିତ ପ୍ରଫେସର Aleksandra N. Strannolyubsky ସୋନ୍ୟାଙ୍କୁ ଶିକ୍ଷାଦାନ କରି ଛାତ୍ରୀଟିର ଗଣିତ ବିଷୟରେ ଅନ୍ତର୍ନିହିତ ଅସାଧାରଣ ସାମର୍ଥ୍ୟ ବିଷୟରେ ଅବଗତ ହୋଇଥିଲେ । ଏହାରି ମଧ୍ୟରେ ସୋନ୍ୟା ଏବଂ ତାଙ୍କର ଭଗିନୀ ଅନ୍ୟୁତା (Anyuta) ଦୁହେଁ ମିଶି ନାରୀର ସ୍ୱାଧୀନତା ଓ ମୁକ୍ତି ଏବଂ ସମାଜରେ ସେମାନଙ୍କର ସ୍ଥିତିର ଉନ୍ନତି ପାଇଁ ‘A young people’s Movement’ରେ ଭାଗ ନେଲେ । ଏହି ସମୟରେ ସୋନ୍ୟା ସାମାଜିକ ବନ୍ଧନରୁ କିପରି ମୁକ୍ତି ପାଇ ନିଜ ଶିକ୍ଷାକୁ ଆଗକୁ ନେଇ ପାରିବେ, ଏ ବିଷୟରେ ଦୁଇ ଭଉଣୀ ଚିନ୍ତା କରିବାକୁ ଲାଗିଲେ । ଶେଷରେ ସେମାନେ ଏକ ଉପାୟ ବାହାର କରି ପାରିଲେ ତାହା ହେଲା ବିଦେଶୀ ବିଶ୍ୱବିଦ୍ୟାଳୟରେ ଶିକ୍ଷାଲାଭ କରିବାକୁ ହେଲେ ନାରୀକୁ ବିବାହ କରିବାକୁ ପଡ଼ିବ । ଏଣୁ ସୋନ୍ୟା ଅଠର ବର୍ଷ ବୟସରେ ଭ୍ଲାଦିମିର୍ କୋଭାଲେଭସ୍କି (Vladimir Kovalevsky) ନାମକ ଜଣେ ଯୁବକଙ୍କୁ ବିବାହ କଲେ ।

ଏହାପରେ ଏ ଦମ୍ପତି ଜର୍ମାନୀର ହାଇଡ଼େଲ୍‌ବର୍ଗ (Heidelberg)କୁ ଚାଲିଗଲେ । ସେଠାରେ ଭ୍ଲାଦିମିର୍ ଜିଓଲୋଜି (Geology) ଶିକ୍ଷା କଲେ ଏବଂ ଶିକ୍ଷକ କିର୍‌ଛଫ୍ (Kirchhoff), ହେଲମ୍‌ହୋଲଜ୍ (Helmholtz) ଓ କିଓନିଗସ୍‌ବର୍ଗ (Keonigsberger)ଙ୍କ ଅଧୀନରେ ସୋନ୍ୟା ଗଣିତ ଶିକ୍ଷା କଲେ । ୧୮୭୧ ମସିହାରେ ସୋନ୍ୟା ବର୍ଲିନ୍ ଗଲେ ଗବେଷଣା ବା ଡକ୍‌ଟରେଟ୍ କରିବା ପାଇଁ । ମାତ୍ର ସେ

ଜଣେ ନାରୀ ହୋଇଥିବାରୁ ଶ୍ରେଣୀ କକ୍ଷରେ ଯୋଗ ଦେଇ ପାରିଲେ ନାହିଁ । ତଥାପି ବି ୧୮୭୪ ମସିହା ସୁଦ୍ଧା ସେ ଶେଷ କଲେ ତିନୋଟି ଗବେଷଣାମୂଳକ ପ୍ରବନ୍ଧ । ସେଗୁଡ଼ିକ ହେଉଛି Partial differential equations, Abelian integrals ଏବଂ Saturn's rings । ଏସବୁ ଥିଲା ଗଣିତ ଜଗତକୁ ଏକ ଅଦ୍ଭୁତ ଅବଦାନ । ପରେ ଏ ପ୍ରବନ୍ଧଗୁଡ଼ିକ ପାଇଁ ସେ Gottingen ବିଶ୍ୱବିଦ୍ୟାଳୟରେ ଡକ୍ଟରେଟ୍ କରିବାରେ ସଫଳ ହୋଇଥିଲେ ।

ସୋନ୍ୟାଙ୍କର ଦୁଇ ଶିକ୍ଷକ କିରଛଫ୍ ଓ ହେଲମ୍‌ହୋଲତ୍‌ଙ୍କଠାରୁ ସୁପାରିଶ ପତ୍ର ଧରି ଉଚ୍ଚ ଶିକ୍ଷା ନିମିତ୍ତ ଜର୍ମାନୀର ବର୍ଲିନ୍‌ରେ ପ୍ରଫେସର ୱେରସ୍‌ଟ୍ରାସ୍ (Weierstrass)ଙ୍କୁ ତାଙ୍କ ଅଫିସରେ ଦେଖା କଲେ । ସେହି ପ୍ରଫେସର ଆଧୁନିକ Mathematical analysisର ପିତା ଭାବରେ ପରିଚିତ । ସୋନ୍ୟାଙ୍କୁ ଦେଖି ପ୍ରଫେସର ଭାବିଲେ ବୋଧ ହୁଏ ନିଜ କନ୍ୟାମାନଙ୍କର ସେବିକା ହେବାକୁ ଇଚ୍ଛୁକ ଥିବା କୌଣସି ମହିଳା ତାଙ୍କ ନିକଟକୁ ଆସିଛନ୍ତି ।

ମାତ୍ର ସୋନ୍ୟା ହାଇଡ଼େଲବର୍ଗରେ ତାଙ୍କର ଦୁଇ ଗଣିତ ଶିକ୍ଷକଙ୍କଠାରୁ ପରିଚୟ ପତ୍ର ନେଇ ତାଙ୍କ ନିକଟକୁ ଗଣିତରେ ଉଚ୍ଚଶିକ୍ଷା ନିମିତ୍ତ ଆସିଛନ୍ତି ବୋଲି ଜଣାଇଲେ । ପୁନଶ୍ଚ, ଗଣିତ ଶିକ୍ଷା ପ୍ରତି ଆଗ୍ରହୀ ଏହି ନୂତନ ଶିକ୍ଷାର୍ଥୀ କହିଲେ – ''ମୁଁ ଜଣେ ନାରୀ ହୋଇଥିବାରୁ ବର୍ଲିନ୍ ବିଶ୍ୱବିଦ୍ୟାଳୟରେ ମୋର ପ୍ରବେଶ ଅଧିକାର ନାହିଁ । ତଥାପି ବି ଆପଣ ମୋତେ ଘରୋଇ ଭାବରେ ଶିକ୍ଷା ଦେବା ପାଇଁ ସମ୍ମତି ଦେବେ ବୋଲି ଆଶା କରୁଛି ।''

ଆଶ୍ଚର୍ଯ୍ୟ ! ତାଙ୍କ ସମ୍ମୁଖରେ ଦଣ୍ଡାୟମାନା ଜଣେ ନାରୀ ଯେ କି ଗଣିତ ଶିକ୍ଷାରେ ଆଗ୍ରହୀ ! ପ୍ରଫେସର ୱେରସ୍‌ଟ୍ରାସ୍ ନିଜ ହସକୁ ଚାପି ରଖି ଭାବିଲେ ତାଙ୍କର ସହକର୍ମୀ ସେହି ପ୍ରଫେସର ଦୁଇଜଣ କ'ଣ ତାଙ୍କ ସହିତ ପରିହାସ କରିଛନ୍ତି କି !

ଏହା ଭାବିବା ସତ୍ତ୍ୱେ ପ୍ରଫେସର ୱେରସ୍‌ଟ୍ରାସ୍ ଉତ୍ତର ଦେଲେ କେବଳ ଉଚ୍ଚତର ଗବେଷଣା କରୁଥିବା ଛାତ୍ରମାନଙ୍କୁ ସେ ଶିକ୍ଷା ଦିଅନ୍ତି । ଏଥିରେ ସୋନ୍ୟାଙ୍କ ଉତ୍ତର ଥିଲା ଏ ବିଷୟରେ ସେ ପୂର୍ବରୁ ଅବଗତ ଅଛନ୍ତି ଯେ ପ୍ରଫେସର Partial differential equations ବିଷୟରେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଜାଣନ୍ତି । ଜଣେ ନାରୀ ମୁହଁରୁ ଏ equation ବିଷୟରେ ଶୁଣି ପ୍ରଫେସର ଅତ୍ୟନ୍ତ ବିସ୍ମିତ ହେଲେ । ତଥାପି ସେ ସୋନ୍ୟାଙ୍କୁ କହିଲେ – କୌଣସି ନାରୀ ଜର୍ମାନ ୟୁନିଭରସିଟିରେ ଡକ୍ଟରେଟ୍ କରନ୍ତି ନାହିଁ । ମାତ୍ର ସୋନ୍ୟା ଛାଡ଼ିବାର ପାତ୍ରୀ ନଥିଲେ । ସେ କହିଲେ ନାରୀଙ୍କ ଶିକ୍ଷା ବିରୋଧରେ ଏମିତି କିଛି ନିୟମ ତ ନାହିଁ । ଏ ବିଷୟରେ କିରଛଫ୍ ତାଙ୍କୁ ଭରସା ଦେଇଛନ୍ତି ବୋଲି ଜଣାଇଲେ । ତଥାପି ବି ଯଦି ଚାହାନ୍ତି, ପ୍ରଫେସର ତାଙ୍କୁ କିଛି ପ୍ରାରମ୍ଭିକ ପରୀକ୍ଷା କରିପାରନ୍ତି ବୋଲି ସେ କହିଲେ । ତା'ହେଲେ ସେ ତାଙ୍କର ଛାତ୍ରୀ ହେବାକୁ ଯୋଗ୍ୟା ବୋଲି ପ୍ରମାଣ କରି ପାରନ୍ତେ ।

ଏହା ଶୁଣି ପ୍ରଫେସର କୁଣ୍ଠିତ ଭାବ ସହ କହିଲେ, ଆଚ୍ଛା ଠିକ୍ ଅଛି । ତାଙ୍କ ଟେବୁଲ ଉପରେ ଥିବା ଉଚ୍ଚତର ଶିକ୍ଷାର୍ଥୀଙ୍କ ପାଇଁ କିଛି ପ୍ରୋବ୍ଲେମ୍ ପେପରକୁ ସୋନ୍ୟାଙ୍କୁ ଦେଇ ଘରକୁ ନେଇ ସମାଧାନ କରିବାକୁ କହିଲେ । ପ୍ରଫେସର ଭାବିଥିଲେ ଯେ ଏ ଯୁବତୀ କେବେ ବି ଏସବୁକୁ ସମାଧାନ କରିପାରିବେ ନାହିଁ । ଅତଏବ, ଏ କଥା ଏଇଠିହିଁ ସମାପ୍ତ ହେବ । ମାତ୍ର ଏକ ସପ୍ତାହ ପରେ ସୋନ୍ୟା ସମସ୍ତ ପ୍ରୋବ୍ଲେମର ସମାଧାନ କରି ପୁନଶ୍ଚ ପ୍ରଫେସରଙ୍କ ଅଫିସକୁ ଫେରି ଆସିଲେ । ଏହା ଦେଖି ପ୍ରଫେସରଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ମହିଳା ଜଣକ ଯେ ଏସବୁର କେବଳ ସମାଧାନ କରିଛନ୍ତି ତାହା ନୁହେଁ, ଏଥିରେ ପ୍ରକାଶିତ ହୋଇଥିଲା ତାଙ୍କର ତୀକ୍ଷ୍ଣ ବୁଦ୍ଧି ଓ ବିଚକ୍ଷଣ ମନଃ ଶକ୍ତିର ପରିପ୍ରକାଶ, ଯାହା ପୁରୁଷ ଛାତ୍ରମାନଙ୍କୁ ମଧ୍ୟ ଅଭିଭୂତ କରିଥିଲା ।

ଏହା ପରେ ପ୍ରଫେସର ନିଶ୍ଚିତ କରିଥିଲେ ଏପରି ପ୍ରତିଭାବାନ୍ ଓ ଅସାଧାରଣ ନାରୀଙ୍କୁ ଛାତ୍ରୀ ଭାବରେ ଗ୍ରହଣ କରିବା ପାଇଁ । କେବଳ ଏତିକି ନୁହେଁ, ସେ ମଧ୍ୟ ପ୍ରକାଶ କରିଥିଲେ ଯଦି ଏହି ଛାତ୍ରୀ କେବେ ଭବିଷ୍ୟତରେ ଗଣିତରେ ପ୍ରି ବରଦାଁ (Prix Bordin) (ଗଣିତରେ ସର୍ବଶ୍ରେଷ୍ଠ ପୁରସ୍କାର) ଲାଭ କରେ, ସେଥିରେ ସେ କେବେ ବି ଆଶ୍ଚର୍ଯ୍ୟ ହେବେ ନାହିଁ । ଅବଶ୍ୟ ଦିନେ ତାହା ସମ୍ଭବ ହୋଇଥିଲା ।[୨]

ସେ ସମୟରେ French Academy of Scienceର ସର୍ବୋଚ୍ଚ ସମ୍ମାନଜନକ ପୁରସ୍କାର ପ୍ରି ବରଦାଁ ଲାଭ କରିବାରେ ସୋନ୍ୟା ଥିଲେ ବିଶ୍ୱରେ ପ୍ରଥମ ମହିଳା । ପୁରସ୍କୃତ ହୋଇଥିବା ତାଙ୍କ ନିବନ୍ଧ (Thesis) ଥିଲା "The rotation of a solid body about a fixed point", ଯାହା ଦର୍ଶାଇଥିଲା ସୋନ୍ୟାଙ୍କର ସର୍ବୋତ୍ତମ ଓ ଅସାଧାରଣ ଗାଣିତିକ ପାଣ୍ଡିତ୍ୟ । ଏଥିରେ ଏକାଡ଼େମୀ ଏତେ ପ୍ରଭାବିତ

ହୋଇଥିଲେ ଯେ ତାଙ୍କର ପୁରସ୍କାରର ପରିମାଣ ତିନି ହଜାରରୁ ବୃଦ୍ଧି କରି ପାଞ୍ଚ ହଜାର ଫ୍ରାଙ୍କ୍ (Franc) ପ୍ରଦାନ କରିଥିଲେ । ଏମିତିକି ୟୁରୋପୀୟ ବିଶ୍ୱବିଦ୍ୟାଳୟ(The University of Stockholm)ରେ 'ମ୍ୟାଥମେଟିକସ୍ ଚେୟାର୍' ଲାଭ କରିବାରେ ସେ ଏକମାତ୍ର ନାରୀ ଥିଲେ । ତାଙ୍କ ନିଜ ଦେଶ ରୁଷରେ ବି ସେ ନିଜର ଅସାଧାରଣ ସୃଜନୀ ଶକ୍ତି ପାଇଁ ବିଜ୍ଞାନ ଏକାଡ଼େମୀରେ ପ୍ରବେଶ କରି ପାରିଥିଲେ । ଏହିପରି ଭାବରେ ଗଣିତ ଶିକ୍ଷାରେ ପାହାଚ ପରେ ପାହାଚ ଆରୋହଣ କରି ସର୍ବୋଚ୍ଚ ଶିଖରରେ ପହଞ୍ଚିବା ଭିତରେ ସେ ନିମୋନିଆ ଭଳି ଜଟିଳ ବ୍ୟାଧିରେ ପୀଡ଼ିତ ହୋଇ ୧୮୯୧ ମସିହା ଫେବ୍ରୁଆରୀ ୧୦ ତାରିଖ ଦିନ ଇହଲୀଳା ସମ୍ବରଣ କଲେ ।[୩]

ଏକ ବିରଳ ଅଭୂତପୂର୍ବ ବ୍ୟକ୍ତିତ୍ୱର ଅଧିକାରିଣୀ ସୋନ୍ୟାଙ୍କ ନାମରେ ଗଣିତରେ କରାଯାଇଛି Cauchy-Kovalevsky theorem, ଯାହାକୁ Partial differential equationର ମୂଳତତ୍ତ୍ୱ ଭାବରେ ବ୍ୟବହାର କରାଯାଏ । ସେ ଥିଲେ ଜଣେ ସୁପ୍ରତିଷ୍ଠିତ ଲେଖିକା – ଉପନ୍ୟାସ, ନାଟକ, ପ୍ରବନ୍ଧ ତଥା ଆତ୍ମଜୀବନୀ ରଚନାରେ ତାଙ୍କର ଦକ୍ଷତା ପ୍ରତିପାଦିତ ହୋଇଛି । ଏତତ୍ ବ୍ୟତୀତ ସେ ଥିଲେ ନାରୀ ଅଧିକାରର ଜଣେ ପ୍ରବକ୍ତା ଏବଂ ମୌଳିକ ରାଜନୀତିର ସମର୍ଥକ । ତାଙ୍କ ମତରେ ଗଣିତ ଉନ୍ମୁକ୍ତ କରି ଦିଏ ଏକ ନୂତନ ବିସ୍ମୟଭରା ବିଶ୍ୱ ! ଗଣିତ ଥିଲା ତାଙ୍କ ଜୀବନର ପ୍ରବଳ ଉତ୍ସାହର ଉତ୍ସ ।

ବର୍ଲିନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର କାର୍ଲ ୱେରସ୍ଟ୍ରାସ୍‌ଙ୍କ ମନ୍ତବ୍ୟ ଥିଲା ସେ ଯେ କେବଳ ଗଣିତରେ ସବୁଠାରୁ ଜଟିଳ ତଥ୍ୟ ଉପରେ କାର୍ଯ୍ୟରତ ଥିଲେ ତାହା ନୁହେଁ, ବରଂ ତାଙ୍କ କାର୍ଯ୍ୟ ପ୍ରମାଣ କରୁଥିଲା ଯେ ବିଶ୍ୱବିଦ୍ୟାଳୟରେ ଜଣେ ନାରୀ ପ୍ରଫେସର କିପରି ଭାବରେ ଉତ୍କର୍ଷତା ବି ପ୍ରମାଣିତ କରିପାରେ ।

Alexander Von Humboldf Foundation ତରଫରୁ ଗଣିତରେ ଗବେଷଣା କ୍ଷେତ୍ରରେ ବାର୍ଷିକ ପୁରସ୍କାର ସୋନ୍ୟାଙ୍କ ନାମରେହିଁ ପ୍ରଦାନ କରାଯାଇଥାଏ । ଏହା ଜର୍ମାନୀରେ ସର୍ବୋଚ୍ଚ ବିଜ୍ଞାନ ପୁରସ୍କାରମାନଙ୍କ ମଧ୍ୟରୁ ଅନ୍ୟତମ । ଏହାର ଅନୁଦାନ ଅର୍ଥରେ ଜଣେ ଛାତ୍ର ପାଞ୍ଚବର୍ଷ ପାଇଁ ଗବେଷଣାର ସୁବିଧା ପାଇ ପାରନ୍ତି ।

୧୯୫୬, ୧୯୮୩ ଓ ୧୯୮୫ରେ ତାଙ୍କ ଜୀବନୀ ଉପରେ ଆଧାରିତ ତିନୋଟି ଚଳଚ୍ଚିତ୍ର କରାଯାଇଛି । ତାଙ୍କ ଉପରେ ରୁଷିଆ ମଧ୍ୟ ଏକ ଡାକ ଟିକଟ ପ୍ରକାଶିତ କରିଛି ୧୯୫୧ ମସିହାରେ, ଯାହାର ମୂଲ୍ୟ ୪୦K ରଖାଯାଇଛି । (K = Kopek, 100 Kopek = 1 Rouble)

ଏହି ବିଶ୍ୱବିଖ୍ୟାତ ଅତୀବ ଉତ୍ସାହୀ, ସାହସୀ, ଆତ୍ମବିଶ୍ୱାସୀ, ଅଧ୍ୟବସାୟୀ ମହୀୟସୀ ନାରୀ ଗଣିତଜ୍ଞଙ୍କୁ ବିଜ୍ଞାନ ଜଗତର କୋଟି କୋଟି ପ୍ରଣାମ ।

❑❑❑

**ତଥ୍ୟ ନିର୍ଦ୍ଦେଶିକା :**


୧. Internet

୨. 'The Great Women', by Joan Marlow, Published by Galahad Books, New York City, P. 145

୩. ତତ୍ରୈବ - P. 146


ପ୍ରତ୍ୟେକ ଲୋକ ତା' ଜୀବନରେ ଯାହା କିଛି ଭେଟିଥାଏ, ସେ ନିଜେ ଯାହା ଠିକ୍ ସେହି ଅନୁସାରେହିଁ ତାହା ଘଟିଥାଏ । ମଣିଷର ଅଜ୍ଞାନମୟ ନ୍ୟାୟବୋଧର ବିଚାର ଅନୁଯାୟୀ ନୁହେଁ, ଏହା ଘଟିଥାଏ ଏପରି ଏକ ବିଧାନ ଅନୁଯାୟୀ ଯାହା ଅନେକ ଅଧିକ ସୂକ୍ଷ୍ମ, ଅଧିକତର ଗଭୀର ଓ ଅଧିକତର ସତ୍ୟ ।

ଆମେ ଯେପରି କେବେହେଲେ ଭୁଲି ନ ଯାଉ ଯେ ସବୁକିଛିର ପଶ୍ଚାତରେ ରହିଛନ୍ତି ସ୍ୱୟଂ ପରମେଶ୍ୱର ଏବଂ ସେହିଁ ହେଉଛନ୍ତି ଆମ ନିୟତିର ପ୍ରଭୁ ।

– ଶ୍ରୀମା

**ପରମକାରୁଣିକ ବୁଦ୍ଧଙ୍କ ସଂସ୍ପର୍ଶ :**

# ଦୁଇଭାଇ

ବୁଦ୍ଧଦେବଙ୍କର ଅନୁଗାମୀମାନଙ୍କ ମଧ୍ୟରେ ରେବତ ଓ ବନ୍ଧୁକ ବୋଲି ଦୁଇ ଭାଇ ଥିଲେ । ଏ ଦୁହେଁ ବୁଦ୍ଧଙ୍କର ବହୁତ ପ୍ରିୟ ଥିଲେ, ଦୁହିଙ୍କ ଭିତରେ ସାନଭାଇ ବନ୍ଧୁକ ତାଙ୍କର ଅଧିକ ପ୍ରିୟ ଥିଲା, କାହିଁକି ନା ସେ ଥିଲା ସରଳ – ଏକ ପ୍ରକାର ବୋକା ଓ ଭୁଲାମନ । ସେ ଏତେ ବୋକା ଥିଲା ଯେ ତାକୁ ଘରେ ବାହାରେ ସମସ୍ତେ ବ୍ୟଙ୍ଗ କରୁଥିଲେ, ତା' ନାଁରେ କେତେଟା ମିଛ ଆରୋପ ନେଇ ଆସିଲେ ବି ସିଏ ବୁଝିପାରୁ ନଥିଲା । ଥରେ କହିଲେ ଯାହା ଅନ୍ୟମାନେ ମନେ ରଖୁଥିଲେ, ବନ୍ଧୁକକୁ ସେଇକଥା ବୁଝାଇବା ପାଇଁ ବାରଂବାର କହିବାକୁ ପଡୁଥିଲା,– ଆଉ ଏତେ ଶୀଘ୍ର ଭୁଲି ଯାଉଥିଲା ଯେ ଟିକିଏ ଛାଡ଼ି ଛାଡ଼ି ମନେପକାଇ ଦେବାକୁ ପଡୁଥିଲା । ଏହା ଆଜି ନୁହେଁ ପିଲାଟି ଦିନରୁ ଅନ୍ୟ ସାଙ୍ଗମାନେ ଲକ୍ଷ୍ୟକରି ତାକୁ 'ମୂର୍ଖ', 'ହୁଣ୍ଡା' ବୋଲି ଚିଡ଼ାଉଥା'ନ୍ତି । ସେଥିପାଇଁ ତା' ସାଙ୍ଗରେ ଯିଏ ଯାଆନ୍ତି, ଯେଉଁମାନେ ମିଳିମିଶି କିଛି କରିବାକୁ ବାହାରନ୍ତି, ସେମାନେ ବିରକ୍ତ ହୋଇଯା'ନ୍ତି । ''କିଏ ଏଇଟାକୁ ଦଶଥର ମନେ ପକାଇବ, ପାଞ୍ଚଥର ବୁଝାଇବ ?'' ସବୁବେଳେ ଏମିତି ଧିକ୍କାର ତାକୁ ଯେ ବହୁତ ବାଧୁ ନ ଥିଲା, ତା' ନୁହେଁ; କିନ୍ତୁ ବିସ୍ମରଣ ଯେହେତୁ ତା' ପାଇଁ ସ୍ୱାଭାବିକ ଥିଲା, ସେ ଗାଳିମନ୍ଦ ବି ଭୁଲିଯାଇ ଆଗ ଭଳି ସାଙ୍ଗମାନଙ୍କ ସହ ମିଶି ଯାଉଥିଲା ଓ ସମାନ ଆଚରଣ କରୁଥିଲା । ଦିନେ ତା' ବଡ଼ଭାଇ ରେବତ ବହୁତ ଅସନ୍ତୁଷ୍ଟ ହେଲା ବନ୍ଧୁକର ବୋକାମିରେ । କହିଲା, ''ତୋ ମୁଣ୍ଡରେ ଚକ୍ଷୁ ଅଛି, ବୁଦ୍ଧି ନାହିଁ, ମୋ ସାଙ୍ଗ ଛାଡ଼, ତୋ ଯୋଗୁଁ ମୁଁ ସବୁଠି ଅପ୍ରସ୍ତୁତ ହେଉଛି, ମୋତେ ଲାଜ ମାଡୁଛି ।'' ଆଉ ଦିନେ ସେମିତି ତା'ର ଭୁଲାମନ ହେତୁ ସେ ବଡ଼ଭାଇଙ୍କ ଠାରୁ ଗାଳି ଖାଇଲା, ''ତୋ ପାଖରେ ରହି କିଏ ତୋତେ ସେଇ ସମାନ କଥା ଥରକୁ ଥର ମନେ ପକାଉଥିବ ? ଏଣିକି ମୋ ପିଛା ଛାଡ଼, ଏକାକୀ ଶାନ୍ତିରେ ରହିବାକୁ ଦେ ମୋତେ ।'' ସେଦିନ ବନ୍ଧୁକ ବହୁତ ଅସହାୟ ବୋଧକଲା, ନିଜ ଭାଗ୍ୟକୁ ନିନ୍ଦିଲା, କାନ୍ଦି କାନ୍ଦି ବୁଦ୍ଧଙ୍କ ବିହାରକୁ ଚାଲିଗଲା, ତାଙ୍କ ଛଡ଼ା କାହାକୁ ସେ ଆପଣାର ଭାବି ପାରିଲା ନାହିଁ ।

ବୁଦ୍ଧଦେବ ଯେଉଁଠାରେ ଧ୍ୟାନରତ ଥିଲେ, ସେଠାକୁ ଯିବାକୁ ସାହସ କଲା ନାହିଁ, ସେଇ ପ୍ରକୋଷ୍ଠର ବାହାରେ ବସି କାନ୍ଦି ଚାଲିଲା, ଭାବିଲା, ''ଘରକୁ ବା ସାଙ୍ଗସାଥୀମାନଙ୍କ ପାଖକୁ ଫେରିବି ନାହିଁ ଆଉ, ଗୁରୁଦେବ ଯଦି ତାଙ୍କର ଶ୍ରମଣାଶ୍ରମରେ ସ୍ଥାନ ଦିଅନ୍ତି କିଛି କାମଦାମ କରିବି । କାହିଁକି ନା, ମୋତେ କେହି ପସନ୍ଦ କରନ୍ତି ନାହିଁ, ଭଲପା'ନ୍ତି ନାହିଁ । ମୁଁ ବୁଦ୍ଧିହୀନ, କୌଣସି କାମକୁ ଯୋଗ୍ୟ ନୁହେଁ, ମୋର କିଛି ମନେରହୁ ନାହିଁ । ମୁଁ ବୁଝିବାକୁ ଅକ୍ଷମ ମଧ୍ୟ – ମୋର କ'ଣ ଦଶା ହେବ ?' ମନେ ମନେ କହୁଥାଏ ଆଉ କାନ୍ଦୁଥାଏ । ବୁଦ୍ଧଦେବ ଧ୍ୟାନ ବେଳେ ଅସ୍ୱସ୍ତି ଅନୁଭବ କଲେ, ସଂସାର-ଯାକର ଦୁଃଖଶୋକ ତାଙ୍କ ହୃଦୟକୁ ସ୍ପର୍ଶକରେ, ଏଇ ନିରୀହ ତରୁଣର ସଂସାର-ଅନଭିଜ୍ଞତା ଏପରି କିଛି ଦୋଷାବହ ନୁହେଁ ଯେ ସମସ୍ତେ ତା'ର ସଂସର୍ଗ ତ୍ୟାଗ କରିବେ ? ସେ ଧ୍ୟାନରୁ ଉଠି ବାହାରକୁ ଗଲେ, ସେଠାରେ ବନ୍ଧୁକକୁ କ୍ରନ୍ଦନରତ ଦେଖି ତା'ଠାରୁ ସବୁ ଶୁଣିଲେ, କହିଲେ ''ବନ୍ଧୁକ, ତୁମ ବିଷୟରେ କିଏ କ'ଣ ଭାବୁଛି ବା କହୁଛି ସେଦିଗରେ ମନଦିଅ ନାହିଁ, ତୁମେ ଯେ ମୂର୍ଖ, ନିର୍ବୁଦ୍ଧିଆ, ବୋକା – ଏହା ତ ମୋର ମନେ ହେଉ ନାହିଁ ।''

''ତା'ହେଲେ କାହିଁକି ମୋତେ ସବୁବେଳେ ଏଇକଥା ଶୁଣିବାକୁ ପଡୁଛି ।''

''ତାହାର କାରଣ, କୌଣସି କାମକୁ ଭଲଭାବେ କେବେ ବି ଶେଷହେବା ଯାଏଁ ଚେଷ୍ଟା କରି ନାହଁ, ଆରମ୍ଭରୁ ଶେଷପର୍ଯ୍ୟନ୍ତ ମନ ଲଗାଇ କରି ନାହଁ । ତୁମେ ଜମା ବୋକା ନୁହଁ । ସେଇ ହେଉଛି ବୋକା, ଯିଏ ଭାବେ ସେ ସବୁକିଛି ଜାଣିଛି, ଅଧିକ କିଛି ଜାଣିବା ତା'ର ଦରକାର ନାହିଁ, ନିଜ ବିଷୟରେ ଯିଏ ଅତିମାତ୍ରାରେ ଅହଂକାର ରଖେ ଓ ନିଜକୁ ବଦଳାଇବାକୁ ବା ଅଧିକ ଉନ୍ନତ କରିବାକୁ ଯିଏ ଚାହେଁ ନାହିଁ । ତୁମର ଦୋଷ ହେଉଛି ବନ୍ଧୁକ, ତୁମେ କୌଣସି କଥା ବା କାମକୁ ମନୋଯୋଗ ଦେଇ ଗ୍ରହଣ କର ନାହିଁ । ଯଦି ମନୋଯୋଗ ଦିଅନ୍ତ, ତେବେ ଯାହା କୁହାଯାଉଛି ତୁମେ ମନେ ବି ରଖିପାରନ୍ତ, କାମଟିକୁ ବି ଭଲଭାବେ କରିପାରନ୍ତ ।''

ବୁଦ୍ଧଦେବଙ୍କ କଥାରେ ସାନଭାଇ ବନ୍ଧୁକ ଆଶ୍ୱସ୍ତ ତ

ହେଲା, ଉତ୍ସାହିତ ବି ହେଲା । କହିଲା, ''ଭଗବନ୍ତ ! ମୋତେ ଶିଖାଇ ଦେବେ କି କେମିତି ମନୋଯୋଗ ଦେବାକୁ ହୁଏ । ମୁଁ ବଦଳିବାକୁ ଚାହେଁ ।''

ବୁଦ୍ଧ – ''ବନ୍ଧୁକ, ଭଲ କଥା, ତୁମେ ଆଗାମୀ କାଲି ସକାଳେ ଏଇଠି ମୋତେ ଅପେକ୍ଷା କର, ମୁଁ ତୁମକୁ ଶିଖାଇବି ।''

ତତ୍ ପରଦିନ ଓ ତା'ପରଠୁ ସବୁଦିନେ ବନ୍ଧୁକ ସେଇ ଦୁଆର ମୁହଁରେ ବୁଦ୍ଧଙ୍କ ଆଦେଶ ପାଇଁ ଅପେକ୍ଷା କରିଥାଏ । ବୁଦ୍ଧଦେବ ତାକୁ ଝାଡୁଟିଏ ଦେଲେ ଓ ବାହାର ଅଗଣା ଝାଡୁ ଦେଇ ସଫାସୁତୁରା କରିବାକୁ କହିଲେ । ତୁରନ୍ତ ସେ ତାଙ୍କଠାରୁ ଝାଡୁଟି ନେଇଗଲା ଓ ଝାଡୁ ଦେବାକୁ ବାହାରିଲା ।

ବୁଦ୍ଧ – ''ବନ୍ଧୁକ ! ଟିକିଏ ରୁହ, ମୁଁ ଯାହା କହୁଛି ଶୁଣ । ଝାଡୁ ତ ଦେବ, ତା' ସାଙ୍ଗରେ ବାରଂବାର କହିଚାଲିବ 'ମୁଁ ସଫା କରିବାକୁ ଚାହେଁ, ମୁଁ ସଫା କରିବାକୁ ଚାହେଁ' ।''

ବନ୍ଧୁକ – ''ରହନ୍ତୁ ରହନ୍ତୁ, କ'ଣ କହିବି – 'ସଫା କରିବାକୁ ... ?'' ତା' ମୁଣ୍ଡରେ କଥାଟା ଢୁକି ନଥିଲା ।

ବୁଦ୍ଧ – ''କାମଟା କରୁଥିବ ସଫେଇର ଓ ପାଟିରେ କହି ଚାଲୁଥିବ 'ମୁଁ ସଫାସୁତୁରା କରିବାକୁ ଚାହେଁ, ପରିଷ୍କାର ପରିଚ୍ଛନ୍ନ ରଖିବାକୁ ଚାହେଁ ।' ''

ଏତେ ବୁଝାଇବା ସତ୍ତ୍ୱେ ବି ସେଇ ସାଧାରଣ କଥାଟା ଉଚ୍ଚାରଣ କରିବାରେ ତା'ର ଭୁଲ୍ ହେଉଥାଏ । ତଥାପି ବୁଦ୍ଧଦେବ ଚେଷ୍ଟା କରି ଚାଲିଥା'ନ୍ତି । ଶେଷକୁ କହିଲେ – 'ବାରଂବାର କହିଲେ ତୁମର ମନରେ ରହିଯିବ ।' ବନ୍ଧୁକ ସେଇ ଛୋଟିଆ କଥାଟିକୁ ବୁଦ୍ଧଙ୍କ ସହିତ ଶ୍ରୁତଲିଖନ ପରି ମନରେ ନ ଲେଖିଲା ଯାଏଁ, ବୁଦ୍ଧ କହି ଚାଲିଲେ ଓ ଶେଷରେ ବନ୍ଧୁକର ମନରେ ରହିଗଲା । ଧୀରେ ଧୀରେ ସେ କେଉଁଠି ନ ଅଟକି ପୂରାକଥା କହିପାରିଲା ।

ତା' ପରଠାରୁ ବନ୍ଧୁକ ଆସି ଦୁଆର ସଫାକରେ, ପାଣିଛାଟି ଧୁଏ, ଲିପାପୋଛା କରେ ଓ ମୁହଁରେ ଅନବରତ ସେଇ କଥାଟି କହି ଚାଲିଥାଏ, ଥରେ ବି ତା'ର ବିସ୍ମରଣ ହେଲା ନାହିଁ । ସେ ଥରେ ହେଲେ ବି ଟାଣୁଆ ଖରାରେ କି ଝଡ଼ି ବର୍ଷାରେ ବୁଦ୍ଧଙ୍କ ନିକଟକୁ ଆସିବା ବା ନିର୍ଦ୍ଧାରିତ କାମ କରିବା ବା କହି ଚାଲିବା ବନ୍ଦ କରି ନାହିଁ । ତା'ପରେ ବୁଦ୍ଧଦେବ ବଡ଼ଭାଇକୁ ଡକାଇ ତାକୁ ଆଦେଶ ଦେଲେ ବନ୍ଧୁକକୁ ଏଇପରି ଗୋଟିଏ ପରେ ଗୋଟିଏ ଉତ୍ତମ ବାକ୍ୟ କଣ୍ଠସ୍ଥ କରିବାରେ ସାହାଯ୍ୟ କରିବା ପାଇଁ ଠିକ୍ ଯେଉଁପରି ଧାରା ସେ ପ୍ରୟୋଗ କରିଛନ୍ତି, ସେଇ ଧାରାନୁଯାୟୀ । ପ୍ରତିଦିନ, ପ୍ରତିଘଣ୍ଟା ଜାଗ୍ରତ୍ ଅବସ୍ଥାରେ ଅନୁକ୍ଷଣ ସେ ଏଇପରି କରି ଚାଲିଲା; ତା'ପରେ ଆରମ୍ଭ ହେଲା ସେଇ ଉତ୍ତମ ବାକ୍ୟଗୁଡ଼ିକର ଅର୍ଥକୁ ଅଧିଗତ କରିବାର ପ୍ରକ୍ରିୟା । ବନ୍ଧୁକ ଏବେ ନିଜ ଛାଏଁ ବୁଝିଯାଇଛି ସଫାସୁତୁରା ଓ ପରିଷ୍କାର ପରିଚ୍ଛନ୍ନତାର ଆନ୍ତର ଅର୍ଥବ୍ୟଞ୍ଜନା – ଅନ୍ତର-ବାହାର ସବୁଥିରେ କ'ଣ ପରିବର୍ଜନ, କ'ଣ ବହିଷ୍କାର କରିବାକୁ ହେବ । ତା'ର ଆତ୍ମ-ପ୍ରତ୍ୟୟ ବଢ଼ିଲା ସେଇ ପରିମାଣରେ ଯେଉଁ ପରିମାଣରେ ସେ ନିଜକୁ ବଦଳାଇବାର ପ୍ରୟୋଜନ ବୋଧକଲା । ପ୍ରତିଦିନ ଆଗଭଳି ଆସେ ଓ ଗୁରୁଙ୍କର ଆଶ୍ରମର ପରିଚ୍ଛନ୍ନତା ରକ୍ଷାକରେ ଓ ତତ୍ ସହିତ ତା'ର ବୁଝିବାରେ ଓ ପ୍ରକାଶ କରିବାରେ ତଥା ସ୍ମରଣ ରଖିବାରେ ଆଗେ ଯେଉଁ ବାଧାସବୁ ଥିଲା ତାକୁ ସେ ଅତିକ୍ରମ କରିବାକୁ ଲାଗିଲା । ଅଳ୍ପ କେତେବର୍ଷର ଅଧ୍ୟବସାୟ ଓ ମନୋଯୋଗ ଫଳରେ ସେ ଏକ ବିଚାରବନ୍ତ ଶ୍ରମଣରେ ପରିଣତ ହେଲା । ଏପରିକି ପ୍ରବୀଣ ଶ୍ରମଣମାନେ ତା'ର ବୁଝିବା ଓ ବୁଝାଇବାର କଳାରେ ଚକିତ ହେଲେ ।

ଯେଉଁମାନେ ବନ୍ଧୁକକୁ ତା'ର ନିର୍ବୋଧ ଆଚରଣ ପାଇଁ ଥଟ୍ଟା-ବିଦ୍ରୂପ କରୁଥିଲେ, ସେମାନେ ଯେମିତି ଥିଲେ ସେମିତି ରହିଗଲେ; ସେମାନଙ୍କ ସ୍ମୃତିଶକ୍ତିରେ ବିଶେଷ କିଛି ଉନ୍ନତି ଦେଖାଗଲା ନାହିଁ । ବନ୍ଧୁକ ଯେ କେବଳ ମନେରଖିଲା ଓ ବୁଝିବାକୁ ପ୍ରଯତ୍ନ କଲା, ସେତିକି ନୁହେଁ – ଯେତିକି ଅଧୀତ ବିଦ୍ୟା, ସେଗୁଡ଼ିକର ମର୍ମକୁ ପ୍ରବେଶ କଲା ଓ ନିଜର ନିତ୍ୟ ଆଚରଣରେ ସଚେତଭାବେ ସେସବୁକୁ ପ୍ରୟୋଗ କଲା । ଏସବୁ ଯେ ବୁଦ୍ଧଦେବଙ୍କର ଯାଦୁବଳରେ ହୋଇଗଲା, ତା' ନୁହେଁ – ବନ୍ଧୁକ ବଦଳିବାକୁ ଇଚ୍ଛା କଲା, ତା'ର ନିଜର ଅପାରଗତା ତାକୁ କ୍ଳେଶଦାୟକ ବୋଧହେଲା, ଆପଣାର ଅପୂର୍ଣ୍ଣତାକୁ ସୁଧାରିବାକୁ ଦୃଢ଼ତାର ସହ ଇଚ୍ଛା କଲା ଓ ସେଥିରେ ମନଧ୍ୟାନ ଦେଲା, ସଫଳତା ତାକୁ ମିଳିଲା । ଏହାର ପଶ୍ଚାତରେ କରୁଣାମୟ ତଥାଗତଙ୍କର ପ୍ରେରଣା ଓ ଉତ୍ସାହ ଅବଶ୍ୟ ଥିଲା, ତଥାପି ନିଜକୁ ବଦଳାଇ ଉନ୍ନତରୁ ଉନ୍ନତତର ହେବାର ଇଚ୍ଛା ତା' ଭିତରେ ସୁପ୍ତ ଥିଲା ।

ଦିନେ ତଥାଗତ ଶ୍ରମଣମାନଙ୍କ ସହିତ ବସି ସେମାନଙ୍କର ଜିଜ୍ଞାସାର ଉତ୍ତର ଦେଉଥିଲେ । ଜଣେ ବାଳକ ବନ୍ଧୁକ ବିଷୟରେ ଜାଣିବାକୁ ଇଚ୍ଛୁକ ଥିଲେ । ସେ ପ୍ରଶ୍ନ କଲେ –

ଏପରି ଅଦ୍ଭୁତ ପରିବର୍ତ୍ତନ କେମିତି ସମ୍ଭବ ହେଲା । ବୁଦ୍ଧଦେବ କହିଲେ, ''କେହି ଜନ୍ମରୁ ବୁଦ୍ଧିମାନ୍ ବା ନିର୍ବୁଦ୍ଧିଆ ହୋଇ ନଥାଏ । ଏକଥା ସତ ଯେ ସମସ୍ତଙ୍କର ବୁଦ୍ଧି ସମାନ ସ୍ତରର ନୁହେଁ, ସମାନ ଭାବେ ବିକଶିତ ବି ହୁଏ ନାହିଁ, ମାତ୍ର ଶିକ୍ଷା ଓ ଅନୁଶୀଳନ ଦ୍ୱାରା ନିଜର ବୋଧଶକ୍ତି, ପ୍ରକାଶ କରିବାର କ୍ଷମତା ଓ ସ୍ମୃତିଶକ୍ତିକୁ ଇଚ୍ଛା କରି ବଢ଼ାଇପାରେ । ଏଥିପାଇଁ ବ୍ୟକ୍ତି ନିଜେ ଆପଣାର ଅଭାବ, ତ୍ରୁଟି ସମ୍ପର୍କରେ ସର୍ବାଗ୍ରେ ସଚେତ ହେବା ଦରକାର । ଯିଏ ଭାବୁଥିବ ସେ ପୂର୍ଣ୍ଣ, ଯାହା କିଛି ଜ୍ଞାତବ୍ୟ ବିଷୟ ତାହା ତା'ର ଅଧିଗତ ହୋଇସାରିଛି, ତା'ର ପୁଞ୍ଜି ସେତିକିରେ ସୀମିତ ରହିବ । ଥରେ ସଚେତ ହୋଇ ନିଜର ପରିବର୍ତ୍ତନ କରିଚାଲିଲେ, ତା'ର ବିକାଶର ସୀମା ଯଥେଷ୍ଟ ଭାବେ ଓ ଯଥାଶୀଘ୍ର ବଢ଼ିଯାଏ । ବଙ୍କୁଳର କ୍ଷେତ୍ରରେ ତାହାହିଁ ଘଟିଛି । ଏଇ ଯାଦୁ ସେ ନିଜେ ନିଜ ଉପରେ ପ୍ରୟୋଗ କରିଛି । ଯାହା ସେ କରିପାରିଛି ତାହା ଅନ୍ୟମାନେ ବି କରିପାରିବେ ।''

❑❑❑

ପିଲାଟି ଦିନରୁ ଶୁଭମ୍ ପ୍ରତିବର୍ଷ ଗ୍ରୀଷ୍ମ ଅବକାଶରେ ମାଆବାପାଙ୍କ ସହ ଜେଜେବାପା ଓ ଜେଜେମାଆଙ୍କ ପାଖକୁ ବୁଲି ଯାଏ । ସେମାନେ ଥିଲେ ତା'ର ସବୁଠାରୁ ପ୍ରିୟ ମଣିଷ ଓ ସେଇ ଗାଁ ଥିଲା ତା'ର ସବୁଠାରୁ ପ୍ରିୟ ସ୍ଥାନ । ଧୀରେ ଧୀରେ ସେ ବଡ଼ ହେବାକୁ ଲାଗିଲା । ଏଥର ସେ ଷଷ୍ଠରୁ ସପ୍ତମକୁ ଉତ୍ତୀର୍ଣ୍ଣ ହୋଇଛି । ଗ୍ରୀଷ୍ମଛୁଟି ହେଉ ହେଉ ସେ ଜିଦ୍ କରି ବସିଲା – ଏକା ଏକା ଗାଁକୁ ଯିବ । ମାଆବାପା ଉଭୟଙ୍କର ଅବସର ବା ଫାଙ୍କା ସମୟ ହେବା ଯାଏଁ ଅପେକ୍ଷା କରିବନି ସିଏ । ମାଆବାପା ଦୁଇଜଣ ତାକୁ ବହୁତ ବୁଝାବୁଝି କଲେ; ମାତ୍ର ତା'ର ଦୃଢ଼ ଇଚ୍ଛାଶକ୍ତି ପାଖରେ ହାର ମାନିଲେ ସେମାନେ । ଶେଷରେ ତା'ର ଏକା ଯିବାଟା ମଞ୍ଜୁର ହେଲା । ମାଆ ତା'ର ପୋଷାକପତ୍ର ସଜାଡ଼ି ଦେଲେ ଏବଂ ବାପା ଟିକଟ କାଟି ଟ୍ରେନ୍‌ରେ ବସାଇ ଦେବାକୁ ଷ୍ଟେସନକୁ ନେଇଗଲେ । ଶୁଭମ୍ ଭିତରେ ଅନେକ ଉଦ୍ଦୀପନା । ରାତି ପାହିଗଲେ ସେ ତା'ର ଅତି ପ୍ରିୟ ଗାଁ ଓ ମଣିଷଙ୍କୁ ଭେଟିବ । ବାପା ତା'ର ଝରକା ପାଖରେ ଠିଆ ହୋଇ ଟ୍ରେନ୍‌ରେ କ'ଣ କ'ଣ ସତର୍କତା ଅବଲମ୍ବନ କରିବାକୁ ହେବ ପୁଣି ଥରେ ବୁଝାଇ ଦେଲେ । ଟ୍ରେନ୍ ଷ୍ଟେସନ ଛାଡ଼ିବାର ସୂଚନା ଦେଲା । ବିଦାୟ ନେବା ପୂର୍ବରୁ ବାପା ତା' ହାତକୁ ଲଫାପାଟିଏ ବଢ଼ାଇ ଦେଲେ । କହିଲେ, କୌଣସି କାରଣରୁ ଭୟ ବା ଅସୁବିଧା ଅନୁଭବ କଲେ ସେଇଟିକୁ ଖୋଲି ପଢ଼ିବାକୁ । ଶୁଭମ୍ ଲଫାପାଟି ତା'ର ବ୍ୟାଗ୍‌ର ବାହାର ପକେଟରେ ରଖିଦେଲା । ଟ୍ରେନ୍ ଛାଡ଼ିଲା । ଯାତ୍ରୀମାନଙ୍କର ଯିବା ଆସିବା ଲାଗି ରହିଥାଏ । ସମସ୍ତଙ୍କ ସହ କିଏ ନା କିଏ ସାଥୀ, ସହଯାତ୍ରୀ ଥାଆନ୍ତି । କେତେକ ଷ୍ଟେସନ ଅତିକ୍ରମ କଲା ପରେ କମ୍ପାଟମେଣ୍ଟଟା ଫାଙ୍କା ହେବାକୁ ଆରମ୍ଭ କରିଦେଲା । ଶୁଭମ୍‌କୁ ଏକା ଏକା ଲାଗୁଥାଏ । ହଠାତ୍ ସନ୍ଧ୍ୟା ଅତିକ୍ରାନ୍ତ ହେବା ପରେ ପରେ ସାମନା ସିଟ୍‌ରେ ଜଣେ ବ୍ୟକ୍ତି ଆସି ବସିଗଲେ । ଯାହାଙ୍କ ଚେହେରା ଖୁବ୍ ରୁକ୍ଷ ଓ କଠୋର ଲାଗୁଥାଏ । ଶୁଭମ୍ ଶୋଇବାକୁ ଚେଷ୍ଟା କଲା । ମାତ୍ର ତା'ର ଆଖି ଦୁଇଟା ବାରଂବାର ସେ ଲୋକଟି ଉପରେ ଘୂରି ଆସୁଥାଏ । ଧୀରେ ଧୀରେ ତା'ର ଭୟ ବଢ଼ିବାକୁ ଲାଗିଲା । ସେହି ସମୟରେ ବାପାଙ୍କ ଚିଠି କଥା ମନେ ପଡ଼ିଗଲା ତା'ର । ଥରିଲା ହାତରେ ବ୍ୟାଗ୍‌ର ପକେଟରୁ ଲଫାପାଟି ବାହାର କଲା ସିଏ । ଖୋଲି କରି ଚିଠିଟି ପଢୁ ପଢୁ ନିମିଷକେ ତା'ର ଭୟ ଉଭେଇଗଲା । ବାପା ଲେଖିଛନ୍ତି, ''କେଉଁ ପରିସ୍ଥିତିରେ ବି ଭୟ କରିବୁନି । ମୁଁ ତୋ ସହ ଟ୍ରେନ୍‌ରେ ଯାଉଛି । ପାଖ କମ୍ପାଟମେଣ୍ଟରେ ଅଛି ।'' ଏତିକି ପଢୁ ପଢୁ ତା' ଭିତରଟା ଆଶ୍ୱସ୍ତିରେ ଭରି ଗଲା । ସଂସାର ଯାକର ସୁରକ୍ଷା ଓ ସାହସ ତା' ଚାରିପଟେ ଭିଡ଼ ଜମାଇ ଦେଲେ ଯେମିତି ! କାହାଣୀଟି ଏଇଠି ସରିଛି ।

ଏଇ କାହାଣୀଟି ପଢ଼ିଲା ବେଳେ ସ୍ୱତଃ ଅନୁଭବରେ ଆସିଲା – ଯେଉଁ ସ୍ରଷ୍ଟା ଆମକୁ ସୃଷ୍ଟି କରିଛନ୍ତି ସେ ବି କ୍ଷଣମାତ୍ର ଆମକୁ ଛାଡ଼ି କୁଆଡ଼େ ଯାଉ ନଥିବେ । ବିଶେଷ ଭାବେ ସେଇଟାହିଁ ତ ତାଙ୍କର ପ୍ରତିଶ୍ରୁତି । ତେବେ ଦୁଃଖ, ଭୟ, ଅସହାୟ ଭାବ କେଉଁଥି ପାଇଁ ? କେବଳ ନିବିଡ଼ ଆନ୍ତରିକତା ସହ ନିରନ୍ତର ତାଙ୍କୁ ଆବାହନ କରିବାକୁ ହେବ । ବାସ୍ତବିକ, ଦେଖିବାକୁ ଗଲେ ତାଙ୍କର ଚିରନ୍ତନ ଉପସ୍ଥିତି ଅନୁଭବ କରିବାରେ ହିଁ ଜୀବନର ସାର୍ଥକତା । ❑

# ଅଙ୍କମାନଙ୍କର ସଜ୍ଜୀକରଣର ସୌନ୍ଦର୍ଯ୍ୟ

## ଧର୍ମକୁମାର ଶତପଥୀ

ସେଦିନ ଥିଲା ଶନିବାର । ବିଦ୍ୟାଳୟରେ ଏକ ପ୍ରକାର ହାଲ୍‌କା ପରିବେଶ; ପ୍ରାୟ ୧୧:୩୦ ବେଳକୁ ମୁଁ ମୋ ସ୍କୁଲ ବାରଣ୍ଡାରେ ବୁଲୁଥିଲି । ହଠାତ୍ ଜାଣିଲି ନବମ ଶ୍ରେଣୀର ପିଲାମାନେ ତାଙ୍କ ଶ୍ରେଣୀ କୋଠରିରେ ପାଟିତୁଣ୍ଡ କରୁଛନ୍ତି । ଘଟଣା କ'ଣ ଜାଣିବା ପାଇଁ ପଶିଗଲି ନବମ ଶ୍ରେଣୀକୁ । ଅବଗତ ହେଲି, ସେଇଟା ତାଙ୍କର ଗଣିତ ପିରିୟଡ୍, ଆଉ ଆଜି ଗଣିତ ଶିକ୍ଷକ ଆସି ନାହାନ୍ତି । ତାଙ୍କ ପରିବର୍ତ୍ତେ ନିୟୋଜିତ ଶିକ୍ଷକ ଆସିବାରେ ମଧ୍ୟ ବିଳମ୍ବ ହେତୁ ପିଲାଙ୍କର ଏ ହଟ୍ଟଗୋଳ ।

ପିଲାଙ୍କୁ ଧୀରସ୍ଥିର ହୋଇ ବସିବାକୁ କହି ଯଥାଶୀଘ୍ର କଳାପଟାରେ ଏକ ଗଣିତ ପ୍ରଶ୍ନ ଲେଖିଦେଲି । କହିଲି – ଆଚ୍ଛା କହିଲ ପିଲେ, ଦୁଇଟି ସଂଖ୍ୟାର ଯୋଗ ଫଳ ୨୦ । ସେଇ ସଂଖ୍ୟାଦୁଇଟିର ଗୁଣଫଳ ଅତି ବେଶୀରେ କେତେ ହୋଇପାରିବ ?

ଏହା ଶୁଣି ରାଘବ ହଠାତ୍ ହାତଟେକି କହିଲା – ସାର୍, ଏ ପ୍ରଶ୍ନ ଆମର ବୃତ୍ତି ପରୀକ୍ଷାରେ ଆସିଥିଲା । ମୁଁ କହିଲି – ତେବେ ତୁ କହିଲୁ ଏହାର ଉତ୍ତର ! ସେ କିନ୍ତୁ ଭୁଲ୍ ଉତ୍ତର ଦେଲା । ପରେ ପରେ ଅନ୍ୟ ପିଲାମାନେ ଉତ୍ତର କରି ଆଣି ଦେଖାଇଲେ :

୧୯+୧=୨୦, ୧୯x୧=୧୯
୧୮+୨=୨୦, ୧୮x୨=୩୬
୧୭+୩=୨୦, ୧୭x୩=୫୧

ଏହିପରି ୧୦+୧୦=୨୦ ଓ ୧୦x୧୦=୧୦୦ ଇତ୍ୟାଦି ।

ଶୁଭ୍ରାଂଶୁ କହିଲା – ସାର୍, ଅଙ୍କ ଦୁଇଟି ସମାନ ହେଲେ ସେମାନଙ୍କର ଗୁଣଫଳଟି ବୃହତ୍ତମ ସଂଖ୍ୟା ହେବ । ଅନ୍ୟାନ୍ୟ ଗୁଣଫଳ ସବୁ ୧୦୦ରୁ କମ୍ ହେଉଛି ।

ଶୁଭ୍ରଜିତ ଶୁଭ୍ରାଂଶୁର କଥାକୁ ସମର୍ଥନ କଲା । ମୁଁ ପୁଣି ପଚାରିଲି – ସଂଖ୍ୟା ଦୁଇଟିର ଯୋଗଫଳ ୨୦ ହୋଇ ଗୁଣଫଳ ସର୍ବନିମ୍ନ ସଂଖ୍ୟା କେତେ ହେବ ?

ଶୁଭ୍ରଜିତର ଉତ୍ତର – ସାର୍, ୧୯ ହେବ । କାରଣ ୧୯+୧=୨୦ ଓ ୧୯x୧=୧୯ । ମୁଁ ଶୁଭ୍ରଜିତକୁ ସାବାସୀ ଦେଇ କହିଲି, ଦେଖ ଏଠାରେ ଯୋଗଫଳଠାରୁ ଗୁଣଫଳର ମୂଲ୍ୟ କମ୍ ହେଉଛି । ଆସ ଏହା ଉପରେ ଆହୁରି ଗବେଷଣା କରିବା :

୧୯+୧=୨୦, ୧୯x୧=୧୯, ପୁଣି ୧୦୦-୧୯=୮୧ –> ୯ର ବର୍ଗ
୧୮+୨=୨୦, ୧୮x୨=୩୬, ପୁଣି ୧୦୦-୩୬=୬୪ –> ୮ର ବର୍ଗ
୧୭+୩=୨୦, ୧୭x୩=୫୧, ପୁଣି ୧୦୦-୫୧=୪୯ –> ୭ର ବର୍ଗ
୧୬+୪=୨୦, ୧୬x୪=୬୪, ପୁଣି ୧୦୦-୬୪=୩୬ –> ୬ର ବର୍ଗ
୧୫+୫=୨୦, ୧୫x୫=୭୫, ପୁଣି ୧୦୦-୭୫=୨୫ –> ୫ର ବର୍ଗ
୧୪+୬=୨୦, ୧୪x୬=୮୪, ପୁଣି ୧୦୦-୮୪=୧୬ –> ୪ର ବର୍ଗ
୧୩+୭=୨୦, ୧୩x୭=୯୧, ପୁଣି ୧୦୦-୯୧=୯ –> ୩ର ବର୍ଗ
୧୨+୮=୨୦, ୧୨x୮=୯୬, ପୁଣି ୧୦୦-୯୬=୪ –> ୨ର ବର୍ଗ
୧୧+୯=୨୦, ୧୧x୯=୯୯, ପୁଣି ୧୦୦-୯୯=୧ –> ୧ର ବର୍ଗ

ଏଠାରେ ପିଲାମାନେ ତୁମେ କ'ଣ ଲକ୍ଷ୍ୟ କରୁଛ ? କିଛି କୌତୁକ କିପରି ଲୁଚି ରହିଛି ଜାଣିଲ ତ ? ଶୁଭ୍ରାଂଶୁର ଉତ୍ତର ୧୦+୧୦=୨୦ ଓ ୧୦x୧୦=୧୦୦ରୁ ଆମେ କିପରି ଅଙ୍କମାନଙ୍କର ଲୁକ୍‌କାୟିତ ଗୁଣ ବାହାର କଲେ !

ପିଲାମାନେ ସମସ୍ତେ ତାଜୁବ ହୋଇଗଲେ । ସେମାନଙ୍କର ମୁହଁରେ ଏକ ଦୀପ୍ତି ଝଲସି ଉଠିଲା । ତେବେ ମୁଁ ସେମାନଙ୍କୁ ଯୋଗଫଳ ୨୭ ନେଇ ସେମାନଙ୍କର ଗୁଣଫଳ କେତେ ହେଉଛି ବାହାର କରିବାକୁ କହି ଶ୍ରେଣୀରୁ ଫେରି ଆସୁଛି, ରତିକାନ୍ତ ଆସି

ଜିଗର କଲା – ସାର୍, ଏମିତି ମଜାଳିଆ ସଂଖ୍ୟାର ଆଉ ଗୋଟିଏ ଉଦାହରଣ କୁହନ୍ତୁ । ଭାରି ଉତ୍ସାହ ଲାଗୁଛି ଜାଣିବାକୁ । ଆମେ ମନେ ରଖିବୁ ।

ରତିକାନ୍ତର କଥାକୁ ସମର୍ଥନ କରି ଅନେକ ପିଲା ଏକା ପ୍ରକାରର ଅନୁରୋଧ କରି ବସିଲେ, ଏକା ସଙ୍ଗରେ । ମୁଁ ଟିକେ ଭାବି ବସିଲି । ପିଲାଙ୍କ ଆଗ୍ରହ, ଉପରୋଧକୁ ଏଡ଼େଇ ଦେବା ଠିକ୍ ହେବ ନାହିଁ ବିଚାର କରି ଅନ୍ୟ ଏକ ପ୍ରସଙ୍ଗକୁ ଗଲି । କହିଲି – ପିଲାମାନେ, ତୁମେ ସମସ୍ତେ ପଣିକିଆ ଜାଣିଛ ? କେତେ ଖନ୍ଦାଯାଏ ପଣିକିଆ କହିପାରିବ ? ପିଲାମାନେ କହିଲେ, କିଏ ଦଶ, କିଏ ପନ୍ଦର, କିଏ ଅଠର ଖନ୍ଦାଯାଏ ପଣିକିଆ ଜାଣିଛନ୍ତି । ମୁଁ କହିଲି – ତୁମେ ୧୯ର ଏକ କୌତୁକ ଗୁଣ ଜାଣ ! ସେମାନେ ମୁଣ୍ଡ ହଲାଇଲେ । ମୁଁ କହିଲି – ‘‘ଶୁଣ ତେବେ !’’

୧୯x୧= ୧୯=୯+୧୦
୧୯x୨= ୩୮=୮+୯+୧୦+୧୧
୧୯x୩= ୫୭=୭+୮+୯+୧୦+୧୧+୧୨
୧୯x୪= ୭୬=୬+୭+୮+୯+୧୦+୧୧+୧୨+୧୩
୧୯x୫= ୯୫=୫+୬+୭+୮+୯+୧୦+୧୧+୧୨+୧୩+୧୪
୧୯x୬=୧୧୪=୪+୫+୬+୭+୮+୯+୧୦+୧୧+୧୨+୧୩+୧୪+୧୫
୧୯x୭=୧୩୩=୩+୪+୫+୬+୭+୮+୯+୧୦+୧୧+୧୨+୧୩+୧୪+୧୫+୧୬
୧୯x୮=୧୫୨=୨+୩+୪+୫+୬+୭+୮+୯+୧୦+୧୧+୧୨+୧୩+୧୪+୧୫+୧୬+୧୭
୧୯x୯=୧୭୧=୧+୨+୩+୪+୫+୬+୭+୮+୯+୧୦+୧୧+୧୨+୧୩+୧୪+୧୫+୧୬+୧୭+୧୮
୧୯x୧୦=୧୯୦=୦+୧+୨+୩+୪+୫+୬+୭+୮+୯+୧୦+୧୧+୧୨+୧୩+୧୪+୧୫+୧୬+୧୭+୧୮+୧୯

ଏହିପରି ଗୁଣନ କରି କରି ୧୯x୧୧, ୧୯x୧୨, ୧୯x୧୩ ... ... ୧୯x ... ଅସଂଖ୍ୟ ଗୁଣନରେ ଆମେ ଏଇ ପ୍ରକାର ଯୋଗଫଳ ପାଇପାରିବା ।

ଏଇ ଯୋଗ ସଂଖ୍ୟାର ପିରାମିଡ଼ରେ ଆମେ କ’ଣ ଲକ୍ଷ୍ୟ କରୁଛେ ? ଦେଖ ପ୍ରତ୍ୟେକ ଗୁଣଫଳର ଏକକ ଅଙ୍କରୁ ଆରମ୍ଭ କରି ପରବର୍ତ୍ତୀ କ୍ରମିକ ସଂଖ୍ୟାର ଯୋଗଫଳ, ସେଇ ଗୁଣଫଳ ସହ ସମାନ ହେଉଛି । ପୁଣି ପ୍ରତ୍ୟେକ ଗୁଣଫଳକୁ କ୍ରମିକ ଯୋଗଫଳରେ ଲେଖିଲେ ପ୍ରଥମ ଅଙ୍କ ଓ ଶେଷ ଅଙ୍କର ଯୋଗଫଳ ସେଇ ୧୯ ହିଁ ହେଉଛି ।

ଆଉ ଏକ ପିରାମିଡ଼ ଆମେ ତିଆରି କରିବା :

୧୯x୧=୧୯ –> ୧+୯=୧୦
୧୯x୨=୩୮ –> ୩+୮=୧୧
୧୯x୩=୫୭ –> ୫+୭=୧୨
୧୯x୪=୭୬ –> ୭+୬=୧୩
୧୯x୫=୯୫ –> ୯+୫=୧୪
୧୯x୬=୧୧୪ –> ୧୧+୪=୧୫
୧୯x୭=୧୩୩ –> ୧୩+୩=୧୬
୧୯x୮=୧୫୨ –> ୧୫+୨=୧୭
୧୯x୯=୧୭୧ –> ୧୭+୧=୧୮
୧୯x୧୦=୧୯୦ –> ୧୯+୦=୧୯

ଏଠାରେ ଏଇ ଗୁଣଫଳରେ ଅଙ୍କମାନେ କେତେ ସୁନ୍ଦର ଢଙ୍ଗରେ ସଜାଇ ହୋଇ ରହିଛନ୍ତି ଲକ୍ଷ୍ୟ କର । ଉପରୁ ତଳକୁ କିଂବା ତଳୁ ଉପରକୁ ଏ ସଜ୍ଜୀକରଣ କେତେ ମୁଗ୍ଧକର ହୋଇଛି ! ନୁହେଁ ?

ପିଲାମାନେ ଚୁପ୍‌ଚାପ ଅଙ୍କମାନଙ୍କର ସଜାଇ ହେବା ପ୍ରଣାଳୀକୁ ଅନୁଧ୍ୟାନ କରି ମୁଗ୍ଧ ହେଲେ । ମୁଁ ତାଙ୍କୁ ପୁଣି କେବେ ଆସିବାର ପ୍ରତିଶ୍ରୁତି ଦେଇ ଶ୍ରେଣୀ କୋଠରି ଛାଡ଼ିଲି ।

❑❑❑

**ଚେତନାର ଦିଗ୍‌ବଳୟ :**

# ଆସ୍ପୃହାର ଫଳ ନା ଯୋଗାଯୋଗ ?

***ପ୍ରଶ୍ନ :*** *ଯେଉଁଦିନ ଠାକୁରଙ୍କୁ ଚମ୍ପାଫୁଲଟିଏ ଚଢ଼େଇବାକୁ ଇଛା ହୁଏ, ସେହିଦିନ ହାତ ପାଆନ୍ତାରେ ଫୁଲ ଫୁଟେ । ଭୋଗ ଲଗାଇବାକୁ ବ୍ୟାକୁଳତା ଥିଲେ ଗଛରୁ ନଡ଼ିଆଟାଏ ଛାଁ କୁ ଛାଁ ପଡ଼େ । ଏସବୁ ସତରେ କ'ଣ ସୂଚାଏ ?*

**ଉତ୍ତର :** ଘଟୁଥିବା ଯାବତୀୟ ଘଟଣା ପଶ୍ଚାତରେ ଏକ ମହାଶକ୍ତି କାର୍ଯ୍ୟ କରୁଥାଏ । ଆପଣ ଆପଣଙ୍କ କ୍ଷେତ୍ରରେ ଘଟୁଥିବା ବ୍ୟାପାରଗୁଡ଼ିକୁ ଆପଣଙ୍କ ଆସ୍ପୃହାର ଫଳ ବୋଲି ବିଶ୍ୱାସ କଲେ ଆପଣଙ୍କ ପାଇଁ ତାହା ସତ୍ୟ ହେବ । ଅନ୍ୟ କେହି ଏସବୁକୁ କେବଳ ମାତ୍ର ଯୋଗାଯୋଗ ବୋଲି ମନେ କରିପାରନ୍ତି । ତାଙ୍କର ସିଦ୍ଧାନ୍ତ ତାଙ୍କ ପାଇଁ ସତ୍ୟ । କିନ୍ତୁ ଯୋଗାଯୋଗ ପଶ୍ଚାତରେ ମଧ୍ୟ ଏକହିଁ ମହାଶକ୍ତି କାର୍ଯ୍ୟ କରୁଥାଏ ।

ଯୋଗାଯୋଗ ବୋଇଲେ କ'ଣ ? ଆମ କଳ୍ପନା ବା ଯୋଜନା ଅନୁସାରେ ଯାହା ଘଟିବାର ନଥିଲା, ସେହିଭଳି ଏକାଧିକ ଘଟଣା ଏକତ୍ର ଘଟି କୌଣସି ଲକ୍ଷ୍ୟ ପ୍ରାପ୍ତିକୁ ସୁଗମ କରିଦେବା ହେଉଛି ଯୋଗାଯୋଗ । ସାଧାରଣତଃ ଶୁଭଙ୍କର କିଛି ହେବାରେହିଁ ଏ ଶବ୍ଦଟି ବ୍ୟବହାର କରାଯାଏ । ଆପାତତଃ ଆପଣ ସମ୍ଭବତଃ ଜାଣିଥିବା ଗୋଟାଏ ଯୋଗାଯୋଗ ମନେ ପକାଇ ଦେଉଛି : ଆପଣା ଜୀବନ ବିପନ୍ନ କରି ଭାରତର ନିଃସର୍ତ୍ତ ପୂର୍ଣ୍ଣ ସ୍ୱରାଜ ଦାବି କରିଥିବା ପ୍ରଥମ ବ୍ୟକ୍ତି ହେଲେ ଶ୍ରୀଅରବିନ୍ଦ । ସ୍ୱାଧୀନତା ଆସିଲା ତାଙ୍କରି ଜନ୍ମଦିନ ୧୫ ଅଗଷ୍ଟ, ୧୯୪୭ରେ । କୁହାଯାଏ, ''ଯୋଗାଯୋଗ ହେଲା ଭଗବାନଙ୍କ ଛଦ୍ମନାମ !''

ଉତ୍ତମ ଲୋକଙ୍କ ଜୀବନରେ ଯୋଗାଯୋଗ ଶୁଭଙ୍କର ହୋଇଥାଏ । ଦୁଷ୍ଟମାନଙ୍କ ଯୋଜନା ବିଫଳ କରି ଦିଏ ଅପ୍ରତ୍ୟାଶିତ ଯୋଗାଯୋଗ । ଇତିହାସରେ ରହିଛି ଏହାର ସହସ୍ର ଦୃଷ୍ଟାନ୍ତ । ଦ୍ୱିତୀୟ ମହାଯୁଦ୍ଧ ବେଳେ ଜର୍ମାନର ନିର୍ମମ ନାଜି ସେନାବାହିନୀ ଯେଉଁ ସମୟରେ ମସ୍କୋ ଅଭିଯାନ କରୁଥିଲେ, ଭୌଗୋଳିକ ହିସାବ ଅନୁସାରେ ତା'ର ବେଶ୍ କିଛି ଦିନ ପରେ ତୁଷାରପାତ ଆରମ୍ଭ ହେବା କଥା । କିନ୍ତୁ ଅଜ୍ଞାତ କାରଣରୁ ଅସମୟରେ ହେଲା ପ୍ରଚଣ୍ଡ ତୁଷାରପାତ । ଅଗଣନ ଆକ୍ରମଣକାରୀ ଟ୍ୟାଙ୍କ୍ ତୁଷାରରେ ପୋତି ହୋଇଗଲେ । ମସ୍କୋ ରହିଲା ଦୂରରେ ।

ଗୂଢ଼ତର କଥା ହେଲା, ଆମ ଦୃଷ୍ଟିକୋଣ ଯଥେଷ୍ଟ ପ୍ରସାରିତ କରି ଆମେ ଯଦି ସମୀକ୍ଷା କରିବା, ତେବେ ଦେଖିବା ଜୀବନରେ ପ୍ରାପ୍ତ ସମସ୍ତ ଉଲ୍ଲେଖଯୋଗ୍ୟ ବ୍ୟାପାର ପଶ୍ଚାତରେ ବହୁ ଘଟଣା ସ୍ରୋତର ଯୋଗାଯୋଗ ରହିଛି । ଆମ ଜନ୍ମହିଁ ଏକ ଯୋଗାଯୋଗ, କାରଣ ତାହା ଆମ କଳ୍ପନା ବା ଯୋଜନା ଅନୁସାରେ ଘଟି ନାହିଁ । ଆପଣଙ୍କର ସମସ୍ତ ସିଦ୍ଧାନ୍ତ, ସମସ୍ତ ପଦକ୍ଷେପ ପଶ୍ଚାତରେ ରହିଛି ଅସଂଖ୍ୟ ଦୃଶ୍ୟ ବା ଅଦୃଶ୍ୟ ଯୋଗାଯୋଗ ।

**– ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ,
ପୃ. ୬୭-୬୮) ❑

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*


Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIV, No. 6** **R.N.I. No. 18163/70.**
Navaprakash (Monthly), June, 2023 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




**ସାବିତ୍ରୀ**

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**

**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**